Split by PDF Splitter

REGISTERED NO. 43



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୮ ଭାଗ | ତା ୫ ରିଖ ଜୁଲାଇ ସନ ୧୮୭୩ ମସିହା । ନୂ । ଅଷାଢ଼ ୧୯ ଅଙ୍କ ସନ ୧୨୮୦ ସାଲ ଶନିବାର | ଅଗ୍ରିମ ବାର୍ଷିକ ମୂଲ୍ୟ ୪ଟ
୨୭ ସଂଖ୍ୟା | | ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫ଟ
| | ମଫସଲ ପାଇଁ ଡାକମାସୁଲ ୫୦/

ଏଥିପୂର୍ବେ ଅମ୍ଭେମାନେ ଦେଶୀୟ ଔଷଧାଳୟ କଲିକତାରେ ସ୍ଥାପନ ହେବାର ସମ୍ବାଦ ଲେଖିଥିଲୁଁ । ସମ୍ପ୍ରତି ବାବୁ ଭାଗ୍ବାନ୍ଦ ବିଦ୍ୟାସାଗରଙ୍କ ଯୋଗେ ଉକ୍ତ ଔଷଧାଳୟରେ ଥିବା ଦ୍ରବ୍ୟାଦିର ମୂଲ୍ୟ ସହିତ ତାଲିକା ପାଇ ହୋଇଅଛୁଁ । ତାଲିକାଖଣ୍ଡି ଦୀର୍ଘ ଥିବାରୁ ମୁଦ୍ରିତ କରିବାକୁ ଅକ୍ଷମ ହେଲୁଁ କିନ୍ତୁ ତାଲିକା ଆମ୍ଭମାନଙ୍କ ଯନ୍ତ୍ରାଳୟରେ ଅଛି ଯାହାଙ୍କର କୌଣସି କଥା ତହିଁର ଅବଗତ ହେବାର ପ୍ରୟୋଜନ ହେବ ଆମ୍ଭ ନିକଟକୁ ଆସିଲେ ତାହା ସେ ଜାଣିପାରିବେ । ଏତଦ୍ଦେଶୀୟ ବୈଦ୍ୟମାନେ ଔଷଧାଳୟକୁ ପତ୍ର ଲେଖି ତାଲିକା ଆଣାଇପାରନ୍ତି କାରଣ ତାହାଙ୍କର ସର୍ବଦା ପ୍ରୟୋଜନ ହୋଇପାରେ । ଅମ୍ଭେମାନେ ଅନୁମାନ କରୁଁ ଯେ ମଫସଲର ପ୍ରଧାନନଗରମାନଙ୍କରେ ଗୋଟିଏ ଶାଖା ଔଷଧାଳୟ ହେଲେ ଭଲ ହେବ ଓ ଏଥି ପକ୍ଷରେ ଯେବେ ଅବଶ୍ୟ ଧନୀ ଓ ହିତୈଷିମାନେ ଯତ୍ନ କରନ୍ତି ତେବେ ଅନେକ ଉପକାର ହେବାର ସମ୍ଭାବନା ।

---

ଗାଇକ୍ୱାଡ଼ଙ୍କ ମହାଜନ ଅନ୍ୟନ୍ତ ଅଧିକ ସୁଧ ନେଇ ନ ପାରେ ଏହି ବିଷୟରେ ସମ୍ପ୍ରତି ହାଇକୋର୍ଟ ଦେଓଆନୀ ଅଦାଲତର କାର୍ଯ୍ୟକାରକଙ୍କ ନିକଟକୁ ସରକ୍ୟୁଲରର ଅଭି ପଠାଇଅଛନ୍ତି । ପଞ୍ଜାବ ହାଇକୋର୍ଟର ପ୍ରଥମେ ଏହା ଉଇକ ଦ୍ୱିଧାର ଉକ୍ତ ଅଙ୍କର ମର୍ମ ଏହି ଯେ ଅନେକ ମହାଜନ ଦୁଃଖିପ୍ରଜାଙ୍କୁ ଋଣପାଶ ଦେଖି ଅଧିକ ସୁଧରେ ଟଙ୍କା ଦଅନ୍ତି ଓ ଅଦାଲତ ଚୁକ୍ତି ଅନୁସାରେ ଡିକ୍ରୀ ଦେବାଦ୍ୱାରା ମହାଜନଙ୍କୁ ସାହାଯ୍ୟ କରନ୍ତି । ଯେଉଁଠାରେ ଲୋକେ ଜାଣି ଶୁଣି ଅଥବା ଇଚ୍ଛାନୁସାରେ ଅଧିକ ସୁଧ ଦେବାକୁ ସ୍ୱୀକାର କରିଅଛନ୍ତି ସେମାନେ ଅନ୍ୟାୟପୂର୍ବକ ତହିଁର ମୁକ୍ତି ପାଇବେ ହାଇକୋର୍ଟଙ୍କର ଏରୂପ ମାନସ ନୁହଇ । କିନ୍ତୁ ଯେଉଁମାନେ ବିପଦରେ ପଡି ଅଥବା ଅଜ୍ଞାନ ହେବାରୁ ଅଥବା ବଡଲୋକ କଥା ଶୁଣିବା ଅଭ୍ୟାସ ହେତୁ ଅଧିକ ସୁଧ ଦେବାକୁ ସ୍ୱୀକାର କରିଅଛନ୍ତି ଅର୍ଥାତ୍ ତମସୁକ ଲେଖି ଦେବା ସମୟରେ ଯେଉଁମାନେ ସ୍ୱାଧୀନ ପ୍ରାୟ ବ୍ୟବସ୍ଥା କରି ପାରି ନାହାନ୍ତି ସେମାନଙ୍କୁ ମହାଜନଙ୍କ ଅତ୍ୟାଚାରରୁ ମୁକ୍ତ କରିବାର ଆବଶ୍ୟକ ଅତଏବ ଏ ପ୍ରକାର ସ୍ଥଳରେ ଅଦାଲତ ଚୁକ୍ତି ପ୍ରତି ଦୃଷ୍ଟି ନ ରଖି ନ୍ୟାୟାନୁସାରେ ଉଚିତ ସୁଧର ଡିକ୍ରୀ ଦେବେ ।

---

ଭାରତବର୍ଷର ଅଦ୍ୟ ବ୍ୟୟ ବିଷୟର କାରଣ ବିଲାତରେ ଯେଉଁ କମିଟୀ ବସିଅଛି ତହିଁ ସମ୍ମୁଖରେ ସାକ୍ଷ ହେବା ନିମନ୍ତେ ଉପଯୁକ୍ତ ଦେଶୀୟ ଲୋକଙ୍କୁ ବିଲାତକୁ ନେଇ ଦିବା ପାଇଁ ପାର୍ଲିମେଣ୍ଟ ମାନସ କରିବାରୁ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ବିଜ୍ଞାପନ ଦେଇଅଛନ୍ତି କି ଯେଉଁ ଦେଶୀୟ ଲୋକମାନେ ଯିବାକୁ ଇଚ୍ଛା କରନ୍ତି ସେମାନେ ଚଳିତ ମାସ ତା ୧୫ ରଖ ମଧ୍ୟରେ ସ୍ଥାନୀୟ ଗବର୍ଣ୍ଣମେଣ୍ଟକୁ ଜଣାଇଲେ ତହିଁର ବିଚାର ହୋଇ ତାହାଙ୍କ ଯିବା ନ ଯିବାର ସମ୍ବାଦ ଦିଆଯିବ । ଯେଉଁମାନେ ଯିବେ ଗବର୍ଣ୍ଣମେଣ୍ଟ ତାହାଙ୍କ ବାଟଖର୍ଚ୍ଚ ଦେବେ ଓ ବିଲାତରେ ଯେମନ୍ତେ ଅକ୍ଲେଶରେ ରହିବେ ତହିଁର ବନ୍ଦୋବସ୍ତ କରି ଦେବେ । ଆଗାମୀ ଜାନୁଏରି ମାସ ପୂର୍ବରୁ ତାହାରଙ୍କୁ ପ୍ରାୟ ଯିବାକୁ ହେବ ନାହିଁ । ଅମ୍ଭମାନଙ୍କର ଆଶଙ୍କା ହେଉଅଛି ଯେ ଏଥିରେ ବହୁତ ଲୋକ ସମ୍ମତ ହେବେ ନାହିଁ କାରଣ କଳା ପାଣିରେ ବିଲାତ ଯିବାକୁ ହେବ ବୋଲି କିଏ ଆପଣା ଜାତି ହରାଇବାକୁ ପ୍ରସ୍ତୁତ ହେବ ? ଓ ଯଥାର୍ଥ ହିନ୍ଦୁମାନେ ଯେବେ ତାହା ନ କରିବେ ତେବେ କମିଟୀ ସବୁ ସମ୍ପ୍ରଦାୟର ଲୋକଙ୍କ ମତ ପାଇ ପାରିବେ ନାହିଁ ଏଠା ଲୋକ ସାକ୍ଷ ଦେବା କାରଣ ବିଲାତକୁ ଯିବାର ପ୍ରସ୍ତାବ ନ ହୋଇ ଯେବେ କମିଟୀର ଦୁଇ ଏକ ଜଣ ସଭ୍ୟ ଭାରତବର୍ଷକୁ ଆସି ଏମାନଙ୍କର ସାକ୍ଷ ନିଅନ୍ତେ ତାହା ହେଲେ କମିଟୀର ଉଦ୍ଦେଶ୍ୟ ଯଥାର୍ଥରୂପେ ସଫଳ ହୁଅନ୍ତା । କମିଟୀ ଏମନ୍ତ ବିଚାର କରନ୍ତି କାହିଁ କି ଗୃହକାର୍ଯ୍ୟ ଓ ଧର୍ମ ମଧ୍ୟରେ କେତେଗୁଡ଼ି ଜାତି କଲେ ଅମ୍ଭେମାନେ କହି ନ ପାରୁଁ ।

---

ଅମ୍ଭମାନଙ୍କ କମିସନର ସାହେବ ଛୁଟୀ ନେବାର ସମ୍ବାଦ ଲୋକେ ଶୁଣି ଯେପରି କଦାପି ବିଶ୍ୱ

Digitized by srujanika@gmail.com

ହେବାର ଯାଣୁଥିଲେ ଗତ ସପ୍ତାହର ଗବର୍ଣ୍ଣମେଣ୍ଟ ଗଜେଟ ଦେଖିବାରେ ତାହା ସଫଳ ହୋଇଅଛି । ଶ୍ରୀଯୁକ୍ତ କମିଶ୍ୱର ସାହେବ ଅଗସ୍ତମାସ ମଧ୍ୟଭାଗରୁ ମା ୩ ସର ଅନୁଗ୍ରହ ଛୁଟୀ ପାଇଅଛନ୍ତି । ଏହାଙ୍କ ଅନୁପସ୍ଥିତିକାଳରେ ବାଲେଶ୍ୱରର କଲେକ୍ଟର ଶ୍ରୀଯୁକ୍ତ ବିମସ୍ ସାହେବ କମିଶ୍ୱର ହେବେ ଓ ପୁରୀର ଜଏଣ୍ଟ ମାଜିଷ୍ଟ୍ରେଟ ଜର୍ମିନ ସାହେବ ବାଲେଶ୍ୱରର କଲେକ୍ଟର ମାଜିଷ୍ଟ୍ରେଟ ହେବେ । ଏ ବନ୍ଦୋବସ୍ତ ଯୁକ୍ତିକ ଉତ୍ତମ ହୋଇଅଛି ସନ୍ଦେହ ନାହିଁ । ଶ୍ରୀଯୁକ୍ତ ବିମସ୍ ସାହେବ ବିଚାର କାର୍ଯ୍ୟ ଅପେକ୍ଷା ସାଧାରଣ କାର୍ଯ୍ୟରେ ଅଧିକ ପଟୁ ସୁତରାଂ କମିଶ୍ୱର କର୍ମ ଏହାଙ୍କଦ୍ୱାରା ଉତ୍ତମରୂପେ ନିର୍ବାହିତ ହେବ ଓ ଏହାଙ୍କ ଅଧୀନସ୍ଥ କର୍ମଚାରୀମାନେ କେହି କୌଣସି କାର୍ଯ୍ୟରେ ବିଳମ୍ବ କରି ପାରିବେ ନାହିଁ । ଶ୍ରୀଯୁକ୍ତ ଜର୍ମିନ ସାହେବ ଅଳ୍ପଦିନ ପୂର୍ବରେ କଲେକ୍ଟର ଓ ମାଜିଷ୍ଟ୍ରେଟର କର୍ମ ଗ୍ରହଣ କରିଥିଲେ ହେଁ ଅଳ୍ପ ମଧ୍ୟରେ ସେ ଯେଉଁପ୍ରକାର କାର୍ଯ୍ୟ ନିର୍ବାହ କରି ଅଛନ୍ତି ତହିଁରେ ସର୍ବସାଧାରଣଙ୍କର ବିଶ୍ୱାସ ଜନ୍ମାଇ ଅଛନ୍ତି ଯେ ସେ କଲେକ୍ଟରିର ପଦ ପାଇବାର ସର୍ବତୋଭାବରେ ଉପଯୁକ୍ତ ଅଟନ୍ତି ଓ ପ୍ରଜାମାନେ ଏହାଙ୍କ ଶାସନରେ ସୁଖୀ ହେବେ ସନ୍ଦେହ ନାହିଁ । ଏହିପରି ଦେଖାଯାଏ ଯେ ଶ୍ରୀଯୁକ୍ତ [illegible] ସାହେବ ଭଦ୍ରମାସ ଓଡ଼ିଶାର ଅନ୍ତର ହେବାରୁ ଶାସନକାର୍ଯ୍ୟ ନିର୍ବାହରେ କୌଣସି ବିଶୃଙ୍ଖଳା ଘଟିବ ନାହିଁ ।

---

ଗତମାସ ପୌଷ୍ରରେ ଜଣେ ବାଙ୍ଗାଳୀ ଅପଣା ବିବାହିତା ସ୍ତ୍ରୀଅକୁ ସ୍ୱାମିର ବର୍ତ୍ତମାନରେ ଅନ୍ୟ ଲୋକକୁ ପୁନର୍ବାର ବିବାହ ଦେବାରେ ଏକବର୍ଷ କାରାବାସଦଣ୍ଡ ପାଇଅଛି । ମକଦ୍ଦମାର ସଂକ୍ଷେପ ବିବରଣ ଏହି ଯେ ପ୍ରଥମେ ଯାହାକୁ ବିବାହ ଦେଇଥିଲା ସେ ବ୍ୟକ୍ତି ଅପଣା ସ୍ତ୍ରୀକୁ ଶାଶୁଘର ଜିମାରେ ଘରେ ରଖି ମା ୧୪ ସ ହେବ କଲିକତାକୁ ଯାଇଅଛି । ଏଥି ମଧ୍ୟରେ ସ୍ତ୍ରୀର ବାପ ଅଠବନ ଟଙ୍କା ନେଇ ସ୍ତ୍ରୀଅକୁ ଅପଣା ଘରଠାରୁ ଅଣି ଅନ୍ୟ ଲୋକକୁ ବିବାହ କରି ଦେଲା । ପ୍ରଥମ ସ୍ୱାମିର ସାକଲ୍ଗଇ ଉପଯୁକ୍ତ ସମୟ ତାହାର ଅପଣା ସ୍ତ୍ରୀକୁ ଅଣିବାକୁ ଗଲା, ସ୍ତ୍ରୀର ପିତା ପଠାଇବାକୁ ଅସ୍ୱୀକାର କଲା ମାତ୍ର ସେ ଗ୍ରାମରେ ଶୁଣିପାରିଲା ଯେ ତାହାର ସ୍ତ୍ରୀକୁ ଅନ୍ୟଲୋକ ବିବାହ କରିଅଛି ତହିଁ ସେ ପୁଲିସରେ ଇତଲାଇ ଦେଇ ମକଦ୍ଦମା କଲା । ଅସାମୀ ବିବାହ ଦେବାର ସ୍ୱୀକାର କରି ଏହି ଉତ୍ତର ଦେଲା ଯେ ସ୍ତ୍ରୀର ପ୍ରଥମ ସ୍ୱାମୀ ବ ୧୦।୧୨ ର୍ଷ ହେବ କଲିକତାକୁ ଯାଇଅଛି ତାହାର କିଛି ସମ୍ବାଦ ନାହିଁ ଓ ତାହାର ଘର ସ୍ୱଜାତୀୟ କେତେକ ଲୋକଙ୍କ ସାକ୍ଷାତରେ ଉକ୍ତ ସ୍ତ୍ରୀକୁ ବିବାହ କରି ପାରିବ ନାହିଁ ବୋଲି କହି ତାହାକୁ ସମର୍ପଣ କରିବାରେ ସେ ବିବାହ ଦେଇଅଛି ମାତ୍ର ଏ କଥା ପ୍ରମାଣ ନ ହେବାରୁ ସେ ଅପରାଧୀ ହେଲା । ଏ ପ୍ରଦେଶର ହାଡ଼ୀ ଓ କୈବର୍ତ୍ତଙ୍କ ମଧ୍ୟରେ ଖଣ୍ଡପର୍ଦ୍ଦ ଓ ଦ୍ୱିତୀୟ ବିବାହର ନିୟମ ଅଛି ତହିଁ ହେତୁରୁ ଏ ପ୍ରକାର ଅବସ୍ଥା କେତେବେଳେ ଘଟିଥାଏ । ବର୍ତ୍ତମାନ ମକଦ୍ଦମାରେ ସ୍ତ୍ରୀ ଓ ତାହାର ନୂତନ ସ୍ୱାମୀ ପ୍ରକୃତ ଅପରାଧୀ ଅଟନ୍ତି ସ୍ତ୍ରୀର ବାପ କେବଳ ସ୍ୱଦୃଷ୍ଟାନ୍ତ ଅପରାଧରେ ଦଣ୍ଡ ପାଇଅଛି । ପ୍ରକୃତ ଅପରାଧୀ ଦୁଇଜଣଙ୍କୁ କାହିଁକି ବିଚାରକର୍ତ୍ତାମାନେ ଧରିଲେ ନାହିଁ ତହିଁର କାରଣ କିଛି ଜଣା ଯାଉ ନାହିଁ । ଯେବେ ସେମାନେ ଅସିଥାନ୍ତେ ତାହାଙ୍କଠାରୁ ମକଦ୍ଦମାର ପ୍ରକୃତ ବୃତ୍ତାନ୍ତ ଜଣାଯାଇ ପାରନ୍ତା ଓ ତାହା ଜାଣିଲେ ସ୍ତ୍ରୀର ପିତାର ଦୋଷର ପରିମାଣ ଶୁଦ୍ଧ ଜଣାଯାଇ ପାରନ୍ତା । ଯେଉଁଲୋକମାନେ ଅଇନ ଜାଣନ୍ତି ନାହିଁ ସେମାନେ ଏ ମକଦ୍ଦମାର କଥା ଶୁଣିଲେ ଏମନ୍ତ ମନେ କରିପାରନ୍ତି ଯେ ସଧବାସ୍ତ୍ରୀ କିମ୍ବା ତାହାକୁ ଯେ ବିବାହ କରେ ଏମାନେ ଦଣ୍ଡନୀୟ ନୁହନ୍ତି କେବଳ ଯେଉଁମାନେ ବିବାହ ଦଅନ୍ତି ସେମାନେ ଦଣ୍ଡନୀୟ ହେବେ ।

---

ଯାଜପୁରର ଗୋଟିଏ ଅପୂର୍ବ ସଂବାଦ ପାଇଅଛୁଁ । ଯଥା । ଅତ୍ରସ୍ଥଳରେ ଏକ ଜଣ ଥିଲା ଦୁର୍ଭିକ୍ଷ ସମୟରେ ଅପଣାର ଗୋଟିଏ ବ ୧୦ ର୍ଷର ପୁଅ ଓ ବ ୭ ର୍ଷର ଝିଅ ରଖି ପତ୍ନୀସହିତ ମରିଗଲା । ପୁଅଟି କାହାର ସଙ୍ଗେ କଲିକତାକୁ ବାହାର ଗଲା ଓ ଝିଅଟିକୁ ଅନ୍ୟ ଗ୍ରାମର କେହି ଜଣେ ଝିଅ ସ୍ୱରୂପ ପ୍ରତିପାଳନ କଲା । ଝିଅର ବୟଃପ୍ରାପ୍ତ ହେବାରୁ ତାହାକୁ ବିବାହ ଦେବା କାରଣ ବର ଅନ୍ୱେଷଣ କରୁଥାଏ ଏଥି ମଧ୍ୟରେ ଏହି ସନ ଜ୍ୟୈଷ୍ଠ ମାସରେ ପୁଅ କଲିକତାରୁ କିଛି ଅର୍ଥ ଉପାର୍ଜନ କରି ସ୍ୱଦେଶକୁ ଫେରି ଅସିଲା ମାତ୍ର ଅପଣା ସଙ୍ଗେ କେହି ନାହାନ୍ତି ଜାଣି ଅନ୍ୟ ଗ୍ରାମରେ ଅପଣା ମାତୃସୀ ସଙ୍ଗରେ ରହି ବିବାହ କରିବାର ଚେଷ୍ଟା କଲା । ପ୍ରଜାପତିଙ୍କ ଘଟନାରୁ ଉକ୍ତ ଝିଅ ସହିତ ଏହାର ବିବାହ ହେଲା ଉଭୟର ସ୍ତ୍ରୀ ସ୍ୱାମୀ ଭେଦରେ ବହୁ ଦାମ୍ପତ୍ୟ ସୁଖ ସମ୍ଭୋଗ କଲେ ଉଭୟଙ୍କ ଏକଦିନ ପରସ୍ପରର ପୂର୍ବ ଚରିତ୍ରମାନ ପଚାରିବାରେ ଜାଣିସ୍ତ ଜାଣି ପାରିଲେ ଯେ ସେମାନେ ଭାଇ ଭଉଣୀ ଅଟନ୍ତି । ସୁତରାଂ ଭାଇ, ଭଉଣୀକୁ ତ୍ୟାଗ କରି ଯାଜପୁରସ୍ଥ ଅଗ୍ନିହୋତ୍ରୀ ପଣ୍ଡିତ ବ୍ରାହ୍ମଣଙ୍କୁ ବ୍ୟବସ୍ଥା ପ୍ରାର୍ଥନା କରୁଅଛି ଓ ମଧ୍ୟ ପୁରୁଷୋତ୍ତମର ମୁକ୍ତିମଣ୍ଡପକୁ ଯିବାର ଇଚ୍ଛା ରଖିଅଛି ପଣ୍ଡିତମାନେ ଏଥିର କି ବ୍ୟବସ୍ଥା ଦେବେ ଅମ୍ଭେମାନେ ଜାଣିବାକୁ ବାସନା ରଖୁଁ । ବାସ୍ତବରେ କଥାଟି ଅତି ବ୍ୟସ୍ତପ୍ରକାରର ହୋଇଅଛି ଅଜ୍ଞାତାବସ୍ଥାରେ ଯାହା ଘଟିଥିଲା ତହିଁରେ ଦଣ୍ଡ ଯୋଜନା ନ ଥିଲା କିନ୍ତୁ ଯାହା ପ୍ରକାଶ ପାଇଲା ଏବେ ତାହା ବିଷମ ଅଟଇ ।

---

## ଯାଜପୁର ।

ଅମ୍ଭମାନଙ୍କ ଯାଜପୁରସ୍ଥ ସଂବାଦଦାତା ଲେଖୁଅଛନ୍ତି ଯେ ଏ ବର୍ଷ ସେଠାରେ ଉତ୍ତମରୂପେ ରଥଯାତ୍ରା ପର୍ବ ନିର୍ବାହ ହେଲା । ସେଠାରେ ଯେଉଁ ଜଗନ୍ନାଥ ମହାପ୍ରଭୁ ଅଛନ୍ତି ତାହାଙ୍କର ତିନିରଥ ହୁଏ ମାତ୍ର ଶାସନୀ ବ୍ରାହ୍ମଣମାନେ ଏକ ଏକ ରଥ ନିର୍ମାଣ କରି ଠାକୁର ବସାଇ ବଡ଼ ସମାରୋହରେ ମିଳନ କରିବାକୁ ଅଣନ୍ତି । ଏପରି ରଥମିଳନ ପ୍ରାୟ ଅନ୍ୟ କୌଣସିଠାରେ ହୁଏ ନାହିଁ ଏବର୍ଷ ଶାସନ ବାହାରୁ ୩୬ ରଥ ଅସିଥିଲା ଓ ସମସ୍ତେ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରଧାନ ରଥ ସହିତ ମିଳନକରି ଗୃହ ଦେଶ ପର୍ଯ୍ୟନ୍ତ ନୃତ୍ୟ ଗୀତ ଓ ସଂକୀର୍ତ୍ତନରେ ଅତିବାହିତ କରି ପରଦିନ ଯେଯାହା ସ୍ଥାନକୁ ଫେରିଗଲେ । ଲୋକଙ୍କ ଅମୋଦ ପ୍ରମୋଦରେ କିଛିମାତ୍ର ତ୍ରୁଟି ହୋଇ ନାହିଁ ।

ଜଟିଡ଼ା ନିବାସୀ ଶ୍ରୀ ଧ୍ରୁବ ବେହେରାର ମକଦ୍ଦମାର ବିଚାର ଏଠା ଡେପୁଟୀ ମାଜିଷ୍ଟ୍ରେଟଙ୍କ କଚେରୀରେ ହେଉଅଛି । ସାକ୍ଷୀଙ୍କ ଜବାନବନ୍ଦୀରୁ ଜଣାଯାଏ ଯେ ଧ୍ରୁବର ସ୍ତ୍ରୀ ସହିତ ମୃତ କୁସୁମର ପାପ ପ୍ରଣୟ ଥିଲା ଘଟନା ଦିନ ସନ୍ଧ୍ୟା ଉତ୍ତାରୁ ଏକ ଘରମଧ୍ୟରେ ଉକ୍ତ ସ୍ତ୍ରୀ ଓ କୁସୁମ ପାପାଲାପ କରୁଥିଲେ ଧ୍ରୁବ କୌଣସି ପ୍ରକାରେ ତାହା ଜାଣିପାରି ସେଠାକୁ ହଠାତ୍ ଯାଇ ଦେଖିଲା ଯେ ସ୍ତ୍ରୀ ତଳେ ଓ କୁସୁମ ଉପରେ ପଡ଼ିଅଛନ୍ତି ତହିଁ

Digitized by srujanika@gmail.com

ସେ ଏକ ବାଡ଼ ମାଇବାରୁ କୁଣ୍ଠକ ମୁଣ୍ଡରେ ବାଡ଼ି ଅଘାତ ହେଲା ଓ ତହିଁରେ ତାହାର ପ୍ରାଣ ଯାଇଅଛି । କଥାର ଦୋଷ ହୋଇ ନାହିଁ ।

ଏ ଅଞ୍ଚଳର ଏକ ଏକ ସ୍ଥାନରେ ଓଲାଉଠା ରୋଗ ହେବାରୁ କେତେକ ଲୋକ ମରିପଡ଼ିଲେଣି । ଲୋକମାନେ ରୋଗରୁ ନିସ୍ତାର ପାଇବା ଉଦ୍ଦେଶରେ ନାମସଂକୀର୍ତ୍ତନ ଓ ଦେବାର୍ଚ୍ଚନାଦି କରୁଅଛନ୍ତି । ଔଷଧରେ ଏ ରୋଗର କିଛି ପ୍ରତୀକାର ହେବାର କେହୁ ବିଶ୍ୱାସ କରନ୍ତି ନାହିଁ ।

---

## କୃଷିକାର୍ଯ୍ୟର ଉତ୍କର୍ଷସାଧନ ।

ଜ୍ଞାନୀଜନଙ୍କ ବଚନାନୁସାରେ କୃଷି ଅର୍ଥୋପାର୍ଜନର ତୃତୀୟଶ୍ରେଣୀର ଉପାୟ ହେଲେହେଁ ଓଡ଼ିଶାରେ ତାହାକୁ ପ୍ରଧାନ ବୋଲି ମଣିବାକୁ ହେବ କାରଣ ଏଠାରେ ବାଣିଜ୍ୟ ଅଛି ନାହିଁ ବୋଲାଯାଇ ପାରେ ଓ କୃଷି ଏକମାତ୍ର ସାଧାରଣ ବ୍ୟବସାୟ ଅଟଇ ଅର୍ଥାତ୍ ଅଧିକାଂଶ ଲୋକ କୃଷିଦ୍ୱାରା ଜୀବନଧାରଣ କରନ୍ତି । ମାତ୍ର ଦୁଃଖର ବିଷୟ ଯେ ଏଣିକି ଅର୍ଥ ଶସ୍ତା ହେଲେ ସୁଦ୍ଧା ଅର୍ଥର ପ୍ରୟୋଜନ ଅଧିକ ପରିମାଣରେ ବର୍ଦ୍ଧିତ ହେଉଅଛି ଅଥଚ ଅର୍ଥୋପାର୍ଜନର ଯାହା ଏପ୍ରଦେଶରେ ଏକମାତ୍ର ଉପାୟ ତହିଁ ପ୍ରତି କାହାର ଦୃଷ୍ଟି ପଡୁ ନାହିଁ । କୃଷିକାର୍ଯ୍ୟ କହିଲେ ଏ ଦେଶରେ ବଢ଼ୁଅଛି ସତ୍ୟ ଓ ଏଣେ ଭୂମି ଏଣିକି ହଳର ଅଧିକାରଭୁକ୍ତ ହେଲାଣି ଯେ ଗୋରୁ ଚରିବାକୁ ପାଳ ମିଳୁ ନାହିଁ ତଥାପି କୃଷିର କିଛି ଉନ୍ନତି ହୋଇ ନାହିଁ କାରଣ କୃଷିତ ଭୂମି ବୃଦ୍ଧି ହେବାରେ କେବଳ ଏତିକି ପ୍ରକାଶ ପାଉଅଛି ଯେ ଅଧିକ ଜମି ହେଲେ ଅଧିକ ଫସଲ ହେବାର ଲୋକଙ୍କୁ ଜଣାଅଛି । ଯାହାର ଯେତିକି ଜମି ଅଛି ସେତିକିରେ ସେ କିପରି ସର୍ବାପେକ୍ଷା ଅଧିକ ଫସଲ ପାଇବ ଏବିଷୟରେ କାହାରିକୁ ଯତ୍ନବାନ ହେବାର ଦେଖାଯାଏ ନା । ପ୍ରଜାମାନେ ଦିନଯାକ ନ ଖାଇ ନ ପିଇ ବିଲରେ ପରିଶ୍ରମ କରନ୍ତି କିନ୍ତୁ ମେଘ ଓ ବଣିଆଣିଙ୍କ ଗୃହେଁ୨ ତାହାଙ୍କର ଧନ ଯାଏ ଓ ଜମିଦାରମାନେ ଆପଣା ଖାଜଣା ସମସ୍ତଙ୍କୁ ବର୍ଜନ ଦେଇ ଭିକ୍ଷାଠି ପ୍ରାୟ ମାଗଣ ଖାଇ ବୁଲନ୍ତି ଅଥବା ଦୁଷ୍ଟବୁଦ୍ଧିପ୍ରାୟ ଜିଷ୍ଟୁର ଅଧ୍ୟାପକଦ୍ୱାରା ଲାଭ କରିବାରେ ପ୍ରବୃତ୍ତ ହୁଅନ୍ତି । ଅଧିକ ଲାଭ କରିବାର ଆଶା ଉଭୟପକ୍ଷଙ୍କର କଦାପି ଦେଖାଯାଏ କିନ୍ତୁ ଯେଉଁ ଉପାୟଦ୍ୱାରା ତାହା ହୋଇପାରିବ ତାହା ଅବଲମ୍ବନ କରିବାର ଚେଷ୍ଟିତ ଥାଇ ଅନ୍ୱେଷଣ କରିବାକୁ ସୁଦ୍ଧା ଏମାନଙ୍କର ମତି ବଳଇ ନାହିଁ ।

ଓଡ଼ିଶା ଜମିଦାର ଓ ପ୍ରଜାଙ୍କ ବ୍ୟବହାର ଏହିରୂପ କହିକାଳରୁ ଚାଲି ଆସୁଅଛି ଓ ଆହୁରି କେତେକାଳ ଚାଲିବ ବୋଲାଯାଇ ନ ପାରେ । କିନ୍ତୁ ଦୁର୍ଭିକ୍ଷସମୟରୁ ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟି ଗୋଚରରେ ଏ ଅବସ୍ଥାମାନ ଆସିବାରୁ ସେ ସମୟାବଧି ଗବର୍ଣ୍ଣମେଣ୍ଟ ଓ ସ୍ଥାନୀୟ କର୍ମଚାରୀମାନେ ଏଠାର କୃଷିକାର୍ଯ୍ୟର ଉତ୍କର୍ଷ ସାଧନ ପକ୍ଷରେ ବିଶେଷ ଯତ୍ନବାନ୍ ହୋଇଅଛନ୍ତି । ଗବର୍ଣ୍ଣମେଣ୍ଟ ଏହି ଉଦ୍ଦେଶରେ ନାଳକାର୍ଯ୍ୟ ଆପଣା ହାତରେ ନେଇ ଚାଷଅଳେ କ୍ଷେତକୁ ଜଳ ଦେବାର ସୁବିଧା କରୁଅଛନ୍ତି ନଦୀର ଅବଧିରେ କ୍ଷେତକୁ ବୁଡ଼ିବାର ନିବାରଣାର୍ଥେ ବନ୍ଧମାନ ପକାଉଅଛନ୍ତି ଉତ୍କୃଷ୍ଟ ଫସଲ ଜନ୍ମାଇବା ଅଭାବରେ କପା ଓ ଧାନର ବିହନ ଆଣି ବଣ୍ଟନ କରୁଅଛନ୍ତି ଏବଂ ସ୍ଥାନେ୨ ରେ ଆଦର୍ଶ କ୍ଷେତ୍ର ପ୍ରସ୍ତୁତ କରିବାର ଉପାୟ ମଧ୍ୟ କରୁଅଛନ୍ତି । ସ୍ଥାନୀୟ ପ୍ରଧାନ କର୍ମଚାରୀ ଶ୍ରୀଯୁକ୍ତ ରେଭେନ୍ସା ସାହେବ କମିଶ୍ନର ଏହି ଉଦ୍ଦେଶରେ ଯେ ଯେ ଉପାୟରେ ଉନ୍ନତରୂପେ କୃଷିକାର୍ଯ୍ୟ ହୋଇପାରେ ତଦ୍ୱିଷୟରେ ଗୋଟିଏ ପୁସ୍ତକ ରଚନା କରିବାକୁ ଆଦେଶ ଦେବାରୁ ବାବୁ ଜଗନ୍ନାଥ ଦାସ କୃଷିବିଜ୍ଞାନ ନାମରେ ଏକଖଣ୍ଡି ପୁସ୍ତକ ରଚନା କରିଅଛନ୍ତି ଓ ପ୍ରଶଂସିତ ସାହେବ ଗବର୍ଣ୍ଣମେଣ୍ଟଙ୍କ ସକାଶେ ତହିଁର ଶ ୨୫୦ ଖଣ୍ଡ କିଣିକରି ଜମିଦାରମାନଙ୍କୁ ବିତରଣ କରିଅଛନ୍ତି । ଅତଏବ ଯେଉଁସବୁ ଉପାୟଦ୍ୱାରା ଭୂମିର ଉତ୍କର୍ଷ ସାଧନ ହେବାର ସମ୍ଭବ ସେ ସମସ୍ତ ଉପାୟ ଅବଲମ୍ବିତ ହେବାରେ ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ କୌଣସି ତ୍ରୁଟି ହୋଇ ନାହିଁ । ଏଥି ଉତ୍ତାରୁ ଯେବେ ପ୍ରଜାଙ୍କର କି ଜମିଦାରଙ୍କର ଚିତ୍ତ ନ ଲାଗିବ ତେବେ ଏଥିକି କାହାର ଅପୂର୍ବ ? ଅମ୍ଭେମାନେ ଜମିଦାରଙ୍କୁ ବିଶେଷରୂପେ ଅନୁରୋଧ କରୁଅଛୁଁ ଯେ ଗବର୍ଣ୍ଣମେଣ୍ଟଙ୍କ ଉଦ୍ଦେଶ୍ୟ ସଫଳ ପକ୍ଷରେ ସେମାନେ ଯତ୍ନବାନ୍ ହେଉନ୍ତୁ । ସେମାନେ ଉଦାସୀନ ହୋଇ ରହିଲେ କେବଳ ଆପଣା ଉନ୍ନତିରୁ ବଞ୍ଚିତ ହେବେ ଏମନ୍ତ ନୁହଇ ଅନ୍ୟ ପ୍ରଦେଶର ସଭ୍ୟ ମଣ୍ଡଳୀରେ ବିଶେଷ ଲଜ୍ଜାର ଭାଜନ ହେବେ । କାରଣ ଯେଉଁସ୍ଥଳେ ଗବର୍ଣ୍ଣମେଣ୍ଟ ତାହାଙ୍କ ପାଇଁ ଏତେ ଯତ୍ନ ଓ ବ୍ୟୟ କରୁଅଛନ୍ତି ସେ ସ୍ଥଳେ ସେମାନେ ଭୁଲି ହୋଇ ରହିଲେ ତାହାଙ୍କୁ ନିତାନ୍ତ ଅଳସୁଆ ଓ ନିର୍ବୋଧ ବୋଲି ଲୋକେ ଜ୍ଞାନ କରିବେ । ବାସ୍ତବରେ ଅମ୍ଭେମାନେ ଯାହା ଶୁଣୁଅଛୁଁ ଯେବେ ତାହା ସତ୍ୟ ହୋଇଥାଏ ତେବେ ଜମିଦାରମାନେ ଆପଣାର ଅଜ୍ଞତାର ପରିଚୟ ଦେଲେଣି । ଅମ୍ଭେମାନେ ଶୁଣୁଅଛୁଁ କି ଯେଉଁ ଜମିଦାରଙ୍କ ପାଖକୁ ଶ୍ରୀଯୁକ୍ତ କମିଶ୍ନରସାହେବ ଏକ୨ ପତ୍ର ସହିତ ଏକ୨ ଖଣ୍ଡ କୃଷିବିଜ୍ଞାନ ପଠାଇଥିଲେ ତାହାଙ୍କ ମଧ୍ୟରୁ କେହି୨ ଉତ୍ତରରେ ଲେଖିଅଛନ୍ତି ଯେ ପୁସ୍ତକକୁ ସେହି ଆପଣା୨ ପ୍ରଜାଙ୍କୁ ଦେଇଅଛନ୍ତି । ଗବର୍ଣ୍ଣମେଣ୍ଟଙ୍କର ଉଦାର ସ୍ୱଭାବର ଯେଉଁରୂପ ମୂଲ୍ୟ ଜମିଦାରମାନେ ବୁଝି ଅଛନ୍ତି ତାହା ଏଥିରୁ ପ୍ରକାଶ ପାଉଅଛି ଓ ମଧ୍ୟ ଜଣାଯାଉଅଛି ଯେ ଏ ଜମିଦାରମାନେ କୌଣସି କର୍ମର ନୁହନ୍ତି । ପ୍ରଜାମାନେ ଏମାନଙ୍କଠାରୁ କୃଷି କାର୍ଯ୍ୟ ଭଲ ବୁଝନ୍ତି ଓ ସେମାନେ ଲେଖାପଢ଼ା ଭଲ ନ ଜାଣିଥିଲେ ସୁଦ୍ଧା ଜମିଦାରମାନେ ଉକ୍ତ ପୁସ୍ତକ ତାହାଙ୍କ ଅର୍ପଣ କରିଅଛନ୍ତି ଯେମନ୍ତ ସେମାନେ ତାହାସବୁ ପଢ଼ି କାର୍ଯ୍ୟରେ ପରିଣତ କରିବେ । ଜମିଦାରମାନେ ଧନ, ମାନ ଓ ବୁଦ୍ଧି ସବୁଥିରେ ପ୍ରଜାଙ୍କଠାରୁ ଶ୍ରେଷ୍ଠ ଅଟନ୍ତି ଓ ଚିରକାଳ ପ୍ରଜାଙ୍କ ମଧ୍ୟରେ ରହି କୃଷିକାର୍ଯ୍ୟ ଦେଖୁଅଛନ୍ତି ଓ ସ୍ୱୟଂ ମଧ୍ୟ କୋଠିଆ ରଖି କୃଷି କରନ୍ତି । ଯେବେ ଏମାନଙ୍କଦ୍ୱାରା ଉକ୍ତ ପୁସ୍ତକର କିଛି ବ୍ୟବହାର ନ ହେଲା ଓ କୃଷିକାର୍ଯ୍ୟକୁ ଏମାନେ ଭଲରୂପେ ବୁଝି ନ ପାରିଲେ ତେବେ ପ୍ରଜାଙ୍କଦ୍ୱାରା କି ହୋଇପାରେ ଅତଏବ ଜମିଦାରମାନେ ଅଳସ ସ୍ୱଭାବ ପରିତ୍ୟାଗ କରି ମନୋଯୋଗପୂର୍ବକ କୃଷିବିଜ୍ଞାନ ପୁସ୍ତକକୁ ପାଠ କରି ଯଥାସାଧ୍ୟ କାର୍ଯ୍ୟଦ୍ୱାରା ତାହାର ସୁଫଳ ଦେଖନ୍ତୁ । ପୁସ୍ତକ ଖଣ୍ଡିକ ବିଷୟରେ ଅମ୍ଭମାନଙ୍କର କିଛି ବୋଲିବାର ଅଛି ଅଦ୍ୟ ସ୍ଥାନାଭାବରୁ ତାହା ହୋଇ ନ ପାରିଲା ଆଗାମି ପତ୍ରିକାରେ ପ୍ରକାଶ ହେବ ।

---

## ସାପ୍ତାହିକସଂବାଦ ।

ଓଲାଉଠାରୋଗର ଏବର୍ଷ ବଡ଼ ପ୍ରାଦୁର୍ଭାବ ନ ଥିଲେ ଏକାବେଳକେ ଅବର୍ଜନ ହୋଇନାହିଁ । ସହର ଓ ଜଗନ୍ନାଥ ସଡ଼କରେ ନ୍ୟୂନାଧିକରେ

Split by PDF Splitter



ଲୋକ ମରୁଅଛନ୍ତି ତିନୁ ବଡ ଆଶ୍ଚର୍ଯ୍ୟର ବିଷୟ ଯେ ସହରକୁ ଯାହାଙ୍କ ସମାଗମ ନ ଥିବାପ୍ରଯୁକ୍ତେ ଜେଲଖାନା ମଧ୍ୟରେ ଏ ରୋଗ ପ୍ରବେଶ ହୋଇ ଗୋଟିଏ ଲୋକକୁ ନାଶ କରଅଛି ଓ ଆଉ କେତେ ଲୋକ ରୋଗ ଭୋଗ କରୁଅଛନ୍ତି ।

କଟକରେ ସର୍ବରାକାର ଓ ପିଅଦାମାନେ ଏକ ଲୋକକୁ ପ୍ରହାର କରିବାରୁ ତାହାର ମୃତ୍ୟୁ ହେବାରେ ଯେଉଁ ମକଦ୍ଦମା ହୋଇଥିଲା ତହିଁରେ ଜ ୧୫ ଣ ଆସାମୀ ଦୋରାକୁ ଅସିଥିଲେ ସମସ୍ତେ ଦଣ୍ଡ ପାଇଅଛନ୍ତି ଦଣ୍ଡର ପରିମାଣ ବ୍ୟକ୍ତି ବିଶେଷର ଅପରାଧାନୁସାରେ ୨ ୩ ବର୍ଷରୁ ଏକବର୍ଷ ପର୍ଯ୍ୟନ୍ତ କାରାବାସ କରାଇବା ହୋଇଅଛି ଯେଉଁ କନଷ୍ଟବଲ ଉକ୍ତ ମୃତ ବ୍ୟକ୍ତି ରୋଗହେତୁରୁ ମରିଥିବାର ରପୋର୍ଟ କରିଥିଲା ତାହାର ମଧ୍ୟ ଦୁଇବର୍ଷ କାରାବାସ ଦଣ୍ଡ ହୋଇଅଛି । ଦୋରାକୁ ଆସିଥିବା ସମସ୍ତ ଲୋକ ଦଣ୍ଡ ପାଇବାରେ ଯାଜପୁର ଡେପୁଟୀଙ୍କର ପ୍ରଶଂସା ହୋଇଅଛି ।

ଅଦ୍ୟ ସନ୍ଧ୍ୟା ସମୟରେ ଏ ନଗରସ୍ଥ ଇଂରାଜୀ ସ୍କୁଲ ଗୃହରେ ଇଂଲଣ୍ଡ ଲୁଣ୍ଡିକଯନ୍ତ୍ରରେ ବାଜି ପ୍ରଦର୍ଶିତ ହେବ । ଜଣେ ବିଦେଶୀ ବାବାଜୀ ଏହା ଦେଖାଇବେ ଓ ଯେଉଁମାନେ ଦର୍ଶନ କରିବାକୁ ବାଞ୍ଛା କରନ୍ତି ସେମାନେ ଟିକଟ କିଣି ନେଇ ଗଲେ ଦେଖି ପାରିବେ । ଟିକଟର ମୂଲ୍ୟ ଶ୍ରେଣୀ ଅନୁସାରେ ଏକଟଙ୍କା ଓ ଆଠଅଣା ସ୍ଥିର ହୋଇଅଛି ।

ବଙ୍ଗଳାଗବର୍ଣ୍ଣମେଣ୍ଟ ଅଧୀନ ଜିଲାମାନଙ୍କରେ ସାଧାରଣ ବ୍ୟକ୍ତିମାନେ ଆପଣା ବ୍ୟୟରେ ସାଧାରଣର ଉପକାରାର୍ଥେ ଯେସମସ୍ତ କାର୍ଯ୍ୟ କରିଅଛନ୍ତି ତହିଁର ଗୋଟିଏ ତାଲିକା ଗତସପ୍ତାହର କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ଆମ୍ଭେମାନେ ତାହା ପାଠ କରି ଦୁଃଖିତ ହୋଇ ଜଣାଉଅଛୁଁ ଯେ ଓଡିଶାର କୌଣସି ଜିଲାରେ କେହି କିଛି ଏପରି କାର୍ଯ୍ୟ କରିବାର ଉକ୍ତ ତାଲିକାରୁ ପ୍ରକାଶ ପାଉ ନାହିଁ । ଅନ୍ୟାନ୍ୟ ଜିଲାର ବ୍ୟକ୍ତିବିଶେଷ ଏହିଠି ପୁଷ୍କରିଣୀ କିମ୍ବା ସଡକ ଅଥବା ବିଦ୍ୟାଳୟ ଗୃହ ନିର୍ମାଣରେ ପାଞ୍ଚ ଦଶ ହଜାର ଟଙ୍କା ବ୍ୟୟ କରିଅଛନ୍ତି ମାତ୍ର ଏଠାରେ କେହି ଗୋଟିଏ କୂଅ ଖୋଳାଇବାରେ ଶଏ ଦି ଅଶୀଟଙ୍କା ବ୍ୟୟ କରି ନାହାନ୍ତି ବାସ୍ତବରେ କି ଓଡିଶାବାସିମାନେ ଏତେ ସ୍ୱାର୍ଥପର ହୋଇ ଅଛନ୍ତି ଯେ ସାଧାରଣ ହିତକାର୍ଯ୍ୟରେ ପଇସାଟିଏ ବ୍ୟୟ କରୁନାହାନ୍ତି ନା ସୁଜସର ହେଲାନ୍ତି ନିଏ କେଉଁଠାରେ କି କାର୍ଯ୍ୟ କରୁଅଛି ତାହା ପ୍ରକାଶ ପାଉ ନାହିଁ ।

ଏ ବର୍ଷ ବୃଷ୍ଟି ସବୁଠାରେ ବିଲମ୍ବରେ ଆରମ୍ଭ ହେବାର ଦେଖାଯାଏ । ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ସିମଲାରେ ଥିବା ପ୍ରଯୁକ୍ତେ ସେଠାରେ ମଧ୍ୟ ଗତମାସ ତା ୨୭ ରିଖ ଯାଏ ବୃଷ୍ଟି ଆରମ୍ଭ ହୋଇ ନ ଥିଲା ।

ହୁଗ୍ଲି ଜିଲାରେ ତାରକେଶ୍ୱର ନାମରେ ଏକ ବିଖ୍ୟାତ ମହାଦେବ ଅଛନ୍ତି । ସେଠାରେ ଅନେକ ଲୋକ ଧରଣା ପଡି ବାଞ୍ଛିତଫଳ ପାଆନ୍ତି ବୋଲି ହିନ୍ଦୁମାନଙ୍କରେ ପ୍ରସିଦ୍ଧରୂପେ ଜଣାଅଛି । ସୁତରାଂ ମହାଦେବଙ୍କର ଆୟ ଅସୀମ । ସେଠାର ମହନ୍ତ ଜଣେ ୨୫।୨୬ ବର୍ଷର ଯୁବା । ସେ ଏକ ବିବାହିତା ବ୍ରାହ୍ମଣୀ ସଙ୍ଗେ ପାପପ୍ରଣୟ କରିଥିଲା । ତାହାର ସ୍ୱାମୀ ଏ କଥା ଜାଣିପାରି ସ୍ତ୍ରୀକୁ ଗୃହରେ ହତ୍ୟା କରି ପୁଲିସରେ ସବୁ ବିଷୟ ପ୍ରକାଶ କଲା । ଏଥିରେ ମାଜିଷ୍ଟ୍ରେଟ ଉକ୍ତ ମହନ୍ତ ଉପରେ ପରସ୍ତ୍ରୀ ଗମନର ଅଭିଯୋଗ କରି ତାହାକୁ ଗିରଫ୍ତାର କରିବା ନିମନ୍ତେ ପୁଲିସ ପ୍ରତି ଆଦେଶ ଦେଇଅଛନ୍ତି କିନ୍ତୁ ମହନ୍ତ କେଉଁଠାରେ ଲୁଚି ରହିଅଛି ଅଦ୍ୟାପି ଧରା ପଡି ନାହିଁ । ହିନ୍ଦୁପେଟ୍ରିଅଟ ପ୍ରସ୍ତାବ କରନ୍ତି କି ମହନ୍ତର ବିଷୟ ସମ୍ପତ୍ତି ବୁଝିବା ପାଇଁ ସରକାରରୁ ଟ୍ରଷ୍ଟି ନିଯୁକ୍ତ ହେଉନ୍ତୁ ।

ଫ୍ରେଣ୍ଡ ଅଫ୍ ଇଣ୍ଡିଆ ବିଶ୍ୱାସ କରନ୍ତି ଯେ ଶ୍ରୀଯୁକ୍ତ ଲେଖିସ ସାହେବଙ୍କ କଲେକ୍ଟରୀ ଓ ମାଜିଷ୍ଟ୍ରେଟୀ ପଦରୁ ବହିଷ୍କୃତ କରିବାରେ ଏବଂ ଟାକ୍ସ ସମ୍ପର୍କୀୟ କାର୍ଯ୍ୟମାନ ସେ ଚଳାଇବାକୁ ଅକ୍ଷମ ଥିବାର ପ୍ରକାଶ କରିବାରେ ଲେପ୍ଟନେଣ୍ଟ ଗବର୍ଣ୍ଣର ଯାହା କରିଅଛନ୍ତି ମହାମାନ୍ୟ ଗବର୍ଣ୍ଣର ଜେନରଲ ସେ ସବୁ ଅନୁମୋଦନ କରିଅଛନ୍ତି ଏ ସମ୍ପର୍କର କାଗଜମାନ ଶୀଘ୍ର ପ୍ରକାଶିତ ହେବ ।

ଗତ ପାଞ୍ଚବର୍ଷ ମଧ୍ୟରେ ଯେତେ ଦେଶୀୟ ଲୋକ ଗବର୍ଣ୍ଣମେଣ୍ଟଙ୍କ କାର୍ଯ୍ୟରେ ମାସିକ ଟ ୧୫୦୲ ଟାରୁ ଅଧିକ ବେତନରେ ନିଯୁକ୍ତ ହୋଇଅଛନ୍ତି ତହିଁମଧ୍ୟରେ ହିନ୍ଦୁ କେତେଜଣ ଓ ମୁସଲମାନ କେତେଜଣ ଏହା ଜାଣିବା ପାଇଁ ବିଲାତର ସେକ୍ରେଟରୀ ଅଭିଳାଷୀ ହୋଇ ଅଛନ୍ତି । ଭାରତବର୍ଷର ନାନା ଗବର୍ଣ୍ଣମେଣ୍ଟ ମହଲମାନରେ ଏଥିର ତାଲିକା ପ୍ରସ୍ତୁତ ହେଉ ଅଛି ।

ଗତଗତ ମାସ ତା ୨ ରିଖର ଭାରତୀୟ ସଂବାଦରୁ ଜଣାଯାଏ ଯେ ପାରସର ବାଦସାହ ଉକ୍ତ ଦିବସ ଶ୍ରୀମତୀ ମହାରାଣୀଙ୍କଠାରୁ ବିଦାୟ ଗ୍ରହଣ କଲେ ।

ଗତଗତ ମାସ ତା ୩ ରିଖ ସନ୍ଧ୍ୟା ସମୟରେ ମାନ୍ୟବର ଲେପ୍ଟନେଣ୍ଟ ଗବର୍ଣ୍ଣର ସାହେବ କଲିକତାକୁ ପ୍ରତ୍ୟାଗମନ କଲେ ।

# ପ୍ରେରିତପତ୍ର

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ
ମହାଶୟ ସମୀପେଷୁ ।

ଫେରନ୍ତି ରଥଯାତ୍ରା ।

ମହାପ୍ରଭୁ ଗତ ଶୁକ୍ରବାର ଦିନ ଗୁଣ୍ଡିଚାମନ୍ଦିରରୁ ରଥକୁ ପୁନଶ୍ଚ ଗମନରେ ପହଣ୍ଡି ବିଜେ କରି ଶନିବାର ଦିନ ବଳଦେବଙ୍କ ରଥ ସନ୍ଧ୍ୟା ପର୍ଯ୍ୟନ୍ତ ସିଂହଦ୍ୱାରେ ଅସି ପ୍ରବେଶ ହେଲା ପରଦିନ ସୁଭଦ୍ରାଙ୍କ ରଥ ଅସି ଲାଗିଲା ଅବଶେଷରେ ଗତ କାଲି ସୋମବାର ଦିନ ଜଗନ୍ନାଥଙ୍କ ରଥ ଦୁଇପ୍ରହର ସୁଦ୍ଧା ଲାଗିଲାରୁ ଉକ୍ତଠାକୁର ଯାଇ ଉକ୍ତ ସ୍ଥଳରେ ନୀଳାଦ୍ରି ବିଜେ କଲେ । କି ଆଶ୍ଚର୍ଯ୍ୟ ଯେଉଁ ଠାକୁର ପ୍ରତିବର୍ଷ ଫେରି ଅସିବାକୁ ଏତେମାନର ଦିମ୍ଭା ଠିକ ସପ୍ତାହର ଉତାରୁ ପକ୍ଷରେ କମ ନ ଲାଗେ ସେ ଠାକୁର କିପରି ଏ ବର୍ଷ ଚାରିଦିନ ମଧ୍ୟରେ ନବଦିନ ଯାତ୍ରା ନିର୍ବାହ କରି ପୁନଶ୍ଚ ପ୍ରତ୍ୟାଗମନ କରି ଅସି ଶ୍ରୀ ମନ୍ଦିରରେ ରତ୍ନସିଂହାସନ ଉପରେ ବିଜେ କଲେ ।

ଉପର୍ଯ୍ୟୁକ୍ତ ବିଷୟରେ ଆମ୍ଭେମାନେ ଆରମଷ୍ଟ୍ରଙ୍ଗ ସାହେବଙ୍କ ଉଦ୍ୟୋଗରେ କେତେ ଦୂର ବାଧିତ ଓ ତାହାଙ୍କୁ କେତେ ଦୂର ପ୍ରଶଂସା କରିବାର ଉଚିତ ତାହା ଏକମୁଖରେ ପ୍ରକାଶ କରି ନପାରୁଁ ।

୮।୭।୭୩ ଇତି ଏକାନ୍ତ ବଶମ୍ବଦ
କଶ୍ଚିଦର୍ଶକ ।

## ମୂଲ୍ୟପ୍ରାପ୍ତି ।

| | | | | |
|---|---|---|---|---|
| ବାବୁ କୃଷ୍ଣମୋହନ ଘୋଷ | କଟକ | କଣ୍ଟିଆ | ୪ | ୭ |
| " ସୁରେନ୍ଦ୍ର ନନ୍ଦାନ୍ତ | " | " | ୪ | ୩ |
| " ଅଭିବନ୍ଧୁଲ କର | " | " | ୪ | ୧ |

ଏହି ଉତ୍କଳଦୀପିକା ସହର କଟକ ଦର୍ଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter




# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ
ସଂଖ୍ୟା

ତାଂ ୧୯ ରେ ଜୁଲାଇ ସନ ୧୮୭୩ ମସିହା । ମୁ । ଶ୍ରାବଣ ୫ ଦିନ ସନ ୧୨୮୦ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୨॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୩
ମଫସଲ ସାଇ ଡାକମାସୁଲ ୨।/


ବାବୁ ହରବଲ୍ଲଭ ବୋଷ ଉକୀଲଙ୍କ ବିରୁଦ୍ଧରେ ଗ୍ରାମ୍ୟକୁ ମାଜିଷ୍ଟ୍ରେଟସାହେବ ଯେଉଁ ପତ୍ର ଗ୍ରାମ୍ୟକୁ ଜଜସାହେବଙ୍କ ନିକଟକୁ ଲେଖିଥିଲେ ଗତ ସପ୍ତାହରେ ତାହା ଛାପିତ ହୋଇଅଛି । ଜଜସାହେବ ବାବୁଙ୍କଠାରୁ ଲେଖା ଉତ୍ତର ଗ୍ରହଣ ନକରି ନିଷ୍ପତ୍ତି କରିଅଛନ୍ତି ଯେ ବାବୁଙ୍କ ବିରୁଦ୍ଧରେ କିଛି ଖିଆ ମକଦ୍ଦମା ହୋଇ ନାହିଁ ଓ ବାବୁ ଆଧଣା ମୋହନର ବିପକ୍ଷକୁ ଯାହା ପରାମର୍ଶ ଦେଇଥିଲେ ତଦନୁସାରେ କିଛି କାର୍ଯ୍ୟ ହୋଇ ନାହିଁ ଓ ସେ ପରାମର୍ଶମାନ ବ୍ୟଙ୍ଗପ୍ରକାରର ଥିଲା । ତଥାଚ ବିପକ୍ଷଲୋକକୁ କିଛି ନ କହି ଫେର ଦେବାର ଆବଶ୍ୟକ ଥିଲା ଓ ଯେ ସମ୍ବାଦମାନ ହୋଇଅଛି ତହିଁରେ ବାବୁଙ୍କର କୌଣସି ଦୋଷ ଦେଖା ଯାଉ ନାହିଁ କେବଳ କିଛି ଅସାବଧାନତା ପ୍ରକାଶ ପାଇଅଛି । ବାବୁଙ୍କର ଚରିତ୍ର ଅତ୍ୟନ୍ତ ଉତ୍ତମ ବୋଲି ଅଦାଲତରେ ବହୁତର ପ୍ରମାଣ ଅଛି ସୁତରାଂ ମାଜିଷ୍ଟ୍ରେଟଙ୍କ ପତ୍ରଅନୁସାରେ କୌଣସି କାର୍ଯ୍ୟ କରିବାକୁ ଅଦାଲତ ଆବଶ୍ୟକ ବିବେଚନା ନ କରନ୍ତି । ଭବିଷ୍ୟତକୁ ଅଧିକ ସାବଧାନପୂର୍ବକ କର୍ମ କରିବେ ।

---

ଟିକସ ୧୧ ଧାରା ସମ୍ବନ୍ଧରେ କଲେକ୍ଟରଙ୍କୁ ଅଧିକାର ଯେଉଁ ବିଧାନ ଲଙ୍ଘିତ ହୋଇଅଛି ତହିଁର କିଛିମାତ୍ର ଅନ୍ୟଥା ହେବାକୁ କଥାକାଳରେ ଅମ୍ଭମାନଙ୍କର ଲେଫ୍‌ଟେନାଣ୍ଟ ଗବର୍ଣ୍ଣର ତାହାରକୁ ଅନୁମତି ଦେବେ ନାହିଁ । ଗତ ସପ୍ତାହର ଗେଜେଟରେ ଦେଖିଲୁଁ ଯେ ଜଣେ ପ୍ରାଚୀନ ହାକିମ ଲେଖିଥିଲେ ଯେ ସେ ଦାଂଖ୍ୟଶ୍ରାରେ ହେଜଜ କରିବାର ଅଭ୍ୟାସ କରୁଥିଲେ କରିଅଛନ୍ତି ବର୍ତ୍ତମାନ ତହିଁର ଅନ୍ୟଥା କଲେ [illegible] ମରେ କଟେଗ୍ରି ଦିବାକୁ ଅନୁମତି ପ୍ରାର୍ଥନା କରିଥିଲେ । ଗବର୍ଣ୍ଣମେଣ୍ଟ ତାହା ନାସ୍ତି କରି କହିଅଛନ୍ତି ଯେବେ ତାହାଙ୍କର ଶରୀର ଏପରି ହେବେ ସେ ଦୁଇଗୁଣ କଟେଗି କରିପାରନ୍ତି । ମାତ୍ର ଏପରି ଅଭ୍ୟାସ ହୋଇଥିବାର ଦେଖି ଗବର୍ଣ୍ଣମେଣ୍ଟ କହିଅଛନ୍ତି ଯେ ପୂର୍ବେ କଟେଗିକୁ ଅଧିକାର ଲଘୁ ଅଛି ମତ ଥିବାର ଏଥିରୁ ପ୍ରକାଶ ପାଏ ।

---

କୌଣସି ପାରସୀ ଗ୍ରନ୍ଥକାର ପରମେଶ୍ୱର ଓ ମହମ୍ମଦଙ୍କର ସମ୍ବନ୍ଧ ବିଷୟ ତାହା ଦେଖାଇବା କାରଣ ଗୋଟିଏ ବଚନ ଆରବୀଭାଷାରୁ ଉଦ୍ଧୃତ କରିଅଛନ୍ତି ତହିଁର ଅର୍ଥ ଏହି ଯେ "ହେ ମହମ୍ମଦ ଯେବେ ତୁମ୍ଭେ ନ ଥାନ୍ତ ତେବେ ମୁଁ ଏ ପୃଥିବୀ ଓ ଆକାଶକୁ ସୃଷ୍ଟି କରନ୍ତି ନାହିଁ" ଗତ ସପ୍ତାହର ବାଲେଶ୍ୱର ସଂବାଦବାହିକା ପାଠକରି ଅମ୍ଭମାନଙ୍କ ମନରେ ଏହି ଉଦୟ ହେଲା ଯେ ଉକ୍ତ ପତ୍ରିକା ଓ ବାଲେଶ୍ୱରର କଲେକ୍ଟର ଗ୍ରାମ୍ୟକୁ ବିମ୍ସସାହେବଙ୍କ ମଧ୍ୟରେ ଏହିପ୍ରକାର କିଛି ସମ୍ବନ୍ଧ ଅଛି । ପତ୍ରିକାରେ ଏମନ୍ତ ପ୍ରସ୍ତାବ ନାହିଁ କ ଯହିଁରେ ବିମ୍ସସାହେବଙ୍କ ମହିମା ନ ସ୍ତୁତ ନାହିଁ ଓ ପତ୍ରିକାରେ କେବଳ ତାହାଙ୍କ କଥା ଲେଖାଥିବାରୁ ଅମ୍ଭେମାନେ ବିବେଚନା କରୁଁ ଯେ ଏହାର ନାମ ବାଲେଶ୍ୱର ସଂବାଦବାହିକା ନ ହୋଇ ବିମ୍ସପ୍ରଶଂସା ହେଲେ ଭଲ ହୁଅନ୍ତା ।

ଏହି ପତ୍ରିକାରେ ଗ୍ରେଡ଼ହେଡ ଓ ଫଉଜଦାରୀ କୋର୍ଟ ସମ୍ପର୍କରେ ଅମ୍ଭେମାନେ ବିମ୍ସସାହେବଙ୍କର ଯେଉଁ ଅନ୍ୟାୟ କାର୍ଯ୍ୟର ଉଲ୍ଲେଖ ପୂର୍ବେ କରିଥିଲୁଁ ତହିଁର ଉତ୍ତର ଦିଆଯାଇଅଛି । ତହିଁରୁ ଏତିକି ଜଣାଯାଏ ଅମଲାର ଭୁଲକ୍ରମେ ଗ୍ରେଡ଼ହେଡ ବିଜ୍ଞାପନରେ ଅଳ୍ପସମୟ ଦିଆଯାଇଥିଲା ଓ ରଘୁଯଜ୍ଞାର ମକଦ୍ଦମା ଶୀଘ୍ରମତ କରିବାରେ ମିଥ୍ୟା ଥିବାର ପ୍ରକାଶ ପାଇଅଛି । ଏଥିରେ ବିମ୍ସସାହେବଙ୍କ ସର୍ବଜ୍ଞତା ପ୍ରକାଶ ପାଇଲା ଅଧିନକର୍ମ କାର୍ଯ୍ୟ କରିଥିବା ଦୋଷର ପରିହାର ହେଲା ନାହିଁ । ସ୍ଥାନାଭାବରୁ ଏ ପ୍ରସ୍ତାବଟି ଏ ପତ୍ରିକାରେ ପ୍ରକାଶ କରି ନ ପାରିବାରୁ ବଡ ଦୁଃଖିତ ହେଲୁଁ ।

---

ପଥକର କାଗଜର ଚତୁର୍ଥଭାଗ ଅର୍ଥାତ୍ ଲାଖରାଜ ଜମିର କାଗଜ ଦାଖଲ କରିବାରେ ଯେଉଁ ଜମିଦାରମାନେ ତ୍ରୁଟି କରିଥିଲେ ସେମାନଙ୍କ ଉପରେ ମେକଫର୍ସନ ସାହେବ ଅର୍ଥଦଣ୍ଡ କରିଥିଲେ । ବର୍ତ୍ତମାନର କଲେକ୍ଟର

Digitized by srujanika@gmail.com

Split by PDF Splitter



ଇଭ୍ୱନ ସାହେବ ତାଙ୍କର ପୁନର୍ବିଚାର କରି ଯେ ଅର୍ଥଦଣ୍ଡ ସବୁ କ୍ଷମା ଦେଲେ । ପୁନର୍ବିଚାରର ହେତୁ ଏହି ଯେ ଜମିଦାରମାନଙ୍କ ଆବେଦନରେ ମେକ୍‌ଫର୍ସନ ସାହେବ ଅର୍ଦ୍ଧେ ଅର୍ଥଦଣ୍ଡ କ୍ଷମା ଦେଇଥିଲେ ବାକୀ ଅର୍ଦ୍ଧେ ସକାଶେ ସେମାନେ କମିଶନରରେ ଅପିଲ କରିଥିଲେ । ଏଥିମଧ୍ୟରେ ବୋର୍ଡରୁ ଚିଠି ଆସିଲା ଯେ ସର୍ଭେର କାର୍ଯ୍ୟରେ ବାଧା ଜନ୍ମାଇବା ଅଭିପ୍ରାୟରେ କାଗଜ ଦାଖଲ ନ କରିବାରେ ଉଛାପ୍‌ଙ୍କ ଦୃଷ୍ଟି ସ୍ଥଳେ କେବଳ ଅର୍ଥଦଣ୍ଡ ହେବ ଓ ପୂର୍ବରୁ ହୋଇଥିବା ଅର୍ଥଦଣ୍ଡ ସକଳ ଏ ଅନୁସାରେ ସଂଶୋଧିତ ହୋଇ ପାରିବ ତହୁଁ କମିଶନର ସାହେବ ପୁନର୍ବିଚାର ସକାଶେ କଥିମାନ କଲେକ୍ଟରଙ୍କ ନିକଟକୁ ଫେରାଇ ପଠାଇଲେ ଓ ଇଭ୍ୱନ ସାହେବ ସିଦ୍ଧାନ୍ତ କଲେ ଯେ ଜମିଦାରମାନେ ପ୍ରଥମ ଚତୁର୍ଭାଗ କାଗଜ ସମୟରେ ଦାଖଲ କରିବା ଓ ଚତୁର୍ଥଭାଗ କାଗଜ ପ୍ରସ୍ତୁତରେ ବହୁତ କଷ୍ଟ ଥିବା ଯୋଗୁଁ ସେମାନେ କାର୍ଯ୍ୟରେ ବାଧା ଜନ୍ମାଇବା ଅଭିପ୍ରାୟରେ ତ୍ରୁଟି କରିଥିବାର ବୋଲଯାଇ ନ ପାରେ । ଏହି ବିବେଚନାରେ ସେ ଏଗାର ନମ୍ବର ଜମିମାଳା ସମ୍ବନ୍ଧୀୟ ଓ ଏକ ନମ୍ବରରେ ଟ ୧୦୬-ଙ୍କାରୁ ଟ ୧୨ କା ମୋଟରେ ୮ ୩୦୦ ଟଙ୍କା ଅଧିକ କ୍ଷମା ଦେଲେ । ଇଭ୍ୱନ ସାହେବ ଅତି ସୂକ୍ଷ୍ମବିଚାର କରିଅଛନ୍ତି ସନ୍ଦେହ ନାହିଁ ଓ ସୂକ୍ଷ୍ମ ବୁଝିବାର ଶକ୍ତି ତାଙ୍କର ବିଶେଷ ଅଛି ସେଥି ପାଇଁ ସେ ପ୍ରଶଂସାର ଯୋଗ୍ୟ ଅଟନ୍ତି ।

---

## ପ୍ରଜାବିଦ୍ରୋହ । ✓

ବଙ୍ଗଦେଶର ପ୍ରଜାମାନେ ଅତି ଶାନ୍ତ ଓ ଭୀରୁ ଅଟନ୍ତି । ଏମାନେ କୌଣସି ସମୟରେ ବିଦ୍ରୋହାଚରଣ କରିବେ ଏହା ସ୍ୱପ୍ନର ଅଗୋଚର; ତଥାପି ଆମ୍ଭେମାନେ ଦୁଃଖର ସହିତ ଅବଗତ ହୋଇଅଛୁଁ ଯେ ପାବନା ଜିଲାର ସେରାଜଗଞ୍ଜ ପ୍ରଗଣାର ପ୍ରଜାମାନେ ବିଦ୍ରୋହାଚରଣ କରି ନାନାବିଧ ଉତ୍ପାତମାନ କରିଅଛନ୍ତି । ବଙ୍ଗ ଦେଶର ଇଂରାଜୀ ଓ ବଙ୍ଗଳା ସମ୍ବାଦପତ୍ରମାନଙ୍କରେ ସେମାନଙ୍କ ଅତ୍ୟାଚାରର ଅନେକ ବର୍ଣ୍ଣନା ଲେଖାଅଛି । ଏ କ୍ଷୁଦ୍ର ପତ୍ରିକାରେ ସ୍ଥାନାଭାବ ହେତୁ ସେ ସବୁ ଲେଖିବାରୁ କ୍ଷାନ୍ତ ରହିଲୁଁ । ସଂକ୍ଷେପରେ ଏହି ଯେ ପ୍ରଜାମାନେ ମନ୍ଦଲୋକଙ୍କ ପରାମର୍ଶରେ ମେଳ କରି ଆପଣା ମଧ୍ୟରେ କାହାକୁ ରାଜା କାହାକୁ ସେନାପତି ଓ ଅପରାପର କର୍ମଚାରୀ ନିଯୁକ୍ତ କରି ଜମିଦାର ଓ ଜମିଦାରବର୍ଗଙ୍କ ପ୍ରଜାଙ୍କ ଉପରେ ନାନାବିଧ ଅତ୍ୟାଚାର ଆରମ୍ଭ କରିଅଛନ୍ତି । ଘରପୋଡ଼, ଲୁଟ ଓ ମାଡ଼ପିଟ ଇତ୍ୟାଦି ଉପଦ୍ରବର ଅନ୍ତ ହୋଇଅଛି । ଗବର୍ଣ୍ଣମେଣ୍ଟ ବଙ୍ଗାଳ ଯଥାସମୟରେ ଏହାର ସମ୍ବାଦ ପାଇ ଉଚିତ ବିଜ୍ଞାପନ ପ୍ରଚାର କରିଅଛନ୍ତି ଓ ସ୍ଥାନୀୟ ମାଜିଷ୍ଟ୍ରେଟ ଓ ପୁଲିସ କର୍ମଚାରୀମାନେ ବିଦ୍ରୋହସ୍ଥାନରେ ପ୍ରବେଶ ହୋଇ ସକଳ ବିଷୟ ତଦନ୍ତ ଓ ଅପରାଧୀମାନଙ୍କ ଧର ପକଡ଼ ଆରମ୍ଭ କରିବାରୁ ବିଦ୍ରୋହାନଳ ଅନେକ ପରିମାଣରେ ନିର୍ବାଣ ହୋଇଅଛି, ଭରସା ହୁଅଇ ଯେ ଅଳ୍ପ କାଳ ମଧ୍ୟରେ ଶାନ୍ତି ଲାଭ ହେବ ।

ବିଦ୍ରୋହର ଯଥାର୍ଥ କାରଣ ଅଦ୍ୟାପି ପ୍ରକାଶ ପାଇ ନାହିଁ । ଅନୁମାନ ହୁଅଇ ସେଠା ଜମିଦାରମାନେ କର ଅଧିକ ବସାଇବାକୁ ଚେଷ୍ଟା କରିବାରୁ ଜମିଦାର ଓ ପ୍ରଜାଙ୍କ ମଧ୍ୟରେ ବହୁ ମନାନ୍ତର ହୋଇଥିଲା । ଏଥିରେ ଦୁଷ୍ଟ ଲୋକମାନେ ସୁଯୋଗ ପାଇ ପ୍ରଜାଙ୍କୁ କୁଶିକ୍ଷା ଦେଇ ଲୁଟପାଟ କରିବାଦ୍ୱାରା ଆପଣା ମାନସ ସଫଳ କରିଅଛନ୍ତି । ମୂର୍ଖ ପ୍ରଜାଙ୍କୁ ଯେଉଁମାନେ ଏତାଦୃଶ ଦୁର୍ଘଟଣାରେ ପକାଇଲେ ସେମାନଙ୍କର ଯଥୋଚିତ ଶାସ୍ତି ହେବାର ଉଚିତ ଓ ଆମ୍ଭେମାନେ ଭରସା କରୁଁ ଯେ ସେମାନେ ମାଜିଷ୍ଟ୍ରେଟ ଓ ପୁଲିସଙ୍କ ହସ୍ତରୁ ମୁକ୍ତ ପାଇବେ ନାହିଁ । ଏହା ଦେଖିଲେ ପ୍ରଜାମାନେ ଜାଣି ପାରିବେ ଯେ ବିଦ୍ରୋହଦ୍ୱାରା କିଛି ଫଳ ନାହିଁ । ବୈଧଉପାୟରେ ଆପଣା ଦୁଃଖ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଲେ ସେମାନେ ଯଥାର୍ଥରୂପ ପ୍ରତୀକାର ପାଇବେ ।

ସ୍ଥାନାଭାବରୁ ଗବର୍ଣ୍ଣମେଣ୍ଟଙ୍କ ପ୍ରଚାରିତ ଘୋଷଣାପତ୍ର ଓ ତହିଁରେ ଆମ୍ଭମାନଙ୍କ ମନ୍ତବ୍ୟ ବର୍ତ୍ତମାନ ପ୍ରକାଶ କରି ନ ପାରିଲୁଁ । ଆଗାମୀ ପତ୍ରିକାରେ ସେ ସବୁ ପ୍ରକାଶିତ ହେବ ।

---

## ଉତ୍କଳପୁତ୍ର ଓ ଗଡ଼ଜାତ ରାଜାମାନେ ।

ଗଡ଼ଜାତ ପ୍ରଜାଙ୍କ ଅବସ୍ଥା ବର୍ଣ୍ଣନା ଯାହା ଉତ୍କଳପୁତ୍ରରେ ଲେଖାଅଛି ଆମ୍ଭେମାନେ ଅତ୍ୟନ୍ତ କୌତୁକ ଓ ଦୁଃଖର ସହିତ ପାଠ କଲୁଁ । ଗଡ଼ଜାତ ରାଜାଙ୍କ ଚରିତ୍ର ସମ୍ବନ୍ଧରେ ଏତେ କଥା ପ୍ରକାଶ ହେଉଥିଲେହେଁ ସେମାନେ ଏସବୁ କିଛି ନ ଶୁଣି ନିଶ୍ଚିନ୍ତପରି ଅବଧ ରହିଅଛନ୍ତି ପୁଣି ଏହାଙ୍କ ଅଜ୍ଞତା କେବେ ଦୂର ହେବ କିଛି ଅନୁମାନକୁ ଆସୁ ନାହିଁ ବୋଲି ଦୁଃଖ ହେଉଅଛି । ଭାରତବର୍ଷର ଅନ୍ୟାନ୍ୟ ସଭ୍ୟ ପ୍ରଦେଶରେ ଯେପ୍ରକାର ଉନ୍ନତି ହୋଇଅଛି ଓଡ଼ିଶା ଯେବେ ଅଦ୍ୟାପି ସେରୂପ ହୋଇ ନାହିଁ ତହିଁର କାରଣ ଏହି ଯେ ଓଡ଼ିଶାରେ ଅନ୍ୟ ପ୍ରଦେଶମାନଙ୍କର କୌଣସିପ୍ରକାର ସମ୍ପର୍କ ନାହିଁ ଗମନାଗମନର ସୁଗମ ସୁଯୋଗ ନ ଥିବାରୁ ଅନ୍ୟ ପ୍ରଦେଶର ସଭ୍ୟ ଲୋକମାନେ ଏଠାକୁ ଅଧିକ ଆସନ୍ତି ନାହିଁ କିମ୍ବା ଏଠାଲୋକ ଯାନ୍ତି ନାହିଁ । ବିଶେଷ ଉନ୍ନତିକୁ ପ୍ରାପ୍ତ ହୋଇଥିବା ନଗରମାନଙ୍କ ମଧ୍ୟରେ ଓଡ଼ିଶାକୁ କଲିକତା ଅତି ନିକଟ କିନ୍ତୁ କୌଣସି ବାଙ୍ଗାଳୀ କି ମୁଖ୍ୟ ଲୋକ ଏଠାର କେତେ ଭଦ୍ରଲୋକ କଲିକତା ଦେଖି ଆସିଅଛନ୍ତି ? ଏନଗର ମଧ୍ୟରେ ଖୋଜିଲେ ପ୍ରାୟ କି ୧୦ ଣ ଭଦ୍ରଲୋକ ମିଳି ବାହାରିବେ ନାହିଁ, ଯେଉଁମାନେ କି କଲିକତାର ସମ୍ଭ୍ରାନ୍ତ ଲୋକଙ୍କ ସହିତ କିଛିକାଳ ସହବାସ କରି ଉନ୍ନତିବିଷୟମାନଙ୍କର ଆଲୋଚନା କରିବାକୁ ଶିଖିଅଛନ୍ତି; ତଥାଚ ଓଡ଼ିଶାର ମୋଗଲବନ୍ଦୀ ଓ ଗଡ଼ଜାତ ସମ୍ପର୍କରେ ସେରୂପ କୋହିଯାଇ ନ ପାରେ ଏଠାରୁ ରାଜାମାନେ କେବେ ଆସୁଅଛନ୍ତି ଓ ତାହାଙ୍କର ଦେଶୀୟ ଲୋକ ଓ କର୍ମଚାରୀମାନେ କସ୍ମିନ୍‌କାଳେ ଏଠାକୁ ଆସିବା କରୁଅଛନ୍ତି ଏମନ୍ତ ଘଟିବା ପ୍ରତ୍ୟକ୍ଷେ ମୋଗଲବନ୍ଦୀରେ ଯତ୍କିଞ୍ଚିତ ଉନ୍ନତି ଯାହା ଦେଖାଯାଏ ତହିଁର କିଛିମାତ୍ର ଯେ ଗଡ଼ଜାତରେ ପ୍ରତ୍ୟକ୍ଷ ହେଉ ନାହିଁ ଏହା ଅତି ଶୋଚନୀୟ ବ୍ୟାପାର ଅଟଇ ।

ବଉମ୍ବା ରାଜାଙ୍କ ବିଷୟରେ ଉତ୍କଳପୁତ୍ର ଲେଖିଅଛନ୍ତି ଯେ ରାଜା ସଙ୍ଗୀତ ଭଳି ବସ୍ତୁଂ କରିବ ଅଭ୍ୟାଇବାରେ ବଡ଼ ମଜା ଅନୁଭବ କରନ୍ତି ଓ ପ୍ରାୟ ପ୍ରତିଦିନ କିଛିକାଳ ଏହି ଆମୋଦରେ ଅତିବାହିତ କରନ୍ତି । ଆମ୍ଭେମାନେ ଶୁଣିଅଛୁଁ ଯେ ବଉମ୍ବା ରାଜା ନବଯୁବା ଅଟନ୍ତି ସୁତରାଂ କୌତୁକ ଦେଖିବା ଲାଗି ନାନାପ୍ରକାର ପଶୁପକ୍ଷୀ ପାଳିବାକୁ ସଉକ ପାନ୍ତି । ଏକା ବଳଦ ନାହିଁ କି ହାତୀ ଘୋଡ଼ା ଓ ଅନ୍ୟାନ୍ୟ ପଶୁ ମଧ୍ୟ ବହୁ ଲୋଡ଼ନ୍ତି ଓ ଯାଚାନୁସାରେ କ୍ରୟ କରନ୍ତି । ବଳଦ ଉପରେ ତାହାଙ୍କର ଲୋଭ ଅଧିକ ଏଥିପାଇଁ ଦକ୍ଷିଣରୁ ବହୁତ କି ପାଞ୍ଚଶ ଟଙ୍କାରେ ଯୋଡ଼ାଏ ବଳଦ କିଣି ଆଣି ରଖିଅଛନ୍ତି । ସଙ୍ଗତ ଚଳନ୍ତି ବୋଲି ଯେ କଥା ହୋଇଅଛି ସେ ବୋଧହୁଏ ସଙ୍ଗତ ନ ହୋଇ ବସ୍ତିକା ସାଜି ଅଟଇ ତହିଁରେ ରତି ଦୃଢ଼ବା ବଡ଼ ଉତ୍ସାହ

Digitized by srujanika@gmail.com

ନୁହଇ ତେବେ ଘୋଡା ଗାଡି ଯାହାକୁ ସୁନ୍ଦର ସେ କାହିଁକି ବଳଦଗାଡିର ପ୍ରେମୀ ହେବ ? ଏହା ବୋଲି ବଳଦପ୍ରତି ଅଛିବା ପ୍ରକାଶ କରିବାପାଇଁ ଅମ୍ଭେମାନେ ରାଜାଙ୍କୁ ଉପଦେଶ ଦେଉ ନାହୁଁ ବରଂ ବଳଦପ୍ରତି ତାହାଙ୍କର ସ୍ନେହ ବଳିବାରୁ ଅମ୍ଭେମାନେ ଆନନ୍ଦିତ ହୋଇଅଛୁଁ ତେବେ ଅମ୍ଭେମାନେ ଏତିକି ଭରସା କରୁଁ ଯେ ବଳଦକୁ ଗାଡିରେ ନ ଯୋଚି ତଦ୍ଦ୍ୱାରା ଜଗତର ଯେଉଁ ପ୍ରଧାନ ହିତକାର୍ଯ୍ୟ ସାଧନ ହୁଅଇ ତହିଁରେ ମନୋଯୋଗୀ ହେଉନ୍ତୁ । କୃଷି ବଳଦର ପ୍ରଧାନ କାର୍ଯ୍ୟ ଯେମନ୍ତ ବଳିଷ୍ଠ ବଳଦ ହେବ ତାହାଦ୍ୱାରା ତେମନ୍ତ ଅଧିକ ଭୂମି କର୍ଷଣ ହୋଇ ପାରିବ । ଏଠା ବଳଦସବୁ ଦୁର୍ବଳ ବୋଲି ଲଙ୍ଗଳ ଲୁହା ମଧ୍ୟ ସାନ ଓ ହଳରେ ଯେ ହଳ ହୁଅଇ ତହିଁରେ ଗାର କୁଅଁଳ ଭୂମିରେ ଲୁହା ପ୍ରବେଶ କରଇ କ ନାହିଁ ସନ୍ଦେହ । ବଳଶାଳୀ ବଳଦ ଓ ବଡ ଲଙ୍ଗଳଲୁହାଦ୍ୱାରା ଅଧଫୁଟ ବା ଏକଫୁଟ ଗାଢରେ ଚଷ ହୋଇପାରେ ଓ ତହିଁରେ ଯେ କୃଷି ବର୍ତ୍ତମାନଠାରୁ ଅନେକ ଉତ୍ତମ ହେବ ଏଥିରେ ବିନ୍ଦୁମାତ୍ର ସନ୍ଦେହ ନାହିଁ । ଏଥକୁ ବଡମ୍ବା ରାଜାଙ୍କଠାରେ ଯେମନ୍ତ ବଳଧନମାନ ଅଛି ପ୍ରାୟ ଓଡ଼ିଶାରେ ଏମନ୍ତ ଅନ୍ୟ କାହାରିଠାରେ ଥିବାରୁ ସାହସ କରି ବୋଲାଯାଇ ନ ପାରେ ଯେବେ ଉକ୍ତ ବଳଦଙ୍କ ସହାୟରେ ସେଠା ଉତ୍କୃଷ୍ଟ କୃଷିକାର୍ଯ୍ୟର ଫଳ ଦେଖାଇପାରନ୍ତି ତାହା ହେଲେ ତାହାଙ୍କର ବଳଦ ପାଳିବା ସାର୍ଥକ ହେବ ଓ ଯେଉଁମାନେ ହାତୀ ଘୋଡା ପୋଷିବାଦ୍ୱାରା ଅପଣା ଗୌରବ ଦେଖାନ୍ତି ସେମାନେ ସୁଦ୍ଧା ଏହାଙ୍କଠାରେ ଲଜ୍ଜିତ ହେବେ । କାରଣ ଓଡ଼ିଶା କୃଷି ପ୍ରଧାନ ଦେଶ ଓ ବଳଦ କୃଷିକାର୍ଯ୍ୟର ପ୍ରଧାନ ବଳ ଥିବାରୁ ତାହା ଏଦେଶୀୟଙ୍କଠାରେ ଅଧିକ ଆଦରର ପାତ୍ର ମାତ୍ର ଦ୍ରବ୍ୟର ପ୍ରକୃତ ବ୍ୟବହାର ନ କଲେ ସେ ଦ୍ରବ୍ୟ ଥିବା ନ ଥିବା ଉଭୟ ସମାନ । ଅତଏବ ଅମ୍ଭେମାନେ ବଡମ୍ବା ରାଜା ଓ ତାହାଙ୍କ ସଦ୍ଧିସତ୍ତ୍ୱମାନଙ୍କୁ ଅନୁରୋଧ କରୁଅଛୁଁ ଯେ ଉପରିଲିଖିତ କଥାସବୁ ଆଲୋଚନା ପୂର୍ବକ ଉତ୍କୃଷ୍ଟ ବଳଦଦ୍ୱାରା କୃଷିକାର୍ଯ୍ୟର ଉନ୍ନତି କରି ହୋଇପାରେ ଅସ୍ମଦ୍ଦେଶୀୟ ଲୋକଙ୍କୁ ତହିଁର ପରିଚୟ ଦେଉନ୍ତୁ ।

---

## ବାଙ୍କିର ତହସିଲଦାର

ବାଙ୍କିର ନୂତନ ତହସିଲଦାର ଉଦ୍ୟୋଗ ବିଷୟରେ ଅମ୍ଭେମାନେ ଏଥିପୂର୍ବେ ସବିସ୍ତାରଣର ନାନା ପ୍ରକାଶ କରିଅଛୁଁ । ବର୍ତ୍ତମାନ ସେ କିରୂପ କର୍ମ କରୁଅଛନ୍ତି ତହିଁର ପରିଚୟ ଦେବାପାଇଁ ଗୋଟିଏ ମକଦ୍ଦମାର ବୃତ୍ତାନ୍ତ ନିମ୍ନେ ଲେଖୁଅଛୁଁ ।

ବାଙ୍କିରେ ଚଉଦ୍ଧ ସାହୁ ନାମକ ଜଣେ ବ୍ୟକ୍ତି ଶିବସାହୁର ପାଞ୍ଚଶ ଟଙ୍କା ଧାରୁଥିଲା ଓ ଶିବ ତାଙ୍କୁ ଟଙ୍କା ଅନେକଥର ମାଗିଲେହେଁ ସେ କେବଳ ଟାଳିବାରେ ରହିଲା । ଶେଷରେ ଟଙ୍କା ମିଳିବାର ଆଉ ଆଶା ନ ଦେଖିବାରୁ ଦିନେକରେ ଶିବ ତାକୁ ଧରି କହିଲା କି ଟଙ୍କା ନ ଦେଲେ ଛାଡିଦେବ ନାହିଁ ଓ ଗୋଟାଏ ଦୁଇଟା ମାରିବାର ମଧ୍ୟ ଲୁହାଯାଏ କିନ୍ତୁ ଏଥିର ଯଥେଷ୍ଟ ପ୍ରମାଣ ନାହିଁ । ଶିବ ଚଉଦ୍ଧିକୁ କିମ୍ବୁଳକ୍ଷଣ ଅଟକାଇ ରଖି ଟଙ୍କା ନ ପାଇବାରୁ କିମ୍ବା ତହିଁର କିଛି କଟକଣା ନ ହେବାରୁ ତାକୁ ପୁଲିସ କଟକୁ ନେଇ ବାହାରିଲା ( ସେଠାଲୋକେ ଅଙ୍କତା ହେଉ ପୁଲିସରେ ସବୁ ବିଷୟର ଗୁହାରି କରନ୍ତି) ଓ ବାଟରେ କେତେକ ଭଲଲୋକ ଭେଟିବାରୁ ସେ ଦୁହିଙ୍କ ବିବାଦ ଶୁଣି ସେମାନଙ୍କୁ ଲେଉଟାଇ ଆଣିଲେ କିନ୍ତୁ ଏଣେ ଚଉଦ୍ଧିକର ଲୋକ ତାକୁ ଶିବ ଅଟକାଇ ରଖିବା ବିଷୟର ସମ୍ବାଦ ପୁଲିସରେ ଦେଇ ଥିବାରୁ ମୁନ୍ସି ଇନସ୍ପେକ୍ଟରଙ୍କ ମୀମାଂସା ନ ମାନି ଶିବକୁ ଉକ୍ତ ଅପରାଧରେ ତହସିଲଦାରଙ୍କ ଆମଲକୁ ଚାଲାଣ କଲେ । ତହସିଲଦାର ଏ ମକଦ୍ଦମାର ବିଚାର କରି ଅପରାଧ ଦଣ୍ଡବିଧିର ଧା ୩୪୨ ଓ ୩୪୮ ଧା ଭଳେ ଅପରାଧୀ ସିଦ୍ଧାନ୍ତ କଲେ ଓ ଶିବକୁ ଚାରିବର୍ଷ କଏଦ ଓ ଦୁଇଶତ ଟଙ୍କା ଅର୍ଥଦଣ୍ଡ କରିବା ପ୍ରାର୍ଥନାରେ କଥି ଓ ଉଭୟ ପକ୍ଷଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ନିକଟକୁ ପଠାଇଲେ । କାରଣ ଏତେ ଦଣ୍ଡ ଦେବା ତାଙ୍କର କ୍ଷମତା ନାହିଁ । ସାହେବ ଏ ମକଦ୍ଦମା ବାବୁ ହରେକୃଷ୍ଣ ଦାସ ଏସିଷ୍ଟାଣ୍ଟଙ୍କୁ ଅର୍ପିବାରୁ ସେ ଏଥିର ବିଚାର କରି ଶିବପ୍ରତି ଅଟକାଇବା ଅପରାଧରେ ଦଣ୍ଡବିଧିର ଦ ୩୪୧ ଧାରାରେ କେବଳ ଏକଶତ ଟଙ୍କା ଅର୍ଥଦଣ୍ଡ କଲେ ।

ଅମ୍ଭେମାନେ ତହସିଲଦାରଙ୍କ ବିଚାରରେ ଅତି ଚକିତ ହୋଇଅଛୁଁ ଯେହେତୁ ଧା ୩୪୨ ର ମର୍ମ ଏହି ଯେ କୌଣସି ବ୍ୟକ୍ତି କାହାରିକୁ ଦୋଷ ସ୍ୱୀକାର କରାଇବା କିମ୍ବା କୌଣସି ଅପରାଧ ସଂକ୍ରାନ୍ତ ସନ୍ଧାନ ପାଇବା କିମ୍ବା ବଳପୂର୍ବକ ଦ୍ରବ୍ୟ ଉଦ୍ଧାର କରାଇବା ସକାଶେ ଇଚ୍ଛାପୂର୍ବକ ଗୁରୁତର ପୀଡା ଜନ୍ମାଇଲେ ତାହାର ଦଶବର୍ଷର ଅନଧିକ କାଳ କାରାବାସର ଦଣ୍ଡ ହେବ ଓ ମଧ୍ୟ ଅର୍ଥଦଣ୍ଡ ହୋଇପାରିବ । ଏ ମକଦ୍ଦମାରେ ଗୁରୁତର ପୀଡା କଥା କେଶିକି ଥାଉ ଅଦୌ ପୀଡା ହୋଇ ନାହିଁ ଓ ମାର ପିଟର ମଧ୍ୟ ଯଥେଷ୍ଟ ପ୍ରମାଣ ନାହିଁ । ତହସିଲଦାର ନିରୂପେ ଏତେ ବଡ ଧାରାକୁ ଏ ମକଦ୍ଦମାରେ ଖଟାଇଲେ ଆଶ୍ଚର୍ଯ୍ୟର ବିଷୟ ଅଟେ । ସାମାନ୍ୟ ବୁଦ୍ଧିର ଲୋକ ମଧ୍ୟ ଏ ଧାରାକୁ ଖଟାନ୍ତା ନାହିଁ । ଧା ୩୪୮ ର ମର୍ମ ଏହି ଯେ ଯଦି କେହି କାହାରିକୁ ଅପରାଧ ସ୍ୱୀକାର କରାଇବା କିମ୍ବା କୌଣସି ଅପରାଧର ଅନୁସନ୍ଧାନ ପାଇବା ଅବା ଦେଣ ପରିଶୋଧ କିମ୍ବା ସମ୍ପତ୍ତି ଉଦ୍ଧାର କରାଇବା ସକାଶେ ଅନ୍ୟାୟରୂପେ କଏଦ କରେ ତେବେ ସେ ତିନିବର୍ଷର ଅନଧିକ କାଳ କଏଦ ହେବ ଓ ଅର୍ଥଦଣ୍ଡ ମଧ୍ୟ ହୋଇପାରିବ । ଦଣ୍ଡବିଧିର ଧା ୩୪୦ ରେ ଅନ୍ୟାୟରୂପେ କଏଦର ଯେ ବର୍ଣ୍ଣନା ଓ ଦୃଷ୍ଟାନ୍ତ ଅଛି ତଦନୁସାରେ ଶିବର ଚଉଦ୍ଧିକୁ ଅଟକାଇବା କାର୍ଯ୍ୟ ଅନ୍ୟାୟରୂପେ କଏଦ କରିବାର ହେଉ ନାହିଁ ଓ ଯୁକ୍ତିରେ ମଧ୍ୟ ଏହା କଏଦ ନୁହେ ସୁତରାଂ ଦ ୩୪୮ ଧା ମଧ୍ୟ ଏ ମକଦ୍ଦମାରେ ଖଟି ନ ପାରେ । ଦଣ୍ଡବିଧି ଖଟାଇବାରେ ଏପରି ଭୟଙ୍କର ଭୁଲ ନ ହେଲେ ମଧ୍ୟ ସାମାନ୍ୟ ପ୍ରକାର ଭୁଲ ଅନେକ ବିଚାରକର୍ତ୍ତାଙ୍କଦ୍ୱାରା ହୁଏ ସେଥିପାଇ ତାହା ତାଦୃଶ ଦୋଷ ନୁହେ କିନ୍ତୁ ଏ ମକଦ୍ଦମାରେ ବିନ୍ଦୁ ଗୁରୁତର ଘଟନା ନ ଥିବା ପ୍ରତ୍ୟକ୍ଷେ ତହସିଲଦାର ଯେ ଏକାବେଳକେ ପ୍ରତିବାଦୀକୁ ଚାରିବର୍ଷ କଏଦ ଓ ଦୁଇଶତ ଟଙ୍କା ଅର୍ଥଦଣ୍ଡ କରିବା ସକାଶେ ଅନୁରୋଧ କଲେ ବଡ ଆଶ୍ଚର୍ଯ୍ୟର ବିଷୟ ଅଟଇ । ପୁନଶ୍ଚ ଉପର୍ଯ୍ୟୁକ୍ତ ଉଭୟ ଧାରାର ଅପରାଧର ବିଚାର କରିବାର ତହସିଲଦାରଙ୍କର କ୍ଷମତା ନାହିଁ ସେ କେବଳ ପ୍ରଥମ ଥରି ଅନୁସନ୍ଧାନ କରି ପ୍ରମାଣ ପାଇଥିଲେ ସେହିପରି ଅର୍ପଣ ପ୍ରାପ୍ତ ଅଭିଯୁକ୍ତ ବ୍ୟକ୍ତିକୁ ବିଚାର ନିମିତ୍ତ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିକଟକୁ ପ୍ରେରଣ କରିଥାନ୍ତେ ସେ ଯେ ଦଣ୍ଡାଜ୍ଞା ନିର୍ଦ୍ଦିଷ୍ଟ କରି ମକଦ୍ଦମା ପଠାଇଲେ ଏହା ଅନୁଚିତ, ଅଇନବିରୁଦ୍ଧ ଏବଂ ତାଙ୍କ କ୍ଷମତାର ଅତିରିକ୍ତ କାର୍ଯ୍ୟ ଅଟଇ । ବର୍ତ୍ତମାନ ହରବାବୁଙ୍କ ବିଚାରପ୍ରତି ଦୃଷ୍ଟି କହିବାର ଅଛି ଅମ୍ଭମାନଙ୍କ ବିବେଚନାରେ ଏ ମକଦ୍ଦମାରେ ଧା ୩୪୧ ଖଟି ନ ପାରେ କାରଣ ସେ ଧାରା କେବଳ ବାଟ ଅବରୋଧ ପକ୍ଷରେ ଅଟଇ ଓ

Split by PDF Splitter

Digitized by srujanika@gmail.com

ବଣ୍ଡାଙ୍କ କଷ୍ଟଭୂ କଠିନ ହୋଇଅଛି । ଅମ୍ଭେମାନେ ବୋଧକରୁଁ ଯେ ଶିବ ଚତୁର୍ଦ୍ଦଶୀକୁ ଧର ଓ କଷ୍ଟଭୂକ୍ଷଣ ଅଟକାଇ ଟଙ୍କା ପରିଶୋଧ କରିବା ପ୍ରଜାମାନଙ୍କୁ କୋଇଁଦିବାକୁ ଯେ ଡାହାପ୍ରତି ଅପରାଧ-ସ୍ୱତ୍ତ ବଳି ପ୍ରକାଶ କରିଅଛି ତ ଯାହା ୪୦୬ଧାରାନୁସାରେ ଦଣ୍ଡନୀୟ ଅଟେ । ଏପରୁ ଦଫାର ଲୁଭ ଭାବୁଗ ଧର୍ତ୍ତବ୍ୟ ନୁହେ ଓ ବାବୁଙ୍କର କର୍ମରକୁ ଅନ୍ୟାୟ ବା ଅବାହିତ ବୋଲାଯାଇ ନ ପାରେ ।

ପାଠକମାନେ ମନେକରିବେ ଯେ ଅମ୍ଭମାନଙ୍କର ପୂର୍ବପ୍ରକାଶିତ ମନ୍ତବ୍ୟ ଉକିଲମାନଙ୍କର ଏ କାର୍ଯ୍ୟ ପୋଷଣ କରୁଅଛି ଏହା ଦସ୍ତୁର ସତ୍ୟ ଅଟେ ମାତ୍ର ଅମ୍ଭେମାନେ କେବଳ ଯଥାର୍ଥ ଉତ୍ତମରୂପେ କାର୍ଯ୍ୟ ଚଳିବା ମାନସରେ ଅଧିକ ଉପଯୁକ୍ତ ଓ ସୁଶିକ୍ଷିତ ଲୋକ ନିଯୁକ୍ତ କରିବାର ଅନୁରୋଧ କରୁ ନ ଥିଲୁଁ ଶୀଳାଧ ବାବୁ କମର କାର୍ଯ୍ୟରେ ନୂତନ ଅଟନ୍ତି ଓ ଇଂରାଜୀରେ ସୁଶିକ୍ଷିତ ନ ଥିବାରୁ ଅଇନକାନୁନ ବୁଝିବାରେ ଭ୍ରମଶୀଳ ହେଉଅଛନ୍ତି କିନ୍ତୁ କିଛିଦିନ ଅନୁଭବ କଲେ ସୁଧୁରି ପାରନ୍ତି ଓ କର୍ମ ଉତ୍ତମରୂପେ ଚଳାଇ ପାରନ୍ତି କିଆଁପି ସୁଶିକ୍ଷିତଲୋକ ଯେପରି ସୁନ୍ଦରରୂପେ ଚମ୍ରୁ କାର୍ଯ୍ୟ ନିର୍ବାହ କରିବ ସେପରି କି ଅଳ୍ପ ଶିକ୍ଷିତଲୋକ କରିପାରିବ? ଏହା କିନ୍ତୁ ଅମ୍ଭମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ଏହି ଯେ ବାଙ୍କି ଅତି ଅସଭ୍ୟ ଦେଶ ଓ ସେଠା ଲୋକେ କାଡ଼ାଗ୍ର ଅଜ୍ଞ ଓ ଦୁରବସ୍ଥାରେ ଅଛନ୍ତି । ନବ୍ୟ ସଭ୍ରାନ୍ତପୁର ସୁଶିକ୍ଷିତ ଓ ଉପଯୁକ୍ତ ଲୋକ ଉପସ୍ଥିତ ହୋଇଥିଲେ କାର୍ଯ୍ୟ ଉତ୍ତମରୂପେ ଚଳନ୍ତା ଏବଂ ବିଦ୍ୟାଶିକ୍ଷା ଓ ଲୋକଙ୍କର ଅବସ୍ଥା ଉନ୍ନତି ପକ୍ଷରେ ବିଶେଷ ଚେଷ୍ଟା କରନ୍ତା ଓ ମଧ୍ୟ ଗୁଡ଼ସ୍ତବକ୍ଷିତ ବହୁଳ ଉପାୟ କଳ୍ପନା କରନ୍ତା ବାଙ୍କି ଓ ଅନସ୍ଥଳ ସରକାରଙ୍କ ଅଧୀନ ଅଟଇ ସେଥିର ଅବସ୍ଥା ଉନ୍ନତ କରିବାଦ୍ୱାରା ଗଡ଼ଜାତ ମଧ୍ୟରେ ଦେଶବୃଦ୍ଧି ଅଦର୍ଶ ଗଡ଼ଜାତ କରିବାର ସରକାରଙ୍କର ଉଚିତ କିନ୍ତୁ ସୁଶିକ୍ଷିତ ଲୋକ ନିଯୁକ୍ତ ନହେବେ ଏକାର୍ଯ୍ୟ କଦାପି ସାଧନ ହୋଇ ନ ପାରେ । ଯଦ୍ୟପି ସୁପରିଣ୍ଟେଣ୍ଡେଣ୍ଟ ସାହେବ ଏଥିରେ ଦୃଷ୍ଟି କଲେ ତେବେ ଅତି ସହଜରେ ଦ୍ୱାରା କର୍ମ ନିର୍ବାହର ଉନ୍ନତି ହେଉଁଠି ରହିବ । ସୁଶିକ୍ଷିତ ଲୋକ ନିଯୁକ୍ତ କରିବାରୁ ଅନ୍ତର ଗୋଟିଏ ଲାଭ ହୋଇଥାନ୍ତା ଅର୍ଥାତ୍ ଉଚ୍ଚଶିକ୍ଷା ପ୍ରତି ଉତ୍ସାହ ପ୍ରଦାନ ହୋଇଥାନ୍ତା । ସୁଶିକ୍ଷିତ ଲୋକମାନଙ୍କୁ ଉଚ୍ଚକର୍ମ ନ ଦେଲେ ଶିକ୍ଷା ପ୍ରତି ଲୋକଙ୍କର ଅନୁରାଗ ଅତ କାହିଁ ବଢ଼ିବ । ଲୋକଙ୍କୁ କେବଳ ଉପଦେଶ ଦେଲେ ଅଥବା ଧମକାଇଲେ ଶିକ୍ଷାର ଆଦର ଅଧିକ ହୁଅଇ ନାହିଁ, ଯେଉଁ କାର୍ଯ୍ୟରେ ତାହା ସାଧନ ହୋଇପାରେ ତାହା କର୍ତ୍ତୃପକ୍ଷଙ୍କର କରିବାର କର୍ତ୍ତବ୍ୟ । ଏ ସ୍ଥଳେ ସୁବିଜ୍ଞ ସାହେବ କଡ଼ ସୁଦୃଢ଼ ଅଛନ୍ତି ସନ୍ଦେହ ନାହିଁ ।

---

# ସାପ୍ତାହିକସଂବାଦ ।

ଗତ ବ ୧୦।୧୧ କରୁ ପ୍ରତିଦିନ ମେଘାଚ୍ଛନ୍ନ ହୋଇ ଏକାଠି ସମୟରେ ଝିପିରି ବର୍ଷା ହେଉଅଛି ଏବ ନଦୀ କେତେକ ବୃଦ୍ଧି ହୋଇଅଛି ମାତ୍ର ପ୍ରଚୁର ବର୍ଷା ଅଭାବରେ କୃଷିକାର୍ଯ୍ୟର କୌଣସି ଉପକାର ହୋଇ ନାହିଁ । କେବଳ ବଥଳୀ ପକ୍ଷରେ କିଛି ଭଲ ହୋଇଅଛି ।

ଗତ ଗୁରୁବାର ସୁଭାହାଟରେ ଜଣେ ପଣ୍ଡିତଙ୍କ ଦସାରେ କେହି ପଣି କବାଟ ଭାଡି, କାଡ଼ୁନ ଓ ସିନ୍ଦୁକ ଭାଙ୍ଗି ନଗଦ ୫୦୦ଙ୍କା ଓ ଅଲଙ୍କାର ଗାଳ ପ୍ରଭୃତି ସବୁ ଲୁଗା ହସ୍ତଗତ କରିଥିଲା । ମାତ୍ର କୋଷ୍ଠ କବାଟ ଉଠାଇବା ସମୟରେ ଟଙ୍କା ଖଣ୍ଡେ ଗଳି କରିବାରୁ ପଣ୍ଡିତଙ୍କର ଜଣେ ପଲୁଅ ଉଠି ଚୋରକୁ ମାଡ଼ ଦେଲା ଚୋର ଦୁଇ ଜଣଙ୍କର ଯୁବ ହେବାରୁ ଚୋର ଉକ୍ତ ପଲୁଅକୁ ବିଶେଷ ପ୍ରହାର କଲା । ଏହି ଗୋଳରେ ଦସାର ଅନ୍ୟ ଲୋକମାନେ ଉଠିବାରୁ ଚୋର ସବୁ ଛାଡ଼ି ପଳାଇଲା । ଚୋର ଚିହ୍ନା ପଡ଼ି ନାହିଁ ଓ ପୁଲିସ କନଷ୍ଟେବଲ ଚେଷ୍ଟା କରିବାରେ ଚତ୍ରାବେସାଙ୍କୁ ସ୍ମୃତି କରୁଥିଲେ ଜଣା ନାହିଁ ।

ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟ କଲିକତାରେ ବସିଥିବା ଭାରତବର୍ଷର ଅସ୍ଥ ବାସ୍ଥ ସଂସ୍ଥାର କମିଟୀଙ୍କ ନିକଟରେ ସାକ୍ଷ୍ୟ ଦେବା କାରଣ ଯିବାକୁ ବାଞ୍ଛା କରି ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରିଅଛନ୍ତି । ଏ ମହାଶୟ କେଉଁ ବିଷୟରେ ସାକ୍ଷ୍ୟ ଦେବେ ପ୍ରକାଶ ପାଇ ନାହିଁ ।

ଓଲଉଡା ବ୍ରେମ ସଞ୍ଜୁତ ଏ ନଗରକୁ ବଦୁଲି ହୋଇଅଛି । କଡ଼ ଅଜଗର ବସ୍ତୁ ଅଟଇ ।

ପାଞ୍ଚ ଟଙ୍କାରୁ ଅଧିକ ମୂଲ୍ୟର ଡାକଟିକଟ କେହି କ୍ରୟ କଲେ ସରକାର ତାହାକୁ ଏକ ଟଙ୍କାରେ ଚଉପଇସା ଲେଖାଏ କମିଶନ ଦେଉଥିଲେ ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ତାହା ରହିତ କରି ଅଛନ୍ତି ଏଥିରେ ମହାଜନଙ୍କର ବିଶେଷ କ୍ଷତି ହୋଇଅଛି ।

ମଧ୍ୟପ୍ରଦେଶରେ ପଣ୍ଡାହାର ନାମରେ ଗୋଟିଏ ଟାଉନ ଅଛି । ଲର୍ଡ ନର୍ଥବ୍ରୁକ ସାହେବ ଦୁଇଶିଲୋକଙ୍କୁ ଉକ୍ତ ଟାଉନର ମୂର୍ତ୍ତି ଦେବାକାରଣ ଉକ୍ତ ଟାଉନର କରଚଲାବସ୍ତକୁ ଅଣାଇଅଛନ୍ତି । ମହାମାନ୍ୟ ପ୍ରଧାନଧୂସାହେବଙ୍କ ଯୋଗେ ଟାଉନ ଦେଖା ବାକ୍ତିଙ୍କର ବେଳେ ଉପକାର ହେଲାଣି ଓ ଅନ୍ତର କେତେ ଉପକାର ହେବ ବୋଲାଯାଇ ନପାରେ ।

ମାନ୍ତ୍ରାଜ ବାଳକ ଲାଭ ଅଲ୍ପ ଥିବାର ଦେଖାଯାଏ ଭଲ ରୁ ମାସ ଠାଇ ଶତକଡ଼ା ଚଉଟଙ୍କା ଲେଖାଏ ଲଭ ଦିଆ ଯାଇଅଛି ଅର୍ଥାତ୍ ବର୍ଷକୁ ଶତକଡ଼ା ଚଉଟଙ୍କା ଲେଖାଏ ପଡ଼ଇ ।

ଦେଓ୍ୱାନୀ ଅଦାଲତର ଛୁଟୀ ସଂଖ୍ୟା କର୍ତ୍ତନ କରିବା ସକାଶେ ଲେଫ୍ଟେନେଣ୍ଟ ଗବର୍ଣ୍ଣର ସାହେବଙ୍କର ହାଇକୋର୍ଟ ସହିତ ଲଢ଼ାଇ ହୋଇଥିଲା ତାକୁ ଦୁର୍ଗୋତ୍ସବଗତ ଛୁଟିର ସଂଖ୍ୟା ଅନ୍ୟନ୍ୟରୂପ ନିର୍ଣ୍ଣୟ ହୋଇଅଛି ଓ ହାଇକୋର୍ଟଙ୍କୁ ଏହା ଛୁଟିର ବନ୍ଦୋବସ୍ତ କରିବାର କ୍ଷମତା ଅଛି । ସୁତରାଂ ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କର ଡାଲି ଗଳିଲା ନାହିଁ ।

---

## ବିଜ୍ଞାପନ ।

---

ଗଣେଶପାଠ ଉକଟସ୍ଥ ଉଗ୍ରବଳୀଭକ୍ତିପ୍ରଦାୟିନୀ ସଭାରେ ଶ୍ରୀଯୁକ୍ତ ବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟ ମହାଶୟ ଆଗାମି ତା ୨୩ ଇଶ ଜୁଲାଇ ବୁଧବାର ସନ୍ଧ୍ୟା ୭ ଘଣ୍ଟା ସମୟରେ ହିନ୍ଦୁମାନଙ୍କ ଧର୍ମ ଶିକ୍ଷା ବିଷୟରେ ବକ୍ତୃତା କରିବେ, ଅତଏବ ସର୍ବସାଧାରଣଙ୍କୁ ଜଣା କରାଯାଉଅଛି ଯେ ଅନୁଗ୍ରହ ପୂର୍ବକ ଉକ୍ତ ସଭାରୁ ଆଗମନକର ଶର୍ବ ବାଧିତ କରିବା ହେବେ ।

୧୭।୭।୭୬ ଶ୍ରୀ କାଶୀନାଥ ମିଶ୍ର ।

---

## ମୂଲ୍ୟପ୍ରାପ୍ତି ।

---

ବାବୁ ଜନାର୍ଦ୍ଦନପଟ୍ଟନାୟକ ତାରିମାନ୍ତର ୫୦୧୫

" ଦ୍ୱାରକାନାଥ ଚକ୍ରବର୍ତ୍ତୀ ବଟକ ବାକ୍ସ୍ୟ ୫୮୪

" ତାଳଦର ରଘୁଧ " " ୫୯୬

" ଭଗ୍ୟରୁଷ୍ଣଦାସ " " ୫୩୯

---

ଏହି ଉତ୍କଳଦୀପିକା କଟକ ବକ୍ସ୍ୟ ଦର୍ଯା-ବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 43



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ } ତା ୨୬ରଖ ଜୁଲାଇ ସନ ୧୮୭୩ ମସିହା । ମୂ । ଶ୍ରାବଣ ୧୨ଅଙ୍କ ସନ ୧୨୮୦ ସାଲ ଶନିବାର
ସଂଖ୍ୟା }
{ ଅଗ୍ରିମ ବାର୍ଷିକ ମୂଲ୍ୟ ୪
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
ମଫସଲ ପାଇଁ ଡାକମାସୁଲ ୧୦

ପୁଲିସ ଇନସ୍ପେକ୍ଟର ଶ୍ୟାମସୁନ୍ଦର ଦତ୍ତଙ୍କୁ ଏ ହଲରେ ଠାବ ମିଲୁ ନାହିଁ । ଜଗତସିଂହପୁର ଲୋକମାନେ ଦରଖାସ୍ତ ଦେବାରୁ ସେ ଯାଜପୁରକୁ ବଦଳି ହେଲେ ଓ ଯାଜପୁରବାସିମାନେ ଦରଖାସ୍ତ ଦେବାରୁ କଟକକୁ ଅଣିବାର କଥା ହେଉଅଛି । କଟକ ଲୋକ କି ଦୌରାତ୍ମ୍ୟ ସହିବାକୁ ଅଧିକ ସକ୍ଷମ ? ନୋହିଲେ ଯେଉଁ କର୍ମଚାରୀକୁ ଗୋଟିଏ ଷ୍ଟେସନର ଲୋକ ମନ୍ଦ ଜାଣନ୍ତି ସେ ଲୋକ ଅନ୍ୟ ଏକ ଷ୍ଟେସନରେ ଯେ ଭଲ ହେବ ତାହା କିପରି ସମ୍ଭବ ହୋଇପାରେ । ଅନେକ ଲୋକ ଏ ପଦ ଅବସ୍ଥାରେ କଟକରେ ରହିବାର ଚେଷ୍ଟା କରୁଅଛନ୍ତି କିନ୍ତୁ ଶ୍ୟାମସୁନ୍ଦରଦତ୍ତଙ୍କର ଅବଗୁଣ ଯେପରି ହେଉ ଏ ଜଣେ ଭଦ୍ର ଲକ୍ଷଣ ପୁଲିସ କର୍ମଚାରୀ ଅଟନ୍ତି ଓ ଏଥିପାଇଁ ଏହାଙ୍କୁ ରଖିବାର ହେଲେ ଉଚିତ ଅଥବା କୋର୍ଟ ଇନସ୍ପେକ୍ଟରର କରଦେବାର ଉଚିତ ବଦଳି କରିବାଦ୍ୱାରା କେବଳ ଅଧିକ ଲୋକଙ୍କୁ ପୀଡ଼ାଦେବା ହେଉଅଛି ଓ ଯେଉଁମାନେ ଭଲ ଇନସ୍ପେକ୍ଟର ପାଇ ସୁଖରେ ଅଛନ୍ତି ତାହାଙ୍କୁ ଅନର୍ଥକ କ୍ଲେଶ ଦେବା ହେଉ ଅଛି ।

---

ଅସ୍ମମାନଙ୍କ ଯାଜପୁରସ୍ଥ ସମ୍ବାଦଦାତା ଲେଖି ଅଛନ୍ତି ଯେ କଟିକା ହତ୍ୟା ମକଦ୍ଦମାକୁ ଡେପୁଟୀ ମାଜିଷ୍ଟ୍ରେଟ ସେସନ୍ ସୁପର୍ଦ୍ଦ କରି ଅଛନ୍ତି ଓ ଏଥିର ଅଉ ଗୋଟିଏ ମକଦ୍ଦମା ହୋଇ ଅଛି ଅର୍ଥାତ ଗ୍ରାମର ଚୌକିଦାର ଓ ସରବରାକାରମାନେ ଟଙ୍କା ଖାଇ ମକଦ୍ଦମା ଲୁଚାଇ ରଖିବାର ଅପରାଧରେ ଅଭିଯୁକ୍ତ ହୋଇ ଅଛନ୍ତି । କଟିକା ମକଦ୍ଦମାର ଘଟନା ସଙ୍ଗେ ଏ ମକଦ୍ଦମା ପ୍ରାୟ ମିଶିଅଛି ଓ ଏଥିରେ ମଧ୍ୟ ପୁଲିସ ଅପରାଧୀ ହେବାର ସମ୍ଭାବନା । ବାବୁ ହରେକୃଷ୍ଣ ଦାସ ପୁଲିସ ଇନସ୍ପେକ୍ଟର ଏ ମକଦ୍ଦମାକୁ ଉଦ୍ଧାର କରିଥିଲେ । ସେ ବଡ଼ ଉତ୍ତମ ପରାକ୍ରମଶାଳୀ ଓ ସନ୍ଧାନୀ ଲୋକ ଅଟନ୍ତି ତାହାଙ୍କୁ ଯାଜପୁରରୁ ବଦଳି କରି ଦେବାରୁ ଲୋକମାନେ ଭାରି ଅସନ୍ତୁଷ୍ଟ ଅଛନ୍ତି । ଜଳର ଅଭାବ ହେତୁରୁ ଥିଲେହେଁ ଫସଲ ଭଲ ହେବାର ଲକ୍ଷଣ ଦେଖାଯାଏ ଓ ସହରରେ ବର୍ତ୍ତମାନ ମୋଟଚାଉଳ ଟଙ୍କାକୁ ସେ ୨୫ ର ମିଲୁଅଛି କେବଳ ଲୁଣ ଓ ତେଲ ଏ ଦୁଇଦ୍ରବ୍ୟ ମହାର୍ଘ ।

ବାବୁ କାଳୀପ୍ରସନ୍ନ ଘୋଷ କି ଯେ ବଙ୍ଗଦେଶର କୁସ୍ତିକ ଯନ୍ତ୍ରରେ ନାନାପ୍ରକାର ଖେଳ ଦେଖାଇବାକୁ ଅସିଅଛନ୍ତି ଏଠାରେ ଏକରାତ୍ରି ତାମାସା ଦେଖାଇଥିଲେ ଲୋକମାନେ ତାହା ଦେଖି ଅତି ଆନନ୍ଦିତ ହେଲେ ଓ ଶହେକି ଟଙ୍କା ବାବୁଙ୍କୁ ପ୍ରାପ୍ତ ହୋଇ ଥିଲା ।

—※—

ତଳଲିଖିତ ପଦ୍ୟ ଗଡ଼ିକ ଅସ୍ମେମାନେ ଅତି ଆନନ୍ଦର ସହିତ ଏଠାରେ ପ୍ରକାଶ କଲୁଁ । ଏଥିରୁ ପାଠକମାନେ ଜାଣିବେ ଯେ ଓଡ଼ିଶାରେ ସାଧାରଣ ହିତକାର୍ଯ୍ୟର ଅନୁଷ୍ଠାନରେ କଛି ବୃଦ୍ଧି ନାହିଁ କେବଳ କର୍ତ୍ତୃପକ୍ଷଙ୍କ ଅମନୋଯୋଗ ହେତୁରୁ ତାହା ପ୍ରକାଶ ପାଉ ନାହିଁ । ପୂର୍ବେ ଏପ୍ରକାର କାର୍ଯ୍ୟର ତାଲିକା ବର୍ଷକୁବର୍ଷ ପ୍ରକାଶ ହେଉ ଥିଲା କିନ୍ତୁ ବର୍ତ୍ତମାନ ବଙ୍ଗଳାର ଅନ୍ୟାନ୍ୟ ସ୍ଥଳରେ ସେ ନିୟମ ଥିବାର ପ୍ରତ୍ୟକ୍ଷେ ଓଡ଼ିଶାରେ କାହିଁକି ରହିତ ହୋଇଅଛି ଅସ୍ମେମାନେ କହି ନ ପାରୁଁ । ରହିତ ହେବାରୁ ଯେ ଅନେକ ଅନିଷ୍ଟ ହେଉଅଛି ତହିଁରେ ସନ୍ଦେହ ନାହିଁ । ଏକଜଣ କିଛି ସତ୍କାର୍ଯ୍ୟ କରିବାର ପ୍ରକାଶ ହେଲେ ଅନ୍ୟଲୋକଙ୍କୁ ତାହା ଉପଦେଶ ହୁଅଇ ଓ ତାହାର ଉତ୍ସାହ ବଢ଼େ ଏବଂ ସାଧାରଣଙ୍କ ନିକଟରେ ଦେଶର ଗୌରବ ଅଧିକ ହୁଅଇ । ଅତଏବ ଅସ୍ମେମାନେ ଗାସ୍ତ୍ରୀ କମିଶନର ସାହେବଙ୍କୁ ପ୍ରାର୍ଥନା କରୁଅଛୁଁ ଯେ ସାଧାରଣ ହିତକାର୍ଯ୍ୟର ବାର୍ଷିକ ତାଲିକା ପ୍ରକାଶ ପକ୍ଷରେ କିଛିତ ଅଜ୍ଞା ପ୍ରଚାର କରନ୍ତୁ ।

"ଓଡ଼ିଶା ଦେଶରେ କିଛିଟା ବ୍ୟୟ କରି କେହି ସାଧାରଣ ଉପକାର କାର୍ଯ୍ୟ କରିନାହାନ୍ତି ବୋଲି ଅପଣ ଗତ ସଂଖ୍ୟାରେ ଦୁଃଖ ପ୍ରକାଶ କରି ଅଛନ୍ତି । ମାତ୍ର ଓଡ଼ିଶାରେ ଅନେକ ବର୍ଷରେ କିଛିଟା ହେଉଅଛି, କିନ୍ତୁ ତାହା କେହି ଅନୁସନ୍ଧାନ ନ କରିବାରୁ ସାଧାରଣରେ ପ୍ରକାଶ ପାଉ ନାହିଁ । ବାଁକଲୀ ଘୋଡ଼ାଦର ଗ୍ରାମରେ ଶ୍ରୀ ଭଗବାନଦାସ ନାମକ ଜଣେ ବ୍ୟକ୍ତି ପ୍ରାୟ ଏକ ସହସ୍ର ଟଙ୍କା ଖରଚ କରି ଗୋଟାଏ ବାନ୍ଧ କରି ଅଛନ୍ତି । ଅଉ ଡାଂପୁର ଗ୍ରାମରେ

Digitized by srujanika@gmail.com

Split by PDF Splitter



ଶ୍ରୀ ଭଗବାନଦାସ ମହାପାତ୍ର ଓ ପାଥପୁର ଗ୍ରାମରେ ଶ୍ରୀ ବୁଲୁଭଦାସ ଏ ଦୁହେଁ କ୍ରମଶଃ ପ୍ରାୟ ପାଞ୍ଚଶ ଓ ଚାରିଶହଟଙ୍କା ବ୍ୟୟକରି ଯୋଡିଏ ପୋଖରୀ ଏବଂ ଜଳାପଥର ଗ୍ରାମରେ ଜଣେ ମହାଜନ ପ୍ରାୟ ଅଠଶହଟଙ୍କା ଲଗାଇ ଦୁଇଗୋଟି ପୋଖରୀ ଖୋଳାଇ ଅଛନ୍ତି । ଯାଜପୁର ଗ୍ରାମରେ ଶ୍ରୀ ମଧୁସୂଦନ ସାହୁ ପ୍ରାୟ ୫୦ ଟଙ୍କା ବ୍ୟୟକରି ଏକ ପୁଷ୍କରଣୀର ଘାଟ ବନାଇ ଅଛନ୍ତି । ଏ ସମସ୍ତ କାର୍ଯ୍ୟ ମଧ୍ୟ ଅଳ୍ପକାଳ ହେବ ସମ୍ପନ୍ନ ହୋଇଅଛି । ଅନ୍ୟର ହିତସାଧାରଣ କାର୍ଯ୍ୟରେ ଅନେକ ଟା ଦେଇ ଥିବେ, ସଂକ୍ଷେପରେ, ଏହିକି, ଏଇଲି ମହାଜନମାନଙ୍କର କେବଳ ଜୋଗାଡିବାରେ ବାଦ ପଡିଅଛି; ପଞ୍ଚୁଅରରେ ୫ହର ଦେଇ ରହି ଅଛନ୍ତି । ନୈଦାନ୍ଦେର ଗ୍ରାମରେ ଶ୍ରୀ ସନାତନ ସାମନ୍ତ ନାମକ ଜଣେ ମହାଜନ ବର୍ତ୍ତମାନ ଗୋଟିଏ ଦେଉଳ କମାଣ କରୁଅଛନ୍ତି ତହିଁରେ ପ୍ରାୟ ପଞ୍ଚଦଶହଜାର ଟଙ୍କା ଲାଗିଲାଣି ଲୋକେ ଅନୁମାନ କରୁଅଛନ୍ତି ସମୁଦାୟ ଦେଉଳ ଓ ପ୍ରତିଷ୍ଠା ସହିତ ବତିଶ ସହସ୍ର ଟଙ୍କା ଲାଗିବ ।

ସମ୍ପାଦକ ମହାଶୟ ! କେବଳ ଏହା ଜାଣି ଜଣା ମଧ୍ୟରେ ଏତେ ଶୁଭଏ କାର୍ଯ୍ୟ ହୋଇଅଛି ତେବେ ଓଡିଶାର ଅନ୍ୟାନ୍ୟ କୌଣସି ଭାଗରେ ଅବଶ୍ୟ କିଛି ହୋଇଥିବ । ଅପରକ ପାଠକମାନେ କେହି ଏ ବିଷୟର ତତ୍ତ୍ୱ କରି ଅବଶ୍ୟ ସମ୍ବାଦ ଦେବେ । ଇତି"

---

କଟକ ଟାଉନ କମିଟୀ ।

କୌଣସି ଇଂରେଜ ମହାମନ୍ତ୍ରୀ କହିଥିଲେ ଯେ, 'କମିଟୀ ଗୋଟିଏ ଆଶ୍ଚର୍ଯ୍ୟ ଜନ୍ତୁ ଏହାର ଅଙ୍ଗ ନାହିଁ ଯେ ଭଙ୍ଗା କରିବ କମା ଶରୀର ନାହିଁ ଯେ ତହିଁରେ ପଦାଘାତ ହେବ' । ଅସ୍ମଦ୍ଦେଶରେ ଲୋକେ ଏତେ କଟୁ କଥା ପ୍ରୟୋଗ ନ କରନ୍ତି ବା 'ବନ୍ଧୁଭ ନିନ୍ଦ୍ୟରେ ମୂଷା ମରେ ନାହିଁ' । ଏ କଥାମାନ ଯେବେ କୌଣସିଠାରେ ପାଠକମାନେ ପ୍ରତ୍ୟକ୍ଷ କରି ନ ଥାନ୍ତି ତେବେ ଟାଉନକମିଟୀର କାର୍ଯ୍ୟ ଦେଖିଲେ ଅପ୍ରତ୍ୟୟ ରହିବ ନାହିଁ । ଆମ୍ଭମାନଙ୍କର ସହଯୋଗୀ 'ଡିଲେସୁର' ପୁନଃପୁନ ଏ ବିଷୟରେ ପ୍ରବନ୍ଧମାନ ଲେଖୁଅଛନ୍ତି ମାତ୍ର କମିଟୀର ଅଙ୍ଗ ନାହିଁ ଯେ ସେ ସବୁରୁ ଭାବନା କରିବ । ସଭ୍ୟମାନେ ବଡଲୋକ ଗାଡି ପାଲିଙ୍କି ଚଢି ବୁଲନ୍ତି ତାହାଙ୍କ ସରକାରଙ୍କ ପ୍ରଧାନ ସଡକ ବାଟର କଥା ଏହାଙ୍କୁ କହି ଲାଭ ଅଛି କଣ୍ଟ ପଡ଼ା ଗଳି ଉପଗଳି ବାଟର କଥା ଏମାନେ କାହିଁକି ଜାଣିବେ ? କିନ୍ତୁ ଟାକ୍ସ ଆଦାୟ କେବଳ ସମସ୍ତଙ୍କର ବେଲ ମୋଡିବାରୁ ଉପର ତହିଁରେ କାହିଁକି ମାନ୍ୟ ହେଲା ନାହିଁ । ଗତ କମିଟୀରେ ଅଲ ଓଭରସିଅର ମୋହରର ଓ ପିଅଦା ଟାକ୍ସ ଉସୁଲପାଇଁ ନିଯୁକ୍ତ ହେବାର ନିଶ୍ଚୟ ହୋଇଅଛି କାରଣ ଟାକ୍ସଦାତାଙ୍କ ସଂଖ୍ୟା ବୃଦ୍ଧି ହେବାରୁ ଦାରୋଗା ପୂର୍ବର ଇନ୍ସପେକ୍ଟର ମୋହରର ଓ ଚପରାସିଙ୍କଦ୍ୱାରା କର୍ମ ଚଳାଇବାକୁ ପାରୁ ନାହିଁ । ଇଥାତ ଶ୍ରୀଯୁକ୍ତ ଉଇଲିଅମ୍ସ ସାହେବ ଗତ ଶନିବାରଠାରୁ ଦାରୋଗାକୁ ବରଖାସ୍ତ ଓ ତାହାର କାଗଜ ପତ୍ରରୁ କ୍ରୋକ କରିଅଛନ୍ତି କେବଳ ତାହାକୁ ହାଜତ ଦେଇ ନାହାନ୍ତି ଏତିକି ଅନୁଗ୍ରହ ଦେଖାଯାଏ । ଟାକ୍ସ ଆଦାୟ ପାଇଁ ଏତାଦୃଶ ଯୁଦ୍ଧମାନ ଯେ ଅକାରଣରେ ଜଣେ ପଞ୍ଚଶାମୀ ଦାରୋଗାକୁ ବରଖାସ୍ତ ଓ ଯଥେଷ୍ଟ ଅପମାନ କରିବାରୁ ପ୍ରସ୍ତୁତ କିନ୍ତୁ ଟାକ୍ସଦାତାଙ୍କ ସୁଖ ସଚ୍ଛନ୍ଦତା ନିମିତ୍ତ କି ହୋଇଅଛି ? ଉଠ ନୟଶେଷ ଓ ଗାଡ଼ିଆର ଶିକାର ବାଟ ମସଜିଦ ଗଳି ଓ ବାଙ୍କାବାଜାର ଗଳି ସବୁ ଅନ୍ୟରେ ଦେଖି ଆସିଲେ ମନ ବୋଧ ହେବ ଉଭିବର୍ଷ ଏହି ସମୟରେ ହାତଯୋଡ଼ି କହିଲେ ଶିତି ସିଦ୍ଧ ଦୋଳି ଲୋକେ ବାହାର ଥିଲେ ଏ ବର୍ଷ ଗଣ୍ଡଗୋଳରେ ଛବିପିବା ଉପରେ ଲୋକେ ଘଡ଼ୁ ବାହାର ନାହାନ୍ତି । ମୋଟାମାନଙ୍କର ଜଣା ଅଭ୍ୟସ୍ତ ହେଲାଣି । କିନ୍ତୁ ଶୁଣାଯାଏ ଟାଉନକମିଟୀ ତାହାକୁ ସାହାଯ୍ୟ ନ କରି ସଡକରେ ପାଟନାଖୁଲ କ୍ୟାମ୍ପ କାମ କରି ହେଉଥିବାକୁ ପୋଷିବା ଓ ସ୍ୱୟଂ ମଧ୍ୟ ଅର୍ଥୋପାର୍ଜନ କରିବାକୁ ଚେଷ୍ଟାରେ ଅଛନ୍ତି । ଏଥରେ ଲିବାପିମାନେ ଖୁସି ହେଉନ୍ତୁ ଅବା ନ ହେଉନ୍ତୁ କେଅମାନେ ଯେ ପଦ ପଦ ରତ୍ନ ଶହ ଲକ୍ଷ ଦେଇ କିଣିଅଛନ୍ତି ଏ ତତ୍ତ୍ୱମୀମାଂସାରେ ବାଟର ସ୍ୱତ୍ତ୍ୱ ତାହାଙ୍କର ହୋଇଅଛି, ନଗରମାନଙ୍କ ପାଳପଶି ଦେବେ ନାହିଁ । କେହୁ ଚରୁ ଅସାବଧାନ କରି ସେହିବାଟ ପାଦ ବଢାଇଲେ ତହିଁର ଦଣ୍ଡସ୍ୱରୂପ ସେ ତାହାର ଚରଣ ସେବା କରିବ ଅଥବା କଚଡ଼ା ଖାଇବ ଓ ପୁନଃପୁନଃ ଅପରାଧ କଲେ ବାଲଚଳା ତାହାକୁ ଏମନ୍ତ ଶାସ୍ତି ଦେବ ଯେମନ୍ତ ଉଠ ବର ମାତ୍ର ଭୁଲିଯିବ ନାହିଁ । କେବଳ ଟାଉନକମିଟୀ ଓ ସେହି ଶ୍ରେଣୀର ଲୋକମାନେ ତାହାଙ୍କୁ ଏ ଅଧିକାର ଦେଉଥିବାରୁ ଇଙ୍କ ଦଣ୍ଡ ଦେବାର ଅନୁଚିତ । ଅତଏବ ସେମାନେ ପୂର୍ବପ୍ରାୟ ଗାଡି ପାଲିଙ୍କି ଚଢି ବୁଲିବେ । କେବଳ ଏତିକି ସାବଧାନ ହେବେ ଯେମନ୍ତ କୌଣସି ଦେବଙ୍କ ଦେହରେ ଆଁଚ ନ ଲଗେ ତାହା ହେଲେ ଗାଡି ପାଲିଙ୍କି ଓଲଟାଇ ପକାଇ ତାହାଙ୍କୁ ଦଣ୍ଡ ଦିଆଯିବ ।

ଟାଉନକମିଟୀ ଏମନ୍ତ ପରୋପକାରୀ ଯେ, ମନୁଷ୍ୟଠାରୁ କର ନେଇ ଦେବଙ୍କୁ ଶ୍ରଦ୍ଧାପଣ ଦେଲେ ଏଥିରେ କହିଲେ ତାହାଙ୍କର କାର୍ଯ୍ୟର ପରିଚୟ ଆଉ କି ଦିଆଯାଇ ପାରେ ।

---

ପାବନାଜିଲ୍ଲାର ପ୍ରଜାବିଦ୍ରୋହ ।

ଏ ପ୍ରସ୍ତାବ ସମ୍ବନ୍ଧରେ ଗଭର୍ଣ୍ଣରଙ୍କ ଯେଉଁ ଗବର୍ଣ୍ଣମେଣ୍ଟ ଘୋଷଣାପତ୍ରରେ ଉଲ୍ଲେଖ କରିଅଛନ୍ତି ତାହା ଇଠାରେ ପ୍ରକାଶ କରୁଅଛୁ । ଯଥା ।

'ପାବନାଜିଲ୍ଲାରେ ଜମିଦାରମାନେ ଖଜଣା ବୃଦ୍ଧି କରିବାର ଚେଷ୍ଟା କରିବାରୁ ଏବଂ ପ୍ରଜାମାନେ ସେ ଚେଷ୍ଟା ବିଫଳ କରିବାର ଆଶାରେ ମେଳି କରିବାରୁ, ଅନେକଠାରେ ସ୍ଥାନରେ ବହୁସଂଖ୍ୟକ ଲୋକ ଦଳବଦ୍ଧ ହୋଇ ଅତ୍ୟାଚାର ଓ ଦଙ୍ଗାହଙ୍ଗାମା କରୁଅଛନ୍ତି । ଅତଏବ ଏହି ଘୋଷଣାପତ୍ରଦ୍ୱାରା ସକଳଙ୍କୁ ଜଣାଯାଉଅଛି, ଗବର୍ଣ୍ଣମେଣ୍ଟ ଏକପକ୍ଷରେ ପ୍ରଜାଙ୍କୁ ବଳପ୍ରୟୋଗ ଓ ଅତ୍ୟାଚାରର ଆଶଙ୍କାରୁ ରକ୍ଷା କରି ଜମିଦାରମାନଙ୍କ ନ୍ୟାଯ୍ୟ ପ୍ରାପ୍ୟ ଆଦାୟ କରନ୍ତୁ ସେମାନଙ୍କୁ କେବଳ ଆଇନାନୁଯାୟୀ ବ୍ୟବହାର କରିବାକୁ ଦେବେ, ଅନ୍ୟ ପକ୍ଷରେ ପ୍ରଜାମାନଙ୍କର ଅନୁଷ୍ଠିତ ଅବୈଧ କାର୍ଯ୍ୟ ନିମିତ୍ତ ଯଥୋଚିତ ଦଣ୍ଡ ଦିଆଇବେ । ଯେଉଁ ସକଳ ପ୍ରଜା ପ୍ରକୃତ ଲୋକେ ବର୍ତ୍ତମାନ ଦଳବଦ୍ଧ ହୋଇଅଛନ୍ତି ସେମାନେ ତତ୍କ୍ଷଣ ଅପଣାର ସ୍ଥାନକୁ ଗମନ କରନ୍ତୁ । ସେମାନଙ୍କର ଯେଉଁ ସକଳ ଦୁଃଖର କଥା କହିବାର ଅଛି, ତାହା ସେମାନେ ଶାନ୍ତଭାବରେ କୌଣସି ପ୍ରକାର ଗୋଳମାଳ ନ କରି ଜଣାଉନ୍ତୁ । ସେମାନେ ଏପ୍ରକାର ଯେଉଁ ସକଳ କଥା ଜଣାଇବେ ଗବର୍ଣ୍ଣମେଣ୍ଟ ତାହା ମନୋଯୋଗପୂର୍ବକ ଶୁଣିବେ କିନ୍ତୁ ଦଙ୍ଗାହଙ୍ଗାମା କଲେ ସେମାନଙ୍କର କୌଣସି କଥା ଶୁଣିବା ଦୂରରେ ଥାଉ, ଗବର୍ଣ୍ଣମେଣ୍ଟ ସେମାନଙ୍କର ସମୁଚିତ ଦଣ୍ଡାଜ୍ଞା ଦେବେ । ଜମିଦାରମାନଙ୍କ ପ୍ରରୋଚନାରେ ଯେଉଁ ସକଳ ପ୍ରଜା ମେଳି କରିଅଛନ୍ତି ସେମାନେ ପଶ୍ଚାତ ଏପ୍ରକାର କଥା କହୁଅଛନ୍ତି ଯେ ଅମ୍ଭେମାନେ

Digitized by srujanika@gmail.com

Split by PDF Splitter



ଅର୍ଥ ତାହାକୁ ଗଣନା ନ କରି କେବଳ ମହାରାଣୀଙ୍କ ଶାସନ ଦେଖୁ । ଏହି ସକଳଲୋକ ଏବଂ ଯେଉଁମାନେ ଏହି ସକଳଲୋକଙ୍କ କଥା ଶୁଣୁ ଅଛନ୍ତି ସେମାନଙ୍କୁ ପୂର୍ବରୁ ସାବଧାନ କରି ଯାଉଅଛୁ ଯେ ଆଇନ ଅନୁସାରେ ଯାହାର ଯେ ସତ୍ତ୍ୱ ଅଛି ଗବର୍ଣ୍ମେଣ୍ଟ ତାହା ରହିତ କରି ନ ପାରନ୍ତି ନା କରିବେ ନାହିଁ; ଏବଂ ଆଇନ ଅନୁସାରେ ସେମାନଙ୍କ ନିକଟରେ ଯାହାର ଯେ ପ୍ରାପ୍ୟ ସେମାନଙ୍କୁ ତାହା ଅବଶ୍ୟ ଦେବାକୁ ହେବ । ଜମିଦାରମାନେ ପ୍ରଜାମାନଙ୍କଠାରୁ ଅନ୍ୟାୟ ପୂର୍ବକ ବଳ ନେବାକୁ ଚାହିଁଲେ ସେମାନଙ୍କ ବିପକ୍ଷରେ ଶାନ୍ତିଭାବରେ ମେଳି କରିବା ଆଇନର ସମ୍ପୂର୍ଣ୍ଣ ସଙ୍ଗତ ସତ୍ୟ କିନ୍ତୁ ବଳ ପ୍ରୟୋଗ କରିବା ଓ ଭୟ ଦେଖାଇବା ନିମନ୍ତେ ଦଳବଦ୍ଧ ହେବାର ନିତାନ୍ତ ଅବୈଧ" ।

ଘୋଷଣାପତ୍ର ଯେଉଁରୂପ ଭାବରେ ଲେଖା ହୋଇଅଛି ତହିଁରୁ ବଙ୍ଗଳା ଗବର୍ଣ୍ମେଣ୍ଟଙ୍କର ବିବେଚନାର ସୁଖ୍ୟାତି ଅମ୍ଭେମାନେ କରି ନ ପାରୁ । ତହିଁରୁ ଏମନ୍ତ ଜଣାଯାଏ ପ୍ରଜାମାନେ ଜମିଦାରଙ୍କ ବିରୋଧୀ ହେବାରୁ ଗବର୍ଣ୍ମେଣ୍ଟ ଅହ୍ଲାଦିତ ଅଛନ୍ତି । କେବଳ ସେମାନେ କତିପୟ ଅନ୍ୟାୟର ବଳେବୋଲ ଡାକ୍ତର ବିରକ୍ତ ହୋଇ ଅଛନ୍ତି ତଥାପି ତାହାଙ୍କୁ ଉପଦେଶ ଦିଆଯାଇ ଅଛି ଯେ ଆଉ ଉପଦ୍ରବ ନ କରି ଘରକୁ ଫେରି ଯାଉନ୍ତୁ । ଯାହା କଲେ ତହିଁ ପାଇଁ ଯେ ଦଣ୍ଡ ପାଇବେ ଏହା ସ୍ପଷ୍ଟରୂପେ ଲୁଚାଯାଇ ନାହିଁ । ଆଉ ପ୍ରଜାମାନଙ୍କୁ ଶାନ୍ତଭାବରେ ମେଳି କରିବାକୁ ପରାମର୍ଶ ଦିଆଯାଇ ଅଛି । ଶାନ୍ତମେଳି କିପ୍ରକାର ପ୍ରଜାମାନେ ସହଜରେ ଅଦୌ ବୁଝିପାରିବେ କି ନାହିଁ ସନ୍ଦେହ କାରଣ ଅମ୍ଭେମାନେ ତାହା ବୁଝିପାରୁ ନାହୁଁ ଯେବେ ଜମିଦାରକୁ ଖଜଣା ନ ଦେବା ଏଥିର ଅଭିପ୍ରାୟ ହୁଏ ତେବେ ଅଦାଲତରେ ନାଲିଶ ହେଲେ ପ୍ରଜାଙ୍କର କ୍ଲେଶ ବଢ଼ିବ ଜମିଦାରଙ୍କର ବିଶେଷ କ୍ଷତି ହେବ ନାହିଁ ମାନ୍ୟବର ଟାମ୍ପଲସାହେବଙ୍କ ଉତ୍ତରସ୍ଥାପନ ହେବାରୁ ତାହାଙ୍କର ସବୁ ସଦ୍‌ଗୁଣ ବିଫଳ ହେଉଅଛି ତଥାପି ସେ ତାହା ଶୁଣୁ ନାହାନ୍ତି ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟଇ ।

ବିଦ୍ରୋହର କାରଣ ନିଶ୍ଚିତରୂପେ ଜଣାଯାଇ ନାହିଁ ତେବେ ଏତିକି ପ୍ରକାଶ ହୋଇଅଛି ଯେ ଅବୁଆବ ବିଷୟରେ ଗବର୍ଣ୍ମେଣ୍ଟର ଭର୍ମ୍ମି ହେବାରେ ଜମିଦାରମାନେ ମାଗଣ ଇତ୍ୟାଦି ପ୍ରଜାଙ୍କଠାରୁ ନେବା ବନ୍ଦ କରି ଜମା ବୃଦ୍ଧି କରି ବସିଲେ ଓ ଅନେକ ସ୍ଥଳରେ ଅବୁଆବ ସ୍ୱରୂପ ଯାହା ନେଉଥିଲେ ତାହାକୁ ଖଜଣା ସଙ୍ଗରେ ମିଶାଇ ପ୍ରଜାଙ୍କୁ କବୁଲିୟତି ଦେବାକୁ କହିଲେ । ଏହିପ୍ରକାର ଅନେକ କବୁଲିୟତି ଲେଖାପଢ଼ି ହୋଇ ରେଜେଷ୍ଟରୀ ହେଲା ଉତ୍ତାରୁ [ଏମନ୍ତ କି ଏକଦିନରେ ୫୮୦୦ଶ କବୁଲିୟତି ରେଜେଷ୍ଟରୀ ହୋଇଥିଲା ] ରେଜେଷ୍ଟ୍ରାରସାହେବ କବୁଲିୟତି ସବୁ ପ୍ରଜାଙ୍କୁ ଫେରଦେଲେ ଏମନ୍ତ ସମୟରେ କେହି ସେମାନଙ୍କୁ ବୁଝିଦେବାରୁ ସେ କବୁଲିୟତିମାନ ଜମିଦାରଙ୍କୁ ନ ଦେଇ ମେଳ କରି ଉପଦ୍ରବ କଲେ । ଏ କାରଣଟି ଯୁକ୍ତିସଙ୍ଗତ ବୋଧ ହେଉଅଛି ଓ ତାହା ହେଲେ ଏଠା ଜମିଦାରଙ୍କୁ ସାବଧାନ ହେବାର ଆବଶ୍ୟକ କାରଣ ଏଠାର ଅବସ୍ଥା ବହୁତ ଭିନ୍ନ ନୁହଇ ଓ ପ୍ରଜାମାନଙ୍କ ଅଳ୍ପ ଟିକିଲିଟି କିଛି ମଗାଲ୍ଲର ହେଲେ ପାବନାର ବ୍ୟାପାର ଏଠାରେ ଘଟିବାକ ଅସମ୍ଭବ ନୁହଇ ।

---

## କୃଷିବିଜ୍ଞାନ

ଯେଉଁ ଉଦ୍ଦେଶରେ ଏ ପୁସ୍ତକ ବାବୁ ବିଚିତ୍ରାନନ୍ଦଦାସ ପ୍ରଚାର କରି ଅଛନ୍ତି ଏବଂ ଗବର୍ଣ୍ମେଣ୍ଟ ଏଥିପ୍ରତି ଅନୁକୂଳ ହେବାରୁ ଏହାର ସଞ୍ଚାର ଯେମନ୍ତ ବୃଦ୍ଧି ହୋଇଅଛି ସେ ସବୁ ପୂର୍ବ ସପ୍ତାହରେ ଅମ୍ଭେମାନେ ପାଠକମାନଙ୍କୁ ଜଣାଇ ଅଛୁଁ । ସମ୍ପ୍ରତି ପୁସ୍ତକ ଖଣ୍ଡିକ ସ୍ୱରୂପ ଓ ଏଥିରେ କି କି ବିଷୟର ଉଲ୍ଲେଖ ହୋଇଅଛି କିଞ୍ଚିତ ବର୍ଣ୍ଣନ କରିବାକୁ ମାନସ କରିଅଛୁଁ । କିନ୍ତୁ ତାହା କୋଳିବା ପୂର୍ବରେ ଗୋଟିଏ କଥା ମନେ ପଡ଼ିଗଲା । ପୁସ୍ତକ ରଚନା ବଡ଼ କଠିନ ବ୍ୟାପାର ହେଲେହେଁ ଏକପକ୍ଷରେ ବଡ଼ ସହଜ ବ୍ୟାପାର ଅଟଇ ଓ ସହଜ ହେବାରୁ ପୁସ୍ତକ ସଂଖ୍ୟା ଅନେକ ବୃଦ୍ଧି ହୋଇ ଅଛି ଅଥଚ ଏମନ୍ତ ପୁସ୍ତକ ଦେଖାଯାଏ ଯେ ତାହା ନ ହୋଇଥିଲେ କିଛିମାତ୍ର କ୍ଷତି ନ ଥିଲା । ଉଦାହରଣ ସ୍ଥଳେ ଦେଖ ଏକା ଅକ୍ଷର ପରିଚୟ ନିମିତ୍ତ ବର୍ଣ୍ଣବିଜ୍ଞାନ *, ବର୍ଣ୍ଣପରିଚୟ, ବର୍ଣ୍ଣବୋଧକ, ବର୍ଣ୍ଣଶିକ୍ଷା, ବର୍ଣ୍ଣମାଳା ଇତ୍ୟାଦି ଯେତେ ପୁସ୍ତକ ହୋଇଅଛି ଏଥି ମଧ୍ୟରୁ ଗୋଟିକରେ କାର୍ଯ୍ୟ ଚଳନ୍ତା କିନ୍ତୁ ଛ ପ୍ରକାର ପୁସ୍ତକ ହୋଇ ଅଛି ଅଥଚ ଏକ ଅନ୍ୟରୁ ଯେ କେତେ ଉତ୍କୃଷ୍ଟ ବୋଲି ପାରିବାର କଠିନ । ଏ ସବୁ ବିଚାର କଲେ ପୁସ୍ତକ ରଚୟିତାଙ୍କୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଇ ପାରେ । ପ୍ରଥମଶ୍ରେଣୀର ରଚୟିତା ସେହିମାନେ ଅଟନ୍ତି ଯେଉଁମାନେ ଲୋକଙ୍କର ଅଜ୍ଞାନ ନାଶ ଓ ସଦ୍‌ଜ୍ଞାନ ଲାଭ କରିବା ପାଇଁ ବୁଦ୍ଧି ଓ ନାନାପ୍ରକାର କୌଶଳ ଅବଲମ୍ବନ ପୂର୍ବକ ଅନେକ ପରିଶ୍ରମ କରି କୌଣସି ବିଷୟର ଖଣ୍ଡିଏ ପୁସ୍ତକ ରଚନା କରନ୍ତି ଲୋକଙ୍କ ଉପକାର ତାଙ୍କର ଲକ୍ଷ୍ୟସ୍ଥଳ ଥିବାରୁ ସେମାନେ ଯଥାସାଧ୍ୟ ଅନୁସନ୍ଧାନ ଦ୍ୱାରା ପ୍ରସ୍ତାବିତ ବିଷୟରେ ଯେତେ ଭଲକଥା ପାନ୍ତି ଓ କି ପ୍ରକାରେ ଲେଖିଲେ ସହଜରେ ସମସ୍ତଙ୍କର ହୃଦୟଙ୍ଗମ ହେବ ଏଥିର ଯେମନ୍ତ ଉପାୟ ଉଦ୍ଭାବନ କରି ପାରନ୍ତି ତାହା ସବୁ ପୁସ୍ତକରେ ପ୍ରଦର୍ଶିତ କରିବାରେ ତ୍ରୁଟି କରନ୍ତି ନାହିଁ । ଦ୍ୱିତୀୟ ଶ୍ରେଣୀର ରଚୟିତା ଅର୍ଥ ଅବା ଯଶଲାଳସାରେ ପୁସ୍ତକ ରଚନା କରନ୍ତି ଏମାନେ କୌଣସି ପ୍ରକାରେ ଖଣ୍ଡିଏ ପୁସ୍ତକ ଲେଖି ଜନସମାଜରେ ଅର୍ପଣ କରନ୍ତି ଓ କିଛିମାତ୍ର ସୁଯୋଗ ପାଇଲେ ମୂଲ୍ୟ ବଢ଼ାଇ ବିକ୍ରୟ କରନ୍ତି କି ଯେମନ୍ତ ଅଧିକ ଲାଭ ହେବ ପୁସ୍ତକକୁ ସର୍ବାଙ୍ଗ ସୁନ୍ଦର କରିବାକୁ ଏହାଙ୍କର ଯତ୍ନ ନ ଥାଏ କେବଳ ପୁସ୍ତକର ଅଭାବ ଅଛି ଅଥବା ଅଧିକ ନ ଥିଲେ ସ୍ଥଳର ଥିବା ପୁସ୍ତକରେ କେତେଗୁଡ଼ାଏ ଦୋଷ ଅଛି ଏହିତ ପ୍ରମାଣ କରି ପାରିଲେ ଏହାଙ୍କର ଲକ୍ଷ୍ୟ ଫଳିଲା ଓଡ଼ିଶାରେ ଗତ ତିନି ଚାରି ବର୍ଷରେ ଯେତେ ପୁସ୍ତକ ବାହାରିଲାଣି ତହିଁ ମଧ୍ୟରୁ ଅଧିକାଂଶ ଦ୍ୱିତୀୟ ଶ୍ରେଣୀର ରଚୟିତାଙ୍କର କାର୍ଯ୍ୟ ଅଟଇ । ପ୍ରଥମ ଶ୍ରେଣୀର ଗ୍ରନ୍ଥକର୍ତ୍ତା ଏଠାରେ ଦୁର୍ଲ୍ଲଭ ସୁତରାଂ ଅବଧି ଓଡ଼ିଆ ଭାଷାରେ ଉତ୍ତମ ପୁସ୍ତକ ଅଧିକ ହୋଇ ନାହିଁ ।

ବାବୁ ବିଚିତ୍ରାନନ୍ଦ ଦାସ ଯେ ଜଣେ ପ୍ରଥମଶ୍ରେଣୀର ଗ୍ରନ୍ଥକର୍ତ୍ତା ଏ ବିଷୟରେ କୌଣସି ସନ୍ଦେହ ନାହିଁ । ବାବୁ ମହାଶୟ ଏ ଦେଶର ଜଣେ ପ୍ରଧାନ ହିତକାରକ ଏକଥା ସମସ୍ତଙ୍କୁ ଜଣା ଅଛି ଓ ଗତ ଦଶବର୍ଷ ମଧ୍ୟରେ ସମୟ ସମୟରେ ଏ ପ୍ରଦେଶର ଉନ୍ନତି ନିମନ୍ତେ ଯେଉଁସବୁ ଅନୁଷ୍ଠାନ ହୋଇଅଛି ତହିଁରେ ତାହାଙ୍କର ସାହାଯ୍ୟ ନ ଥାଇ ନାହିଁ ବରଂ ଅନେକ ହିତକଳ୍ପନା ତାହାଙ୍କ ମନରୁ ପ୍ରଥମେ ଜାତ ହୋଇଅଛି । ଏପ୍ରକାର ଲୋକ ଯେ ପ୍ରଥମେ କୃଷି ବିଷୟରେ ପୁସ୍ତକ ଲେଖିବେ ଏଥିରେ ଆଶ୍ଚର୍ଯ୍ୟ କି ଅଛି କାରଣ କୃଷିଠାରୁ ବଳି ଆଉ ଏ ପ୍ରଦେଶର ମଙ୍ଗଳସାଧକ କୌଣ-

Digitized by srujanika@gmail.com

Split by PDF Splitter



ମିଶ୍ରରେ ହେବାର ନୁହଇ । ଏ ପୁସ୍ତକ ସଙ୍ଗ୍ରହ ରଚନା କରିବାରେ କେତେ ପରିଶ୍ରମ କରିଅଛନ୍ତି ତହିଁର ପରିଚୟ ଏତନ୍ମାତ୍ର ଲେଖାରୁ ଜଣା ଯାଉଅଛି ଯେ "ସଂସ୍କୃତ ଋଷିପ୍ରଣୀତ ଓ ଉର୍ଦ୍ଦୁ ବୋଲିଭେହୁନ ଏବଂ ପ୍ରଚଳିତ ଡାକବଚନମାନ ଆଲୋଚନାପୂର୍ବକ ଉତ୍କୃଷ୍ଟରୂପେ କୃଷିକାର୍ଯ୍ୟ ନିର୍ବାହ କାରଣ ଯାହା ଜାଣିବାର ପ୍ରୟୋଜନ ତତ୍ସମୁଦାୟ ଏଥିରେ ସନ୍ନିବେଶିତ ହୋଇଅଛି" । ଆମ୍ଭେମାନେ ଏ ପୁସ୍ତକର ଅନେକାଂଶ ପାଠ କରି ଦେଖିଅଛୁଁ ଯେ ଗ୍ରନ୍ଥକର୍ତ୍ତା ଏହାକୁ ସର୍ବାଙ୍ଗସୁନ୍ଦର କରିବା ପକ୍ଷରେ କିଛିମାତ୍ର ତ୍ରୁଟି କରି ନାହାନ୍ତି । ତଥାପି ଦୁଇ ଏକ ବିଷୟରେ ଅଭାବ ଦେଖାଯାଏ କିନ୍ତୁ ତହିଁପାଇଁ ଗ୍ରନ୍ଥକର୍ତ୍ତାଙ୍କର ଦୋଷ ଦିଆଯାଇ ନ ପାରେ କାରଣ ଏ କୃଷିର ଚର୍ଚ୍ଚା ନ ଥିବାରୁ ସେ ସବୁ ଲେଖିବା ଦୁଃସାଧ୍ୟ ଅଟଇ । ଏକ ଅଭାବ ଏହି ଯେ କେଉଁ ଫସଲର ବୃକ୍ଷ ଉଠାରୁ କେଉଁ ୨ ଫସଲ କଲେ ଜମିର ବଳ ଊଣା ନ ହୋଇ ଅଧିକ ହେବ ତହିଁର ବିସ୍ତାରିତ ବର୍ଣ୍ଣନା ନାହିଁ କେବଳ ସାଧାରଣରୂପେ ଉକ୍ତ ପରିବର୍ତ୍ତନର ନିୟମ ଲେଖା ଯାଇଅଛି । ଦ୍ୱିତୀୟ ଅଭାବ ଏହି ଯେ ପୁସ୍ତକଲିଖିତ ନିୟମମାନ ସମ୍ପୂର୍ଣ୍ଣରୂପେ ପ୍ରତିପାଳନ କଲେ ଏକମାଣ ବା ଏକଖଣ୍ଡ ଜମିରେ ଫସଲ କେତେ ବା ପରିମାଣରେ ପ୍ରାପ୍ତି ହେବ ତହିଁର ଉଲ୍ଲେଖ ନାହିଁ ସେପରି ପରିମାଣ ଲେଖାଥିଲେ କୃଷିକାରମାନେ ଉତ୍କୃଷ୍ଟ ନିୟମ ସବୁରେ କେତେ ଲାଭ କରି ପାରିବେ ତାହା ସହଜରେ ଜାଣି ପାରନ୍ତେ । ସ୍ୱୟଂ କିଛି କାଳ କୃଷିକାର୍ଯ୍ୟରେ ପରୀକ୍ଷା ନ କଲେ ଏସବୁ ଜାଣିବାର କଦାଚ ସମ୍ଭବ ନୁହଇ ସୁତରାଂ ଗ୍ରନ୍ଥକର୍ତ୍ତାଙ୍କର ଦୋଷ ଦିଆଯାଇ ନ ପାରେ । ପୁସ୍ତକର ଭାଷା ପ୍ରତି କେହି୨ ଦୋଷ ଦେଇପାରନ୍ତି କାରଣ ଏଥିରେ ଅଧିକତର ଗ୍ରାମ୍ୟଭାଷା ଦେଖାଯାଏ ମାତ୍ର ସ୍ମରଣ ରଖିବାର ଉଚିତ ଯେ ପ୍ରଚଳିତ ଭାଷାରେ ଉକ୍ତ ପ୍ରକାର ବଚନମାନ ଅଧିକାଂଶରେ ବ୍ୟବହୃତ ହୁଅଇ ଓ ସାଧୁଭାଷା ବୁଝି ପାରନ୍ତି ଏମନ୍ତ ଲୋକ ଏ ସ୍ଥାନରେ ଅତ୍ୟଳ୍ପ । କୃଷିବିଜ୍ଞାନ କେବଳ ସୁଶିକ୍ଷିତ ଓ ପଣ୍ଡିତଙ୍କ ପାଇଁ ହୋଇ ନାହିଁ । ଏହା ସାଧାରଣ ଜମିଦାର ଓ କୃଷିକାରଙ୍କ ସକାଶେ ହୋଇଅଛି ଅତଏବ ଯେମନ୍ତ ଭାଷା ସେମାନେ ସହଜରେ ବୁଝି ପାରନ୍ତି ସେହିପରି ଭାଷାରେ ପୁସ୍ତକ ରଚିତ ହୋଇଅଛି । ସଂକ୍ଷେପରେ ଏହି ମାତ୍ର ବୋଲି ଯାଇପାରେ ଯେ ଏପୁସ୍ତକଦ୍ୱାରା କୃଷିର ବିଶେଷ ଉନ୍ନତିସାଧକ ହେବାର ଉପାୟ ହୋଇଅଛି ଓ ଯେବେ ଲୋକମାନେ ଶ୍ରମସ୍ୱୀକାର ପୂର୍ବକ ଏହା ପାଠ କରି କାର୍ଯ୍ୟରେ ପରିଣତ କରିବେ ତେବେ ସେମାନେ ଏଥିର ଉପଯୋଗିତା ପ୍ରଶଂସା କରିବେ ସନ୍ଦେହ ନାହିଁ ।

---

## ସାପ୍ତାହିକସଂବାଦ ।

କଟକ ରସୁଲ ଫାଣ୍ଡିର ଜମାଦାର ଗତ ସପ୍ତାହରେ ଜଣେ ଗଡଜାତୀୟ ପାଣକୁ ସିନ୍ଧିକାଠି ସହିତ ଗିରଫ୍ତାର କରିଅଛି । ଗଡଜାତରେ ପାଣମାନେ ବ୍ୟବସାୟୀ ଚୋର ଅଟନ୍ତି ଓ ସିନ୍ଧିକାଠି ଏମାନଙ୍କର ପ୍ରଧାନ ଅସ୍ତ୍ର । ଏବ୍ୟକ୍ତିର ଘର ହାଟୋଲରେ ସହରକୁ ଆସିବାର ତାହାର ଅନ୍ୟ କୌଣସି କାରଣ ଦେଖା ଯାଉ ନାହିଁ । ବୋଧ ହୁଅଇ ଏ ନଗରରେ ଯେ କେତେଥର ସିନ୍ଧି ଚୋରିର କଥା ଶୁଣା ଯାଇ ଅଛି ଏହାଦ୍ୱାରା ସବୁ ତାହା ଘଟିଥିବ । ଏମନ୍ତ ଲୋକକୁ ଗିରଫ୍ତାର କରିବାରେ ହେଡ କନେଷ୍ଟେବଲ ପ୍ରଶଂସନୀୟ କାର୍ଯ୍ୟ କରିଅଛି ସନ୍ଦେହ ନାହିଁ ।

କଟକର ସଦର ଉକିଲ ବାବୁ ଦୀନନାଥ ସରକାରଙ୍କର ଇସ୍ତଫା ମଞ୍ଜୁର ହୋଇଅଛି ଓ ଉକ୍ତ କର୍ମରେ ଆସିଷ୍ଟାଣ୍ଟ ଇରବିନ ସାହେବ ଏକଟିଂ କଲେକ୍ଟର ବାବୁ ହରିହରବହାଣି ମିଶ୍ର ତଳକୁ ନିଯୁକ୍ତ କରିଅଛନ୍ତି । ହରିହର ବାବୁ ଅଳ୍ପକାଳ ହେଲା ଏଠାରୁ ଆସିବାର ଉକିଲମାନଙ୍କ ମଧ୍ୟରେ ନୂଆ ଅଟନ୍ତି ଓ ଏହାଙ୍କର କାର୍ଯ୍ୟ ସମସ୍ତଙ୍କ ଅପେକ୍ଷା ଅଳ୍ପ ଦେଖା ଯାଇଅଛି କିନ୍ତୁ ଇରବିନସାହେବଙ୍କ କୃପାର ଅନ୍ୟଥାକାର ।

ପୁରୀ କଲେକ୍ଟରୀର ନୂତନ ସିରସ୍ତାଦାର ବାବୁ ରାମପ୍ରସାଦ ସିଂହ ପୀଡିତ ହୋଇ ତିନ ସପ୍ତାହର ଛୁଟି ନେଇ କଟକକୁ ଆସିବାରୁ ସେଠାକାର ପେସ୍କାର ଏକଟିଂ ସିରସ୍ତାଦାର ହୋଇଅଛନ୍ତି । ଏଠାରେ ଶୁଣାଯାଏ ଯେ ସେ ନିଯୁକ୍ତ ହେବା ପରେ ଦିନ ଆପଣା ଅଧୀନସ୍ଥ ଜଣେ ମୋହରିରକୁ ବଦଳି ନାମ ଦେଇ ଏକ ନୂଆ ମାଉଲେ ମୋହରର ତାହା ପୁଅ ସହିତ ପରିଚୟ କରିବା କିମ୍ବା ଫରିଆଦାରରେ ଦାଖଲ କରିବାର କିଛି କଥା ଆମ୍ଭମାନଙ୍କ ଅନୁଭବତା ଦେଖି ନାହାନ୍ତି ଯେବେ କିଛି ହୋଇ ନ ଥାଏ ତେବେ ବ୍ୟୟତା ମାତ୍ର ଉପଯୁକ୍ତ ହୋଇଅଛି ।

ବାବୁ ଗୋପାଳଚନ୍ଦ୍ର ଘୋଷ ପୁରୀ ଗାଙ୍କଶାଖାନାର ମୋହରର ଠାକୁର ପୂଜାଙ୍କର ଦେଓ୍ୱାନ ସ୍ୱରୂପ ନିଯୁକ୍ତ ହୋଇଅଛନ୍ତି । ଏ ବାବୁଙ୍କୁ ଆମ୍ଭେମାନେ ଜାଣୁ ଓ ତାହାଙ୍କଦ୍ୱାରା ସଦାବ୍ରତକାରର କାର୍ଯ୍ୟ ସୁନ୍ଦରରୂପେ ଚଳିବ । ଓ ବର୍ତ୍ତମାନ ଯହିଁ ପାଇଁ କିଛି ଦରବାର ଉପସ୍ଥିତ ହୋଇଅଛି ତାହା ରହିତ ହେବ ସନ୍ଦେହ ନାହିଁ । ତଥାପି ଆମ୍ଭେମାନେ କହୁଅଛୁଁ ଯେ ଅଧିକ ବେତନ ଦେଇ ଏହାଙ୍କ ଅପେକ୍ଷା ଅଧିକ ଗୁଣବାନ୍ ବ୍ୟକ୍ତି ରଖିଲେ ଅଧିକ ଭଲ ହୁଅନ୍ତା ସାବ ଗୁଳା ଯେ ଏତେକ ଜନେ ଏହି ପରମ ସୁନ୍ଦର ବିଷୟ ଅଟଇ ।

ପୁରୀରେ ବିଶେଷ କୁଅ ଟୋଲର ପ୍ରବଳ ଶୁଣାଯାଏ । ପୁଲିସ ତହିଁର ସନ୍ଧାନ ପାଆନ୍ତି ନାହିଁ କୋହିଲେ ଜାଣି ଶୁଣି ଚୁପ ଦିଅନ୍ତି । ଆସିଷ୍ଟାଣ୍ଟ ଆର୍ମଷ୍ଟ୍ରଂ ସାହେବଙ୍କ ଅମଳରେ ଏପରି ହେବା ଅତି ଆଶ୍ଚର୍ଯ୍ୟର ବିଷୟ ଅଟଇ ।

ବର୍ଷା ଅଳ୍ପ ହେବାରୁ ଏବର୍ଷ କୌଣସିଠାରେ କୃଷିକର୍ମ ଅବଧି ଉତ୍ତମ ହୋଇ ପାଇ ନାହିଁ । ଉଆ କେବଳ କର୍ମ ସମ୍ବନ୍ଧରେ ପଛକୁ ପଡିଲା ଏଥିରେ ତେଣେ ଯେ ଭଲ ହେବ ଏମନ୍ତ ଜଣାଯାଉ ନାହିଁ । ଓଡିଶା ଓ ବଙ୍ଗଳା ଉଭୟ ସ୍ଥାନରେ ଏହିପରି ପଢିବାର ସମ୍ବାଦ ପାଆଯାଏ ।

କାଗଜପୁରର ଦୁଇଜଣ ଜମିଦାର ଉପରେ ଏକ ହତ୍ୟା ଅପରାଧ ସମ୍ପର୍କରେ ପାଞ୍ଚହଜାର ଟଙ୍କା ଲେଖାଏ ଅର୍ଥଦଣ୍ଡ ହୋଇଥିବାର ସମ୍ବାଦ ଲେଖି ସୁଲଭସମାଚାର କହନ୍ତି ଯେ ଏଥିରେ କେବଳ ଗବର୍ଣ୍ଣମେଣ୍ଟଙ୍କର ଲାଭ ଜମିଦାରମାନେ ଅର୍ଥଦଣ୍ଡ ଦାଖଲ ଦେବେ ନାହିଁ ସେମାନେ କୌଣସି ଛଳରେ ପ୍ରଜାଙ୍କଠାରୁ ତାହା ଆଦାୟ କରି ନେବେ । ଜମିଦାରଙ୍କର ଅବସ୍ଥା କି ବିଶେଷରେ ଏହିପରି ହୋଇଅଛି ।

---

### ମୂଲ୍ୟପ୍ରାପ୍ତି ।

ବାବୁ ରାମନାଥ ଯାଦବ ଗୋରଖା ଅସାମ ୫ ୪,
„ ଗୋପାଳଚନ୍ଦ୍ରଘୋଷ କଟକ କଣ୍ଟ୍ରୀ ୫ ୬,
„ କୃଷ୍ଣକୁମାରଘୋଷ ଅଲଣ୍ଡେ „ ୫ ୩

---

ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଅତିରିକ୍ତ

ଉତ୍କଳଦୀପିକା ତା୨୬ ରଖ ମାହେ ଜୁଲାଇ ସନ ୧୮୭୩ ମସିହା ।

ବଙ୍ଗଦେଶର ବିଖ୍ୟାତ କବି ମୃତ ମଧୁସୂଦନ ଦତ୍ତଙ୍କ ଅନାଥ ବାଳକ ବାଳିକାଙ୍କ ସାହାଯ୍ୟାର୍ଥେ ଲିକତାର ନାଟ୍ୟଶାଳାର ସଭ୍ୟମାନେ ଉକ୍ତ ବିଙ୍କ ରଚିତ କୃଷ୍ଣକୁମାରୀ ନାଟକର ଅଭିନୟ କରିବେ । ଏଥିରେ ଯେତେଛି ଟଙ୍କା ମିଳବ ଉକ୍ତ ଅନାଥମାନଙ୍କୁ ଦିଆଯିବ । ଏଭଳି ଦାନର ବଡ ଦର ଉପାୟ ଅଟଇ ଓ ଭଦ୍ରଲୋକମାନେ ଣୀତଚିକ୍ଷା କଲେ ଇହାଁର ଏହିପ୍ରକାର ଦାନର ଯଥେଷ୍ଟ ସୁବିଧା ହୁଅଇ ।

ମାନ୍ଦ୍ରାଜ ଅଥିନିୟମ ଶୁଣିଅଛନ୍ତି ଯେ ସୈ- ଙ୍କ ବିଭାଗରେ ନିକଟରେ ଅନେକ ପରିବର୍ତ୍ତନ ହିବ ସୈନ୍ୟର ସଂଖ୍ୟା ଅନେକ ଊଣା ହେବ ହିଁ ମଧ୍ୟରେ ମାନ୍ଦ୍ରାଜସେନା ଦଳବିଶେଷ ଊଣା ହବାର କଥା ହୋଇଅଛି ।

ସିମଲାରେ ବର୍ତ୍ତମାନ ପଣ୍ଡିତର ବହୁତ ଭିଡ କଟିତ ହୋଇଅଛନ୍ତି । ଏମାନେ କେବଳ ମାନ୍ୟ ପ୍ରଭୃତି ସାହେବଙ୍କ ସାକ୍ଷାତ୍ ଲଭି- କରଣ ଯାଉଅଛନ୍ତି । ଅନ୍ୟ କିଛି କାର୍ଯ୍ୟ ବାର ଜଣାଯାଉ ନାହିଁ ।

ପୁରୀର ରଥଯାତ୍ରା ସମୟରେ କୌଣସି ସ୍ତ୍ରୀ ତ କୁବ୍ୟବହାର କରିବାରୁ ବଳପୂର୍ବକ ନାମରେ କଲ୍ପି ଦଣ୍ଡ ପାଇଥିବାର ସମ୍ବାଦ ଉପଲକ୍ଷ- ର ସହଚର ନାମକ ପତ୍ରିକା କହନ୍ତିଯେ ଲେ ସ୍ତ୍ରୀଯାତ୍ରୀ ଏପ୍ରକାର ଅପରାଧ ସକାଶେ ଲିଶ କରନ୍ତି । ପୁରୀକୁ ଯେତେ ସ୍ତ୍ରୀଯାତ୍ରୀ ଇଥାନ୍ତି ଇହାଁ ମଧ୍ୟରୁ ଅଧିକାଂଶ ଯେ ସତୀତ୍ୱ ଷ୍ଟ କରି ଆସନ୍ତି ଏହାକି ତାହାଙ୍କୁ ଜଣା ହିଁ ? ତୀର୍ଥସ୍ଥାନସବୁ ମନ୍ଦକର୍ମର ସ୍ଥଳ ଅଟଇ ଅଧିକାଂଶ ପଣ୍ଡା ଚୋର ଓ ଲମ୍ପଟ ଅଟନ୍ତି । ଥିଲୁ ମିତ୍ରପତ୍ରିକା କହନ୍ତି ଯେ କେତେ ଳରେ ଏଦେଶୀୟ ଲୋକଙ୍କର ଜ୍ଞାନୋଦୟ ବ ଯେ ସେମାନେ ଅରକ୍ଷିତାବସ୍ଥାରେ ସ୍ତ୍ରୀ- ନଙ୍କୁ ତୀର୍ଥସ୍ଥାନକୁ ପଠାଇବାକୁ କ୍ଷାନ୍ତ ହେବେ ?

ବାଲେଶ୍ୱର ସମ୍ବାଦ ବାହିକାରୁ ଅବଗତ ହେଲୁଁ ଯେ ଭୁପାଉ ଅଭଟପୋଷ୍ଟର ଜଣେ କନଷ୍ଟବଲ ଏକ ଜମିଦାରଠାରୁ ଲାଞ୍ଚ ନ ପାଇ- ବାରୁ ତାହା ନାମରେ ମିଥ୍ୟା ମକଦ୍ଦମା ଗୋଟିଏ ସୃଜନ କଲା ଓ ଉଦାରୂଢରେ ପ୍ରକୃତ କଥା ବାହାରିବାରୁ ମାଜିଷ୍ଟ୍ରେଟ ଉକ୍ତ କନଷ୍ଟବ- ଲକୁ ଏକ ବର୍ଷ କାରାବାସ ଓ ଟ ୧୦ ଙ୍କା ଅର୍ଥ- ଦଣ୍ଡ କରଅଛନ୍ତି ।

ଅମ୍ଭେମାନେ ଶୁଣି ଅତ୍ୟନ୍ତ ଦୁଃଖିତ ହେଲୁଁ ଯେ ଗଇ ଜୁନମାସ ତା ୧୫ ରଖର ଗୋଧରେ କଲକାତାଠାରେ ୫ । ୬ ଜଣ ଯାତ୍ରୀ ଭିତର କଷ୍ଟ ସହି ନ ପାର ମରଯାଇଅଛନ୍ତି । ଯାହି- ମାନଙ୍କଠାରୁ ଶୁଣିଲୁ ଯେ, ଜାହାଜ ଅଉ ଦୁଇ ଏକଦିନ ସମୁଦ୍ରରେ ରହିଥିଲେ ଅନେକ ଯାତ୍ରୀ ନଷ୍ଟ ହୋଇଥାନ୍ତେ । ଅମ୍ଭେମାନେ ଜାହାଜର ଅଧ୍ୟକ୍ଷଙ୍କୁ ଅନୁରୋଧ କରୁଅଛୁଁ ଯେ, ସେ ଅଧିକ ଲୋଭ ନକରି ଏକା ଖେପରେ ଅଧିକ ମନୁଷ୍ୟ ନ ଆଣନ୍ତୁ, ନତୁବା ଶେଷରେ ବାଳକ ଓ ହଂସୀର ଭୁଲ ହେବା ବଡ଼ କଠିନ ନୁହେ ।

ବାଲେଶ୍ୱର ଥାନାର ଅଧୀନ ବାଙ୍ଗାଇଆ ଆଉଟ ପୋଷ୍ଟର ଅନ୍ତର୍ଗତ ସୋମନାଥପୁର ଗ୍ରାମର ନିବାସୀ ଦୁଇଜଣ ପଠାଣ, ଜଣେ ଦୁଃଖିଲୋକର ଗୋଟାଏ ବଳଦ ଚୋରି କରି ମାରିବା ନିମନ୍ତେ କର୍ଣ୍ଣନସ୍ଥାନକୁ ନେଇ ଯାଉ- ଥିଲେ । ଧରା ପଡ଼ିବାରୁ ସେମାନଙ୍କର ମିଆଦ ହୋଇ ଅଛି ଏହି ଦୁର୍ବୃତ୍ତମାନେ ଓ ଆଉ କେତେଜଣ ପଠାଣ ଗତ ଦୁର୍ଭିକ୍ଷରେ ଅନେକ ଗୋରୁ ଚୋରି କରି ବଧ କରିଥିଲେ ।

ଯାପାନର ଗବର୍ଣ୍ଣମେଣ୍ଟ ରଣତରୀ ଓ ସାମୁଦ୍ର- କସେନା ସ୍ଥାପନ କରିବାକୁ ମନସ୍ଥ କରିବାରୁ ଇଂଗ୍ଲଣ୍ଡଗବର୍ଣ୍ଣମେଣ୍ଟ ତିନି ବର୍ଷ ସକାଶେ କେ- ତେଜଣ ସେନାପତି ନିଯୁକ୍ତ କରି ପଠାଇବାକୁ ଆଜ୍ଞା ଦେଇ ଅଛନ୍ତି ।

ମାନ୍ୟବର ଇଜାନଗରର ମହାରାଜ ଏଲ- ହାବାଦର ମେଉକେଲ୍ କଲେଜ ସକାଶେ ଦୁଇ ଲକ୍ଷ ଟଙ୍କା ଦେଇଥିଲେ ସମ୍ପ୍ରତି ଗୋଟିଏ କୃତ୍ରିମ ଝର୍ଣ୍ଣର ସକାଶେ ପନର ହଜାର ଟଙ୍କା ଦାନ କରିବାକୁ ଇଚ୍ଛା ପ୍ରକାଶ କରଅଛନ୍ତି ।

ଗଡ଼ୁଟଗ୍ରାମର କମିସନରୀ ପଦ ଉଠାଇ ଦେବା ପାଇଁ ଗବର୍ଣ୍ଣମେଣ୍ଟ ବଙ୍ଗାଳ ମନସ୍ଥ କରଅଛନ୍ତି । ଏ ବିଭାଗର କେତେକ ଅଂଶ ଢାକା ଓ କେ- ତେକ ଅଂଶ ଆସାମର କମିଶନରଙ୍କର ଅଧିକାର ଭୁକ୍ତ ହେବ ।

କଲକାର ସୂତା କାଟିବା ଓ ଲୁଗା ବୁଣିବା ପାଇଁ ମାନ୍ଦ୍ରାଜରେ ଏକ କାର୍ଖାନା ସ୍ଥାପନ ହେବା- ର ପ୍ରସ୍ତାବ ହେଉଅଛି ଅତଏବ ଆନନ୍ଦର ବିଷୟ ଅଟଇ । କମ୍ପାନୀର କାର୍ଯ୍ୟ ଦେଖି ଏଠା ଲୋକେ ଉତ୍ସାହିତ ହେବାର ଜଣାଯାଏ ।

ଅନ୍ୟ ଉତ୍ତରାଧିକାରୀ ଥିବାରେ ଟିଭାଷର ସାମ୍ପ୍ରଦାୟିକ ଭାଇର ଝିଅର ପୁଅ ଉତ୍ତରାଧି- କାରୀ ହୋଇ ପାରେ ସମ୍ପ୍ରତି ହାଇକୋର୍ଟ ଏହିପରି ସିଦ୍ଧାନ୍ତ କରଅଛନ୍ତି ଓ ତାହା ବଙ୍ଗଳା ରପୋର୍ଟ- ରେ ପ୍ରକାଶିତ ହୋଇଅଛି ।

ଗଜପୁଡାନାରେ ଅଳ୍ପକାଳ ହେଲା ଯେଉଁ ଡାକ ଲୁଟି ହୋଇଥିଲା ଇହାଁର ଅପରାଧୀମାନେ ଧରାପଡି ଅଛନ୍ତି ଓ ଇମତର ନାଏବ ସୁବା ଡାକଇଲକାର ଜଣେ ହେଡ ଓଭରସିଅର ଏଥିର ଅନୁସନ୍ଧାନରେ ଅନେକ କୌଶଳ ପ୍ରଦର୍ଶନ କରିଥିବାରୁ ଗବର୍ଣ୍ଣମେଣ୍ଟରୁ ପାରିତୋ- ଷିକ ପାଇବେ ବୋଲି ଆଜ୍ଞା ହୋଇଅଛି ।

ଜେଲସମୂହର ଇନସ୍ପେକ୍ଟର ଜେନେରଲ ହିଲ ସାହେବ ବେତନ ବୃଦ୍ଧି ନ ପାଇଲେ କର୍ମ ତ୍ୟାଗ କରିବାକୁ ମନସ୍ଥ କରଅଛନ୍ତି ମାଏ ଲେଫଟେନେଣ୍ଟ ଗବର୍ଣ୍ଣର ତାଙ୍କୁ ରଖିବେ ନାହିଁ ଏଥି ପାଇଁ ଜେଲ ଓ ରେଜିଷ୍ଟ୍ରୀ କର୍ମ ଏକାଠି ମିଶାଇବାର ପ୍ରସ୍ତାବ ହେଉଅଛି ।

Split by PDF Splitter

Digitized by srujanika@gmail.com

Split by PDF Splitter

140



ମାନ୍ଦ୍ରାଜ ଷ୍ଟାଣ୍ଡାର୍ଡ କୋହନ୍ତି ଯେ ନେଲ୍ଲୋରର ଜଣେ ପାଦ୍ରୀସାହେବ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଲେ ଯେ କେତେକ ଜଣ ଦେଶୀୟ ଖ୍ରୀଷ୍ଟିୟାନଙ୍କ ନାମରେ ଅଦାଲତରୁ ଯେଉଁ ସମନ ବାହାରୁଥିଲା ତହିଁରେ ତାହାଙ୍କର ନାମ ସହିତ ଖ୍ରୀଷ୍ଟିୟାନ ହେବା ପୂର୍ବର ସାଙ୍ଗିଆ ଲେଖା ଯାଉଥିବାରୁ ସେମାନେ ସମନ ନେଲେ ନାହିଁ ସୁତରାଂ ସେମାନଙ୍କ ବିରୁଦ୍ଧରେ ମୂକଦ୍ଦମାମାନ ଡିସ୍ମିସ ହେଲେ । ଗବର୍ଣ୍ଣମେଣ୍ଟ ହାଇକୋର୍ଟଙ୍କୁ ଲେଖିଅଛନ୍ତି ଯେ ସ୍ୱଚ୍ଛ ଆପତ୍ତି ନ ଥିଲେ ପୂର୍ବ ସାଙ୍ଗିଆ ସବୁ ବ୍ୟବହାର କରିବାରୁ କ୍ଷାନ୍ତ ହେବେ । ଏ ପ୍ରଦେଶର ଖ୍ରୀଷ୍ଟିୟାନମାନେ ପୂର୍ବ ସାଙ୍ଗିଆ ସ୍ୱତ୍ୱ ରକ୍ଷା କରି ଅଛନ୍ତି ମାତ୍ର ମାନ୍ଦ୍ରାଜରେ ସେରୂପ କାହିଁକି ?

ନାଗପୁରର ରାଜା ରଘୁଜି ଭୋଁସଲାଙ୍କର ଜଣେ ବିଧବା ସ୍ତ୍ରୀ ଅନନ୍ଦବାଇ ମରିଯିବାର ସଂବାଦ ଶୁଣାଯାଏ । ଏହାଙ୍କୁ ବାର୍ଷିକ ୨୪୫୦୦୦ ଟଙ୍କା ଖୋରାକପୋଷାକ ପାଇଁ ଗବର୍ଣ୍ଣମେଣ୍ଟ ଦେଉଥିଲେ ଏଥର ଏ ଟଙ୍କା ଲାଭ ହେଲା ।

କଲିକତା ଜଣେ ଶିକ୍ଷକ ଆପଣା ବ୍ୟୟରେ ବରାନିହସାଣ ନଗରରେ ଗୋଟିଏ ଭଦ୍ରାଳୟ ସ୍ଥାପନ କରିଅଛନ୍ତି । ଏଥିରେ ବ୍ୟବହାରୋପଯୋଗୀ ବିଜ୍ଞାନ ଶାସ୍ତ୍ରର ଶିକ୍ଷା ଦିଆଯିବ ଓ ଏଥିରେ ଅଢ଼େଇ ଲକ୍ଷ ଟଙ୍କା ବ୍ୟୟ ପଡ଼ିବ । ଏ ପ୍ରକାର ସାଧାରଣ ହିତକର କାର୍ଯ୍ୟର ଅନୁଷ୍ଠାନ ଏଦେଶୀୟ ଲୋକଙ୍କଦ୍ୱାରା କେବେ ହେବ ?

ଖିବା ନଗର ରୁଷୀୟଙ୍କ ହସ୍ତରେ ପତିତ ହେଲା ଉତ୍ତାରୁ ରୁଷୀୟ ଦରବାର ଇଂଲଣ୍ଡକୁ ଜଣାଇଅଛନ୍ତି ଯେ ଉକ୍ତ ନଗରକୁ ଚିରକାଳ ସକାଶେ ଅଧିକାର କରିବାକୁ ରୁଷିୟାର ଇଚ୍ଛା ନାହିଁ ।

ବମ୍ବେଇରେ ଯେଉଁମାନେ ଦ୍ୱିଗୁଣ କରି ଦେବା ଛଳ କରି ଟଙ୍କା ନେଉଥିଲେ ତାହାଙ୍କ ବ୍ୟବହାର ପ୍ରକାଶ ପାଇବାରୁ ଯେଉଁ ଲୋକମାନେ ଟଙ୍କା ଦେଇଥିଲେ ତାହାଙ୍କୁ ଧରି ବିଲକ୍ଷଣରୂପ ପ୍ରହାର କରିଅଛନ୍ତି କିନ୍ତୁ କେତେ ଲୋକର କେତେ ଟଙ୍କା ଅପହୃତ ହୋଇଅଛି ପ୍ରକାଶ ପାଇ ନାହିଁ ।

# ପ୍ରେରିତପତ୍ର

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ ! ଆମ୍ଭର ଉତ୍କଳସ୍ଥିତ ବିଷୟଟି ଆପଣଙ୍କର ଜଗଦ୍ବିଖ୍ୟାତ ପତ୍ରିକାରେ ସ୍ଥାନ ଦାନ କଲେ ବାଧିତ ହେବୁଁ ।

ପୁରୀଜିଲ୍ଲାରେ ବାଇହନ୍ତା ନାମରେ ଯେଉଁ ସ୍ଥାନ ଅଛି ତାହା କି କାରଣରୁ ଉକ୍ତ ନାମରେ ଖ୍ୟାତ ତାହା ଜାଣିବା ପାଇଁ ଆମ୍ଭେ ଉତ୍ସୁକ ଅଛୁଁ । ଯଦି କେହି ପାଠକବର୍ଗ ମହୋଦୟମାନେ ଜାଣିଥାନ୍ତି କିମ୍ବା କୌଣସି ପୌରାଣିକ ଗ୍ରନ୍ଥରୁ ଉଦ୍ଧୃତ କରିପାରନ୍ତି ତେବେ ଆଗାମୀ ପତ୍ରିକାରେ ପ୍ରକାଶ କରିବେ ଆଉ କୌଣସି ବ୍ୟକ୍ତି କୋହନ୍ତି କି ସେଠାରେ ବାଳିକୁ ରାମଚନ୍ଦ୍ର ମାରିଥିଲେ ସେଥି ପାଇଁ ଉକ୍ତ ନାମରେ ଖ୍ୟାତ ହୋଇଅଛି, ଯଦି ସେଠାରେ ବାଳି ମରିଅଛି ତେବେ କିଷ୍କିନ୍ଧା ବା କେଉଁଠାରେ ହେବ ଆଉ ସୁଗ୍ରୀବ ବା କେଉଁ ପର୍ବତରେ ଲୁଚି ରହିଥିଲା । ଏହି ସକଳ ବିଷୟ କାରଣ ସହିତ ବୁଝାଇ ଦେଲେ ବାଧିତ ହେବୁଁ । ଇତି ।

୨୩।୭।୭୩ ନିବେଦକ

ଶ୍ରୀ ଦାଶରଥି ମହାନ୍ତି
କଟକ ନର୍ମାଲସ୍କୁଲର ଛାତ୍ର ।

---

ମୂଲପତ୍ର ଦେଖ ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୮ | ସଂଖ୍ୟା
ତା ୨ ରଖ ଅଗଷ୍ଟ ସନ ୧୮୭୯ ମସିହା । ମୂ । ଶ୍ରାବଣ ୨୦ଂକ ସନ ୧୨୮୦ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ୨୲
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୨୷
ମଫସଲ ଯାଇ ଡାକମାସୁଲ ୨୵୧୦

କଟକର ଡେପୁଟୀ ଜେଲର ଜ୍ଞେଷବାସୀ ବର୍ଖାସ୍ତ ହୋଇଅଛି ଓ ବରଖାସ୍ତ ହେବ ଏହି ଭୂଷ ସ୍ଥିର ହୋଇଅଛି । କାରଣ ତାହା କର୍ମରେ ଅଉ ଜଣେ ଏକ୍‌ଟିଂ ନିଯୁକ୍ତ ହେଲଣି । ଶୁଣାଯାଏ ଯେ ଏ ବ୍ୟକ୍ତି ଜେଲଖାନା କଇଦୀଦ୍ୱାରା ଖଣ୍ଡ ଖଣ୍ଡ ଛାପର କାଟି କାଗଜ ନେଇଥିଲେ ଓ ଜେଲଖାନାର ଖାଳମୂଲ୍ୟରେ ସାବଲ ପଲଙ୍କି ଇତ୍ୟାଦି ଲୁହାର ସରଞ୍ଜାମ ବନାଇ ନେଇ ଯାଉଥିବା ସମୟରେ ଧରାପଡ଼ିଲେ । ଯେବେ ଏପରି ହୋଇଅଛି ତେବେ ଏହାଙ୍କୁ ଫଉଜଦାରି ସୁପର୍ଦ୍ଦ କରାଗଲା ନ ହେଲା ଅମ୍ଭେମାନେ ବୁଝି ପାରୁ ନାହୁଁ । ଜ୍ଞେଷବାସୀ ପୂର୍ବେ ଏହି ଜେଲଖାନାରେ କଏଦ ହୋଇଥିଲେ ମୁକ୍ତି ପାଇଲା ଉତ୍ତାରୁ ସେହିଠାରେ ଡେପୁଟୀ ଜେଲର ହେଲେ ଓ କମିଶନର ସାହେବ ତାହାଙ୍କୁ ବାହାର କରିବାକୁ ଅନେକଥର ଚେଷ୍ଟା କରି ନିରସ୍ତ ହୋଇଥିଲେ ଏପରି ଲୋକର ଉପରେ ବିଷୟରେ ଯେବେ ଏମନ୍ତ କଥାମାନ ପ୍ରକାଶିତ ହେଲା ତେବେ ଇହାଁର ବିଚାର ଉପଯୁକ୍ତ ଅଦାଲତରୁ ହେବାର ଆବଶ୍ୟକ ।

---

### ବଙ୍ଗ ପୁସ୍ତକାଳୟ

ଅମ୍ଭେମାନେ ଶୁଣୁଅଛୁଁ କି ପୂର୍ବେ ଯେ ଏଠାରେ ବଙ୍ଗଳା ପୁସ୍ତକାଳୟ ଥିଲା ଇହାଁର ପୁସ୍ତକସବୁ କି ହେଲା ଶ୍ରୀଯୁକ୍ତ କମିଶନର ସାହେବ ତାହା ଜାଣିବା କାରଣ କଲେକ୍ଟର ସାହେବଙ୍କୁ ପତ୍ର ଲେଖିଅଛନ୍ତି । କିନ୍ତୁ ଏ ପୁରୁଣା କଥା କାହାରଠାରୁ ଓ ବାସ୍ତବରେ କିପ୍ରକାର ଖବର ରିପୋର୍ଟ ଲେଖା ହୋଇଅଛି ଅମ୍ଭେମାନେ ତାହା କିଛି ନ ଜାଣୁ । ଇଥାପି କମିଶନର ସାହେବଙ୍କର ଯେ ଏକଥାପ୍ରତି ଦୃଷ୍ଟି ପଡ଼ିଅଛି ଏହିକି ସୁଖର ବିଷୟ ଅଟଇ । ଯେଉଁବେଳେ ପୁସ୍ତକମାନ କଟକ ସୋସାଇଟୀକୁ ଅର୍ପିତ ହେଲା ଅମ୍ଭେମାନେ ସେତେବେଳେ ଏହାର ପ୍ରତିବାଦ କରିଥିଲୁଁ (ସନ ୧୮୬୯ ମସିହା ତା ୮ ରଖ ମଇର ଉତ୍କଳଦୀପିକା ଦେଖ) ଓ ଶ୍ରୀଯୁକ୍ତ ଅର୍ମଷ୍ଟ୍ରଂ ସାହେବ କି ଯାହାଙ୍କ ଆଜ୍ଞାରେ ଉକ୍ତପ୍ରକାର ହସ୍ତାନ୍ତର ହେଲା ତାହାଙ୍କ କ୍ଷମତାପ୍ରତି ସନ୍ଦେହ ପ୍ରକାଶ କରିଥିଲୁଁ । କିନ୍ତୁ ଅମ୍ଭମାନଙ୍କ କଥା ସେତେ ହେଲା କାହିଁ ଓ ସର୍ବସାଧାରଣ ଅଥବା ଯେଉଁମାନେ ଲେଖା ଦେଇ ପୁସ୍ତକାଳୟ ସ୍ଥାପନ କରିଥିଲେ ତାହାଙ୍କ ମଧ୍ୟରୁ କେହି କିଛି ଆପତ୍ତି କଲେ ନାହିଁ ସୁତରାଂ କଟକସୋସାଇଟୀ ପୁସ୍ତକସବୁର କର୍ତ୍ତା ହେ ଅଧିକାରୀ ହୋଇ 'ଉତ୍କଳହିତୈଷିଣୀ' ରେ କେତେ ଅଯୌକ୍ତିକ କଥା କହି ଅମ୍ଭମାନଙ୍କ ଆପତ୍ତି ଖଣ୍ଡନ କରିବାର ଚେଷ୍ଟା କରିଥିଲେ । ବର୍ତ୍ତମାନ କମିଶନର ସାହେବ ପୁସ୍ତକସବୁ ଖୋଜ କରୁଅଛନ୍ତି ଓ ଖାଲିକୁ 'ଉତ୍କଳହିତୈଷିଣୀ' ମଧ୍ୟ ପୁନର୍ବାର କି ଲେଖୁଅଛନ୍ତି ଏଥର କି ଯୁକ୍ତିମାନ ଦର୍ଶାଇବେ ଶୁଣିବାରେ ଅଭିବ ମାଷ କୁଣ୍ଠ ତର୍କ ବିତର୍କରେ ପ୍ରୟୋଜନ କି ଅଛି. କଟକ ସୋସାଇଟୀ ଯେମନ୍ତ ପୁସ୍ତକସବୁ ନେଇଥିଲେ ଯେବେ ପୁସ୍ତକାଳୟକୁ ଜୀବିତ ରଖିଥାନ୍ତେ ତେବେ କିଛି କଥା ନଥିଲା କିନ୍ତୁ ଦୁଃଖର ବିଷୟ ଯେ ଅନାୟାସରେ ପୁସ୍ତକସ୍ଥିତି ଲାଭ କରି ସୁଦ୍ଧା ପୁସ୍ତକାଳୟକୁ ଜାଗ୍ରତ ରଖି ପାରିଲେ ନାହିଁ ପୂର୍ବେ ଯଥାକଥା ପୁସ୍ତକାଳୟ ଏ ବଖରରେ ଅଛି କୋଉ ଜଣା ଯାଉଥିଲା ସୋସାଇଟିଙ୍କ ହସ୍ତକୁ ଗଲାଦିନୁ ଏଥର ଉନ୍ନତି ତେଣିକି ଥାଉ ପୁସ୍ତକାଳୟ କାହିଁ ବୋଲି ଲୋକଙ୍କର ବିସ୍ମୟ ହୋଇଅଛି ।

---

### ପଥକର ।

ଗତ ବୁଧବାର ଏଠା ପଥକର କମିଟୀର ସଭା ହୋଇଥିଲା । ଆଗାମୀ ବର୍ଷ ସକାଶେ ପଥକର ଦର ପ୍ରତି ଟଙ୍କାରେ ଏକପଇସା ଲେଖାଏ ସ୍ଥିରରେ ଧାର୍ଯ୍ୟ ହୋଇଅଛି । ଏହି ଦରରେ ଟ ୨୭୧୭୦ ଙ୍କା କର ସଂଗ୍ରହ ହୋଇ ପାରିବ ଓ ସରକାର ଟ ୨୫୦୦୦ ଙ୍କା ଟ୍ରେଜରୀରୁ କମିଟୀକୁ ପ୍ରଦାନ କରିଅଛନ୍ତି ଓ ସାଇଁ ଉଦ୍ବୃତ୍ତ ଇତ୍ୟାଦି ନେଇ ଆଗାମୀ ବର୍ଷର ଅସୁ ଟ ୭୩୩୦୦ ଙ୍କା ଏଷ୍ଟିମେଟ ହୋଇଅଛି ଓ ବ୍ୟୟର ଏଷ୍ଟିମେଟ ନିମ୍ନଲିଖିତ ପ୍ରକାର ଅଟଇ । ଯଥା—

ପଥକର ମରାମତି ଓ ବାଜେଖର୍ଚ୍ଚ

ଟ ୧୭୦୦ ଙ୍କା ସହିତ ଟ ୩୫୦୦

ନୂତନ କର୍ମ ଅର୍ଥାତ୍ ପୁଲ ଇତ୍ୟାଦି

ନିର୍ମାଣ ଟ୧୯୫୨୦୦

Digitized by srujanika@gmail.com

ରାସ୍ତା ମରାମତି ଖର୍ଚ୍ଚ ଟ ୨୫୯୦୦
ବାରିକମାଷ୍ଟରୀ ମହକୁମା ଖର୍ଚ୍ଚ ଚଳା-
ଇବା ସକାଶେ ଟ ୩୭୦୦
ସରକାରର ହର୍ଓ୍ୟାଲର ଆଦାୟ ଟ ୯୭୦୦
ଘାଟର ନୌକା ଭଡ଼ାର ଓ ଅନ୍ୟାନ୍ୟ
ବ୍ୟୟ ଟ ୧୯୦୦
ମୋଟ ଟ ୨୭୩୬୦୦

କୌଣସି ନୂତନ ରାସ୍ତା ପ୍ରସ୍ତୁତ ହେବାର ପ୍ରସ୍ତାବ ହୋଇ ନାହିଁ କେବଳ କେନ୍ଦ୍ରାପଡ଼ା ରାସ୍ତାରେ ବର୍ତ୍ତମାନ ବିଶେଷ ଗତାୟାତ ହେଉଅଥିବାରୁ ସେଥିର କିଛି୨ ଅଂଶ ଏକା୨ ବର୍ଷରେ ଅଧିକ ଉଚ ଓ ଉତ୍ତମ କରାଯିବ ସେଥିପାଇଁ ଟ ୫୦୦୦ ଟଙ୍କା ନୂତନ କର୍ମ ମଧ୍ୟରେ ଭୁକ୍ତ ହୋଇଅଛି । ଏ ପ୍ରସ୍ତାବ ଉତ୍ତମ ଅଟଇ ଯେହେତୁ କେନ୍ଦ୍ରାପଡ଼ା ରାସ୍ତାର ଅବସ୍ଥା ଉନ୍ନତ କରିବାର ଅତି ଆବଶ୍ୟକ ଓ ବର୍ତ୍ତମାନ ସେ ରାସ୍ତା ଗଡ଼ବାଲ ପର୍ଯ୍ୟନ୍ତ ବିସ୍ତାର ହୋଇଅଛି । ଜଗନ୍ନାଥ ସଡ଼କସ୍ଥ ଧର୍ମଶାଳା ସବୁ ମରାମତିପାଇଁ ଟ ୨୫୦୦ ଟଙ୍କା ଖର୍ଚ୍ଚ କରିବାର ପ୍ରସ୍ତାବ ହୋଇଅଛି । ଅମ୍ଭମାନଙ୍କ ବିବେଚନାରେ ବାରିକମାଷ୍ଟରୀ ମହକୁମା ଖର୍ଚ୍ଚା ଅତି ଅଧିକ ହୋଇଅଛି ତାହା ନ୍ୟୂନ କରିବାର ଆବଶ୍ୟକ ଯଦ୍ୟପି କମିଟୀଙ୍କର ଏ ବିଷୟରେ କ୍ଷମତା ନାହିଁ ତେବେ ସେ ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ କରି ଖର୍ଚ୍ଚା ନ୍ୟୂନ କରାଇ ପାରନ୍ତି ।

ପଥକରର ଦର ଯେ ପ୍ରତିଟଙ୍କାରେ ଏକ-ପଇସା ସ୍ଥିର ହୋଇଅଛି ସେଥିମଧ୍ୟରୁ ଉପୁଜି ତାହାର ଦେୟ ଗଣନାର ପ୍ରତି ଟଙ୍କାରେ ଅଧ-ଲିଏ ଲେଖାଁଏ ଜମିଦାରଙ୍କୁ ଦେବ ବାକି ଅଧଲିକ ଜମିଦାର ଅପଣା ଲାଭ ଉପରେ ଦେବ ଓ ଲାଗଜମିଦାର ଜାଗିରଦାର ଇତ୍ୟାଦି ସୁଦ୍ଧା ଏକପଇସା ଲେଖାଁଏ ଦେବେ । କିପ୍ରକାରରେ ପଥକର ଜମା ଗଣନା ଏବା ଆଦାୟ କରାଯିବ ଏ ବିଷୟରେ ଅନେକ ଲୋକ ପ୍ରଶ୍ନ କରନ୍ତି ଏହେତୁ ଅମ୍ଭେମାନେ ଗୋଟିଏ ଦୃଷ୍ଟାନ୍ତ ନିମ୍ନେ ଲେଖୁଅଛୁଁ ।

ଏକମହାଲର ଧାର୍ଯ୍ୟ ହୋଇଥିବା
ବାର୍ଷିକ ଜମା ଟ ୨୦୦
ତହିଁର ସରକାରୀ ମାଲଗୁଜାରି ଟ ୧୨୦
ପଥକର ପ୍ରତିଟଙ୍କାରେ ଏକପଇସା
ଲେଖାଏ ୨୦୦ ପଇସା
ମିଳା ମାଲଗୁଜାରି ଉପରେ ଅଧା ହିସା-
ବରେ ଅର୍ଥାତ୍ ୧୨୦ ଅଧଲାକୁ ୬୦ ପଇସାଯାଇ
ଅବଶିଷ୍ଟ ସରକାର ନେବେ ସର୍ବମୋଟ ଟ ୩।୦

ଏ କର ଏହି ପ୍ରକାରରେ ଆଦାୟ ହେବ । ଯଥା—
ସମୁଦାୟ ମହାଲ ରୟତାନୀ ଥିଲେ
ରୟତମାନେ ଦେବେ ପ୍ରତିଟଙ୍କାରେ
ଅଧଲାଏ ଲେଖାଁଏ ଟ ୨୦୦ ଟଙ୍କାକୁ ୨୦୦ ଇସା
ଜମିଦାର ଅପଣା ମୁନାଫା ଟ ୮୦ ଟଙ୍କା
ଉପରେ ପ୍ରତିଟଙ୍କାରେ ଅଧଲାଏ
ଲେଖାଁଏ ପ ୪୦ ଇସା
ମୋଟ ପଇସାକୁ ଟ ୩।୦

ବିକ୍ରିମିଦାରମାନେ ବା ଯେଉଁ ମାନଙ୍କର ସ୍ୱତ୍ୱ ମୂଲ୍ୟ ଅର୍ଥାତ୍ ବାର୍ଷିକ ଉତ୍ପନ୍ନ ଜମା ଧାର୍ଯ୍ୟ ହୋଇଅଛି ସେମାନେ ଉପରଲିଖିତ ନିୟମ ଓ ଦୃଷ୍ଟାନ୍ତ ଅନୁସାରେ ପଥକର ସଂଗ୍ରହ କରି ଜମିଦାରଙ୍କୁ ଆଦାୟ କରିବେ ଅର୍ଥାତ୍ ମୂଲ୍ୟ ଧାର୍ଯ୍ୟ ଟଙ୍କା ଉପରେ ପଇସାଏ ଲେଖାଁଏ ହିସା-ବରେ ଯାହା ହେବ ତହିଁ ମଧ୍ୟରୁ ଦେଣା ଉପରେ ଅଧଲାଏ ହିସାବରେ ବାଦ ଦିଆ ଯାଇ ବାକି ଜମିଦାରଙ୍କୁ ଦିଆଯିବ ଓ ଯେଉଁ ସିକି-ମିର ଟ ୫ ଟଙ୍କାରୁ କମ ଜମା ଥିବାରୁ ସ୍ୱତ୍ୱ ମୂଲ୍ୟ ନିର୍ଦ୍ଧାର୍ଯ୍ୟ ହୋଇ ନାହିଁ ସେ ସିକିମିର ଗଣନା ଉପରେ ପ୍ରତି ଟଙ୍କାରେ ଅଧଲାଏ ଲେଖାଁଏ ଜମିଦାରଙ୍କୁ ଦିଆଯିବ ।

## ବେନାମୀଦରଖାସ୍ତ ।

ସଭ୍ୟଶାସନ ପ୍ରଣାଳୀର ଗୋଟିଏ ନିୟମ ଏହି ଯେ କେହି ସାକ୍ଷାତରେ କାହାର କଥା ନ କହିଲେ ତାହା ଶୁଣା ଯିବ ନାହିଁ । ଏହି ନିୟ-ମକୁ ଅବଲମ୍ବନ କରି ହାକିମମାନେ ବେନାମୀ ଦରଖାସ୍ତ ଗ୍ରହଣ କରନ୍ତି ନାହିଁ । ଏକା ମାସ୍ତ୍ରେ କମିସନରସାହେବ ତାହା ଗ୍ରହଣକରି ଅନୁସ-ନ୍ଧାନ କରନ୍ତି । କିନ୍ତୁ ଫଳଦ୍ୱାରା ଦେଖାଯାଏ କମିସନରସାହେବ ଭଲ କରନ୍ତି ଓ ତହିଁର ପ୍ରକାଶ ପାଏ ଯେ ସେ ଏ ପ୍ରଦେଶର ଅବସ୍ଥାକୁ ବିଶେଷରୂପେ ଜାଣନ୍ତି । କାରଣ ଓଡ଼ିଶା ଏମନ୍ତ ସଭ୍ୟ ହୋଇ ନାହିଁ କି ଯହିଁରେ ସଭ୍ୟ ଦେଶ-ର ନିୟମରେ ଫଳ ମିଳିବ ବିଶେଷରେ ଏଠା ଲୋକମାନେ ଅତ୍ୟନ୍ତ ଭୀରୁ ଓ ଭଣ୍ଡାଲ ସୁତରାଂ ଅନ୍ୟାୟତ ତାହାର ମନ କହିବାକୁ ସାହସ କରନ୍ତି ନାହିଁ । ଏହାଙ୍କର ଯାହା କହି କହି-ବାର ଥିଅଇ ବେନାମୀଦରଖାସ୍ତଦ୍ୱାରା ତାହା ଜଣାନ୍ତି । ସମ୍ପ୍ରତି ଯେ ବେନାମୀଦରଖାସ୍ତର ପ୍ରତିବନ୍ଧ ତାହା ସୁଦ୍ଧା ଲୋକେ ବିଶ୍ୱାସ କରନ୍ତି ନାହିଁ । କେବଳ ଏରୂପ ଅବସ୍ଥାରେ ବେନା-ମୀଦରଖାସ୍ତ ଗ୍ରହଣ କରିବାର ଉଚିତ ତାହାକୁ ମିଥ୍ୟା ବୋଲି ଫକାଇଦେବାର ଭଲ ନୁହଇ । ଯେବେ ସମସ୍ତ ହାକିମ ବେନାମୀଦରଖାସ୍ତର ପ୍ରତିକୂଳ ହୁଅନ୍ତି ତେବେ ସୁଶାସନକାର୍ଯ୍ୟପ୍ରତି ଅନେକ ବାଧା ଘଟନ୍ତା ସନ୍ଦେହ ନାହିଁ । ବେ-ନାମୀଦରଖାସ୍ତଦ୍ୱାରା ଏହିବର୍ଷ ମଧ୍ୟରେ କେ-ତେକ ଗୁରୁତର କାର୍ଯ୍ୟ ସାଧନ ହୋଇଅଛି । ପୁରୀର ଏକିଟିଂ ମୁନସଫ ସ୍ଥାନାନ୍ତରିତ ହେଲେ କଟକ ଓ ବାଲେଶ୍ୱରର ଖୁନ ମକଦମାମାନ ପ୍ରକାଶ ପାଇ ଅପରାଧୀମାନେ କଏଦ ହେଲେ । ଫୌଜଦାରୀଦାରୋଗାଙ୍କର ବଦଳି ହେଲା ଓ ଅଛିର କେତେ ଗୁରୁତର କାର୍ଯ୍ୟ ସାଧନ ହୋଇଅଛି । ଯେତେବେଳେ ବେନାମୀଦର-ଖାସ୍ତର ସୁଫଳ ଏରୂପ ଦେଖାଯାଏ ଓ ଲୋକ-ମାନେ ବେନାମୀଦରଖାସ୍ତ ଭିନ୍ନ ଅନ୍ୟ କୌଣସି ରୂପେ ସାଧାରଣ ଦୁଃଖ ଜଣାଇବାକୁ ସୁବିଧା ପାନ୍ତି ନାହିଁ ସେସ୍ଥଳେ ବେନାମୀଦରଖାସ୍ତ ଶୁଣିବା ବିଷୟ ଶାସନପ୍ରଣାଳୀର ଅନନୁମୋଦନୀୟ ନୁହଇ ବୋଲି ତହିଁ ପ୍ରତି ଅନାସ୍ଥା ପ୍ରକାଶ କରିବାର ଉଚିତ ହେଉ ନାହିଁ । ଯେବେ ବେନାମୀଦର-ଖାସ୍ତ ହାକିମମାନେ ଶୁଣି ନ ଥାନ୍ତେ ତେବେ ଉପର ଲିଖିତ ଦୂଷଣୀୟ କାର୍ଯ୍ୟସବୁର ପ୍ରତୀକାର ହୋଇ ନ ଥାନ୍ତା । ଅତଏବ ଓଡ଼ିଶାର ବର୍ତ୍ତ-ମାନାବସ୍ଥା ଦୃଷ୍ଟିରେ ବେନାମୀଦରଖାସ୍ତପ୍ରତି ଆସ୍ଥା କରିବାକୁ ହେଉଅଛି । ତେବେ ଶାସନ କର୍ତ୍ତାଙ୍କର କର୍ତ୍ତବ୍ୟ କି ଯେରୂପେ ବେନାମୀଦ-ରଖାସ୍ତର ସାହାଯ୍ୟ ଉପରେ ଲୋକମାନେ ନି-ର୍ଭର ନ କରି ଅନ୍ୟ ସୁନିୟମରେ ଅପଣା ଦୁଃଖ ଜଣାଇବାକୁ ପ୍ରବୃତ୍ତ ହୁଅନ୍ତି ତହିଁର ଉପାୟ କରି ଦେଇବେ । ସେ ଉପାୟ କି ଅମ୍ଭେମାନେ ସହସା କହି ନ ପାରୁଁ ବୁଦ୍ଧିମାନ କର୍ତ୍ତୃପକ୍ଷମାନେ ଭାବନା କଲେ ଅବଶ୍ୟ କିଛି ସ୍ଥିରକରି ପାରିବେ ଏମନ୍ତ ଅନୁମାନ ହେଉଅଛି । ଅପାତତଃ ଅ-ମ୍ଭେମାନେ ଏତିକି କହୁପାରୁଁ ଯେ ସ୍ୱାଧୀନ ସଂବାଦପତ୍ରପ୍ରତି କର୍ତ୍ତୃପକ୍ଷଙ୍କର ଅଧିକ ମନୋଯୋଗ ହେଲେ ଇଚ୍ଛାମୁ ବେନାମୀଦର-ଖାସ୍ତର ପ୍ରୟୋଜନ ଅନେକାଂଶରେ ହ୍ରାସ ହେବ । ସଂବାଦପତ୍ରରେ ଲେଖକ କିଛି ସବୁଙ୍କ ନୁହନ୍ତି ଲୋକମାନେ ଯେସମସ୍ତ କଥାପେଲ ଅ-ନ୍ଦୋଳନ କରନ୍ତି ଓ ଯାହା ସାଧାରଣ ହିତାପ-କାର୍ଯ୍ୟ ସଂବାଦପତ୍ରର ସମ୍ପାଦକଙ୍କୁ ଜଣାନ୍ତି ସେସବୁ ପ୍ରକାଶିତ ହୁଅଇ ଓ ତାହା ପ୍ରକାଶ ପୂର୍ବେ ପତ୍ରିକାଲେଖକମାନେ ଯଥାସାଧ୍ୟ ସତ୍

Digitized by srujanika@gmail.com

ଓ ସାବଧାନପୂର୍ବକ ବିବେଚନା କରି ଦେଖନ୍ତି ଯେ ପ୍ରାପ୍ତ ସଂବାଦ ସାଧାରଣ ହିତକର ଅଟଇ କି ନାହିଁ ଓ ତାହା ପ୍ରକାଶ କରିବା ଉଚିତ ଅଟଇ କି ନାହିଁ । ଯେଉଁ ପତ୍ରିକାର ଲେଖକମାନେ ଆପଣା କାର୍ଯ୍ୟ ଓ ଦାୟିର ପ୍ରକୃତ ମର୍ଯ୍ୟାଦା ଜାଣନ୍ତି ସେମାନେ ଜାଣି ଶୁଣି ମନ୍ଦ ଲେଖିବାକୁ ପ୍ରବୃତ୍ତ ହେବେ ନାହିଁ ତେବେ ଭ୍ରମ, ସମ୍ଭବକର ଅଛି ତାହା କେବେ୨ ଘଟୁ ଅଛି ବା ଘଟିବ ଓ ଘଟିଲେ ସହଜରେ ଚିହ୍ନା ପଡ଼ଇ । ଏମନ୍ତ ସ୍ଥଳେ ଯେବେ ହାକିମମାନେ ସ୍ଥାନୀୟ ସମ୍ବାଦପତ୍ରମାନଙ୍କର ଲେଖାକୁ ବିଶେଷ ମନୋଯୋଗ ଦେଇ ଶୁଣନ୍ତି ଓ ଆବଶ୍ୟକ ମତେ ତହିଁ ଲିଖିତ ବିଷୟ ବିଶେଷରେ କୌଣସି କାର୍ଯ୍ୟ କରିବାର ହେଲେ ତାହା କରନ୍ତି ତେବେ ଲୋକମାନଙ୍କର ମଧ୍ୟ ସମ୍ବାଦପତ୍ର ପ୍ରତି ଆଦର ବଢ଼ିବ । ତହିଁ ସେମାନେ ବୁଝିପାରିବେ ଯେ ବେନାମୀ ଦରଖାସ୍ତ ଦେବାଠାରୁ ସମ୍ବାଦପତ୍ରର ସାହାଯ୍ୟ ନେବା ଭଲ ଅଟଇ ସୁତରାଂ ମନୋଗତ ଭାବମାନ ସମ୍ବାଦପତ୍ରିକାଦ୍ୱାରା ହାକିମଙ୍କୁ ଅଥବା ସର୍ବସାଧାରଣଙ୍କୁ ଜଣାଇବେ । ସମ୍ବାଦପତ୍ରରେ ଛପାଇବା ବେନାମୀ ଦରଖାସ୍ତଠାରୁ ଭଲ ଥିବାର ଅନେକ ଗୋଟିଏ କାରଣ ଅଛି । ବେନାମୀ ଦରଖାସ୍ତ ନିଷ୍ଫଳ ପ୍ରାୟ ଅଟଇ କାରଣ ତହିଁ ଲିଖିତ କଥା ଗୋପନରୂପେ କେବଳ ହାକିମଙ୍କୁ ଜଣାଇବା ହେଲା ମାତ୍ର ସମ୍ବାଦପତ୍ରିକାରେ ପ୍ରକାଶ କରିବା ସେରୂପ ନୁହଇ କାରଣ ତାହା ସମସ୍ତେ ଜାଣିବେ ଓ ଯାହାର ବିପରୀତ ବୋଲିବାର ଇଚ୍ଛା ଥିବ ସେ ପ୍ରତିବାଦ କରି ପାରିବ ସୁତରାଂ ଯେଉଁ କଥା ପ୍ରକାଶ୍ୟରେ ବୋଲାଯିବ ତାହାକୁ ନିଷ୍ଫଳ କୁହାଯାଇ ନ ପାରେ । ତଥାପି ଆମ୍ଭେମାନେ ଦୁଃଖର ସହିତ ସ୍ୱୀକାର କରୁଅଛୁଁ ଯେ ଅଦ୍ୟାପି କେହି କେହି ପ୍ରଧାନ ହାକିମ ସମ୍ବାଦପତ୍ରକୁ ନିନ୍ଦୁକଅ ବୋଲି କହିଅଛନ୍ତି । ଏମନ୍ତ ନିନ୍ଦା ବାକ୍ୟ ପ୍ରୟୋଗ କରିବାର କୌଣସି ହେତୁ ଅଛି କି ନାହିଁ ତାହା ପାଠକମାନେ ବିଚାର କରନ୍ତୁ । ପରନ୍ତୁ ଗୁଣ କହିଲେ ଯେବେ ତୋଷାମଦିଆ ଓ ଦୋଷ କହିଲେ ଯେବେ ନିନ୍ଦୁକଅ ହୁଅଇ ତେବେ ସଂସାରର ଯାବନ୍ତ ଲୋକ ସମସ୍ତେ ତୋଷାମଦିଆ ବା ନିନ୍ଦୁକଅ, ତହିଁ ମଧ୍ୟରେ ହାକିମମାନେ ବିଶେଷରୂପେ ଅଟନ୍ତି କାରଣ ଏମନ୍ତ ଦିନ ନାହିଁ କି ଯହିଁରେ ତାହାଙ୍କୁ କାହାର ଗୁଣ ବା ଦୋଷର କଥା ଲେଖିବାକୁ ପଡ଼ଇ ନାହିଁ । ସେ ଯାହା ହେଉ ଆମ୍ଭେମାନେ ତଥାପି ହାକିମମାନଙ୍କୁ ଅନୁରୋଧ କରୁଅଛୁଁ କି ଯେମନ୍ତ ସେମାନେ ତୋଷାମଦିଆର କଥାକୁ କର୍ଣ୍ଣ ଦେଉ ଥାନ୍ତି ସେହିପରି ଆମ୍ଭମାନଙ୍କ ପ୍ରାୟ ନିନ୍ଦୁକଅଙ୍କ କଥା ପ୍ରତି ମଧ୍ୟ କର୍ଣ୍ଣପାତ କରନ୍ତୁ ତାହା ନ କଲେ ତାହାଙ୍କୁ ପକ୍ଷପାତୀ ବୋଲାଯିବ ।

## ସାପ୍ତାହିକସଂବାଦ ।

କଲିକତା ବିଶ୍ୱବିଦ୍ୟାଳୟର ପ୍ରବେଶିକା ଓ ଫାଷ୍ଟଆର୍ଟସ ପରୀକ୍ଷା ଆଗାମୀ ଡିସେମ୍ବର ମାସ ତା ୧ ରଖ ସୋମବାର ଆରମ୍ଭ ହେବ । ଯେଉଁମାନେ ପରୀକ୍ଷା ଦେବାକୁ ବାଞ୍ଛା କରନ୍ତି ସେମାନଙ୍କୁ ତା ୧ ରଖ ନବେମ୍ବର ପୂର୍ବରୁ ରେଜିଷ୍ଟ୍ରାର ସାହେବଙ୍କ ନିକଟକୁ ପ୍ରାର୍ଥନା କରିବାକୁ ହେବ ।

ଅଳ୍ପକାଳ ଏ ନଗରରେ ଓଲାଉଠାର କିଛି ପ୍ରାଦୁର୍ଭାବ ହୋଇଅଛି । ଗତ ଦୁଇ ଅଠଦିନ ମଧ୍ୟରେ ଅନେକ ଗୁଡ଼ିଏ ଲୋକ ନାଶ ହେଲେଣି ଅଦ୍ୟାପି ରୋଗ ଶାନ୍ତ ହୋଇ ନାହିଁ । ଜ୍ୱର ଓ ଉଦରରୋଗ ମଧ୍ୟ ଏହି କାଳରେ ପ୍ରବଳ ହୋଇଅଛି ।

ଗତ ସପ୍ତାହରେ ମାଙ୍କସୋଷବଜାର ବାଟ ଉପରକୁ ଖଣ୍ଡେ ପୁରୁଣାକାନ୍ଥ ଭାଙ୍ଗି ପଡ଼ିବାରୁ ବାଟରେ ଯାଉଥିବା ଏକ ବ୍ୟକ୍ତିର ଗୋଡ଼ ଭାଙ୍ଗି ଯାଇଅଛି । ରକ୍ଷା ହେଲା ଯେ ତାହା ଦେହରେ ପଡ଼ିଲା ନାହିଁ ତହିଁରେ ବଞ୍ଚିବାର ଆଶା ନ ଥାନ୍ତା ଓ ଅନ୍ୟ କେହି ଲୋକ ସେସମୟରେ ଯାତାୟାତ କରୁ ନ ଥିଲେ । ପୁଲିସପ୍ରତି ପୁରୁଣାକାନ୍ଥସବୁ ଦେଖିବାର ଆଦେଶ ଅଛି ମାତ୍ର କେବେ ଆଜ୍ଞା ସନ୍ତୋଷଜନକରୂପେ ପ୍ରତିପାଳିତ ହୁଅଇ ।

ଖୋରଧା ପୁଲିସ ସବ୍‌ଇନ୍‌ସ୍ପେକ୍ଟରର ନୀଳଧମନ ମିଶ୍ର ଓ ତାହାଙ୍କ ସଙ୍ଗି କନେଷ୍ଟବଲ ଖୋରଧା ଡକାଇତି ମକଦ୍ଦମାରେ ଜାଣି ଶୁଣି ମିଥ୍ୟା ତଦାରଖିକାଗଜ ଲେଖି ପଠାଇବା ଓ ଉତ୍କୋଚ ନେବା ଅପରାଧମାନ ପ୍ରମାଣ ହେବାରୁ ସେସନ ଅଦାଲତରୁ ପ୍ରଥମ ବ୍ୟକ୍ତି ୨ ବର୍ଷ ଓ ଦ୍ୱିତୀୟ ବ୍ୟକ୍ତି ଏକବର୍ଷ କାରାବାସର ଦଣ୍ଡ ପାଇଅଛି । ଏ ଦୌରା ମକଦ୍ଦମାର ବିଚାରରେ ଅତି ଦୀର୍ଘକାଳ ଅର୍ଥାତ୍ ଦ ୧୨ ଦ ଲାଗିଲା । ଏ ମକଦ୍ଦମା ହାଇକୋର୍ଟରେ ଅପିଲ ହେବ ସୁତରାଂ ବର୍ତ୍ତମାନ ଆମ୍ଭେମାନେ କିଛି ମନ୍ତବ୍ୟ ପ୍ରକାଶ କରି ନ ପାରୁଁ ।

ଗତ ମଙ୍ଗଳବାର କାଠଯୋଡ଼ି ନଦୀରେ ଖଣ୍ଡିଏ ମହାଜନୀ ବୋଝାଇ ନୌକା ବୁଡ଼ିଗଲା । ଅଧିକାଂଶ ଦ୍ରବ୍ୟ ନଷ୍ଟ ହେଲା ମାତ୍ର କେହି ଲୋକ ମରି ପଡ଼ି ନାହାନ୍ତି ।

ସମ୍ବଲପୁରଠାରୁ କଟକକୁ ବାଣିଜ୍ୟ ଦ୍ରବ୍ୟ ନେଇ ଆସୁଥିବା ଖଣ୍ଡିଏ ନୌକା ସମ୍ବଲପୁର ନିକଟ ମହାନଦୀରେ ମଗ୍ନ ପଡ଼ିଅଛି । ନୌକା ଗଣ୍ଡିକ ଯାତ୍ରୀଗଣ ଓ ଲୋକମାନେ ସମସ୍ତେ ପ୍ରାଣରେ ବଞ୍ଚିଅଛନ୍ତି ମାତ୍ର ମହାଜନର ଦ୍ରବ୍ୟ ସବୁ ପ୍ରାୟ ୫ ୧୦୦୦ ଟଙ୍କା ମୂଲ୍ୟର ନଷ୍ଟ ହେଲା ।

ହାଇଦ୍ରାବାଦ ନିଜାମଙ୍କ ରାଜ୍ୟରେ ଯେଉଁ ଡାକ ଲୁଟି ହୋଇ ଥିଲା ତହିଁର କିଛିଅଂଶ ଫେରି ପାଇ ଯାଇ ଥିଲେହେଁ ଚୋରମାନେ ଧରା ପଡ଼ି ନ ଥିଲେ । ସମ୍ପ୍ରତି ତିନିଜଣ ଅପରାଧୀ ଧରାପଡ଼ି ଅଛନ୍ତି ଓ ଅବଶିଷ୍ଟ ଲୋକଙ୍କ ଗିରଫ୍ତାରିର ଉପାୟ ହେଉଅଛି ।

ଦ୍ୱାରକଦରୁ ଜଣେ ବଣିକ ମରୁ ନଗରରୁ ଫେରିଆସି କହିଅଛି ଯେ ଉକ୍ତ ନଗରରେ ଜଣେ ଇଂରାଜ ଦୁଃଖପାଇ ଫକୀର ପନ୍ଥା ଧାରଣ କରି ଅଛି । ଏଥିରୁ ଡେଲିନିଉସ ବୋଲନ୍ତି ଯେ ଏହି ବ୍ୟକ୍ତି ନିଉୟର୍କ ହେରାଲ୍ଡ ନାମକ ସଂବାଦପତ୍ରର ବିଶେଷ ପତ୍ରପ୍ରେରକ ଥିଲା ।

ପାୟୋନିୟର ଶୁଣିଅଛନ୍ତି ଯେ କାଶ୍ମୀରର ମହାରାଜ ରୁଷୀୟମାନଙ୍କୁ ଇଂରାଜଙ୍କଠାରୁ ଅଧିକ ବଳବାନ୍ ଥିବାର ବିବେଚନା କରି ଉକ୍ତ ରାଜ୍ୟକୁ ଅନେକ ବହୁମୂଲ୍ୟ ଉପଢୌକନ ପଠାଇ ଅଛନ୍ତି ଓ ବାଣିଜ୍ୟ ଛଳରେ ରୁଷ ଓ କାବୁଲ ସଙ୍ଗେ ଗୋପନରେ ପତ୍ରାଦି ଲେଖା ଲେଖି କରୁଅଛନ୍ତି । ଆମ୍ଭମାନଙ୍କର ଏଥିରେ ବିଶ୍ୱାସ ହେଉ ନାହିଁ । କାରଣ କାଶ୍ମୀରର ମହାରାଜ ଅତି ବିଚକ୍ଷଣ ସୁଶାସନ କର୍ତ୍ତା ଓ ଇଂରାଜଙ୍କ ରାଜନୀତିର ବିଶେଷ ପକ୍ଷପାତୀ ଏମନ୍ତ କି ଆପଣା ରାଜ୍ୟରେ ଇଂରାଜୀ ରାଜନୀତି ସମସ୍ତ ଚଳାଇ ପ୍ରତ୍ୟେକ ମହକୁମାର ସର୍ବୋଚ୍ଚ କର୍ମଚାରୀ ପଦରେ ଜଣେ ଲେଖାଏଁ ସୁଶିକ୍ଷିତ ବଙ୍ଗାଳିକୁ ନିଯୁକ୍ତ କରି ଅଛନ୍ତି ।

ଗାଜୀପୁର ପୁଲିସର ଜଣେ ହେଡ଼କନଷ୍ଟବଲ ଏକଜଣ ଲୋକକୁ ଚୋରି ଅପରାଧରେ ଗିରଫ୍ତାର କରି ତାହାକୁ ଏମନ୍ତ ପ୍ରହାର କଲା ଯେ ସେ ତତ୍କାଳ କର୍ମକରିବାକୁ ଅକ୍ଷମ ହେଲା ଏଥିପା-

Digitized by srujanika@gmail.com

Split by PDF Splitter



ଇ ତାହାପ୍ରତି ପାଇବର୍ଷ ଜଗ୍‌ବାହର ବନ୍ଦ ହୋଇ ଅଛି । ସ୍କୁଲସବୁ ଗଭିସ୍ତା ପଡ଼ିଅଛି ।

ବମ୍ବେଇରେ ତାର ସମ୍ପର୍କୀୟ ପୁନର୍ବାର ଗୋଟିଏ ଗୋଲମାଲ ହୋଇଅଛି ଗୋଟାଏ ରେଲଗାଡ଼ି ମଧ୍ୟରେ ଜଣେ ଢେଡ଼ ବସିଥିବାରୁ କେହି ହିନ୍ଦୁ ତାହା ସଙ୍ଗେ ବସିବାକୁ ସମ୍ମତ ହେଲେ ନାହିଁ । ରେଲର କର୍ମଚାରୀ ତାହାକୁ ବାଧ୍ୟ କରିବାରୁ ସେମାନେ ଯାଉଥିବା ଖାଇବା ପଦାର୍ଥସବୁ ପକାଇ ଦେଇ ନାଲିଶ କରିବାକୁ ବସିଅଛନ୍ତି । ବର୍ତ୍ତମାନର ଉନ୍ନତ ସମୟରେ ଜାତି ରକ୍ଷିବାର ବଡ଼ କଠିନ ବ୍ୟାପାର ଅଟଇ ତେବେ ଯାହାର ବହୁତ ଟଙ୍କା ଅଛି ସେ ପାରେ ।

ଡେଇଲିନ୍ୟୁସ ଲେଖନ୍ତି ଯେ କଲିକତା ହାଇକୋର୍ଟରେ ( ମାନ୍ୟବର ଯଷ୍ଟିସ ମାକଫର୍ସନ ବିଚାରପତିଙ୍କ କଷ୍ଟରି ) ଏକ ମକଦ୍ଦମାରେ ଧାର୍ଯ୍ୟ ହୋଇଅଛି ଯେ ତମସୁକ ଲିଖିତ ଗଣ୍ଡରେ ସୁଧ କେବଳ ତମସୁକ ଲିଖିତ ମିଆଦ ପର୍ଯ୍ୟନ୍ତ ମିଳି ପାଇବ ଓ ମହାଜନ ତହିଁ ଉତ୍ତାରୁ ଯେତେଦିନ ଟଙ୍କା ପକାଇ ରଖିବ ତହିଁର ସୁଧ ଯାହା ଅଦାଲତ ଉଚିତ ବିବେଚନା କରିବେ ସେହି ପରିମାଣରେ ମିଳିବ । ପୂର୍ବେ ଏରୂପ ନିୟମ ନ ଥିଲ କିନ୍ତୁ ଅମ୍ଭେମାନେ ବିବେଚନା କରୁଁ ଯେ ଏପ୍ରକାର ନିୟମ ଭଲ ଅଟଇ । ଏଥିରେ ମହାଜନମାନେ ସୁଧ ବଢ଼ାଇବାକୁ ଅବକାଶ ପାଇବେ ନାହିଁ ଓ ଖାତକମାନେ ମିଥ୍ୟା ଟଙ୍କା ନେଇ ଯେ କଷ୍ଟେନ୍ତି ବସୁଥିଲେ ତାହା ଘଟିବ ନାହିଁ ।

ଲାହୋର ନିକଟ ଏକ ଗ୍ରାମରେ ଜଣେ ବୈରିତି ବାରବିଦ୍ୱାନ୍ ଆପଣା କନ୍ୟା, ଭଗ୍ନୀ, ଶାଶୁ ଓ ଦୂରଭାଗୀ ଏରୂପ ପାଞ୍ଚଜଣ ସ୍ତ୍ରୀର ପ୍ରାଣ ବଧ କରିଅଛି । ଏପରି ନିଷ୍ଠୁର ବ୍ୟାପାରର କାରଣ କିଛି ଜଣାଯାଇ ନାହିଁ ।

ହୋଲ୍ଡବର ଶୁଣିଅଛନ୍ତି ଯେ ମାନ୍ୟବର ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କ ସହିତ ଯେଉଁ ବିଭାଗ ଓ ଦେଶୀୟ କର୍ମଚାରୀମାନେ ଦାର୍ଜିଲିଂକୁ ଯାଇଥିଲେ ସେମାନେ ଅଧିକ ବେତନ ଏବଂ ଦେଶର ନିର୍ଦ୍ଦିଷ୍ଟ ସମୟର ଅତିରିକ୍ତ କର୍ମ କରିବାରୁ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ତାହାଙ୍କୁ ଅର୍ଦ୍ଧମାସର ବେତନ ପାରିତୋଷିକ ଦେଇଅଛନ୍ତି । ମୋଫସଲର ଅମଲମାନେ ଯେ ବର୍ଷ ଦିନ ଖଟି କରନ୍ତି ତାହାଙ୍କ କଥା କି କେହି ବୁଝିବାକୁ ନାହିଁ ?

ଗବର୍ଣ୍ଣମେଣ୍ଟ ଘୋଷଣାନୁସାରେ ୧୪ ଜଣ ବଜଲିଙ୍କୁ ସାକ୍ଷ୍ୟ ଦେବାକୁ ଶିକ୍ଷାବିଭାଗ ଦରଖାସ୍ତ କରିଥିଲେ ତହିଁ ମଧ୍ୟରୁ ତଳ ଲିଖିତ ୪ ବ୍ୟକ୍ତିଙ୍କ ପ୍ରାର୍ଥନା ଗ୍ରାହ୍ୟ ହୋଇଅଛି । ଯଥା ମୌଲବୀ ଅବଦୁଲ ଲତିଫଖାନ ବାହାଦୁର ଡେପୁଟି ମାଜିଷ୍ଟ୍ରେଟ୍, ବାବୁ ଭୂଦେବ ମୁଖୋପାଧ୍ୟାୟ ସ୍କୁଲ ଇନସ୍‌ପେକ୍ଟର, ସଇପୁଦ ଇମଦାଦଅଲି ଜଜ ଛୋଟ ଅଦାଲତ ଏବ ଏହାଙ୍କ ପୁନ ସାରନ ଜିଲାର ଡେପୁଟୀ କଲେକ୍ଟର । ଗଭର୍ଣ୍ଣମେଣ୍ଟଙ୍କ ସରକାରୀ କର୍ମଚାରୀ ଏମାନେ ଯେତେ ସ୍ୱାଧୀନ ପ୍ରକାରର ସାକ୍ଷ ଦେବେ ତାହା ପାଠକମାନେ ଅନୁମାନ କରନ୍ତୁ । ପୁଣି ମୁସଲମାନଙ୍କ ସଂଖ୍ୟା ଅଧିକ ହେବାର ବୋଧ ହୁଅଇ ତାହ ଉପ୍ପରେ ହିନ୍ଦୁମାନଙ୍କ ମଧ୍ୟରୁ ବହୁତ ଲୋକ ପ୍ରାର୍ଥନା କରିଥାନ୍ତି ।

## ପ୍ରେ ରି ତ ପ ତ୍ର ।

ଶ୍ରୀ ଉତ୍କଳଦୀପିକା ସମ୍ପାଦକେଷୁ
ନିବେଦନମିଦଂ

ମହାଶୟ !

ଆପଣଙ୍କ ଲୋକପ୍ରିୟ ଦୀପିକା ସାପ୍ତାହିକ ପତ୍ରିକାରେ ନିମ୍ନ ଲିଖିତ ପଂକ୍ତିମାନଙ୍କୁ ସ୍ଥାନଦାନ କରିବା ହେବ ।

ଖଣ୍ଡପଡ଼ା ଶ୍ରୀଶ୍ରୀ ରାଜା ଭ୍ରମରବର ରାୟଙ୍କ ସନ୍ମାର୍ଗ ପ୍ରବର୍ତ୍ତନା ଓ ଦେବତା ବ୍ରାହ୍ମଣ ଭକ୍ତି ଓ ରାଜ୍ୟ ପରିପାଳନା, ବନ୍ଧୁ ବାତ୍ସଲ୍ୟତା, ସ୍ନେହୀମାନଙ୍କଠାରେ ହୃଦ୍ୟସ୍ନେହଭାବ ଅପରିମିତ ଗୁଣଗଣମାନେ ସ୍ଥାନ କରି ଅଛନ୍ତି, ଏମନ୍ତ କୋଲି, ପୁନଃ ଅମୃଷ୍ୟଗ, ନିନ୍ଦକ, ଦମ୍ଭପ, ଏମାନଙ୍କ ସଙ୍ଗେ ଉକ୍ତ ଶ୍ରୀ ରାଜାଙ୍କୁ ସମାନ କରି ଅଛେ ବୋଲି, ମଦସାବଦ୍ଗ୍ରାମ ଶ୍ରୀଯୁକ୍ତ ବଡ଼ଯେନା ଜାନନ୍ତି, ଅମ୍ଭମାନଙ୍କଠାରେ ଅପରିମିତ ସନ୍ତୋଷରେ, ଧନ୍ୟବାଦ କରିବାରୁ, ଅମ୍ଭେମାନେ ପୃଷ୍ଠିକଳକୁ ଭର୍ଙ୍ଗ ଇତର ରାଜାମାନଙ୍କ ମଧ୍ୟ ଏପରି ଗୁଣାତିଶୟ ଈଶ୍ୱର ପ୍ରଦାନ କରି ଅସ୍ମଦାଦମାନଙ୍କ ଆନନ୍ଦ ବର୍ଦ୍ଧିତ କରନ୍ତୁ ଏମନ୍ତ ବୋଲି ପ୍ରାର୍ଥନା କରୁଅଛୁଁ । ଇତି ।

୨୦।୭।୭୭

ବ୍ରହ୍ମପୁର ଉତ୍ତିଳିଟ ଗଞ୍ଜାମ ।

ଆପଣଙ୍କ ଦକଜାଲୁ ବନ୍ଧୁବର୍ଗ ହେବା ।

M. V. Narayanarow Puntalu
Head Clerk Senior Assistant
Collector's Office,
GANJAM.

ଅମ୍ଭେମାନେ ବୌଲ୍ଡକାବନ୍ଦ ହୋଇ ଏ ପତ୍ରଗୁଡ଼ିକ ପ୍ରକାଶ କଲୁଁ । କ ଉଦ୍ଦେଶରେ ଏହା ଲେଖା ହୋଇଅଛି ପାଠକମାନେ ଅନୁମାନ କରନ୍ତୁ ଅମ୍ଭମାନଙ୍କର ଲେଖିବା କହିବାର କିଛି ଆବଶ୍ୟକ ନାହିଁ । କିନ୍ତୁ ଅମ୍ଭେମାନେ ପତ୍ରପ୍ରେରକମାନଙ୍କୁ ଜଣାଇ କରୁଅଛୁଁ ଯେ ଭୁଲ ଏପରି ପତ୍ର ଲେଖିଲେ ତହିଁରେ ସାଧାରଣ ଉପକାର ହୁଅଇ ନାହିଁ ଖଣ୍ଡପଡ଼ା ରାଜାଙ୍କର ଯାହା ପ୍ରଶଂସା ଲେଖାଅଛି ତାହାହରୁ ସତ୍ୟ ହୋଇପାରେ କିନ୍ତୁ ତହିଁରେ ଲାଭ କାହାର ସାଧାରଣରେ କିଛି ଜଣା ପଡ଼ୁ ନାହିଁ । ସାଧାରଣ ଉପକାରାର୍ଥେ ଅଥବା ଅତଏବ ପ୍ରଜାପାଳନାର୍ଥ ଉକ୍ତ ରାଜା କେଉଁ ବିଶେଷ କାର୍ଯ୍ୟମାନ କରିଅଛନ୍ତି ଓ କେମନ୍ତ ଶୃଙ୍ଖଳାରେ ସେ ରାଜକାର୍ଯ୍ୟ ଚଳାଉଅଛନ୍ତି ସେ ଅପର ରାଜାଙ୍କଠାରୁ ତାହାଙ୍କର ପ୍ରଜାମାନେ ଅଧିକ ସୁଖ ସ୍ୱଚ୍ଛନ୍ଦତା ସହିତ ଜୀବନ ହେଉ ଅଛନ୍ତି ଓ ପୂର୍ବଠାରୁ ବର୍ତ୍ତମାନକୁ କପର ଉନ୍ନତି ଲାଭ କରିଅଛନ୍ତି ଏସବୁର ଉଦାହରଣ ସ୍ୱରୂପ ଯେବେ ପତ୍ରପ୍ରେରକ ରାଜାଙ୍କର କେତେକ କାର୍ଯ୍ୟ ଦେଖାଇଥାନ୍ତେ ତେବେ ସର୍ବସାଧାରଣ ତହିଁରେ ସନ୍ତୁଷ୍ଟ ହୁଅନ୍ତେ ସନ୍ଦେହ ନାହିଁ ଓ ରାଜାଙ୍କର ଯଥାର୍ଥ ସୁଖ୍ୟାତି ହୁଅନ୍ତା । ଅତଏବ ଅମ୍ଭେମାନେ ଇଚ୍ଛା କରୁଁ ଯେ ଦେଶୀୟ ରାଜାଙ୍କର ଗୁଣର ବର୍ଣ୍ଣନ ପାଇଁ ଯେଉଁମାନେ ଯତ୍ନବାନ ସେମାନେ ରାଜାଙ୍କ ଉପର ଲିଖିତ ଉଦ୍ଦେଶସବୁରେ କିଛି ପରାମର୍ଶ ଦେଉନ୍ତୁ ଓ ଏସମସ୍ତ ଉଦ୍ଦେଶ୍ୟ ସଫଳ କରିବାରେ ଯେଉଁ ରାଜା ଯେତେଦୂର ସକ୍ଷମ ହୁଅନ୍ତି ତାହା ସର୍ବସାଧାରଣଙ୍କ ଗୋଚରରେ ଆଣି ଅପର ରାଜାଙ୍କର ମନ ତହିଁ ପ୍ରତି ଆକର୍ଷଣ କରନ୍ତୁ ।

ଉ, ଦୀ, ସ,

**NOTICE.**

G. H. Faulkner's house at Chouliagunj is for sale apply to the owner at Jobra Work Shop from 6 A. M. to 12.—

G. H. Faulkner.

ଏହି ଉତ୍କଳଦୀପିକା କଟକ ନଗର ଦର୍ଗାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୮ } ତା ୧୬ଇ ଅଗଷ୍ଟ ସନ୧୮୭୩ମସିହା । ମୂ । ଶ୍ରାବଣ ୩୨ଦିନ ସନ୧୨୮୦ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪
ସଂଖ୍ୟା ୩୩ } { ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫
{ ମଫସଲ ପାଇଁ ଡାକମାସୁଲ ୧।୵

ଗତ ସପ୍ତାହରେ ଶ୍ରୀଯୁକ୍ତ ଉର୍‌ବକନ ସାହେବ ମାଜିଷ୍ଟ୍ରେଟ ନଗରର ଭିତର ଅଂଶର ଅବସ୍ଥା ଦେଖି ବୁଲିଥିଲେ । ଏହା ଦେଖି ଅମ୍ଭେମାନେ ବଡ ଆନନ୍ଦିତ ହେଲୁଁ କାରଣ ଯଦ୍ୟପି ତ ତାହାଙ୍କ ଦର୍ଶନର ଫଳ ଅବଶ୍ୟ କିଛି ପ୍ରକାଶ ପାଇ ନାହିଁ ତଥାପି ସେ ଯେ ସ୍ୱୟଂ ନଗରର ଅବସ୍ଥା ଦେଖି ବୁଲିଅଛନ୍ତି ଏଥିରୁ ଅନେକ ଉପକାର ହେବାର ସମ୍ଭାବନା ଅର୍ଥାତ୍ ଯଦ୍ୟପି ଦେଖିବା ସତ୍ତ୍ୱେ ଯେଉଁଠାରେ ଯେଉଁପରି କାର୍ଯ୍ୟର ଆବଶ୍ୟକ ତହିଁର ଅତି ଶୀଘ୍ର ପ୍ରଚାର ହେବ ଓ ତାହା କର୍ମରେ ଲାଗିବ । ଟାଉନକମିଟୀ ନଗରର ବାଟ ଘାଟ ସଂସ୍କାର ଓ ପରିଷ୍କାର ରଖିବା ପାଇଁ ଅନେକ ଉଦ୍ୟମ କରୁଅଛନ୍ତି ଓ ଅନେକ ଲୋକଙ୍କୁ ଏ ସବୁର ଭାର ଦିଆ ଯାଇଅଛି କିନ୍ତୁ ସେ ସବୁ କେବଳ ଶିରସ୍ଥା ସକଳ ଓ କାଗଜରେ ଶୁଣିବାକୁ ଶୋଭା ପାଉଅଛି ଏବେ ମାଜିଷ୍ଟ୍ରେଟଙ୍କ ଦୃଷ୍ଟି ପଡୁଅଛି ସୁତରାଂ ଏଥିର ଉଦ୍ୟମ ସବୁ ପ୍ରଚଳିତ ହେବ ।

---

ଗତ ସୋମବାର ସନ୍ଧ୍ୟାଠାରୁ ଏଠାରେ ଭଲ ଏକଅଧା ବୃଷ୍ଟି ହୋଇ ଯାଇଅଛି ଓ ତହିଁ ଉତ୍ତାରୁ ନିତ୍ୟ ସପ୍ତାହ ମଧ୍ୟରେ କିଛି କିଛି ବର୍ଷା ହୋଇଅଛି । ଯେବେ ଏ ବୃଷ୍ଟି ଜିଲାର ସକଳ ସ୍ଥାନରେ ହୋଇଥାଏ ତେବେ ଅଧାତଃ ଏକ ପ୍ରକାର ବେଉଷଣକାର୍ଯ୍ୟ ଚଳିବ ନୋହିଲେ ବୃଷ୍ଟିଅଭାବରୁ ଖାରିଫସଲର କେତେକ ବ୍ୟାଘାତ ଦେଖାଯାଏ । ସାରଦଫସଲରେ କିଛି ଅସୁବିଧା ହେଲେହେଁ ବିଆଳିଧାନ ଏବର୍ଷ ଯେମନ୍ତ ଭଲ ହୋଇଅଛି ତାହା ଦେଖି ଲୋକମାନେ ପ୍ରଫୁଲ୍ଲିତ ଅଛନ୍ତି ଓ ଯେବେ ନଦୀବଢ଼ିର ଦୌରାତ୍ମ୍ୟ ନ ହୁଅଇ ତେବେ ଉତ୍କଳ ଲୋକେ ବିଆଳିଫସଲ ଲାଭକର ସୁସମ୍ଭୋଗ କରିବେ ।

ବଙ୍ଗଳାଅଞ୍ଚଳରେ ମଧ୍ୟ ବୃଷ୍ଟିଅଭାବରୁ କୃଷିର ବିଶେଷ ଅନିଷ୍ଟ ହୋଇଥିଲା । କିନ୍ତୁ ଗତସପ୍ତାହରେ ମେଦିନୀପୁର ହୁଗଳୀ ଚବିଶପରଗଣା ଯଶୋର ବାକରଗଞ୍ଜ ପ୍ରଭୃତି ସ୍ଥାନରେ ଯେରୂପ ବୃଷ୍ଟି ହୋଇ ଯାଇଅଛି ତହିଁରେ ବେଉଷଣ ଇତ୍ୟାଦି କାର୍ଯ୍ୟ ଏକ ପ୍ରକାର ଚଳୁଅଛି । ଅତଏବ ଅବଶ୍ୟ ଏ ବର୍ଷ ବଙ୍ଗଳାର ସର୍ବତ୍ରରେ ସମାନ ଅବସ୍ଥାରେ କୃଷିର ସୁଲକ୍ଷଣ ଦେଖାଯାଏ ।

---

କଲିକତା ମେଡିକେଲ କଲେଜ (ଚିକିତ୍ସାବିଦ୍ୟାଳୟ)ର ମିଲିଟେରି ଶ୍ରେଣୀର ଇଂରାଜଛାତ୍ରଙ୍କ ସହିତ ବଙ୍ଗାଳିଛାତ୍ରଙ୍କର ଘୋର ବିବାଦ ଉପସ୍ଥିତ ହୋଇ ରକ୍ତପାତ ପର୍ଯ୍ୟନ୍ତ ହୋଇଅଛି । ବିବାଦର କାରଣ ଏହି ଯେ ଶିକ୍ଷକଙ୍କ ଉପଦେଶ ଶ୍ରବଣ କରିବା ପାଇଁ ଯେଉଁବେଳେ ଛାତ୍ରମାନେ ନିରୂପିତ କୋଠରିରେ ବସିବାକୁ ଆରମ୍ଭ କଲେ ବଙ୍ଗାଳିଛାତ୍ରମାନେ ପୂର୍ବର ସମ୍ମୁଖ ସ୍ଥାନ ମାଡିବସିଲେ ଓ ଇଂରାଜଛାତ୍ରମାନେ ପଛେ ଆସି ତାହାଙ୍କୁ ଉଠାଇଦେଇ ଆଗେ ବସିବାକୁ ଚେଷ୍ଟା କରିବାରେ କଳହ ଆରମ୍ଭ ହେଲା ଓ କ୍ରମେ ମାରପିଟ ଏମନ୍ତ ହେଲା ଯେ ଦେହରୁ ରକ୍ତ ବାହାରିଲା । କେତେ ବାଳକ ଯାଇ ପ୍ରିନସିପାଲ ସାହେବଙ୍କଠାରେ ଗୁହାରି କଲେ ମାତ୍ର ସେ ତହିଁରେ କିଛିମାତ୍ର ମନୋଯୋଗ ନ ଦେବାରୁ ଛାତ୍ରଙ୍କର ଅଧିକ ମନ ବଢ଼ିଲା ଶୁଣାଯାଉଛି କଲେଜ ଛୁଟି ହେବା ମାତ୍ରେ ଇଂରାଜଛାତ୍ରମାନେ ରଣସଜ୍ଜାରେ ବଙ୍ଗାଳିଛାତ୍ରଙ୍କୁ ଗୋଡାଇଲେ ଓ ଏମାନେ ପ୍ରାଣପଣେ ପଳାଇ ପ୍ରାଣରକ୍ଷା କଲେ । ଦୁଇଦିନ ପର୍ଯ୍ୟନ୍ତ ଏଥିର କିଛି ଅନୁସନ୍ଧାନ ହେଲା ନାହିଁ ତତ୍ପରଦିନ ପ୍ରିନସିପାଲସାହେବ ମିଲିଟେରି ଶ୍ରେଣୀର ତ ୧୫ ଜଣ ଛାତ୍ରଙ୍କୁ ବହିଷ୍କାର କଲେ । ମକଦମାର ବିଚାରଣ ହେଉଅଛି ।

---

ଉତ୍କଳଭାଷୋଦ୍ଦୀପିକା ସଭା ।

ଏହି କାଳରେ ଗୋଟିଏ ସଭା ଏ ନଗରରେ ସ୍ଥାପିତ ହୋଇଅଛି ବୋଲି ଏକମାତ୍ର କେବଳ 'ଉତ୍କଳପୁତ୍ର'ର ପାଠକମାନେ ଅବଗତ ହୋଇଥିବେ । ମାତ୍ର ଅମ୍ଭେମାନେ ତହିଁର ବିଶେଷ ପରିଚୟ କିଛି ପାଇ ନ ଥିବାରୁ ଏ ପର୍ଯ୍ୟନ୍ତ ପାଠକମାନଙ୍କୁ ଜଣାଇ ନ ଥିଲୁଁ ଗତ ସପ୍ତାହରେ ଉକ୍ତ ସଭାର ସଭାପତି ଶ୍ରୀ ପଣ୍ଡିତ ପ୍ରଭାକର ବିଦ୍ୟାରତ୍ନଙ୍କଠାରୁ ସଭା ସମ୍ବନ୍ଧୀୟ ସମସ୍ତ ବିବରଣ ଓ ନିୟମାବଳୀ ଓ କାର୍ଯ୍ୟ ବର୍ତ୍ତିନାରୁ ଅବଗତ ହେଲୁଁ ଯେ ଏ ସଭା ଗତ ଜୁଲାଇମାସ ଆରମ୍ଭରୁ

Digitized by srujanika@gmail.com

Split by PDF Splitter



ଆରମ୍ଭ ହୋଇ ପ୍ରତି ରବିବାର ଲଟନ ନର୍ମ୍ମାଲ ସ୍କୁଲ ଗୃହରେ ଏହାର ଅଧିବେଶନ ହେଉଅଛି ସଭାର ଉଦ୍ଦେଶ୍ୟ ଏହିମତେ ବର୍ଣ୍ଣିତ ହୋଇଅଛି ଯଥା "ସଦ୍ଗ୍ରନ୍ଥ ଉତ୍କଳଭାଷାର ଉନ୍ନତି ଓ ଉତ୍କଳ ପାଠଶାଳାମାନଙ୍କର ସମାଲୋଚନା ଏବଂ ଅଧୁନାତନ ଶିକ୍ଷିତ ବ୍ୟକ୍ତିମାନଙ୍କର ବକ୍ତୃତା ଓ ରଚନାଶକ୍ତିର ବୃଦ୍ଧି ଆଉ ତର୍କବିତର୍କ ପ୍ରଭୃତି" ଉଦ୍ଦେଶ୍ୟ ଅବଶ୍ୟ ଭଲ ଏଥିରେ ସନ୍ଦେହ ନାହିଁ ଓ ସଭ୍ୟଗଣ ପ୍ରାୟ ସମସ୍ତେ ନର୍ମ୍ମାଲ ଓ ହାଇସ୍କୁଲର ଶିକ୍ଷକ ଓ ଛାତ୍ର ଅଟନ୍ତି । ଅତଏବ ବୋଧହୁଏ ଯେ ସଭ୍ୟଶ୍ରେଣୀ ବୃଦ୍ଧି ହୋଇଥିବା ଶିକ୍ଷକ ଓ ଛାତ୍ରମାନେ ଯେ ଯାହାଙ୍କ ଦ୍ୱାରା ଦେଶର ଉପକାର ହେବାର ଆଶା କରା ଯାଉଅଛି ସେମାନେ ଆପଣା ସ୍ୱଭାବର ମହତ୍ତ୍ୱ ସ୍ପଷ୍ଟରୂପେ ବୁଝିଅଛନ୍ତି ଏହା ସୁଖର ବିଷୟ ଅଟଇ । ସଭାର ପ୍ରଥମ ଅଧିବେଶନଠାରୁ ଅବଧି ଯେଉଁ ବିଷୟ ସବୁର ଚର୍ଚ୍ଚା ହୋଇଅଛି ତହିଁର ପ୍ରତ୍ୟେକ ହୁଅଇ ଯେ ପ୍ରକୃତ ବିଷୟ ସବୁର ସମାଲୋଚନା ହେଉଅଛି ପାଠକଙ୍କ ଜାଣିବା ନିମନ୍ତେ ଲେଖୁଅଛୁଁ ଯେ ଉଦ୍ଯୋଗର ଫଳ, ଉତ୍କଳଭାଷାର ପୂର୍ବାପର ଅବସ୍ଥା, ବଙ୍ଗାଳୀମାନଙ୍କର ପରସ୍ପର ସଭ୍ୟତାର ଉନ୍ନତି ଇତ୍ୟାଦି ବିଷୟରେ ରଚନାପାଠ ଓ ତର୍କବିତର୍କ ହୋଇଥିଲା । ସଭ୍ୟଙ୍କ ସଂଖ୍ୟା ପଞ୍ଚାଶ ଜଣରୁ ନ୍ୟୂନ ହେବ ନାହିଁ ଓ ପ୍ରତି ଅଧିବେଶନରେ କ ୪୦ ଜଣରୁ ଊଣା ଉପସ୍ଥିତ ହୁଅନ୍ତି ନାହିଁ । ସଭ୍ୟମାନେ ଯେମନ୍ତ ଉତ୍ସାହପୂର୍ବକ ଏ ସଭାର ଉଦ୍ଦେଶ୍ୟ ସଫଳ କରିବାକୁ ଯତ୍ନବାନ ଅଛନ୍ତି ଏଥିରୁ ବଳି କରି ତହିଁର କ ସଫଳତ୍ୱ ଦଶା ଯାଉଥାଏ । ଆମ୍ଭେମାନେ ଭରସା କରୁଁ ଯେ ଏ ସଭାଟି ଦୀର୍ଘଜୀବୀ ହେଉ ଓ ପ୍ରଥମ ମାସ ଏହାର କାର୍ଯ୍ୟ ଯେମନ୍ତେ ଚଳିଅଛି ତହିଁରୁ ଅନୁମାନ ହୁଅଇ ଯେ ଆମ୍ଭମାନଙ୍କର ଆଶା ପୂର୍ଣ୍ଣ ହେବ ତେବେ ଦୁଃଖସହିତ କହିବାକୁ ହେଉଅଛି ଯେ ଏ ନଗରରେ ସମସ୍ତରେ ସ୍ଥାପିତ ହୋଇଥିବା ଅନେକ ସଭାର ଅବସ୍ଥା ଦେଖି ଆମ୍ଭମାନଙ୍କର ଭ୍ରମସଂସ୍କାର ଜନ୍ମିଅଛି ଯେ ଓଡ଼ିଶାରେ ସଭା ସହିତ ନାହିଁ । ଉତ୍କଳସନ୍ତୋଷଦାୟିନୀ ସଭାକୁ ଏତିକି ପ୍ରାର୍ଥନା ଯେ ପ୍ରତ୍ୟକ୍ଷ ପ୍ରମାଣ ଦର୍ଶାଇ ଆମ୍ଭମାନଙ୍କୁ ଏହି ଭ୍ରମସଂସ୍କାରରୁ ମୁକ୍ତ କରନ୍ତୁ ।

ସଭାରେ ପାଠ ହୋଇଥିବା କୋଟିଏ ରଚନା ପ୍ରେରିତପତ୍ର ବୋଲି ପ୍ରକାଶିତ ହେଲା ।

## ଶାମୁଏଲ ଉଇଭର ସାହେବ ।

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଶାମୁଏଲ ଉଇଭର ସାହେବ ମାଜିଷ୍ଟ୍ରେଟ ଆପଣା ଅଧୀନସ୍ଥ ଅମଲଙ୍କ ସହିତ ସଦ୍ଭାବ ରକ୍ଷା କରିବାକୁ ଅବଶ୍ୟ ଅକ୍ଷମ ହୋଇ ଥାଆନ୍ତି ଓ ତହିଁପାଇଁ ଡେପୁଟୀକଲେକ୍ଟର କମ୍ପଟି ଗାରନ ସାହେବ ତାହାଙ୍କ ଉପରେ ବଙ୍ଗଦେଶରେ ଗବର୍ଣ୍ମେଣ୍ଟଙ୍କୁ ଆବେଦନ କରିଥିଲେ । ଗାରନ ସାହେବ ବୋଲନ୍ତି ଯେ ଉଇଭରସାହେବ ମାଜିଷ୍ଟ୍ରେଟ ତାହାଙ୍କୁ ସାମାନ୍ୟ କଥାପାଇଁ କଚେରିରେ 'ମୂର୍ଖ' 'ମିଥ୍ୟାବାଦୀ' 'ଶଠ' ଇତ୍ୟାଦି ଭର୍ତ୍ସନାମାନ ପୁନଃପୁନ କହନ୍ତି ଏବଂ ସେ ଫିରଙ୍ଗୀ ଥିବାରୁ ଫିରଙ୍ଗୀ ଶ୍ରେଣୀସ୍ଥ ଲୋକଙ୍କ ପ୍ରତି ଅଦାଲତ୍ୟ ବ୍ୟବହାର କରନ୍ତି । ଗାରନ ସାହେବ ଏଥିରେ ଅପମାନିତ ବୋଧ କରି ( ଏପରି କଥାରେ କିଏ ଅବା ଅପମାନିତ ନ ହେବ ) କମିଶନରଙ୍କ ନିକଟରେ ଏକ ଆବେଦନପତ୍ରଦ୍ୱାରା ଆପଣା ଦୁଃଖ ଜଣାଇଲେ ମାତ୍ର କମିଶନର ସାହେବ ତାହା କିଛି ବୁଝିଲେ ନାହିଁ ସେ ଦରଖାସ୍ତକୁ ଫେରାଇ ଏହି କଥା ବୁଝାଇ ଦେଲେ ଯେ ମାଜିଷ୍ଟ୍ରେଟ ସାହେବଙ୍କ ନାମ୍ ୫୦ କାର୍ଯ୍ୟ କରିବାରୁ ହୁଅଇ ଏଥିରେ ଯେବେ ସେ ଭେଟବେଳେ କ୍ରୋଧାନ୍ୱିତ ହୋଇ କୁବାକ୍ୟ ବୋଲନ୍ତି ତେବେ ତାହା କର୍ତ୍ତବ୍ୟ ନୁହଇ ଓ ସେ ହାକିମ, ତାହାଙ୍କ ସହିତ ମିଶି ରହିବାର କର୍ତ୍ତବ୍ୟ କାରଣ ସେ ନହେଲେ ନାଜୁଲ କରି ପାରନ୍ତି । ଗାରନ ସାହେବଙ୍କ ଦୁଃଖୀ ହେଲେ ସତ୍ୟ ମାତ୍ର ସେ ଲେଖା ପଢ଼ା ଭଲ ଜାଣନ୍ତି ଓ ଆପଣା ମନର ଜୋର ଅଛି ଓ ପୂର୍ବେ ଉଚ୍ଚ ସରକାରୀ କର୍ମ୍ମମାନ କରି ହାକିମଙ୍କଠାରେ ସୁଖ୍ୟାତି ଓ ସମ୍ମାନ ପାଇଅଛନ୍ତି ସୁତରାଂ କମିଶନର ସାହେବଙ୍କ ଶାନ୍ତ ବାକ୍ୟରେ ତାହାଙ୍କର ମନ ବୋଧ ହେଲା ନାହିଁ ଏଥିପାଇଁ ସେ ସମସ୍ତ ବିବରଣ ଲେଖି ଗବର୍ଣ୍ମେଣ୍ଟ ବଙ୍ଗାଲଙ୍କ ନିକଟକୁ ଏକ ଆବେଦନ ପତ୍ର ପଠାଇଅଛନ୍ତି । ଗବର୍ଣ୍ମେଣ୍ଟ କିରୂପ ବିଚାର କରିବେ ଦେଖିବାରେ ଅଛି ମାତ୍ର ଅନେକ ଲୋକ ଏଠାରେ ଅନୁମାନ କରୁଅଛନ୍ତି ଯେ ସର ଜାମେଲ ସାହେବ ଛଗ ହାକିମଙ୍କର ଦୃଷ୍ଟି ରଖନ୍ତି (?) ସେମାନେ କେବଳ ତାହାଙ୍କ ଆଜ୍ଞା ପ୍ରତିପାଳନ କରି ଅଉ ଯାହା କିଛି କରନ୍ତେ ନାହିଁପାଇ ସେ ତାହାଙ୍କୁ ରକ୍ଷା କରନ୍ତେ ଏ ସ୍ଥଳେ ଜଣେ କମ୍ମୀକୁ ହାକିମ ଗାଳି ଦେଲେ ବୋଲି ଯେ ସେ ତହିଁପାଇଁ ହାକିମଙ୍କର ଦୋଷ ଧରିବେ ଏମନ୍ତ ସମ୍ଭବକୁ ଅସୁ ନାହିଁ ମାତ୍ର ଆମ୍ଭେମାନେ ବୋଧ କରୁଁ ଯେବେ ଏମନ୍ତ ହେବ ତେବେ ଅମଙ୍ଗଳଶିଷ୍ଟ (?) ଏକ୍ଷଣାନ୍ତ ଶେଷ ହେବ । ଯେଣେ ଅନେକ ପ୍ରକାର ଦୁଃଖ ଅଦାଲତ୍ ସରକାରୀ କର୍ମ୍ମକୁ କେବଳ 'ଗୋଲାମି' ସହିତ ଅଗ୍ରଗଣ୍ୟ କରନ୍ତି ସେଠାରେ ଉଚ୍ଚଲୋକ କଥା ଉଚିତ ହେଲା ଓ ସରକାରୀ କର୍ମ୍ମକାରକମାନେ କିମ୍ବା ବାବୁ ମଧ୍ୟର ପ୍ରାପ୍ତ ଗାଳି ଖାଇ ଅପମାନିତ ହେଲେ ତେବେ ଆଉ ସରକାରୀ କର୍ମ୍ମରେ ସୁଖ ଓ ଗୌରବ କାହିଁ ? ସରକାରୀ କର୍ମ୍ମକାରକମାନେ ଯେତେ ସ୍ୱାଧୀନ ଓ ମର୍ଯ୍ୟାଦାବନ୍ତ ଲୋକ ହେବେ ତେତେ ସାଧାରଣ ଉପକାର ଓ ସରକାରୀର ଗୌରବ ବଢ଼ିବ ମାତ୍ର ସ୍ଥାନ ଲୋକ ପ୍ରାପ୍ତ ତାହାଙ୍କ ସହିତ ବ୍ୟବହାର ହେଲେ ସେପରି ଲୋକ ସରକାରୀ କର୍ମ୍ମ କରିବେ ନାହିଁ ଓ ଯେ ଅବା ପେଟର ଦାଏରେ କରିବ ସେ ଆପଣା ମହତ୍ତ୍ୱ ହରାଇ ନୀଚତ୍ୱକୁ ପ୍ରାପ୍ତ ହେବ ଅତଏବ ଆମ୍ଭେମାନେ ଗବର୍ଣ୍ମେଣ୍ଟଙ୍କୁ ଅନୁରୋଧ କରୁଅଛୁଁ ସେ ଏଥିର ସୂକ୍ଷ୍ମ ନ୍ୟାୟ କରିବେ ।

## ଯାତ୍ରିଙ୍କ ଦୁଃସ୍ଥା ।

ପାଠକମାନଙ୍କୁ ଜଣାଅଛି ଯେ ଗତ ଉତ୍ତର୍ପଶ୍ଚିମ ଗବର୍ଣ୍ମେଣ୍ଟ ପ୍ରତିବର୍ଷ ରଥଯାତ୍ରା ସମୟରେ ଯାତ୍ରିଙ୍କ ଚିକିତ୍ସା କାରଣ ତିନିମାସ ନିମନ୍ତେ କେତେଗୁଡ଼ିଏ ଡାକ୍ତର ପ୍ରେରଣ କରି ଅଛନ୍ତି ଯେ ଏମାନେ ଜଗନ୍ନାଥ ସଡ଼କର ନାନା ସ୍ଥାନରେ ରହି ପୀଡ଼ିତ ଯାତ୍ରିଙ୍କ ଚିକିତ୍ସା କରିବେ । କିନ୍ତୁ ଦୁଃଖର ବିଷୟ ଯେ ଡାକ୍ତରମାନେ ଆସି କେବଳ ବେତନ ଓ ବସ୍ତ୍ରଖର୍ଚ୍ଚ ନେଉଅଛନ୍ତି ବୃଥା ଯାତ୍ରୀ ଯାତ୍ରୀଙ୍କର ବିଶେଷ ଉପକାର ତାହାଙ୍କଦ୍ୱାରା ହୁଅଇ ନାହିଁ । ଏଥିରେ ଦୋଷ କାହାର ତାହା ଆମ୍ଭେମାନେ କହିବାକୁ ସାହସ କରୁ ନାହିଁ କିନ୍ତୁ ପ୍ରକାଶରେ ଦେଖାଯାଏ ଯେ ଗବର୍ଣ୍ମେଣ୍ଟ ଡାକ୍ତର ପଠାଇ ଲଗିନ୍ତି ରହନ୍ତି ଓ ଯାହାଙ୍କ ଉପରେ ଏମାନଙ୍କର କାର୍ଯ୍ୟତତ୍ତ୍ୱାବଧାରଣର, ଭାର ସେମାନେ ଆପଣା ଘରରେ ବସାଇ ରଖନ୍ତି କିମ୍ବା କୌଣସି ଏକ ସ୍ଥାନକୁ ଦେବାକୁ କହି ସବୁ ଦାୟିତ୍ୱ ମୁକ୍ତି ଲଭନ୍ତି ଗତବର୍ଷ କଟକ ଚଲାରୁ ଏହିପରି ଦୁଇଜଣ ଡାକ୍ତର ଆସିଥିଲେ ଯେ ସେମାନେ ଭୁବା ଏଠାରେ ବସି ରହିଗଲେ । ଯାତ୍ରିମାନଙ୍କ ପାଇଁ ଆସି ଏଠା ଡାକ୍ତରଖାନାରେ କର୍ମ୍ମ କରୁଥିଲେ । ଏ ବର୍ଷ ଦୁଇଜଣ ଆସି ଅଛନ୍ତି ତହିଁ

Digitized by srujanika@gmail.com

ମଧ୍ୟରୁ ଜଣେ ଧର୍ମଶାଳାରେ କିଛିକାଳ ରହି ଫେରି ଆସିଲେଣି ଆଉ ଜଣେ ସହର ମଧ୍ୟରେ ଅନ୍ନଛତ୍ରରେ ଦର୍ଶ କରିଅଛନ୍ତି କେବଳ ବୃଦ୍ଧ ସ୍ତ୍ରୀଲୋକ ମୁକାମସରକୁ ଯାଇଥିଲେ । ସେଠାରେ ଅବା କିଛିଦିନ ରହି ଥାନ୍ତେ କିନ୍ତୁ ଯାତ୍ରୀ ଅସମ୍ଭାବନା ସମ୍ମୁଖରେ ତାହାଙ୍କୁ ଘର ଛାଡ଼ି ଦେଇଅଛନ୍ତି ତହିଁରେ ଘର ବଗଳକୁ ବାଡ଼ି ଏକ ବି ଦୃଷ୍ଟାନ୍ତ ଲତା ମିଳଇ ନାହିଁ ଓ ତାହା ମାସକରେ ଦେବ ନାହିଁ ସୁତରାଂ ଘର ଅଗ୍ରହର ଏହାଙ୍କର ସେଠାରେ ରହିବାର ହେଲା ନାହିଁ କେବଳ ଅଟେ ଯାଇ ବେଳେଇ ସ୍ତ୍ରୀଲୋକ ପୀଡ଼ିତ ବ୍ୟକ୍ତିଙ୍କୁ ସହରକୁ ଘେନି ଆସିଲେ ।

ଯେଉଁ ବ୍ୟକ୍ତି ଧର୍ମଶାଳକୁ ଯାଇଥିଲେ ତାହାଙ୍କ ଘରର କଷ୍ଟ ହୋଇ ନାହିଁ । ସେଠାରେ ଯେଉଁ ସଦାବର୍ତ୍ତ କୋଠା ଅଛି ତହିଁ ମଧ୍ୟରୁ ଦୁଇବଖରା ନେଇ କୌଣସି ମତେ ଉଦ୍ଧାର ହେଲେ ମାତ୍ର ଏହାଙ୍କଦ୍ୱାରା ଯାତ୍ରିଙ୍କର ଯେ ପରିମାଣରେ ଉପକାର ହେବାର ସମ୍ଭାବନା ତାହା ହୋଇ ପାରଲା ନାହିଁ । ତହିଁର କାରଣ ଏହି ଯେ କେବଳ ହୋମିଓପାଥିକ ଔଷଧ ଭିନ୍ନ ଚିକିତ୍ସାର ଅନ୍ୟ କୌଣସି ଉପକରଣ ତାହାଙ୍କ ସଙ୍ଗରେ ନ ଥିଲା । ସମସ୍ତେ ଜାଣନ୍ତି ଯେ ଯାତ୍ରିମାନଙ୍କର ପ୍ରଧାନ ରୋଗ ଓଲାଉଠା ଓ ତାହା କେବଳ ଏକପାନ ଔଷଧରେ ମୁକ୍ତ ହେବାର ନୁହଇ । ଏକ୍ଟ ରୋଗିର ଅପେକ୍ଷ୍ୟ ସକାଶେ ଅନ୍ତତଃ ଦ ଶ ଜଣ ପ୍ରୟୋଜନ । ଏଥିକୁ ଅଧିକାଂଶ ଯାତ୍ରୀ ଦୁଃଖୀ ଓ ଅସହାୟ ଗ୍ରାମର ଅନ୍ୟ ଲୋକଙ୍କ ସଙ୍ଗରେ ଏଠା ବାହାର ଆସିଥାନ୍ତି ଓ ରୋଗଗ୍ରସ୍ତ ହେଲେ ସଙ୍ଗିମାନେ ଛାଡ଼ି ପଳାଇଯାନ୍ତି । ଏପରି ଅବସ୍ଥାରେ ତାହାଙ୍କର କେବଳ ଔଷଧ ଲୋଡ଼ା ଏମନ୍ତ ନୁହେ ସର୍ବାଙ୍ଗ କାଳ ପଡ଼ି ରହିବା ଓ ପଥ୍ୟ ଖାଇବାର ମଧ୍ୟ ଆବଶ୍ୟକ ହୁଅଇ । ଏଥିକୁ ଡାକ୍ତର ପାଖରେ ନା ଘର ନା ଚାକର ଅଛି ଯେ ତାହାଙ୍କୁ ପହାଲି ରଖିବ ନା ଅର୍ଥ ଅଛି ଯେ ତାହାଙ୍କୁ ସାଗୁ ଇତ୍ୟାଦି ଖୁଆଇବ । ଏ ଅବସ୍ଥାରେ ରୋଗିର ଚିକିତ୍ସା ହେବାର କିପରି ସମ୍ଭବ ଓ ଏହି ସମସ୍ତ ଅସଂଯୋଗ କାରଣରୁ ଦୂର ଛାଡ଼ି ଯାତ୍ରୀ ଔଷଧ ପାଇ ମଧ୍ୟ ଅନାହାରରେ ମରି ଯାଉଥାନ୍ତି ତାହା କହିବ ନୁହଇ । ଆମ୍ଭେମାନେ ଶୁଣିଅଛୁଁ ଯେ କେତେ ରେଭିନ୍ୟୁ ଡାକ୍ତର ଅନ୍ୟ ଯାତ୍ରିଙ୍କଠାରୁ ଆହାରୀୟ ଦ୍ରବ୍ୟ ଦିଆଇଦେଇ ରଖା-ଇଲେ । ଯଥାର୍ଥରୂପେ ରୋଗିର ଚିକିତ୍ସା କରିବାକୁ ହେଲେ ଏକ୍ଟ ଡାକ୍ତର ସଙ୍ଗେ ଦୁଇ ଜଣ ଚାକରର ପ୍ରୟୋଜନ ଯେ ଏମାନେ ରୋଗିଙ୍କ ସେବା କରିବେ । ଗଣ୍ଡିଏ ଜନ୍ତୁ ଗୃହ ଓ ବିଛଣାର ପ୍ରୟୋଜନ ଯେ ରୋଗିମାନେ ତହିଁରେ ପଡ଼ି ରହିବେ ଓ ସାଗୁ ଇତ୍ୟାଦି ପଥ୍ୟର ପ୍ରୟୋଜନ । ଏଥିରେ ସରକାରଙ୍କର ଟଙ୍କା ବ୍ୟୟ ହେବ ସତ୍ୟ ମାତ୍ର ଏପରି ବ୍ୟୟ କରିବାକୁ କୁଣ୍ଠିତ ହେଲେ ଡାକ୍ତର ପଠାଇବାରେ କିଛି ଲାଭ ନାହିଁ । ଆମ୍ଭେମାନେ ଭରସା କରୁଁ ଯେ ପୁରୀ ଇତ୍ୟାଦିର ପଞ୍ଚ ଜମା କଟକ ଅନୁଛେଦ ପଣ୍ଡରୁ ଏ ବ୍ୟୟ ଦିଆଯାଇପାରେ ଓ ଯେଉଁ ସ୍ଥାନରେ ଡାକ୍ତରଙ୍କୁ ରଖିବାର ସ୍ଥିର ହୁଅଇ ସେ ସ୍ଥାନରେ ପୂର୍ବରୁ ଗଣ୍ଡିଏ ଘର ସୁସଜ୍ଜିତ କରି ରଖିବାର ଆବଶ୍ୟକ । ଯାତ୍ରିମାନେ ଚାଲି ଗଲେ ଘରର ଅସବାବ ସବୁ ଉକ୍ତଂସ୍ଥ ପୁଲିସ ଷ୍ଟେସନରେ ଅମାନତ ରହିପାରେ ଓ ଘର ଅନ୍ୟ ସମୟରେ ପୁଲିସ ଜିମାରେ ରହି ଭଡ଼ା ଦିଆଯାଇ ପାରେ । ଏରୂପ କିଛି ବ୍ୟବସ୍ଥା କରିବାର ନିତାନ୍ତ ପ୍ରୟୋଜନ ଓ ଯେତେଦିନ ସେରୂପ ହୋଇ ନାହିଁ ତେତେ ଦିନ କେବଳ ଡାକ୍ତର ପଠାଇବାରେ କିଛି ଫଳ ନାହିଁ । କେବଳ ଔଷଧ ବାଣ୍ଟିବାର ହେଲେ ପ୍ରତ୍ୟେକ ଚଟିର ଉକ୍ତଂସ୍ଥ ପୁଲିସ ଫାଣ୍ଡିରେ କିଛି ଔଷଧ ରଖିଲେ ହେଲା ତହିଁରେ ଯାହାର ପରମାୟୁ ଥିବ ସେ ଔଷଧ ଖାଇ ଭଲ ହେବ ।

ଏହି ସହର ମଧ୍ୟରେ ଅନ୍ନଛତ୍ର ହାସପାତାଲରେ ଯେପ୍ରକାରେ ଯାତ୍ରିମାନଙ୍କର ଚିକିତ୍ସା ହୁଅଇ ତାହା ମଧ୍ୟ କୌଣସିରୂପେ ଉତ୍ତମ ନୁହଇ ମାତ୍ର ଆମ୍ଭେମାନେ ବର୍ତ୍ତମାନ ତହିଁର ଉଲ୍ଲେଖରୁ କ୍ଷାନ୍ତ ହେଲୁଁ କାରଣ କି ଜେନରଲ ହାସପାତାଲ ନିର୍ମାଣ ହେଉଅଛି ତାହା ଶେଷ ହେଲେ ସେଠାରେ ଯାତ୍ରିଙ୍କ ଚିକିତ୍ସା ଭଲରୂପେ ହେବାର ଆଶାଅଛି । ତଥାପି ଏମନ୍ତ କହିବା ଯାଇପାରେ କି ଚିକିତ୍ସାଳୟର ଉନ୍ନତିକଥାରେ କମିଟୀ ଯେରୂପ ଅନ୍ନଛତ୍ର ହାସପାତାଲ ପ୍ରତି ଦୃଷ୍ଟି ରଖନ୍ତି ସେହି-ପରି ଜେନରଲ ହାସପାତାଲର ଉନ୍ନତି ଦୃଷ୍ଟି-ଦେ । ତାହା ହେଲେ ଅଧିକ କି ଲାଭ ହେବ କିଛି ବୋଲିଯାଇ ନ ପାରେ ।

# ସାପ୍ତାହିକ ସଂବାଦ ।

ଗତ ସପ୍ତାହରେ ଏ ନଗର ମଧ୍ୟରେ ଦୋଗ୍ଧା-ଏ ଇଂରାଜୀ ଜଣେ ସ୍ତ୍ରୀଲୋକ ଉପରେ ଗୁଳି ପଡ଼ିବାରୁ ତାହାର ପ୍ରାଣ ସଂଶୟ ପୀଡ଼ା ଓ ହାଡ଼ସବୁ ଭାଙ୍ଗି ଯାଇଅଛି ।

ନିଖିଳ ସୋସାଇଟିଙ୍କ ଛାପାଖାନା ଜାରି ହୋଇଅଛି ଓ ଚଳିତମାସ ତା ୮ ରଖରେ ଓଡ଼ିଶା ପେଟ୍ରିଅଟ ପୁନର୍ଜନ୍ମ ଗ୍ରହଣ କରି-ଅଛନ୍ତି ।

ପୁରୀ କଲେକ୍ଟରୀ ସିରସ୍ତାଦାର ଜଣେ ମୋକ୍ତାରକୁ ଏକ ଚାପୁଡ଼ା ମାରିଥିବାରୁ ଯେଉଁ ସଂବାଦ ପ୍ରକାଶ ହୋଇଥିଲା ସିରସ୍ତାଦାର ମହାଶୟ ତାହା ମିଥ୍ୟା ଥିବାର କହନ୍ତି ଓ ତାହାଙ୍କ ପକ୍ଷରେ ସାକ୍ଷ ସ୍ୱରୂପ ତାହାଙ୍କର ଅଧୀନ ମୋହରର ପ୍ରଭୃତି ଚୌଦ୍ଦଜଣ ଦସ୍ତଖତ କରିଅଛନ୍ତି । ଆମ୍ଭେମାନେ ବନ୍ଧୁସ୍ଥମୁଖେ ଶୁଣିଥିବାରୁ ଲେଖିଥିଲୁଁ ତଥାପି ଭରସା କରୁଁ ଏହା ମିଥ୍ୟା ହେଉ ଓ ସତ୍ୟ ହେଲେ ମଧ୍ୟ କ୍ଷତି ନାହିଁ କାରଣ ପୂର୍ବେ ଯାହା କହିଅଛୁଁ କି ଯାହାକୁ ଆପଣା ମର୍ଯ୍ୟାଦା ରକ୍ଷାକରିବାର ଜ୍ଞାନ ନାହିଁ ତାହାଠାରୁ ଗାଳିମାଡ଼ ଭିନ୍ନ କେଉଁନ୍ତ କଉ କାର୍ଯ୍ୟ ପାଯ୍ୟୁ ଯିବ ?

ମହାମାନ୍ୟ ମହାରାଣୀ ଶ୍ରୀଲୁଇଁର୍‌ଙ୍କ ଶାସନକାର୍ଯ୍ୟରେ କମେଟର ସମସ୍ତ ସମ୍ବାଦପତ୍ର ଅସନ୍ତୋଷ ପ୍ରକାଶ କରିଅଛନ୍ତି ଓ ତାହାଙ୍କ ଯେସମସ୍ତ ଭୂଭୋଗଦେଶ ଦିଆଯାଏ ସେସବୁ ତାହାଙ୍କର କର୍ଣ୍ଣଗୋଚର ହୁଅଇ ନାହିଁ । ଓଡ଼ିଶାର ଅଧିକାଂଶ ରଜାଙ୍କର ଅବସ୍ଥା ମଧ୍ୟ ଏହିରୂପ ସ୍ଥାନୀୟ ସମ୍ବାଦପତ୍ରରେ ତାହାଙ୍କର ହିତୋଦ୍ଦେଶରେ ଯେସମସ୍ତ କଥା ଲେଖାଯାଏ ତାହା ସେମାନେ ଜାଣିପାରନ୍ତି ନାହିଁ ପାଛ ମନ୍ତ୍ରିମାନେ ସେସବୁକୁ ଲୁକାଇ ରଖନ୍ତି ।

କାମରର ନାଏବ ମୁହମ୍ମଦ ଏନାଏତ୍ତ ଉଲ୍ଲାଙ୍କୁ ଗବର୍ଣ୍ଣମେଣ୍ଟ ଦୁଇଶହଟଙ୍କା ମୂଲ୍ୟର ଏକ ତରବାର ଓ କମରବନ୍ଧ ପାରିତୋଷିକ ଦେଇଅଛନ୍ତି । ସ୍ୱିଜସୁଲତାନ୍ଙ୍କର ଯେଉଁ ବାଣିଜ୍ୟ ଲୁଟି ହୋଇଥିଲା ତହିଁ ଅର୍ଥନୀତି ଅପରାଧିମାନଙ୍କୁ ଧରାଇ ଦେବାରେ ଏମନ୍ତ ହୋଇଅଛି ।

କମ୍ପେଦାର ଶ୍ରୀଲୁଇଁର୍ ଆଜ୍ଞା ଦେଇଅଛନ୍ତି ଯେ ଚଳିତ ଶ୍ରାବଣମାସ ଅବଧି ଜୈଷ୍ଠପର୍ଯ୍ୟନ୍ତ ତାହାଙ୍କ ରାଜ୍ୟର କୌଣସି ବସ୍ତୁର ଦାମ୍ ବେକ-ଇଟ ଆପଣା ବ୍ୟବସାୟ କରି ପାରିବେ ନାହିଁ । ମହାରାଜ ଅକ୍ଷମ ହେଲା କିଛି ଥିଲେ ଭଲ ପୀଡ଼ାର ମୁକ୍ତି ପାଇବାକୁ ତହିଁ ପାଇଁ ଧନ୍ୟବାଦ ପ୍ରକାଶପତ୍ରଂ ଏହିରୂପେ ଜାତବନ୍ଧ ଉଦ୍ଦେଶ କରିଅଛନ୍ତି । କଲୁ କମାଇ ଓ ମାଛ ମାରୁବା

Split by PDF Splitter
Digitized by srujanika@gmail.com

Split by PDF Splitter



ଜେଉଣ୍ଟମାନେ ଏକମାତ୍ର କାଳ ସ୍ୱରୂପେ ଜବାବ ହେବେ ଉନ୍ହିଁର କୃଷ୍ଣ ବନ୍ଦୋବସ୍ତ କରିବାର ପ୍ରକାଶ ପାଇ ନାହିଁ । ଯେବେ ତାହା ହୋଇ ନ ଥାଏ ତେବେ କେତେଗୁଡଏ କ୍ଷୁଦ୍ର ଜନ୍ତୁ ଙ୍କ ପାଁଇ ମହାପ୍ରାଣିମାନେ ଅନାହାରରେ ମରିବାର ସମ୍ଭାବନା ।

ନଥ ପ୍ରଦେଶର ନଥ କଲରେ ଉର୍ଦ୍ଦୁ ଅକ୍ଷର ପରିବର୍ତ୍ତରେ ନାଗରୀ ଅକ୍ଷରରେ କଚେରୀର ଲେଖା ପଢା ସବୁ ହେଉଅଛି । ହିନ୍ଦୁ ପେଟ୍ରିଅଟ ଲେଖନ୍ତି ଯେ ନାଗରୀ ଅକ୍ଷର ଜାରି କରିବାରେ ଭଲ କମ୍ପ ହୋଇ ନାହିଁ । କାରଣ ଅନେକ ଅମଲା ତାହା ଲେଖିବାକୁ ଜାଣୁଥିଲେ ।

ପାୟୋନୀଅର ଜାରଜାବଯୋଗେ ଶୁଣି ଅନୁନ୍ତୁ ଏ ବର୍ଷ ଶୀତ କାଳରେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ସାହେବ ଡିଲ୍ଲୀ ଅଗ୍ରା ଓ ଲକ୍ଷ୍ନୌ ନଗରମାନ ପରିଭ୍ରମଣ କରି କଲିକତାକୁ ଫେରି ଆସିବେ ଏବଂ ଜାନୁଏରୀ ମାସରେ ମାନ୍ଦ୍ରାଜକୁ ଯିବେ । ଏଥିରୁ କି ଏମନ୍ତ ଅଶା ହୋଇ ପାରେ ଯେ କଟକ ନଗର ଦେଖି ଯିବେ ?

ଲୁଟବେହାର ସରକେ ଅଫିସର ପେଷ୍ଟାର ସ୍ୱାଥାନାଥ ଗୋଷ୍ଠୀ ଅପଣା ଘରେ ମରି ପଡିଥିଲେ । ପୁଲିସ ତାହାଙ୍କ ମଜ୍ଜାଶେ ଅସି ଦେଖିଲେ ଯେ ତାହାର ହାତ ଗୋଡ ବନ୍ଧା ହୋଇଅଛି ଓ ଗଳିରେ ଦୌଡ ଲାଗିଅଛି । ଏହା ଦେଖି ମୃତ ବ୍ୟକ୍ତି ଆତ୍ମଘାତ ପୂର୍ବକ ମରିଅଛି ବୋଲି ପୁଲିସ ରପୋର୍ଟ କଲେ । ଅପଣା ହାତ ଗୋଡ ଅପେ ବାନ୍ଧି ଫାଶୀ ଲଗାଇବାର କେମନ୍ତ ସମ୍ଭବ୍ୟାପାର ପାଠକମାନେ ବିବେଚନା କରନ୍ତୁ । ପୁଲିସର ବୁଦ୍ଧିକୁ ପର୍ଯ୍ୟାନ୍ତର ନାହିଁ ।

ଅମ୍ଭେମାନେ ଅବଗତ ହେଲୁଁ ଯେ ଜଗତସିଂହପୁର ସବ୍‌ଡିଭିଜନ ଉଠାଇ ଦେବାକୁ ଗବର୍ଣ୍ଣମେଣ୍ଟ ନିଶ୍ଚୟ କରିଅଛନ୍ତି ଉକ୍ତ ସବ୍‌ଡିଭିଜନର ଅର୍ଦ୍ଧେ ଇଲକା କେନ୍ଦ୍ରାପଡା ଓ ଅର୍ଦ୍ଧେ ସଦର ସବ୍‌ଡିଭିଜନ ସଙ୍ଗେ ମିଶିଯିବ ।

---

## ପ୍ରେରିତପତ୍ର ।

---

ହେ ଉତ୍କଳ ନିବାସି ବନ୍ଧୁଗଣ
କହେଲୁ କଲ ଏଭିକ ଥାଉଣ ।
ଯଥା ଚନ୍ଦ୍ରପତି ବିନା ମେଦିନୀ
ଯଥା ପତିଶୋକାକୁଳା ରମଣୀ ।
ଯଥା ଦିନମଣି ବିନା ନଳିନୀ
ଯଥା କଣ୍ଠବର ଶସ୍ତ୍ର ଦ୍ରବଣୀ ।
ଦେଖି ଉତ୍କଳେ ମାତୃଭାଷା ଦଶା
କରୁଣେ କାନ୍ଦୁଛି ଏ ଦଶା ଭଗା ।
ହେଉଛି କି ସୁଖ ଜାଣ ମନରେ
ଯାପନ ହେଉ କାଳ କଷ୍ଟିନ୍ତରେ ।
ହେଉ କି ନାହିଁ ମାନସେ ଭୂମିର
ନାଗିବାକୁ ତାଙ୍କ ଦୁଃଖନିକର ।
ଅହା ! କେଉଁଠାରେ ସେ ବିଧୁଗଣ
ଉତ୍କଳଦେବୀଙ୍କ ପ୍ରିୟ ସନ୍ତାନ ।
କରି ପ୍ରାଣପଣେ ବହୁ ଯତନ
କଲେ ଯେମାନେ ନାନା ପଦ୍ୟମାନ ।
ଅହା ! କି ସେ ପଦ୍ୟରସ୍ମ ବୃଦ୍ଧୁଣୀ
ସ୍ମରିଲେ ହୃଦୟ ହୁଏ ବଜ୍ରଘାତୀ ।
କରି ନାନା ଅଲଙ୍କାରେ ସହିତ
ପଦ୍ୟମାଳ ଯେବେ ଉତ୍କଳ ସୁତ ।
ସମାନଦେ ଜନନୀ ପାଦରେ
ଅର୍ପଣ କରିଥିଲେ ସଯତ୍ନରେ ।
ଥିଲା ତେବେ କି ଦେବୀଙ୍କ ଏ ଦଶା
ନ ହୋଇ ପୁତ୍ରଙ୍କ ଯତ୍ନେ ସୁଦଶା ।
ଥିଲେ କି ? ଦେବୀ ସେହାଲେ ଏପରି
ଶୋଭା ହୀନ ଯଥା କୃଷ୍ଣିମାହାରି ।
ଅଲଙ୍କାରେ ପୂର୍ଣ୍ଣ ପଦ୍ୟର ହାର
ଦର୍ଶନ କରି ତାଙ୍କ ପାଦୋପର ।
ଉତ୍ତମ ସ୍ୱର୍ଣ୍ଣ ଦେବୀ ଲଜ୍ଜାରେ
ଅସୁଥିଲେ କି ଭୂମିର ଦେଶରେ ।
ଦେଖାଇଣ ଅତି ଶୋଭନକର
କରୁଥିଲେ କି ମାନସ ଭୂମିର ।
ଦେଖି ଯାଙ୍କ ରୂପ ଏକ ଅଂଶରେ
କରିଲ୍ଲି ହେମ୍ବ ଅତି ଦେଖାଠାରେ ।
ଅହା ! କି ଏଭିବେ ଜନ୍ମିବ କାଳ
ନ ହୋଇ ଜନନୀ ଦୁଃଖେ ଅକୁଳ ।
ହୋଇବ କି ମଣ୍ଡଳରେ ପ୍ରଶଂସିତ
ନ କଲେ ଦେବୀଙ୍କୁ ପୁନଃ ଜନ୍ମଭ ।
ଯେଉଁ ଆଭରଣ କଲେ ମଣ୍ଡିରେ
ହେବ ଉଦିତ ଅଭ୍ୟାସ ଶୀଘ୍ରରେ ।
ପୂର୍ବେ ନ ଥିଲା ତାହା ବୋଲିତର
ବାରଣ କର ଦୂଷଣ ଧର ।
ବଳୁ ପୂର୍ବେ ଯାହା ଥିଲା ଦେଶରେ
ରକ୍ଷିବାକୁ ତାହା ସବୁ କାଳରେ ।
କର କି ? ଏପରି ପଣ ଥାଉଣ
ଅପଣାକୁ ଉତ୍କଳୀୟ ଜାଣିଣ ।
ତାହା ହେଲେ କି ଉତ୍କଳବାସୀ
ଥାଅନ୍ତା ଅସଭ୍ୟ ଭାଗିରେ ପୂରି ।
କ ହୋଇଣ ତୁମ୍ଭେ ସଂସାର ଭୁବନେ
ଥାଅନ୍ତ କି ପଶୁ ପଣ୍ଡ ସମାନେ ।
ସତେ କି ଉତ୍କଳେ ହେ ଦସ୍ୟାମୟ !
ହୋଇବ ସୁମଙ୍ଗଳଦାୟୀ ଉଦୟ ।
ନାଶ ଯିବ ଶରେ ଅମଙ୍ଗଳ ଉତ୍ପନ୍ନ
ହେବ ଉତ୍କଳ ଅନନ୍ଦର ଧାମ ।
ଭାଗ୍ୟ ନାଟକାଦି ସ୍ୱରସ ପାନେ
ଉନ୍ମତ୍ତ ହେବେ ଉତ୍କଳୀୟମାନେ ।
କରି ନାନା ପଦ୍ୟମାନ ରଚନ
କରିବେ ଜନନୀ ମାତୃ ପୂଜନ ।
କରିଣ ତାହା ଜନନୀ ଦର୍ଶନ
ହେବେ ଦୁଃଖ ହେତୁ ପ୍ରଫୁଲ୍ଲାନନ ।
ଅତଏବ ଶୁଣ ହେ ଭ୍ରାତୃଗଣ
ବିଲମ୍ବେ ନାହିଁ ଆଉ ପ୍ରୟୋଜନ ।
ସଂସାର ସାଗରେ ସମସ୍ତ ଭାସି
ଯାଉଛନ୍ତି ଅତି ବେଗ ଧରି ।
ତେଣୁ ମନରୁ ଅଳସ୍ୟପଣ
କରି ଉଚିତ ମାର୍ଗେ ଅନ୍ୱେଷଣ ।

---

## ବିଜ୍ଞାପନ ।

---

ଓଡ଼ିଶାର ଇତିହାସ ସନ ୧୮୦୩ ଠାରୁ ସନ ୧୮୬୮ ମସିହା ପର୍ଯ୍ୟନ୍ତ ଅତଏକ୍ତ ଘଟନା ସହିତ ଗ୍ରନ୍ଥକର୍ତ୍ତା ଡ, ୪ଏଲସ ଜେନାଲ ରେବିନ୍ୟୁ ସୁପରିଣ୍ଟେଣ୍ଡେଣ୍ଟଙ୍କଦ୍ୱାରା ଇଂରାଜୀ ଭାଷାରେ ରଚିତ ଓ କଲିକତା ଆବଶ୍ୟକିଙ୍କ କୃଷ୍ଣାଦ୍ୱାରା ମୁଦ୍ରିତ ହୋଇ ବିକ୍ରୟ ହେଉଅଛି । ଅଠପେଜୀ ଫର୍ମା ମୂଲ୍ୟ ୫ ୬୧ ଙ୍କା ।

---

# NOTICE.

---

G. H. FAULKNER'S house at Chouliagunj is for sale apply to the owner at Jobra Work Shop from 6 A. M. to 12.—

G. H. FAULKNER.

---

## ମୂଲ୍ୟପ୍ରାପ୍ତି ।

---

ଶ୍ରୀ ଅମରନାଥ ଅନୁକୂଳ ଅଗ୍ରିମ ୫୭୯୦
ଚୁଁଧୁରୀ ଅବଦୁଲ ରହମାନଙ୍କ କଲେକ୍ଟର
ଅଗ୍ରିମ ୫୩୧

| | | | |
|---|---|---|---|
| ଶ୍ରୀ ମହନ୍ତ ମୋହନଦାସ ପୁରୀ | ବଲାଶ୍ୟା | | ୫୭୯୦ |
| ବାବୁ ରଘୁନାଥଦାସ | କଟକ | ,, | ୫୬୧ |
| ,, କୃଷ୍ଣବଲ୍ଲଭ ଘୋଷ | | ,, | ୫୬୧ |
| ,, ନନ୍ଦକିଶୋର ଘୋଷ | | ,, | ୫୧୧ |
| ,, ଚନ୍ଦ୍ରଶେଖର ମୁଖୋପାଧ୍ୟା | | ,, | ୫୭୧ |

---

ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୫ } ତା ୧୪ ଇଗ ଅଗଷ୍ଟ ୧୮୮୦ ମସିହା । ମୂ । ଶ୍ରାବଣ ୩୦ ଦିନ ସନ ୧୨୮୮ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ୪୲
ସଂଖ୍ୟା ୩୩ } { ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୲
{ ମଫସଲ ପାଇଁ ଡାକମାସୁଲ ୧୲୦

ଗତ ଶନିବାର ଶ୍ରୀଯୁକ୍ତ ବିମସ୍ ସାହେବ ଏ ନଗରରେ ପ୍ରବେଶ ହୋଇ ଗତ ସୋମବାରଦିନ ଶ୍ରୀଯୁକ୍ତ ରେଭେନସା ସାହେବଙ୍କ ସମଭିବ୍ୟାହାରରେ ବଙ୍ଗଳାଘରଠାରୁ ଗଲେ ସେଠାରେ କମିଶନର ଓ ମୁଖ୍ୟ କର୍ମ୍ମଚାରୀମାନଙ୍କର ଭାର ଗ୍ରହଣକରି ଗତ କାଲି ଏ ନଗରରେ ପ୍ରବେଶ ହୋଇ ଅଛନ୍ତି । ଶ୍ରୀଯୁକ୍ତ ରେଭେନସା ସାହେବ ଦକ୍ଷିଣ ପ୍ରଦେଶକୁ ଗମନକଲେ, ମାଲକିର ପର୍ଯ୍ୟନ୍ତରେ ଲୁଣୀର ଅଧିକାଂଶ କାଳ ଅତିବାହିତକରି ଅନ୍ୟ କେତେକସ୍ଥାନ ଦେଖି ନବମ୍ବର ମାସ ମଧ୍ୟଭାଗରେ ଏଠାରେ ଆସି ପ୍ରବେଶ ହେବେ ।

---

ଆମ୍ଭେମାନେ ଗତ ସପ୍ତାହରେ ଉତ୍କଳହିତୈଷିଣୀର ପୁନର୍ଜନ୍ମର ସମ୍ବାଦ ଲେଖିଥିଲୁଁ । କିନ୍ତୁ ବୋଧ ହୁଅଇ ଆମ୍ଭମାନଙ୍କ 'ପୁନର୍ଜନ୍ମ' ଲେଖିବା ଠିକ ହୋଇ ନାହିଁ । କାରଣ ଯଦ୍ୟପି କି ଏକସ୍ଥାନରେ ଲେଖକ 'ପୁନର୍ଜୀବନ' ହେବାର ଲେଖି ଅଛନ୍ତି ମାତ୍ର ତହିଁ ତଳକୁ ଏହା ମୁଦ୍ରା ଲେଖାଅଛି ଯେ "ହିତୈଷିଣୀ ପ୍ରାୟ ଛଅବର୍ଷ ପ୍ରସୂତ ହୋଇ ଅନନ୍ତ ଶୟନାବସ୍ଥାରେ ଥିଲା ଏହାର ଅବସ୍ଥା ବର୍ତ୍ତମାନ ନିତାନ୍ତ ଶୈଶବ ପୁନରପି ବହୁକାଳ ପରେ ନିଦ୍ରାରୁ ଉତ୍ଥାପିତ(?) ହେବାରୁ ଏହାର ସେରୂପ ଶୃଙ୍ଖଳ ନାହିଁ । ଏରୂପ ଅବସ୍ଥାରେ ହିତୈଷିଣୀ ଅନୁଗ୍ରହର ପାତ୍ର ଅଟଇ । ହିତୈଷିଣୀ କିରୂପ କାର୍ଯ୍ୟ କରିବ ତାହା ଫଳେନ ପରିଚୀୟତେ ।" ସୁତରାଂ ହିତୈଷିଣୀର ପୁନର୍ଜନ୍ମ ହୋଇ ନାହିଁ ମଧ୍ୟ ଏହାର ଅବସ୍ଥା ନିତାନ୍ତ ଶୈଶବ ନୁହଇ କାରଣ ଛଅବର୍ଷ ନ୍ୟୁନମ ତାହାର ଛଅବର୍ଷ ଶୟନକରି ବର୍ତ୍ତମାନ ଉଠିଲା ବେଳକୁ ବାର ବର୍ଷ ବୟସ ହୋଇଅଛି । ଏହାର ଭାଷା ଅସଙ୍ଗତ ହେଲେ ହେଁ ତେମନ୍ତ ମଧୁର ହୋଇ ନାହିଁ ଯେ ତହିଁରୁ ଶୈଶବାବସ୍ଥା କଳ୍ପନା କରାଯିବ । ତେବେ କି ଅନନ୍ତଶୟନ କଥାଟିକୁ ଠିକ କରିବା ? ତାହା ମଧ୍ୟ ପାରୁ ନାହୁଁ କାରଣ ଛଅବର୍ଷର ନିଦ୍ରାକୁ ଅନନ୍ତ ରୂପର ବୋଲାଯିବ । ଆମ୍ଭେମାନେ ଭରସାକରୁଁ ଯେ ହିତୈଷିଣୀ ଏହାର ନିଦ୍ରାଭଙ୍ଗ ହେବାରୁ ଆପଣାର ଅବସ୍ଥା ମାତୃଭାଷାରେ ସୁସଙ୍ଗତରୂପେ ବ୍ୟକ୍ତ କରି ପାରୁ ନାହିଁ, କିନ୍ତୁ ଇଂରାଜୀ ରଚନାଟି ବଡ଼ ଭଲ ହୋଇଅଛି ଓ ଯେବେ ସେହିପରି ଲେଖା ଏଥିରେ ବାହାର ହୁଅଇ ତେବେ ହିତୈଷିଣୀ ଅବଶ୍ୟ ଆଦରଣୀୟ ହେବ ସନ୍ଦେହ ନାହିଁ ।

---

ଆମ୍ଭେମାନେ ଅତି ଆନନ୍ଦର ସହିତ ପାଠକଙ୍କୁ ଜଣାଉଅଛୁଁ ଯେ ଶ୍ରୀଯୁକ୍ତ ଇରଭାନ ସାହେବଙ୍କ ନଗର ସନ୍ଦର୍ଶନର ସୁଫଳ ଫଳିଅଛି ନଗରର ଅଧିକାଂଶ ନାଳବାଟ ଓ ସଡ଼କ ସଂସ୍କାର ହେଲାଣି ଓ ଦିନେ ଏ କାର୍ଯ୍ୟସବୁର ଉନ୍ନତି ଦେଖାଯାଏ । ନଗର ଓ ଓ୍ୱାର୍ଡକମିଟୀର ସଭ୍ୟମାନେ ସ୍ୱତଃସ୍ଥରେ କର୍ମ ଦେଖି ବୁଲୁଅଛନ୍ତି ଓ ପ୍ରତ୍ୟେକ ଓ୍ୱାର୍ଡରେ ଜଣେ ଡି ୧୦ ଣ ଲୋକ କର୍ମ କରୁଅଛନ୍ତି । ଏ ସମସ୍ତ ଉପାୟ ଇରଭାନ ସାହେବଙ୍କ ସ୍ୱକପୋଲକଳ୍ପିତ ଅଟଇ ଓ ତହିଁର ଫଳ ଉତ୍ତମ ଦେଖାଯିବାରୁ ସେ ପ୍ରଶଂସାର ଯୋଗ୍ୟ ହୋଇ ଅଛନ୍ତି । ପକ୍ଷାନ୍ତରେ ଟାକ୍ସର ନ୍ୟୂନ ପରିମାଣ ଏକ ଅଣା ପରିବର୍ତ୍ତରେ ଦୁଇ ପଇସା କରିବାରୁ ଲୋକେ ଅଧିକ ଆହ୍ଲାଦିତ ହୋଇ ଅଛନ୍ତି । ଏଥିରେ ଅଳ୍ପାୟର ଲୋକଙ୍କୁ ପୀଡ଼ା ଦିଆଯିବ ଓ ଆଦାୟ କରିବାର ବ୍ୟୟ ବୃଦ୍ଧି ହୋଇ 'ଲାଭରଗୁଡ଼କୁ ପିମ୍ପୁଡ଼ି ଖାଇବ' । ଶୁଣାଯାଏ ଯେ ଟାକ୍ସ ଆଦୁକ ପକ୍ଷରେ କିଛି କଠିନ ନିୟମ କରିବାକୁ ସାହେବ କଳ୍ପନା କରୁଅଛନ୍ତି ଓ ତହିଁର ପୂର୍ବଲକ୍ଷଣ ସ୍ୱରୂପ ବର୍ତ୍ତମାନ ଯେଉଁ ଟାକ୍ସଦାରୋଗା ନିଯୁକ୍ତ ଅଛନ୍ତି ତାହାଙ୍କୁ ବାହାର କରିଦେଇ ଜଣେ ଇଂରାଜୀ ଜାଣିଥିବା ନୂତନ ବ୍ୟକ୍ତିଙ୍କୁ ଦାରୋଗା କରିବାର ବନ୍ଦୋବସ୍ତ କରି ଅଛନ୍ତି । ବର୍ତ୍ତମାନ ଦାରୋଗାର ଦୋଷ କି ଆମ୍ଭେମାନେ ଜାଣୁ ନାହୁଁ । କେବଳ ଶୁଣୁଅଛୁଁ ଯେ ଆଦୁକାର୍ଯ୍ୟରେ ଶିଥିଳତା କରିବାରୁ ସାହେବ ତାହାଙ୍କ ଉପରେ ବିରକ୍ତ ହୋଇ ଦାର୍ଯ୍ୟନ୍ତରୀଣ କରିବାକୁ ଦୃଢ଼ପ୍ରତିଜ୍ଞ ହୋଇଅଛନ୍ତି । କି ଆଶ୍ଚର୍ଯ୍ୟ ଯେଉଁଠାରେ କଠିନ ନିୟମର ପ୍ରୟୋଜନ ସେଠାରେ କର୍ମଚାରୀଙ୍କର ଶିଥିଳତା ଅନୁମାନ କରାଯାଏ । ଆମ୍ଭେମାନେ ଏପରି ଯୁକ୍ତି ଦେଖି ଚମତ୍କୃତ ହୋଇ ଅଛୁଁ ।

---

Split by PDF Splitter
Digitized by srujanika@gmail.com

ଅମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହୋଇ ପାଠକମାନଙ୍କୁ ଜଣାଉଅଛୁଁ ଯେ ଅମ୍ଭମାନଙ୍କ କଲେକ୍ଟର ମାଜିଷ୍ଟ୍ରେଟ ଓଡ଼ ସାହେବଙ୍କର ଶାରୀରିକ ପୀଡ଼ାରେ ଭୋଗ କରୁଅଛନ୍ତି । ଗତ ସୋମବାର ଦିନ ତା ୧୧ ଖ୍ରୀ ସନ୍ଧ୍ୟାରେ ସେ ମାର୍ଫିଙ୍କ ଭଉଣୀ ସ୍ନାନ କରିବାକୁ ଗୋସଲଖାନାକୁ ଯାଇ ଯେପରି ଏକମାତ୍ରିଆ ପାଣି ମୁଣ୍ଡରେ ଢାଳିଅଛନ୍ତି ତେମନ୍ତ ଦେବାକୁ ନ ବେଗ ତାଙ୍କ ଦେହ ଯେ ସେ ବ୍ୟସ୍ତ ହୋଇ ବାହାରି ଆସି ଚୌକିରେ ବସି ଅଚେତନ ହେଲେ । ଉକ୍ତକ୍ଷଣାତ୍ ଡାକ୍ତର ସାହେବ ଆସି ପ୍ରତୀକାର କଲେହେଁ ତହିଁ ପରଦିନ ସନ୍ଧ୍ୟାପର୍ଯ୍ୟନ୍ତ ସାହେବଙ୍କର ଚେତନା ହୋଇ ନଥିଲା । ତହିଁଉତ୍ତାରୁ କିଛି ଅଳ୍ପ ଫିଟାଇବା ଓ ହସ୍ତପଦାଦି ଚଳନ କରିବାର ଦେଖାଗଲା ଓ କ୍ରମଶଃ ଆରୋଗ୍ୟଲାଭର କିଞ୍ଚିତ୍ ଆଶା ହୋଇଥିଲା ଏଥି ମଧ୍ୟରେ ଗତ କାଲି ସକାଳେ ପ୍ରାଣବାୟୁ ପ୍ରସ୍ଥାନ କଲା । କାହିଁ କି ଦୁଃଖର ବିଷୟ ! ଯୁବାକାଳରେ ଏ ଦୁର୍ଘଟନା ! ପୁଣି ବର୍ତ୍ତମାନ ତାହାଙ୍କ ସ୍ତ୍ରୀ ଗର୍ଭବତୀ ଅଛନ୍ତି ।

ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କର ଦୈବାତ୍ ଏରୂପ ପୀଡ଼ା ଦେଖି ନଗରବାସିମାନେ ଅତ୍ୟନ୍ତ କାତର ହୋଇଥିଲେ ଅଧିକ ଦୁଃଖର କଥା ଏହି ଯେ ମେଘ ଡାକ ହେବାଜାଲର ଏକାବେଳକେ କାର୍ଯ୍ୟକ୍ଷେତ୍ର ହେବାରୁ ଅପଣା ସହଧର୍ମିଣୀଙ୍କୁ ମୁଖ ଗୋଟିଏ କଥା କହି ପାରିଲେ ନାହିଁ । ନଗରବାସିମାନେ ଏହାଙ୍କ ପୀଡ଼ାର ଏହି କାରଣ ନିର୍ଦ୍ଦେଶ କରୁଅଛନ୍ତି ଯେ ଶାରୀରିକ ଓ ମାନସିକ ଅତ୍ୟଧିକ ପରିଶ୍ରମର ଆଧିକ୍ୟ ହେତୁ ମସ୍ତିଷ୍କ ଗରମ ଥାଇ ଏ ରୋଗ ଜାତ ହେଲା । ବାସ୍ତବରେ କମିଶନର ସାହେବ ଯିବାର କେତେଦିନ ପୂର୍ବରୁ ଉକ୍ତ ସାହେବ ସବୁକର୍ମ ଶେଷ କରିବା ଆଶାରେ ଦିବାରାତ୍ରି ଅତ୍ୟନ୍ତ ଅଧିକ ପରିଶ୍ରମ କରୁଥିଲେ ତଥାପି କର୍ମ ହସ୍ତଗତ ବାକି ପଡ଼ିବାରୁ ଚିନ୍ତିତ ଥିବାରୁ ଏମନ୍ତ ଅନୁମାନ ହୁଅଇ ।

---

### ସାଁଓତାଳ ପ୍ରଭୃତି ବନ୍ୟଲୋକଙ୍କ ଶିକ୍ଷା ।

ଧର୍ମବିଷୟରେ ନିରପେକ୍ଷ ରହିବା ଅମ୍ଭମାନଙ୍କ ଗବର୍ଣ୍ଣମେଣ୍ଟଙ୍କର ଗୋଟିଏ ଉତ୍ତମ ରୀତି ଅଛି କିନ୍ତୁ ସାଁଓତାଳ ପ୍ରଭୃତିଙ୍କ ବିଷୟରେ ଗବର୍ଣ୍ଣମେଣ୍ଟ ଯେଉଁ ଆଜ୍ଞା ଦେଇଅଛନ୍ତି ତହିଁରୁ ବୋଧ ହୁଅଇ ଯେ ଏଣିକି ସେ ନିୟମ ଆଉ ମାନ୍ୟ ହେବାର ନୁହଇ । ଛୋଟନାଗପୁର ଓ ତନ୍ନିକଟବର୍ତ୍ତୀ ସ୍ଥଳମାନଙ୍କରେ ସାଁଓତାଳ ପ୍ରଭୃତି କେତେକ ବନ୍ୟଲୋକ ଅତ୍ୟନ୍ତ ଅସଭ୍ୟାବସ୍ଥାରେ ରହି ଅଛନ୍ତି ଏହାଙ୍କ ଶିକ୍ଷା ନିମିତ୍ତ କୌଣସି ଉପାୟ ହୋଇ ନ ଥିବାରୁ ଏମାନେ କ୍ରମଶଃ ଦରିଦ୍ର ହୋଇ ଯାଉ ଅଛନ୍ତି କିଂ ସଭ୍ୟଜାତିଙ୍କର କେତେକ ଦୋଷ ଏମାନେ ଅନୁକରଣ କରିବାରୁ ଏହାଙ୍କର ଅବସ୍ଥା ମନ୍ଦ ହେଉଅଛି । ମହାମାନ୍ୟ ଲର୍ଡପାଦ୍ରୀ ସାହେବ ଏମାନଙ୍କର ଅବସ୍ଥା ସ୍ୱୟଂ ଦର୍ଶନକରି ଗବର୍ଣ୍ଣମେଣ୍ଟ ବଙ୍ଗାଳକୁ ରିପୋର୍ଟ କରିବାରେ ମାନ୍ୟବର କାମ୍ବେଲସାହେବ ଏହାଙ୍କ ଶିକ୍ଷା ବିଷୟରେ ମନୋଯୋଗୀ ହୋଇ ଶିକ୍ଷାଦାନ ନିମିତ୍ତ ଖ୍ରୀଷ୍ଟିୟାନଧର୍ମ ଯାଜକ ଅର୍ଥାତ୍ ପାଦ୍ରୀସାହେବଙ୍କୁ ଉକ୍ତ ସ୍ଥାନମାନଙ୍କରେ ବିଦ୍ୟାଳୟମାନ ସ୍ଥାପନ କରିବା କାରଣ ଅର୍ଥ ସାହାଯ୍ୟ ଦେବାକୁ ସ୍ୱୀକାର କରିଅଛନ୍ତି ପାଦ୍ରୀ ସାହେବଙ୍କଦ୍ୱାରା ଶିକ୍ଷା ଦିଆଇବା ଉକ୍ତଲୋକ ସମସ୍ତଙ୍କୁ ଖ୍ରୀଷ୍ଟିୟାନ କରିବାର ଉପାୟ ଭିନ୍ନ ଅନ୍ୟ କିଛି ନୁହଇ କାରଣ ପାଦ୍ରୀମାନଙ୍କ ଏକମାତ୍ର ଉଦ୍ଦେଶ୍ୟ ସ୍ୱଧର୍ମ ପ୍ରଚାର କରିବା ଓ ତାହାଙ୍କର ବିଦ୍ୟାଳୟରେ ଯେପ୍ରକାର ଶିକ୍ଷା ଦିଆଯାଏ ତହିଁରେ ଉକ୍ତ ଧର୍ମର ବୀଜ ଲୋକଙ୍କ ମନରେ ରୋପଣକରିବା ହୁଅଇ । ଗବର୍ଣ୍ଣମେଣ୍ଟ ଧର୍ମ ବିଷୟରେ ହସ୍ତକ୍ଷେପଣ କରିବେ ନାହିଁ ଏରୂପ ନିୟମ ଥିବାରୁ ବିଶେଷ ଧର୍ମଭକ୍ତିବାନ୍ ହସ୍ତରେ ଲୋକଙ୍କ ଶିକ୍ଷାଭାର ଦେବା ଅନୁଚିତ । କିନ୍ତୁ ମାନ୍ୟବର କାମ୍ବେଲ ସାହେବ ସାମାନ୍ୟଲୋକ ନୁହନ୍ତି ସେ ଯେତେବେଳେ ଯେଉଁ କର୍ମ କରିବାକୁ ବୁଝାନ୍ତି ତହିଁର ଯୁକ୍ତି ଭବିଷ୍ୟତ୍ ତାହାଙ୍କପକ୍ଷରେ ଗୋଟାଏ ଥାଏ । ପାଦ୍ରୀଙ୍କ ହସ୍ତରେ ଶିକ୍ଷାଭାର ଅର୍ପଣ କରିବା ଅନ୍ୟାୟ ନାହିଁ ପ୍ରଶଂସିତ ସାହେବ ତହିଁର ସପକ୍ଷରେ ଏହି ଯୁକ୍ତି ଦର୍ଶାଉଅଛନ୍ତି ଯେ ଉକ୍ତ ବନ୍ୟଲୋକମାନେ ଅସଭ୍ୟ ଓ ତାହାଙ୍କର କୌଣସି ପ୍ରସିଦ୍ଧ ଧର୍ମ ନାହିଁ ସୁତରାଂ ସେମାନଙ୍କୁ ଖ୍ରୀଷ୍ଟିୟାନଧର୍ମରେ ଶିକ୍ଷାଦେଲେ ଧର୍ମସମ୍ପର୍କୀୟ ନିୟମ ଅତିକ୍ରମ ହେବ ନାହିଁ । ଅମ୍ଭେମାନେ ଏ ଯୁକ୍ତିରେ ସମ୍ମତ ହୋଇ ନ ପାରୁଁ ଓ ଭାରତବର୍ଷର ଅନ୍ୟାନ୍ୟ ଅନେକ ସମ୍ବାଦପତ୍ର ଏଥିର ପ୍ରତିବାଦ କରୁଅଛନ୍ତି । ବାସ୍ତବରେ ଗବର୍ଣ୍ଣମେଣ୍ଟ ଯେଉଁ ଯୁକ୍ତି ଦର୍ଶାଇ ଅଛନ୍ତି ତଦନୁସାରେ ଚଳିଲେ ଅନେକ ଧର୍ମକୁ ଏହିପରି ଅପବିତ୍ର କହାଯିବ ଓ ସେ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ଏହିରୂପ ବ୍ୟବହାର କଲେ ଏହାର ଶେଷ କେଉଁଠାରେ ହେବ କୋହିଯାଇ ନ ପାରେ । କଲିକତାର ସନାତନ ଧର୍ମରକ୍ଷିଣୀ ସଭା ଏକ ଆବେଦନପତ୍ରଦ୍ୱାରା ବଙ୍ଗାଳ ଗବର୍ଣ୍ଣମେଣ୍ଟଙ୍କୁ ହରବରରେ ପକାଇ ଅଛନ୍ତି । ସଭା କହନ୍ତି ଯେ ସାଁଓତାଳ ପ୍ରଭୃତି ବନ୍ୟମାନେ ହିନ୍ଦୁଜାତୀୟ ଏବଂ ଉଚ୍ଚ ଶ୍ରେଣୀରଲୋକ ଅଟନ୍ତି ଓ ତାହାଙ୍କ ଧର୍ମ ନିମିତ୍ତ ସଭା କେତେକ ବ୍ରାହ୍ମଣ ପଠାଇବାକୁ ବାଞ୍ଛା କରନ୍ତି ଗବର୍ଣ୍ଣମେଣ୍ଟ ତହିଁ ପାଇଁ ସାହାଯ୍ୟଦାନ କଲେ ସେମାନେ ଉକ୍ତ କାର୍ଯ୍ୟରେ ପ୍ରବୃତ୍ତ ହେବେ । ଲେଫ୍ଟେନେଣ୍ଟ ଗବର୍ଣ୍ଣର ଯେଉଁ କାରଣରେ ପାଦ୍ରିମାନଙ୍କୁ ସାହାଯ୍ୟ ଦେବାକୁ ସ୍ୱୀକାର କରିଅଛନ୍ତି ଧର୍ମରକ୍ଷିଣୀସଭା ସେହିକାରଣ ପ୍ରଦର୍ଶନ କରିଅଛନ୍ତି ଅତଏବ ସେ କିରୂପ ଉତ୍ତର ଦେବେ ଦେଖିବାରେ ଆସିବ ।

---

### ଇଂଗ୍ଲଣ୍ଡର ଶିକ୍ଷାପ୍ରଣାଳୀ ।

ଅମ୍ଭେମାନେ ଶୁଣୁଅଛୁଁ ଯେ ଇଂଗ୍ଲଣ୍ଡର ଶିକ୍ଷାପ୍ରଣାଳୀ ସମ୍ପର୍କରେ ବାବୁ ଦ୍ୱାରକାନାଥ ଭଦ୍ରବର୍ତ୍ତୀ ଗୋଟିଏ ପ୍ରସ୍ତାବପତ୍ର ବଙ୍ଗ ଶିକ୍ଷାବିଭାଗ ସମ୍ମୁଖରେ ଉପସ୍ଥିତ କରିଅଛନ୍ତି । ଅମ୍ଭେମାନେ ତାହା ଦେଖି ନ ଥିବାରୁ ତହିଁର ସମସ୍ତ ବିବରଣ ପାଠକଙ୍କୁ ଜଣାଇବାକୁ ଅକ୍ଷମ ହେଲୁଁ କିନ୍ତୁ ଗୋଟିଏ ଏମନ୍ତ କଥା ତହିଁରେ ଲେଖାଅଛି ଯେ ଯାହା ସର୍ବସାଧାରଣଙ୍କର ଜାଣିବା ନିତାନ୍ତ ପ୍ରୟୋଜନ ଓ ତହିଁରେ ଅମ୍ଭେମାନେ ଆପଣା ମତ ପ୍ରକାଶ ନ କରି ରହି ନ ପାରୁଁ । ସେ କଥାଟି ଏହି ଯେ ବିଦ୍ୟାଳୟର ନିମ୍ନ ଶ୍ରେଣୀମାନଙ୍କରେ କେବଳ ଇଂରେଜୀରେ ଭାଷା ଶିକ୍ଷା ଦିଆଯିବ ଓ ଅଙ୍କ ଭୂଗୋଳ ଇତିହାସ ପ୍ରଭୃତି ସକଳ ବିଷୟର ଶିକ୍ଷା ଦେଶୀୟ ଭାଷାରେ ଦିଆଯିବ । ପ୍ରସ୍ତାବକ ଏଥିର ଅନେକ ଯୁକ୍ତି ଦେଇଅଛନ୍ତି କି ନା କହି ନ ପାରୁଁ କିନ୍ତୁ ଉକ୍ତ ପ୍ରସ୍ତାବଟି ନୂଆ ନୁହଇ ଓ ତହିଁ ଯୋଗରେ ପୂର୍ବରୁ ଏହି ହେତୁ ପ୍ରଦର୍ଶିତ ହୋଇଅଛି ଯେ ଛାତ୍ରମାନେ ମାତୃଭାଷା ଯେମନ୍ତ ସହଜରେ ବୁଝିବେ ଇଂରାଜୀଭାଷା ତେମନ୍ତ ବୁଝିପାରିବେ ନାହିଁ ଅଙ୍କ ଭୂଗୋଳ ପ୍ରଭୃତି ଇଂରାଜୀ ପୁସ୍ତକରେ ପଢ଼ିଲେ ଭାଷା ଓ ବିଷୟ ଦୁଇ ଦୁରୂହ ହେବାରୁ ବହୁ କାଳରେ ଶିକ୍ଷା ହୁଅଇ ଓ ବହୁକାଳ ଅନର୍ଥକ ନଷ୍ଟ ହୁଅଇ । ପ୍ରଥମେ ଏସବୁ ଦେଶୀୟଭାଷାରେ ଛାତ୍ରମାନେ ପଢ଼ିଲେ

Digitized by srujanika@gmail.com

Split by PDF Splitter



ସହଜରେ ବୁଝିପାରି ଚଞ୍ଚଳ ଶିକ୍ଷା କରିବେ ଓ କ୍ରମଶଃ ଇଂରାଜୀଭାଷା ବୁଝି ପାରିଲାଠାରୁ ଉଚ୍ଚ ଶ୍ରେଣୀରେ ଇଂରାଜୀଭାଷାରେ ପଢ଼ିବେ । ପୂର୍ବରେ ଯାହା ଥିଲା ମାନ୍ୟବର କାମ୍ବେଲ ସାହେବ ଲେଫ୍ଟେନେଣ୍ଟ ଗବର୍ଣ୍ଣର ହେଲା ଦିନଠାରୁ ଏଥିର ଅନେକ ଉନ୍ନତି ଉତ୍କର୍ଷ ହୋଇ ବର୍ତ୍ତମାନକୁ ଯହିଁର ଆଉ ଉଲ୍ଲେଖ ନ ହେବାରୁ ଏହି ସିଦ୍ଧାନ୍ତ ହେଉଅଛି ଯେ ତାହା ଅକର୍ତ୍ତବ୍ୟ ବୋଲି ଲୋକେ ପରିତ୍ୟାଗ କଲେଣି । ତେବେ ଭୂଦେବବାବୁ ଏହା ପୁନର୍ସ୍ଥାପନ କାହିଁକି କଲେ? ସମ୍ଭବତି ଲେଫ୍ଟେନେଣ୍ଟ ଗବର୍ଣ୍ଣର ସାହେବ ଏବଂ କେତେକ ଜଣ ହାକିମଙ୍କ ମନୋମତ ବୋଲି ତାହାଙ୍କଠାରେ ସୁଖ୍ୟାତି ଲାଭ କରିବାପାଇଁ ଏହା କରିଅଛନ୍ତି ନା ନର୍ମ୍ମାଲ ସ୍କୁଲରେ ଦେଶୀୟ ଭାଷାରେ ଏସବୁ ବିଷୟର ଶିକ୍ଷାଦାନ ହେଉଥିବାରୁ ଛାତ୍ରମାନେ ଇଂରାଜୀସ୍କୁଲାପେକ୍ଷା ଅଳ୍ପ ପରିଶ୍ରମରେ ଶିକ୍ଷା କରିବାର ଦେଖି ତାହା ଇଂରାଜୀ ସ୍କୁଲରେ ପ୍ରଚଳିତ କରିବାପାଇଁ ବ୍ୟଗ୍ର ହୋଇଅଛନ୍ତି ଅଥବା ଦେଶୀୟଭାଷା ଅଧିକ ପ୍ରଚୁର କରିବା ଓ ଭାଷା ପୁସ୍ତକ ଅଧିକ ବିକ୍ରୟ କରାଇବାର ଆଶା କରୁଅଛନ୍ତି ? ପ୍ରଥମ କଳ୍ପନା ଠିକ ହେଲେ ଭୂଦେବବାବୁ ପ୍ରସ୍ତାବ କରିବାରେ ଅନେକ ବିଳମ୍ବ କରିଅଛନ୍ତି ଓ ଦ୍ୱିତୀୟ କଳ୍ପନା ଯଥାର୍ଥ ହେଲେ ତାହାଙ୍କ ଜାଣିବାର ଉଚିତ ଯେ ଇଂରାଜୀସ୍କୁଲର ଶିକ୍ଷାସହିତ ଗୁରୁପଣ୍ଡିତଙ୍କ ଶିକ୍ଷାର ତୁଳନା ହୋଇ ନ ପାରେ । ଇଂରାଜୀସ୍କୁଲର ଛାତ୍ର ଯଦ୍ୟପି କଟକକୁ 'କଟାକ' କହନ୍ତି ମାତ୍ର ନର୍ମ୍ମାଲ ସ୍କୁଲର ପଣ୍ଡିତ ମିଟିଡିପିକୁ ଲାମସ୍ଟ୍ରଙ୍ଗ ଉଚ୍ଚାରଣ କରିବା ଦେଖିକୁ ବ୍ୟସ୍ତ ହୋଇ ଯାଆନ୍ତି । ଦ୍ୱିତୀୟ କଳ୍ପନାଟି ବାସ୍ତବରେ ତାହାଙ୍କ ମନରେ ଉଦୟ ହୋଇଥିଲେ ଯହିଁରେ ଏହିକି କୁହାଯାଇପାରେ ଯେ ବର୍ତ୍ତମାନ ଦେଶୀୟଭାଷା ଶିକ୍ଷା ଦେବାର ଯଥେଷ୍ଟ ଉପାୟ ହୋଇଅଛି ଓ ଯହିଁରେ ଇଙ୍ଗ୍ରାଜୀ ବିଦ୍ୟାଳୟର ପଦ୍ଧତିରେ ହସ୍ତକ୍ଷେପଣ କରିବାର କୌଣସି ଆବଶ୍ୟକତା ନାହିଁ । କିମ୍ବା ଦେଶୀୟଭାଷା ଶିଖାଇବାକୁ ହେବ ବୋଲି ଇଙ୍ଗ୍ରାଜୀ ଶିକ୍ଷାପଦ୍ଧ ବ୍ୟାଘାତ ଜନ୍ମାଇବାର ଉଚିତ ନୁହଇ ।

ଭୂଦେବବାବୁଙ୍କ ଉପରଲିଖିତ ପ୍ରସ୍ତାବ ଚଳି ଶିକ୍ଷାକମିଟିର ସମସ୍ତ ସଭ୍ୟଙ୍କ ନିକଟକୁ ଆପଣା ମତ ପ୍ରକାଶ କରିବା ନିମିତ୍ତ ପଠାଯାଇଅଛି । ଏଥିକି ଆମ୍ଭେମାନେ ଭରସା କରୁଁ ଯେ ସଭ୍ୟମାନେ ବିଶେଷ ମନୋଯୋଗ ଓ ଯତ୍ନ ସହକାରେ ପୂର୍ବାପର ବିଚାର କରି ମତ ଦେବେ । ଉପରେ ଯେସବୁ ଲେଖାଗଲା ଯହିଁ ଦ୍ୱାରା ଆମ୍ଭେମାନେ ଏପ୍ରସ୍ତାବର ଅନୁମୋଦନକାରୀ ନୋହୁଁ ଏମନ୍ତ ବୋଲିବା ବାହୁଲ୍ୟ ଅଟଇ । ବର୍ତ୍ତମାନ ଯେଉଁ ପଦ୍ଧତିରେ ଇଙ୍ଗ୍ରାଜୀରେ ଶିକ୍ଷା ଦିଆଯାଉଅଛି ତାହା ଅଳ୍ପକାଳର ନୁହଇ । ଯେଉଁ କାଳରେ ପ୍ରଥମେ ଇଙ୍ଗରାଜ ବିଦ୍ୟାଳୟ ଭାରତବର୍ଷରେ ସ୍ଥାପନ ହେଲା ସେହିକାଳରୁ ଚଳି ଆସୁଅଛି ଓ ଏହାଯୋଗେ କୌଣସି ବ୍ୟାଘାତ ହେବାର କେବେହେଁ ଶୁଣା ନାହିଁ । ବରଂ ଦେଖାଯାଉଅଛି ଯେ ଏହି ପଦ୍ଧତି ଅନୁସାରେ ଯେଉଁମାନେ ବିଦ୍ୟାଳୟରେ ଶିକ୍ଷାଲାଭ କରିଅଛନ୍ତି ସେମାନେ ବର୍ତ୍ତମାନ ଦେଶୀୟଭାଷାରେ ମଧ୍ୟ ଯୋଗ୍ୟତା ଦେଖାଉଅଛନ୍ତି । ଇଂରାଜୀ ଭାଷାରେ ଯେଉଁମାନେ ସୁଶିକ୍ଷିତ ହେବାପାଇଁ ବିଦ୍ୟାଳୟକୁ ଆସିଲେ ସେମାନଙ୍କୁ ଆଦ୍ୟରୁ ସବୁବିଷୟରେ ତନ୍ତ୍ର ଭାଷାରେ ଶିକ୍ଷା ଦେବାର ଉଚିତ । ପ୍ରଥମେ ଏକ ଭାଷାରେ ସେହିସବୁ ବିଷୟ ପଢ଼ି ଯହିଁ ଉତ୍ତାରୁ ଅନ୍ୟ ଭାଷାରେ ତାହା ପଢ଼ିବାରେ କେବଳ ଦୋହରା ପାଠ ହେବ ଆଉ କିଛି ଲାଭ ଦେଖାଯାଉ ନାହିଁ । କେବଳ ଦୋହରା ପାଠ ହେଲେତ ଏକପ୍ରକାର ଥିଲା କିନ୍ତୁ ଭୂଗୋଳ ଓ ଇତିହାସ ଅନ୍ତର୍ଗତ ନାମସବୁ ପ୍ରଥମେ ଦେଶୀୟ ଭାଷାରେ ଏକ ପ୍ରକାରେ ଉଚ୍ଚାରଣ କରିବାକୁ ଶିଖିଲା ଉତ୍ତାରୁ ସେମାନେ ଯେ ସେସବୁ ଶୁଦ୍ଧରୂପେ ଉଚ୍ଚାରଣ କରିବେ କିମ୍ବା ଇଂରାଜୀ ଅକ୍ଷରରେ ଶୁଦ୍ଧ ଲେଖି ପାରିବେ ଏମନ୍ତ ସମ୍ଭବ ହେଉ ନାହିଁ । ପୂର୍ବକାଳର ଇଙ୍ଗରାଜୀ ପଢ଼ିଥିବା ବ୍ୟକ୍ତିଙ୍କର ଉଚ୍ଚାରଣ ମନ୍ଦ ହେବାର ଏକ ପ୍ରଧାନ କାରଣ ଏହି ଯେ ସେମାନେ ବଙ୍ଗଳା ଅକ୍ଷରରେ ଇଙ୍ଗ୍ରାଜୀ ଶବ୍ଦସବୁ ଲେଖି ଅଭ୍ୟାସ କରୁଥିଲେ । ମେଡ଼ିକେଲ କଲେଜର ବଙ୍ଗଳା ଶ୍ରେଣୀର ଯେଉଁ ନେଟିଭ ଡାକ୍ତରମାନେ ବାହାରନ୍ତି ତାହାଙ୍କ ମଧ୍ୟରେ ଯେଉଁମାନେ ଇଙ୍ଗରେଜୀ ଆଦୌ ନ ଜାଣନ୍ତି ତାହାଙ୍କଠାରେ ମଧ୍ୟ ଏ ଦୋଷ ପ୍ରଚୁର ପରିମାଣରେ ଦେଖାଯାଏ । ଯେବେ ଭୂଦେବବାବୁଙ୍କ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହେବାର ତାହାଙ୍କ ପ୍ରୟୋଜନ ହୁଅଇ ତେବେ ଯେମନ୍ତ ଦେଶୀୟ ବ୍ୟାକରଣ ଶିଖାଇବା ପାଇଁ ଇଂରାଜୀ ଓ ଦେଶୀୟ ଭାଷା ଓ ଅକ୍ଷର ଉଭୟ ମିଶ୍ରିତରେ ପୁସ୍ତକ ମୁଦ୍ରାଙ୍କିତ ହୋଇଅଛି ସେହିପରି କେତେ ଖଣ୍ଡଏ ପୁସ୍ତକ ମୁଦ୍ରିତ କରିବାର ଆବଶ୍ୟକ ହେବ । ନୋହିଲେ ଭବିଷ୍ୟତରେ ତାହା ସିଦ୍ଧ ହୋଇ ନ ପାରେ ।

ଆମ୍ଭମାନଙ୍କର ମତ ଏହିରୂପ ଅଟଇ ଏଥର କମିଟି କି ବିଚାର କରିବେ ଦେଖିବାରେ ଆସିବ । ମାତ୍ର ଗୋଟିଏ ସୌଭାଗ୍ୟର ବିଷୟ ଏହି ଯେ ବର୍ତ୍ତମାନ ଶ୍ରୀଯୁକ୍ତ କାମ୍ପ୍ସାହେବ ଏ କମିଟିର ସଭାପତି ହୋଇଅଛନ୍ତି ଓ ସେ ଜଣେ ବିଖ୍ୟାତ ଶିକ୍ଷାଭିଜ୍ଞ ବ୍ୟକ୍ତି ଅଟନ୍ତି ସୁତରାଂ କମିଟିରେ ଏଥିର ଯଥାର୍ଥ ବିଚାର ହେବ ଏମନ୍ତ ଆଶା ହେଉଅଛି ।

## ସାପ୍ତାହିକସଂବାଦ ।

ଶ୍ରୀଯୁକ୍ତ ଭେବଲ୍ସ ସାହେବ କମିଶନର କଟକକୁ ଯାତ୍ରା କରିବା ପୂର୍ବେ ଶ୍ୟାମସୁନ୍ଦର ଦତ୍ତ ଇନ୍ସପେକ୍ଟରଙ୍କ ବିଷୟରେ ମାଜିଷ୍ଟ୍ରେଟ ଓ ପୁଲିସକୁ ଆଜ୍ଞା ଦେଇଅଛନ୍ତି ଯେ ତାହାକୁ ତୃତୀୟ ଶ୍ରେଣୀର ସବ୍ ଇନ୍ସପେକ୍ଟରର ପଦରେ ରଖି କଟକ ନଗରକୁ ବଦଳି କରି ଆଣିବେ ଓ ତାହା ଉପରେ ସର୍ବଦା ଦୃଷ୍ଟି ରଖିଥିବେ । ପୁଲିସର ଇନ୍ସପେକ୍ଟର ଜେନେରଲଙ୍କ ନିକଟକୁ ମଧ୍ୟ ଏସବୁ ରିପୋର୍ଟ କରିଅଛନ୍ତି । ଆମ୍ଭେମାନେ ବୋଧ କରୁଁ ଯେ ଶ୍ୟାମସୁନ୍ଦର ନାମରେ ଯେଉଁ ବେନାମୀ ଦରଖାସ୍ତ ସବୁର ଅନୁସନ୍ଧାନ ଜଗତ୍ସିଂହପୁରରେ ହେଉଥିଲା ଯହିଁରେ ଏହାଙ୍କର ଦୋଷ ସାବ୍ୟସ୍ତ ହୋଇଅଛି ତାହା ନ ହେଲେ ଏରୂପ ଦଣ୍ଡ କାହିଁକି ହୁଅନ୍ତା କମିଶନର ସାହେବଙ୍କ ଆଜ୍ଞାରେ ବହୁତ ଲୋକ ଯେ ଅନୁଗତ ଅଛନ୍ତି ଏହା ବୋଲିବାର ବାହୁଲ୍ୟ ।

ଶ୍ରୀଯୁକ୍ତ ଟେଲରସାହେବ ବେଙ୍ଗାଲ ରେଭିନ୍ୟୁ ସୁପରିଣ୍ଟେଣ୍ଡେଣ୍ଟ ତିନିମାସର ଛୁଟି ପାଇଥିବାରୁ ଗତ ମଙ୍ଗଳବାର କଟକରୁ ଯାତ୍ରା କଲେ । ତାହାଙ୍କ କାର୍ଯ୍ୟର ଭାର କଲେକ୍ଟର ସାହେବଙ୍କୁ ନେବାର ଥିଲା ମାତ୍ର ପୀଡ଼ାବଶତଃ ତାହା ହୋଇ ପାରୁ ନାହିଁ ।

ବିଲାତରୁ ଆସିଥିବା ସଂବାଦରୁ ପ୍ରକାଶ ହେଲା ଯେ ଶ୍ରୀଯୁକ୍ତ ଆର ଏଲେକ୍ଜାଣ୍ଡର ସାହେବ କି ଯେ ଏଠାର ଜଜ ଥାଇ ଦୁଇବର୍ଷର ଛୁଟି ନେଇ ବିଲାତକୁ ଯାଇଅଛନ୍ତି ସେ କର୍ମ ତ୍ୟାଗ କରିଅଛନ୍ତି ଓ ସେକ୍ରେଟରୀ ଅବଷ୍ଟେଟ ତାହାଙ୍କ ଇସ୍ତଫା ଗ୍ରହଣ କରିଅଛନ୍ତି । ବଙ୍ଗପ୍ରଦେଶ ଜଣେ ଅତ୍ୟୁତ୍ତମ ବିଚାରପତିଙ୍କ କାର୍ଯ୍ୟରୁ ବଞ୍ଚିତ ହେଲେ ଦୁଃଖର ବିଷୟ ଅଟଇ ।

Digitized by srujanika@gmail.com

Split by PDF Splitter



ଇଣ୍ଡିଆନ ମିରର ଲେଖନ୍ତି ଯେ ଧର୍ମରକ୍ଷିଣୀ ସଭାର ଅନୁମତ ସଭ୍ୟ ଜଣେ ବଙ୍ଗାଳୀ ବିଲାତକୁ ଯାଉଥିଲେ ମାତ୍ର ସମୁଦ୍ର ବେଳା ଦୃଷ୍ଟିରେ କଲିକତାରୁ ଫେରି ଆସିଲେ । ଏଥିରୁ ବୋଧ ହୁଏ ଯେ ସଭା ଏହାଙ୍କୁ ଅନୁମତ ଦେଇଥିଲେ ମାତ୍ର ସାହସ ଦେଇ ନ ଥିଲେ ।

ଜୟପୁରର ଯୁବରାଜ ଅପଣା ମୃତ ପିତାର ସିଂହାସନରେ ବସିବାବେଳେ ତାହାଠାରୁ ୫ ମାସର ରାଜସ୍ୱର ପରିମାଣରେ ନଜରାନା ନେବା ପାଇଁ ଉତ୍ତରପଶ୍ଚିମର ଗଭର୍ଣ୍ଣମେଣ୍ଟ ପ୍ରସ୍ତାବ କରିଥିଲେ । ଇଣ୍ଡିଆ ଗଭର୍ଣ୍ଣମେଣ୍ଟ ତାହା ମଞ୍ଜୁର କରିବାର ଜଣାଯାଏ ।

ନାଗପୁରର ରଜାଙ୍କ ଜଣେ ବିଧବା ସ୍ତ୍ରୀ ଅନ୍ନଦବାଇ ବୃନ୍ଦାଭାବନୋଜି ଭୋସଲା ନାମରେ ଯେଉଁ ପୋଷ୍ୟପୁତ୍ର କରିଅଛନ୍ତି ତାହାଙ୍କୁ ବାର୍ଷିକ ୫ ୧୫୦୦୦ ଟା ଦେବା ପାଇଁ ଗଭର୍ଣ୍ଣମେଣ୍ଟ ଇଣ୍ଡିଆ ମଞ୍ଜୁର କରିଅଛନ୍ତି ।

ଭାରତ ଗଜଥାନାରୁ ଅଜ୍ଞା ହୋଇଅଛି ଯେ ଆଗାମୀ ସାତବର୍ଷ ମଧ୍ୟରେ ଆରବୀ ଘୋଡା କୌଣସି ସ୍ଥାନକୁ ରପ୍ତାନି ହେବ ନାହିଁ । ଏଥିର ତାତ୍ପର୍ଯ୍ୟ ତ ଅମ୍ଭେମାନେ ନ ଜାଣୁ ।

ମୋଲମିନରେ ଏବର୍ଷ ଘୋର ବୃଷ୍ଟି ହୋଇ ଅଛି । ଗତମାସ ତା ୧ ରିଖଠାରୁ ତା ୨୦ ରିଖ ପର୍ଯ୍ୟନ୍ତ ୭୧ ଇଞ୍ଚ ବୃଷ୍ଟି ହୋଇଅଛି । ଗତବର୍ଷ ଏହି ସମୟ ମଧ୍ୟରେ କେବଳ ୨୯ ଇଞ୍ଚ ହୋଇଥିଲା । ବୋଧହୁଏ ଏ ଦେଶର ବୃଷ୍ଟି ଏବର୍ଷ ବ୍ରହ୍ମଦେଶକୁ ପ୍ରାପ୍ତ ହୋଇଅଛି ।

ହାବଡାର ପୁଲିସ ଇନ୍ସପେକ୍ଟର ଜମାଦାର ଜଣେ ଛବର୍ଷ କାରାବାସ ଦଣ୍ଡ ପାଇଥିଲା ଗଭର୍ଣ୍ଣମେଣ୍ଟ ବଙ୍ଗାଳ ତାହାପ୍ରତି ଦୟାକରି କାରାବାସରୁ ମୁକ୍ତି ଦେଇଅଛନ୍ତି । ହାଇକୋର୍ଟ ବିଚାରରେ ଏବ୍ୟକ୍ତି ଦୋଷୀ ହୋଇଥିଲା ଗଭର୍ଣ୍ଣମେଣ୍ଟ କି ଯୁକ୍ତି ଏହାକୁ ଅନୁଗ୍ରହପାତ୍ର ଜ୍ଞାନ କଲେ ବୁଝାଯାଉ ନାହିଁ ।

ପାରସ୍ୟଦେଶର ବାଦଶାହ ଯେଉଁ ବହୁମୂଲ୍ୟ ପୋଷାକମାନ ପିନ୍ଧନ୍ତି ତହିଁର ଗୋଟିଏ ପୋଷାକର ମୂଲ୍ୟ ଦଶଲକ୍ଷ ଟଙ୍କା ଅଟଇ ।

ଦାର୍ଜିଲିଂ ପତ୍ରିକାରୁ ପ୍ରକାଶ ଯେ କଣ୍ଡାଳପୁର ଠେସ୍ଥା ମକଦ୍ଦମାର ମୁଦାଲା ଅବଦୁଲକାଦରଙ୍କୁ ନୂଆ ଅଭିଯୋଗରେ ଖଲାସ କରି ଜଜସାହେବ ହାଇକୋର୍ଟ ରିପୋର୍ଟ କରିଅଛନ୍ତି । ଜଜସାହେବ କେବଳ ଏହି ମକଦ୍ଦମା ପାଇଁ ସ୍ପେସିଆଲ ପ୍ରେରିତ ହୋଇଥିଲେ ।

ସିଲହଟର ଅସିଷ୍ଟାଣ୍ଟ ମାଜିଷ୍ଟ୍ରେଟ ବାବୁ ସୁରେନ୍ଦ୍ରନାଥ ବାନୁର୍ଯ୍ୟା ପଦଚ୍ୟୁତ ହେବାରେ ଦେଶୀୟ ଶିକ୍ଷିତ ବଙ୍ଗାଳୀମାନଙ୍କର ଅତ୍ୟନ୍ତ ମନଃପୀଡା କାରଣ ହୋଇଅଛି । ଏବ୍ୟକ୍ତିର ନିଯୋଗ ସମୟରେ ବୟସର ପ୍ରମାଣ ଘେନି ଅନେକ ଆନ୍ଦୋଳନ ହୋଇଥିଲା ଓ ଲୋକେ କହୁଥିଲେ ଯେ ସେ ଜାଣି ଶୁଣି ବୟସ ମିଛ କହୁଅଛନ୍ତି । ବର୍ତ୍ତମାନ ହାଇକୋର୍ଟକୁ ବ ଅଶୁଦ୍ଧ ହଲଫା ପଠାଇବାରୁ ତାହାଙ୍କ ଅନୁରୋଧକ୍ରମେ ପଦଚ୍ୟୁତ ହୋଇଅଛନ୍ତି । ଅମ୍ଭେମାନେ ଭରସା କରୁଁ ଯେ ଅସାବଧାନତା ଓ ଭ୍ରମବଶତଃ ଏହି ଭୁଲ ହୋଇଥିବ ବାବୁ ଜାଣି ଶୁଣି ମିଛ ଲେଖିବାର କଦାଚ ହେବ ନାହିଁ ।

ପାରସ୍ୟର ବାଦସାହଙ୍କର ଇଙ୍ଗଲଣ୍ଡ ଦର୍ଶନରେ ଗୋଟିଏ ସୁଫଳ ଫଳିଅଛି । ବାଦସାହଙ୍କ ସମଭିବ୍ୟାହାରେ ଅନେକ ଲୋକ ଆପଣା ପୁତ୍ରମାନଙ୍କୁ ଶିକ୍ଷାନିମନ୍ତେ ବିଲାତକୁ ପଠାଇବା ପାଇଁ ମନସ୍ଥ କରିଅଛନ୍ତି ଓ ଜଣେ ସର୍ଦ୍ଦାର ଆପଣା ପୁତ୍ରକୁ ସଙ୍ଗେ ଘେନି ଯାଇଥିବାରୁ ତାହାଙ୍କୁ ଡାକ୍ତର ଏଲ ସିମ୍ପ୍ସନଙ୍କ ନିକଟରେ ଛାଡି ଆସିଅଛନ୍ତି ଯେ ସେ କଲେଜରେ ଅଧ୍ୟୟନ କରନ୍ତୁ । ଯେବେ ପାରସ୍ୟର ସମ୍ଭ୍ରାନ୍ତ ବ୍ୟକ୍ତିମାନେ ଏଥିରେ ଦୃଷ୍ଟାନ୍ତ ହୋଇ କାର୍ଯ୍ୟ କରନ୍ତି ତେବେ ସେ ଦେଶର ଶୀଘ୍ର ଉନ୍ନତ ହେବାରେ ସନ୍ଦେହ ନାହିଁ ।

## ବିଜ୍ଞାପନ ।


ଭଗବତୀ ଉଦ୍ଧୃତ ଉତ୍କଳେର ବା ଅଭିଧାନ ।

ବହୁ ଶ୍ରମ ବହୁ ଯତ୍ନ ଓ ପରିଶ୍ରମ ପୂର୍ବକ ନାନାବିଧ ସୁବିଖ୍ୟାତ ଉତ୍କଳେରମାନଙ୍କରୁ ସଂଗୃହୀତ ହୋଇ କଟକ ମିସନ ଛାପାଯନ୍ତ୍ରରେ ମୁଦ୍ରିତ ହେଉଅଛି । ଏଥିମଧ୍ୟରେ ଉତ୍କଳ ଶବ୍ଦର ଭିନ୍ନ ଭିନ୍ନ ଅର୍ଥମାନ ଓ ଅନେକ କଠିନ ଶବ୍ଦର ପ୍ରକୃତ ଉଚ୍ଚାରଣ ଓ ଭାଷାଶାସ୍ତ୍ରାନୁଯାୟୀ ଅନେକ ପ୍ରଚଳିତ ବାକ୍ୟମାନଙ୍କର ଅର୍ଥମାନ ପ୍ରକାଶ କରାଯାଇ ଅଛି । ଏହି ପୁସ୍ତକର ଅବୟବ ରୟଲ ଅଠପେଜି ଆକାରରେ ୭୦୦ ପୃଷ୍ଠ ହେବ ତନ୍ମଧ୍ୟରୁ ବର୍ତ୍ତମାନ ୨୯୬ ପୃଷ୍ଠ ମୁଦ୍ରିତ ହେଲାଣି । ଅବଶିଷ୍ଟାଂଶ ସମସ୍ତାନୁକ୍ରମେ ମୁଦ୍ରିତ ହୋଇ ଉତ୍ତମ ବାନ୍ଧବନ୍ଦ ସହିତ ପ୍ରକାଶିତ ହେବ ।

ଭାଗରଥୀ ରଉତ ।

ଶ୍ରୀକୃଷ୍ଣ ଚୈତନ୍ୟଚନ୍ଦ୍ରାୟନମଃ ।

ଭଗବଦ୍ଭକ୍ତି ପ୍ରଦାୟିନୀ ।

ଏହି ନାମରେ ଗୋଟିଏ ପତ୍ରିକା ଆଗାମୀ ଭାଦ୍ରମାସ ପୌର୍ଣ୍ଣମୀଠାରୁ ପ୍ରତି ପକ୍ଷରେ ପ୍ରକାଶିତ ହେବ । ଏହି ପତ୍ରିକା ହିନ୍ଦୁଧର୍ମ ବହିର୍ଭୂତ ଅନ୍ୟ କୌଣସି ସମ୍ପ୍ରଦାୟ ବିଶେଷର ମତ ପ୍ରତିପୋଷକ ହେବ ନାହିଁ । ଯେଉଁମାନେ ଏହାର ସମ୍ପାଦନ କାର୍ଯ୍ୟରେ ବ୍ରତୀ ହୋଇଅଛନ୍ତି ସେମାନେ ହିନ୍ଦୁସମାଜ ଭୁକ୍ତ ଓ ହିନ୍ଦୁଧର୍ମାବଲମ୍ବୀ ସୁତରାଂ ଭିନ୍ନ ଜାତୀୟ ଆଚାର, ବ୍ୟବହାର, ଓ ଧର୍ମ ଅନୁକରଣ କରିବା ଏମାନଙ୍କର ଅଭିପ୍ରେତ ନୁହେ ଏହି ପତ୍ରିକାର ଅବୟବ ଏକଫର୍ମା ସାଦା କାଗଜର ଅଷ୍ଟପୃଷ୍ଠା ହେବ । ଏଥିରେ ଅଧିକାଂଶ ଭଗବଦ୍ଭକ୍ତି ସଂକ୍ରାନ୍ତ ବିଷୟମାନ ଓ ପ୍ରୟୋଜନାନୁସାରେ ସାମାଜିକ ବିଷୟମାନ ମଧ୍ୟ ସ୍ଥାନ ପ୍ରାପ୍ତ ହେବ ।

ମୂଲ୍ୟ ।

| | |
|---|---|
| ଅଗ୍ରିମ ବାର୍ଷିକ ମୂଲ୍ୟ | ୫ ୧୯ |
| ପଶ୍ଚାଦେୟ | ୫ ୨। |
| ଡାକମାସୁଲ | ୫ ୬୵ |

କଟକ ତା ୨୮ ଜୁନ ଶ୍ରାବଣ ସନ ୧୨୮୦

ଶ୍ରୀ ସିଦ୍ଧେଶ୍ୱରନାଥ ଦିଗ

ସମ୍ପାଦକ କଟକ ଭଗବଦ୍ଭକ୍ତି ସମାଜ

☞ ଗ୍ରାହକମାନେ ପତ୍ର ଓ ମୂଲ୍ୟଇତ୍ୟାଦି ସ୍କୁଲ ବାବୁ ହରେକୃଷ୍ଣଦାସ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କଠାରୁ ପଠାଇ ଦେବେ ।

ଓଡ଼ିଶାର ଇତିହାସ ସନ ୧୮୦୩ ଠାରୁ ସନ ୧୮୨୮ ମସିହା ପର୍ଯ୍ୟନ୍ତ ଅତିଶୟ ସହିତ ପ୍ରସ୍ତୁତ ହୋଇ, ଏବଂ ଜେନେରାଲ ଏଜେଣ୍ଟ ସୁପରିଣ୍ଟେଣ୍ଡେଣ୍ଟଙ୍କଦ୍ୱାରା ଇଂରାଜି ଭାଷାରେ ରଚିତ ଓ ବଙ୍ଗଳା ଆକରଣିଙ୍କ କ୍ଷମାଦ୍ୱାରା ମୁଦ୍ରିତ ହୋଇ ବିକ୍ରୟ ହେଉଅଛି । ଅଠପେଜି ଫର୍ମ ମୂଲ୍ୟ ୫ ୨୯ ଟା ।


## ମୂଲ୍ୟପ୍ରାପ୍ତି ।

ବାବୁ ଭଗବାନ ମହାନ୍ତି ତହସିଲଦାର

ଗୋଲଡା ବକାୟା ୫ ୧୮

„ ଶ୍ୟାମମୋହନଦାସ କଟକ „ ୫ ୬୯

☞ ଏହି ଉତ୍କଳଦୀପିକା ସହର କଟକ ଚୌଧୁରି ବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ
ସଂଖ୍ୟା
ତା ୨୩ ରିଖ ଅଗଷ୍ଟ ସନ ୧୮୭୩ ମସିହା । ମୁ । ଭାଦ୍ରବ ବଦି ସନ ୧୨୮୦ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ୪୮
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୪୬
ମଫସଲ ଯାଇ ଡାକମାସୁଲ ୪୧୦

ଜଗତ୍ସିଂହପୁର ସବ୍‌ଡିବିଜନ ଉଠାଇଦେବାକୁ ଗବର୍ଣ୍ଣମେଣ୍ଟ ମନସ୍ଥ କରିବାରୁ ଅମ୍ଭମାନଙ୍କ କମିଶ୍ନର ତହିଁର ପ୍ରତିବାଦ କରିଅଛନ୍ତି ଓ ଅମ୍ଭମାନଙ୍କ ସହଯୋଗୀ 'ଉତ୍କଳପୁତ୍ର' ମଧ୍ୟ କମିଶନରଙ୍କ ସହିତ ଐକ୍ୟ ଥିବାରୁ ମାତ୍ର ଯାଜପୁରଠାରୁ କିଣେ ପଦପ୍ରେରକ ଗବର୍ଣ୍ଣମେଣ୍ଟଙ୍କ ପ୍ରସ୍ତାବକୁ ଅନୁମୋଦନ କରି ଲେଖିଅଛନ୍ତି ଯେ ଜଗତ୍‌ସିଂହପୁର ଉଠିଯାଇ ତହିଁର ଏକାଂଶ କେନ୍ଦ୍ରାପଡ଼ା ଓ ଏକାଂଶ କଟକ ସଦ୍ରରେ ମିଶିବାରୁ ସବ୍‌ଡିବିଜନ ସବୁ ସମାନ ହୋଇଅଛି । ଅମ୍ଭମାନଙ୍କର ମଧ୍ୟ ଏହିରୂପ ମତ ଅଟଇ । ସଦର ପାଖରେ କଚେରୀ ହେଲେ ସୁବିଧା ଅଛି ସନ୍ଦେହ ନାହିଁ କିନ୍ତୁ ତାହାର ସବୁ ଲୋକଙ୍କର ଅବସ୍ଥା ଏକରୂପ ହେବାର ଉଚିତ ଓ ଜଗତ୍‌ସିଂହପୁର ଭଳି ଏମନ୍ତ ସ୍ୱତନ୍ତ୍ର ସ୍ଥାନ ନୁହଇ ଯେ ସେଠାରେ ଅନ୍ୟସ୍ଥାନାପେକ୍ଷା ଅଧିକ ମକଦମା ହୁଅଇ କିମ୍ବା କଟକରୁ ଏତେ ଅନ୍ତର ନୁହଇ ଯେ ସଦର ମକଦ୍ଦମାକୁ ଲୋକମାନଙ୍କ ଆସିବାର କ୍ଳେଶ ହେବ । ଅତଏବ ସେ ସବ୍‌ଡିବିଜନ ଉଠିଗଲେ ତହିଁର ଅନ୍ୟ ଲୋକଙ୍କ ଅପେକ୍ଷା ତାହାଙ୍କର କ୍ଳେଶ ଅଧିକ ହେବାର ଦେଖାଯାଉ ନାହିଁ ।

---

ଅମ୍ଭେମାନେ ଅବଗତ ହେଲୁଁ ଯେ ଏଠାର କ୍ଳେକଲଫଣ୍ଡ କମିଟୀ ଆଇର୍ ସାହେବ ମୁଚିରବଦନ ସାହେବ ମାଜିଷ୍ଟ୍ରେଟଙ୍କ ଅତରଣ ବିଷୟରେ ଯେଉଁ ଅବେଦନପତ୍ର ଗବର୍ଣ୍ଣମେଣ୍ଟକୁ ପଠାଇଥିଲେ ତାହା ସଫଳ ହୋଇଅଛି । ଲେଫ୍ଟେନେଣ୍ଟ ଗବର୍ଣ୍ଣର ଏରୂପ ଆଚରଣରେ ଦୁଃଖିତ ହୋଇ ଜାଣିତ କରି ଲେଖିଅଛନ୍ତି ଯେ ଭବିଷ୍ୟତରେ ଯେବେ ଆଉଥରେ ଏମନ୍ତ ପ୍ରକାଶ ପାଏ ତେବେ କଠିନ ଆଜ୍ଞା ହେବେ । ଇର୍‌ଭିନ ସାହେବ ଆଉ ନାହାନ୍ତି ସୁତରାଂ ଏ ଅଞ୍ଚଳର ଉଲ୍ଲେଖ କରିବାକୁ ଦୁଃଖ ବୋଧ ହେଉଅଛି ତଥାପି ଉଲ୍ଲେଖ କରିବାର କାରଣ ଏହିକି ଯେଉଁମାନେ କହୁଥିଲେ ଯେ ସର୍ ଜର୍ଜ କାମ୍ବଲ ସାହେବ ମାଜିଷ୍ଟ୍ରେଟଙ୍କ ସପକ୍ଷ ଥିବାରୁ ସେମାନେ ଆପଣା ଅଧୀନ କର୍ମଚାରୀଙ୍କୁ ଅପମାନ କଲେ ସୁଦ୍ଧା କିଛି କହିବେ ନାହିଁ ସେମାନେ ଏଥରୁ ଆପଣା ଭ୍ରମ ଜାଣିପାରିବେ । ଅଧୀନ କର୍ମଚାରୀମାନେ ଯେତେ ଆପଣା ମର୍ଯ୍ୟାଦା ରକ୍ଷା କରିବାକୁ ଯତ୍ନ କରିବେ ତେତେ ସେମାନଙ୍କ ଟେକ ରହିବ ନୋହିଲେ ଆପଣା ଦୋଷରୁ ହୀନାବସ୍ଥାକୁ ଲଭିବେ । ଆଇର୍ ସାହେବ ଯେ ସାହସ କରି ଦରଖାସ୍ତ ପଠାଇଲେ ଏଥିପାଇଁ ତାହାଙ୍କୁ ପ୍ରଶଂସା କରୁଅଛୁଁ ।

---

ଅମ୍ଭମାନଙ୍କ ଯାଜପୁରସ୍ଥ ସମ୍ବାଦଦାତା ଲେଖିଅଛନ୍ତି ଯେ ସେ ଅଞ୍ଚଳରେ ଅଳ୍ପ ବୃଷ୍ଟି ଓ ଜଳାବୃଷ୍ଟି ହେବାରୁ ତଦ୍ଦ୍ୱାରା କୃଷିକାର୍ଯ୍ୟ ପାଇଁ ଯଥେଷ୍ଟ ଜଳ ହୋଇଅଛି ଓ ଲୋକେ ତହିଁରେ ଆନନ୍ଦିତ ଅଛନ୍ତି । ଅଶ୍ୱରେଶ୍ୱର ତରଫରେ ଚୋରମାନେ ହାବୁଡ଼ା ଲୋକରେ କପଟ କରି ନେଇଅଛନ୍ତି । କେହି ତହିଁର କିଛି ଉପାୟ କରି ପାରୁ ନାହିଁ । ଗୋରୁଙ୍କ ତାଡ଼ନା ବିଷୟରେ ଯେଉଁ ପୁସ୍ତକ ମୁଦ୍ରିତ ହୋଇଅଛି ତହିଁର ବ୍ୟବହାର ଲୋକମାନେ ଜାଣିବା ନିମନ୍ତେ ତାହାକୁ ସ୍ଥାନୀୟ କର୍ମଚାରୀଙ୍କର ଏହା ବୁଝିବାର ଉଚିତ ଅଟଇ । କଟିକିଆ ନିବାସୀ ଧ୍ରୁବ ବେହେରାର ଅପରାଧରୁ ଲୁଣ୍ଠିତ ରତ୍ନଥିବାରୁ ଚୌକିଆ, ଗଣ୍ଡାଏକ ଓ ହରକନ୍ଦାଜମାନଙ୍କୁ ଡେପୁଟୀ ମାଜିଷ୍ଟ୍ରେଟ ସାହେବ ଦୁଇ ଓ ତିନିମାସ ଲେଖାଏ କାରାବାସର ଦଣ୍ଡ ଦେଇଅଛନ୍ତି । ବାସୁଦେବପୁର ମୌଜାରେ ଜଣେ ବ୍ରାହ୍ମଣର ବନ୍ଧୁ ଆପଣା ଶାଶୁଠାରୁ ଗାଳି ଖାଇବାରୁ ନଦୀରେ ବୁଡ଼ି ମଲା । ପୁଲିସ ବ୍ରାହ୍ମଣର ସାହାଯ୍ୟରେ ତାହାର ସ୍ତ୍ରୀକୁ କୁମ୍ଭୀର ନେଇଯିବାର ରିପୋର୍ଟ କଲା । ପଶ୍ଚାତ୍ ଗୋଇନ୍ଦାଦ୍ୱାରା ପ୍ରକୃତ କଥା ପ୍ରକାଶ ହେବାରୁ ଲାଶ ଦେହରେ କୁମ୍ଭୀର କାମୁଡ଼ିବାର ଚିହ୍ନମାତ୍ର ନ ଥିବାରୁ ଡେପୁଟୀ ମାଜିଷ୍ଟ୍ରେଟ ମକଦ୍ଦମାର ବିଚାର କରୁଅଛନ୍ତି । ଚୌକିଆ ପ୍ରତି ଦଣ୍ଡ ହୋଇପାରେ । ଶ୍ରୀଧରପୁର ମୌଜାର ଜମିଦାର ଫକୀରୁଦ୍ଦିନ ମହମ୍ମଦର ଜଣେ ତଥା ନାଥରୁଦ୍ଦିନ ସଙ୍ଗେ ହକ୍କ ଦଖଲ ଉଦ୍ଦେଶ୍ୟରେ ... ପୂର୍ବରୁ ଥିବାରୁ ସେହି ଅବାଉତରେ ଉଭୟ ପକ୍ଷ ମଧ୍ୟରେ ଜମିଅଭିବସ୍ତ ଓ ମାରପିଟ ହୋଇଅଛି । ମକଦ୍ଦମା ବିଚାରାଧୀନରେ ଅଛି । ଶ୍ୟାମସୁନ୍ଦର ଦାସ ପୁଲିସ ଇନ୍‌ସ୍ପେକ୍ଟର ଏ ମକଦ୍ଦମାର ତଦାରଖ କରୁଥିଲେ ଓ ପଦପ୍ରେରକ

Digitized by srujanika@gmail.com

Split by PDF Splitter



ବୋଲନ୍ତି ଯେ ଏ ଘାଟମସୁଦର ଯଥାର୍ଥ ପୁଲିସ କର୍ମଚାରୀ ଅଟନ୍ତି ଏବଂ ବର୍ତ୍ତମାନକୁ ତାହାଙ୍କର ଆଚରଣ ଉତ୍ତମ ଦେଖା ଯାଉଅଛି । ତାହି ହେଲେ ଭଲ ।

---

### କେନ୍ଦ୍ରାପଡ଼ା ମୁନସଫୀ ।

କଟକ ସବଡିଭିଜନଲ ଜଜଙ୍କ ମହକୁମାରେ କର୍ମ ବସ୍ତୁର ପଡ଼ିବାରୁ ତାହାଙ୍କ ସାହାଯ୍ୟ ନିମିତ୍ତ କେନ୍ଦ୍ରାପଡ଼ାର ମୁନସଫୀ କଚେରୀ ଛଅମାସ ପାଇଁ ଏ ନଗରକୁ ଉଠିଆସିଲା । ଉକ୍ତ ଛଅମାସ ଅନେକ ଦିନରୁ ଗତ ହେଲାଣି କିନ୍ତୁ ଅଦ୍ୟାପି ମୁନସଫ ଏଠାରେ ରହିଅଛନ୍ତି ଓ କଲକତା-ଗେଜେଟରୁ ଅନୁମାନ ହୁଅଇ ଯେ ମୁନସଫଙ୍କୁ ଏ ନଗରକୁ ଏହାବେଳକେ ବଦଳ କରାଯାଇଅଛି । ଅଜକୁ ଦୁଇମାସ ହେବ କେନ୍ଦ୍ରାପଡ଼ାର କେତେ ଲୋକ ମୁନସଫଙ୍କୁ ଫେରାଇ ନେବା କାରଣ ଜଜସାହେବଙ୍କ ନିକଟରେ ଆବେଦନ କରିଥିଲେ ମାତ୍ର ସେମାନେ ଯେଉଁ ହେତୁ ସବୁ ଦର୍ଶାଇଥିଲେ ତାହା ପ୍ରକୃତ ନ ହେବାରୁ ସାହେବ ତାହା ଗ୍ରାହ୍ୟ ନ କରି ଉଦ୍ଧସ୍ଥାନରେ ମୁନସଫଙ୍କୁ ଏ ନଗରରେ ବରାବର ରଖିବା ପାଇଁ ହାଇକୋର୍ଟକୁ ଅନୁରୋଧ କରିଅଛନ୍ତି ।

ଏ ବିଷୟରେ ଜଜସାହେବ ଯେଉଁ ଯୁକ୍ତିମାନ ଦର୍ଶାଇ ଅଛନ୍ତି ତାହା ବଳବତ୍ତର ଅଟଇ ଓ ତାହାଙ୍କ ପ୍ରସ୍ତାବ ଗ୍ରାହ୍ୟ ହେଲେ କେନ୍ଦ୍ରାପଡ଼ାର କେତେକ ଅଂଶ ଯାଜପୁର ମୁନସଫୀ ଅନ୍ତର୍ଗତ ହେବ ଓ ଅବଶିଷ୍ଟାଂଶ କଟକ ମୁନସଫୀ ଅଧୀନରେ ଆସିବ । କେନ୍ଦ୍ରାପଡ଼ାରେ ବହୁକାଳରୁ ମୁନସଫୀ ମହକୁମା ଥିଲା ଓ ପୂର୍ବେ ଏଠାରେ କେତେ ମକଦ୍ଦମା ହେଉଥିଲା ତାହା ଅମ୍ଭମାନଙ୍କୁ ଜଣା ନାହିଁ କିନ୍ତୁ ବର୍ତ୍ତମାନକୁ ସେ ଇଲାକାର ମକଦ୍ଦମା ଏତେ ଉଣା ଯେ ତାହାକୁ ଯାଜପୁରର ଅଧୀନ କଲେ କିଛି ଅସୁବିଧା ହୁଅନ୍ତା ନାହିଁ ଓ ସେହିରୂପ କରିବାପାଇଁ ଜଜସାହେବ ପ୍ରସ୍ତାବ କରିଥାନ୍ତେ ମାତ୍ର ଦେଖାଗଲା ଯେ କେନ୍ଦ୍ରାପଡ଼ା ଇଲାକାର କେତେକ ସ୍ଥାନରୁ ଯାଜପୁରକୁ ଯିବା ପାଇଁ ଭଲ ବାଟ ନାହିଁ ଓ ଅନେକ ନଦୀ ପାର ହେବାକୁ ପଡ଼େ ଅତଏବ ବର୍ଷାକାଳରେ ମାମଲତକାରଙ୍କର ଗମନାଗମନର ବିଶେଷ କଷ୍ଟ ହେବା ବିବେଚନାରେ କେନ୍ଦ୍ରାପଡ଼ା ବିଭାଗର ଯେଉଁ ସ୍ଥାନରୁ ଯାଜପୁରକୁ ଯିବା ସହଜ ତାହା ଯାଜପୁର ଓ ଯେଉଁ ସ୍ଥାନରୁ କଟକ ଆସିବାର ସହଜ ତାହା କଟକର ଅଧୀନ କରିବା ପାଇଁ ଲେଖିଅଛନ୍ତି । ଅନୁମାନ ହୁଅଇ ଏ ପ୍ରସ୍ତାବଟି ଗବର୍ଣ୍ଣମେଣ୍ଟଙ୍କର ମନୋନୀତ ହେବ ଓ ତାହା ହେଲେ ଯଦ୍ୟପି କି କେନ୍ଦ୍ରାପଡ଼ାବାସିଙ୍କର କିଛି ଅସୁବିଧା ହେବ ମାତ୍ର ତାହା ଧର୍ତ୍ତବ୍ୟ ନୁହଇ କାରଣ ଜଗତ୍‌ସିଂହପୁର ଓ ଜଗନ୍ନାଥପୁରବାସିଙ୍କରଭି ସେହିପରି କଷ୍ଟ ହେଉଅଛି । ସେରୂପ ସୁବିଧା କରିବାକୁ ଗଲେ ସକଳ ଥାନାରେ ଗୋଟିଏ ଲେଖାଁଏ ମୁନସଫୀ ମହକୁମା କରିବାର ଆବଶ୍ୟକ । ଯେତେଦିନ ତାହା ହୋଇ ନାହିଁ ତେତେଦିନ ସମସ୍ତ ଲୋକଙ୍କୁ କିଛି କିଛି କ୍ଲେଶ ପାଇବାକୁ ହେବ ।

---

### ମୃତ ମାଇକେଲ ମଧୁସୂଦନ ଦତ୍ତ

ମାଇକେଲ ମଧୁସୂଦନ ଦତ୍ତ ସପତ୍ନୀ ସଙ୍ଗତ କାଳ ପ୍ରାପ୍ତ ହେବାରୁ ତାହାଙ୍କ ପୁତ୍ରମାନେ ନିତାନ୍ତ ଅନାଥ ହୋଇଅଛନ୍ତି ଓ ତାହାଙ୍କ ନିର୍ବାହ ସକାଶେ ଭିକ୍ଷା ଭିନ୍ନ ଅନ୍ୟ କିଛି ଉପାୟ ନାହିଁ । କଲିକତାର ଅନେକ ଭଦ୍ରଲୋକ ଏମାନଙ୍କ ଭରଣପୋଷଣ ଓ ଶିକ୍ଷା ଲାଭ ନିମିତ୍ତ ଚନ୍ଦା ଯତନ କରିଅଛନ୍ତି ଓ ଏଠାରେ ମଧ୍ୟ ସେହି ଉପଲକ୍ଷରେ ଗତ ରବିବାର ସଭା ହୋଇ ଦୁଇଶତ ଟଙ୍କାରୁ ଅଧିକ ଚନ୍ଦା ହୋଇଅଛି ଓ ଚନ୍ଦାବହି ସର୍ବସାଧାରଣଙ୍କ ନିକଟକୁ ପଠା ଯାଉଅଛି ଯେ ତହିଁରେ ଆଉ କିଛି ଟଙ୍କା ହୋଇ ପାରିବ କେତେକ ଲୋକ ବୋଲନ୍ତି ଯେ କଲିକତାରେ ଅନେକ ଧନୀ ଅଛନ୍ତି ଦଶଗୋଟି ଅନାଥ ବାଳକଙ୍କର ଭାର ସେମାନେ ନେଇ ପାରନ୍ତି ନାହାନ୍ତି ଯେ ଏଥିପାଇଁ ଓଡ଼ିଶାର କଙ୍ଗାଳଦେଶକୁ ସାହାଯ୍ୟ ପ୍ରାର୍ଥନା ହୋଇଅଛି ? ଅମ୍ଭେମାନେ ଏଯୁକ୍ତିକୁ ଅନାସ୍ଥା କରୁ ନାହୁଁ । ବାସ୍ତବରେ ଏ ଦେଶରେ ଅନେକ ଅନାଥ ଓ ଦୁଃଖି ଅଛନ୍ତି ତାହାଙ୍କ ପାଇଁ କୌଣସି ଉପାୟ ନ କରି ଅନ୍ୟ ଦେଶର ଲୋକଙ୍କୁ ସାହାଯ୍ୟ କରିବା ଯୁକ୍ତିଯୁକ୍ତ ନୁହଇ । " ଦୂରଲୋକ ପୁର ଖାଏ ପାଶ ଲୋକ ବାସ ନ ପାଏ " ଏହି କଥା ଏଠାରେ ଘଟିଅଛି ସତ୍ୟ ମାତ୍ର ଗୋଟିଏ ବିଶେଷ ଏହି ଯେ ମୃତ ମଧୁସୂଦନଦତ୍ତ ବଙ୍ଗଳା କାବ୍ୟ ରଚନାର ଅନେକ ଉନ୍ନତି କରି ଅଛନ୍ତି ଓ ଅମିତ୍ରାକ୍ଷରରେ କବିତା ରଚନା କରିବା ପ୍ରଣାଳୀ ସେହି ଆବିଷ୍କାର କରିଅଛନ୍ତି ବୋଲିବାକୁ ହେବ ସୁତରାଂ ତାହାଙ୍କଠାରେ ସର୍ବସାଧାରଣ ଗୋଟିଏ ବିଷୟରେ ଋଣି ଅଛନ୍ତି ଅତଏବ ତହିଁର ପ୍ରତ୍ୟୁପକାର ସ୍ୱରୂପ ତାହାଙ୍କ ଅନାଥ ବାଳକଙ୍କୁ ସାଧାରଣଙ୍କର ପ୍ରତିପୋଷଣ କରିବା ନିତାନ୍ତ କର୍ତ୍ତବ୍ୟ ହେଉଅଛି ଏମନ୍ତ କି ଏପରି କରିବା ଦାନ କାର୍ଯ୍ୟ ନ ହୋଇ ଋଣ ପରିଶୋଧମଧ୍ୟରେ ଗଣ୍ୟ ହେବ । ଅନାଥ ବାଲକମାତ୍ରକେ ଦୟାର ପାତ୍ର ଓ ଯେବେ ଓଡ଼ିଶାରେ ଅନାଥ ବାଲକମାନେ ଦୁଃଖ ପାଉଅଛନ୍ତି ତାହାଙ୍କ ସାହାଯ୍ୟ ନ କରି ବଙ୍ଗଳାର ଅନାଥ ବାଳକଙ୍କୁ ସାହାଯ୍ୟ କରିବା ଅବଶ୍ୟ ଯୁକ୍ତି ବିରୁଦ୍ଧ ଅଟଇ ମାତ୍ର ଦାନ କରିବା ପୂର୍ବରୁ ଋଣ ପରିଶୋଧ କରିବା କର୍ତ୍ତବ୍ୟ ଅଟଇ । ପ୍ରଥମ କାର୍ଯ୍ୟକଲେ ପ୍ରଶଂସା ନ କଲେ ନିନ୍ଦା ନାହିଁ ମାତ୍ର ଶେଷ କାର୍ଯ୍ୟ ନକଲେ ସଭ୍ୟ ସମାଜରେ ନିନ୍ଦନୀୟ ହେବାକୁ ହେବ । ତଥାଚ ଏରୂପ ଆପତ୍ତି ହୋଇପାରେ ଯେ ବଙ୍ଗ ଭାଷାର ଉନ୍ନତିରେ ଓଡ଼ିଶାର କି ଲାଭ ଯେ ଏ ଦେଶବାସିମାନେ ଚନ୍ଦା ଦେବେ ? ଏଥିରୁ ଉତ୍ତର ଏହି ଯେ କୌଣସି ସାକ୍ଷାତ ଲାଭ ନାହିଁ ତେବେ ଓଡ଼ିଶା ବଙ୍ଗଳାର ଅତି ନୈକଟ୍ୟ ସମ୍ବନ୍ଧ ଓ ପରସ୍ପର ସାହାଯ୍ୟଦ୍ୱାରା ସୁହୃଦତା ବୃଦ୍ଧି ହେବାର ସମ୍ଭାବନା । ଅତ ଅମ୍ଭେମାନେ ଯେବେ ବଙ୍ଗବାସିଙ୍କ ସହିତ ଏପ୍ରକାର କାର୍ଯ୍ୟରେ ଯୋଗ ନ ଦେଉ କାଲି ଅମ୍ଭମାନଙ୍କର କିଛି ପ୍ରୟୋଜନ ହେଲେ ସେମାନେ ଯୋଗ ଦେବେ ନାହିଁ ଏବଂ ବଙ୍ଗବାସିମାନେ ବଡ଼ଲୋକ ଥିବାରୁ ସୁତରାଂ ଅମ୍ଭମାନଙ୍କର ତହିଁରେ ବିଶେଷ କ୍ଷତି ହେବାର ସମ୍ଭାବନା ।

---

### ମୃତ ଇରବିନସାହେବ ।

କଟକର ଭୂତପୂର୍ବ କଲେକ୍ଟର ଇରବିନ ସାହେବଙ୍କ ଅକସ୍ମାତ୍ ମୃତ୍ୟୁ ନିମିତ୍ତ ତାହାଙ୍କ ବିଧବାସ୍ତ୍ରୀଙ୍କୁ ଏତଦ୍ଦେଶୀୟଲୋକଙ୍କର ଖେଦ ପ୍ରକାଶକ ଗୋଟିଏ ପତ୍ର ପଠାଇବା ସକାଶେ ଗତ ବୁଧବାର ଏ ନଗରସ୍ଥ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଲୟରେ ସଭା ହୋଇଥିଲା ନଗରବାସୀ ଅନେକ ଭଦ୍ରଲୋକ ସମବେତ ହୋଇଥିଲେ ଓ ସଭାର ଉଦ୍ଦିଷ୍ଟ ସମୟରେ ମେଘ ଅଧିକ ହୋଇ ଥିବାରୁ ଅନ୍ତର ଅନେକଲୋକ ଆସି ପାରିଲେ ନାହିଁ । ବାବୁ ଜଗନ୍ମୋହନ ରାୟ ବିଧିମତ ସଭାର କାର୍ଯ୍ୟାରମ୍ଭ କରିବାରେ ଉପସ୍ଥିତ ସଭ୍ୟଙ୍କ ପ୍ରସ୍ତାବ ଓ ଅନୁମୋଦନ କ୍ରମେ ଧାର୍ଯ୍ୟ ହେଲା ଯେ ଗତ ଇରବିନ ସାହେବଙ୍କ ବିଧବା ସ୍ତ୍ରୀଙ୍କ ନିକଟକୁ ଗୋଟିଏ ଶୋକସୂଚକ ପତ୍ର ପଠାଇବାର ଅତ୍ୟନ୍ତ ଆବଶ୍ୟକ ଓ କର୍ତ୍ତବ୍ୟକର୍ମ ଅଟଇ ମାତ୍ର ସେ ସ୍ତ୍ରୀଲୋକ ଥିବାରୁ ତାହାଙ୍କ ନିକଟକୁ

Digitized by srujanika@gmail.com

Split by PDF Splitter



...କୁ ପତ୍ର ପଠାଇବା ଅବଶ୍ୟ ବୋଲି ଏ ବିଭା...ର କମିଶ୍ନର ଶ୍ରୀଯୁକ୍ତ ବମସ୍ ସାହେବଙ୍କଦ୍ୱାରା ...ାହା ପଠାଯିବ । ଯେଉଁ ପତ୍ର ପଠାଯିବ ତାହା ...ଧ ସକଳେ ପଠିତା ହୋଇ ଧାର୍ଯ୍ୟ ହେଲା । ...ହାଲିବ ହେତୁରୁ ଅମ୍ଭେମାନେ ଉକ୍ତ ପତ୍ରର ...ନୁବାଦ ପ୍ରକାଶ କରି ନ ପାରିଲୁଁ । ମାତ୍ର ତହିଁର ...ମର୍ମ ଏହି ଯେ ବିଗତ କଲେକ୍ଟରଙ୍କର ...କାଲ ମୃତ୍ୟୁରେ ଅଧିଭ୍ୟ ଲୋକମାନେ ଅତ୍ୟନ୍ତ ...ଶୋକାକୁଳ ହୋଇ ଅଛନ୍ତି ବିଶେଷ ଦୁଃଖର ...ାରଣ ଏହି ଯେ ବିଗତ ମହୋଦୟ ଦେଶୀୟ ...ଲୋକଙ୍କର ଜଣେ ପ୍ରଧାନବନ୍ଧୁ ଓ ହିତାକାଂକ୍ଷୀ ...ଲେ ଏବଂ ନ୍ୟାୟ ଓ ଧର୍ମଭୟ ସହକାରେ ...ାପଣା କର୍ତ୍ତବ୍ୟକର୍ମ କରୁଥିଲେ ଏବଂ ଏହି ...ମସ୍ତ ସଦ୍ଗୁଣାବଳୀ ଅବଲମ୍ବନ କରି କାର୍ଯ୍ୟ ...ରିବାକୁ ଅତ୍ୟନ୍ତ ତତ୍ପର ହେବାରୁ ତାହାଙ୍କର ...ମନ୍ତ ଖେଦପୂର୍ଣ୍ଣ ଅକାଳମୃତ୍ୟୁ ହେଲା ।

ଅମ୍ଭେମାନେ ଏ ସଭା ହେବାର ଦେଖି ...ତ୍ୟନ୍ତ ଆନନ୍ଦିତ ହେଲୁଁ କାରଣ ଇରବିନ ...ସାହେବଙ୍କ ଅକାଳମୃତ୍ୟୁରେ ଅଧିଭ୍ୟ ଲୋକେ ...ପ କେତେ ବ୍ୟାକୁଳ ହୋଇ ଅଛନ୍ତି ତହିଁରେ ...ନେହ ନାହିଁ କିନ୍ତୁ ସଭା ହୋଇ ନ ଥିଲେ ...ମାନେ ସର୍ବ ସାଧାରଣଙ୍କ ସାକ୍ଷାତରେ ଆପ...ମନୋଭାବ ବ୍ୟକ୍ତ କରିବାକୁ ନ ପାରି କର୍ତ୍ତବ୍ୟ ...ର୍ମର ଅନୁଷ୍ଠାନରେ ଅତିଶୟ ଦୁଃଖିତ ହୁଅନ୍ତେ ...ନୁଷ୍ୟର ସ୍ୱଭାବ ଏହି ଯେ ଆପଣାର ଦୁଃଖ ...ଜଣଙ୍କ ପାଖରେ ବ୍ୟକ୍ତ କଲେ ତହିଁର ଅନେ...ଉପଶମ ହୁଅଇ ନୋହିଲେ ମନ ମଧ୍ୟରେ ...ବୃଦ୍ଧି ହେଉଥାଏ । ଏ ହେତୁରୁ ଯେତେବେଳେ ...ନ ଜଣାଯାଏ ଯେ ମୃତ ଇରବିନ ସାହେବ ...ମାନଙ୍କର ଜଣେ ବନ୍ଧୁ ଥିଲେ ତେତେ...ବେଳେ ତାହାଙ୍କ ପାଇଁ ସାଧାରଣରେ ଶୋକ ...ଶ କରିବା ଅତ୍ୟନ୍ତ କର୍ତ୍ତବ୍ୟ ହୁଅଇ । ...ଗ୍ଂ ନଗରବାସିମାନେ କେବଳ ଅଲଂଘ୍ୟ ...ର୍ତ୍ତବ୍ୟ କର୍ମର ଅନୁରୋଧରେ ଏ କାର୍ଯ୍ୟ କରି...ଛନ୍ତି ଓ ଏଥିର ତାତ୍ପର୍ଯ୍ୟ ଅନ୍ୟ କିଛି ନୁହଇ ।

ଇରବିନସାହେବ ଏତେ ଅଳ୍ପକାଳ ଜିଲାର ...ର ଗ୍ରହଣ କରିଥିଲେ ଯେ ତାହାଙ୍କର ସଦ୍...ବଳିର ପରିଚୟ ଅନେକଲୋକ ପ୍ରାପ୍ତ ...ଇ ନାହାନ୍ତି ସତ୍ୟ କିନ୍ତୁ ଯାହା ଦେଖା ...ଯାଇଅଛି ତହିଁରେ ତାହାଙ୍କର ମାନସ ଉତ୍ତମ...ପ ପ୍ରତିବିମ୍ବିତ ହୋଇଅଛି । ଦେଶୀୟଲୋ...କଙ୍କୁ ସେ ସର୍ବଦା ଆଦର କରୁଥିଲେ । କୋଠି...ଦାରମାନଙ୍କୁ ବିଶେଷ ଜାଣିଥିଲେ ଯେ କେହି ଦେଶୀୟ ଭଦ୍ରଲୋକ ସାକ୍ଷାତ କରିବାକୁ ଗଲେ ତାହାଙ୍କୁ ତତ୍କ୍ଷଣାତ୍ ଘରେ ନେଇ ବସାଉଥିବେ ଓ ଏକଥର ଜଣେ କନେଷ୍ଟବଲ କେତେକ ଭଦ୍ରଲୋକଙ୍କୁ ଅପମାନିତ କରିବାର ଶୁଣି ଆପେ ତାହାକୁ ଶାସିତ କଲେ ଓ ଯଦ୍ୟପି ସେ ଅମଲାମାନଙ୍କ ଉପରେ ବିରକ୍ତ ଥିବାର କେହି କହନ୍ତି ମାତ୍ର ତାହା ଦେଶୀୟଲୋକଙ୍କୁ ଘୃଣାରୁ ଜାତ ନ ହୋଇ ସରକାରୀକର୍ମରେ ଅତିଶୟ ନିଷ୍ଠା ହେତୁରୁ ହେବାର ଜଣାଯାଏ କାରଣ ସେ ଦେଶୀୟ କର୍ମଚାରୀଙ୍କ ସହିତ ଯେମନ୍ତ ଆଳାପ କରୁଥିଲେ ଇଂରାଜକର୍ମଚାରୀଙ୍କ ପ୍ରତି ମଧ୍ୟ ସେହିରୂପ କରୁଥିଲେ । ଯୁବାମାନଙ୍କ ଅସୋସିଏସନ ସଭାକୁ ଆଗମନ କରି ଦେଶୀୟଲୋକଙ୍କ ଉନ୍ନତି ପାଇଁ ସେ କେତେ ବ୍ୟଗ୍ର ତାହା ଦେଖାଇଥିଲେ । ତାହାଙ୍କର ଧର୍ମଭୟ ଓ ଭଲକରିବାର ଇଚ୍ଛା ଅତିପ୍ରବଳ ଥିଲା ଓ ସେହି ହେତୁରୁ ତାହାଙ୍କର କର୍ମ ପଡିରହିଲା ଓ ସେହି ହିଳନାରେ ତାହାଙ୍କର ଏ ଶୋକାବହ ଦୁର୍ଘଟନା ହେଲା । ସବୁକର୍ମ ଆପେ ଦେଖନ୍ତିବେ ଓ ଯେତେ ଦୂର ଭଲ ହୋଇପାରେ ତାହା କରିବେ ଯେମନ୍ତ କି ଅସାବଧାନ ହେତୁରୁ ଗୋଟିଏ ସୁଦ୍ଧା ମନ୍ଦକର୍ମ ହୋଇ ନ ପାରେ ଏହା ତାହାଙ୍କର ଏକାନ୍ତ ଇଚ୍ଛା ଥିଲା ଅଥଚ ସେ ଏକ ଉଇକର୍ମର୍ ନୂତନ କରି ପାଇଥିଲେ ଏହି ହେତୁରୁ ସେ ଧାବିତ ହୋଇଗଲେ ନୋହିଲେ ଯେନ ତେନ ପ୍ରକାରରେ କର୍ମ ଶେଷ କରୁଥିଲେ ଅଙ୍ଗକାଳ କଳାରପ୍ରତି ଅଗ୍ରାହ୍ୟ ହୁଅନ୍ତା ନାହିଁ । ମାତ୍ର ଯେବ୍ୟକ୍ତି ଅଭିଜ୍ଞାନଦ୍ୱାରା ଆପଣା କାର୍ଯ୍ୟର ଦୋଷ ଗୁଣ ବିବେଚନା କରଇ ଓ ଯାହାର ଧର୍ମଭୟ ଅତି ପ୍ରବଳ ସେବ୍ୟକ୍ତି ବରଂ ଅତ୍ୟନ୍ତ ମତ କରିବାର ଦୋଷୀ ହେବ ତଥାପି ନ ହେବାଯାଏ କୌଣସି କର୍ମ କରିବ ନାହିଁ । ବିଗତ ଇରବିନସାହେବ ଠିକ ଏହିପ୍ରକାରଲୋକ ଥିଲେ ଓ ଏପ୍ରକାରର ଲୋକ ଯେ ଦୁର୍ଲ୍ଲଭ ତାହା କିଏ ସ୍ୱୀକାର ନ କରିବ ?

## ସାପ୍ତାହିକସଂବାଦ ।

ନୂଆନଦ ତାଲୁକର ଖଣ୍ଡିଏ ପତ୍ର ପାଇ ଏହି ପତ୍ରିକାରେ ପ୍ରକାଶ କଲୁଁ । ପତ୍ରପ୍ରେରକଙ୍କ ପ୍ରାର୍ଥନା ଯୁକ୍ତିଯୁକ୍ତ ଜଣାଯାଏ ଓ ଅଦ୍ୟକାଳ ଯେସ୍ଥଳେ ଅବୈତନିକ ମାଜିଷ୍ଟ୍ରେଟ ନିଯୁକ୍ତ କରିବାର ଉପାୟ ହେଉଅଛି ସେସ୍ଥଳେ ଗବର୍ଣ୍ଣମେଣ୍ଟ କର୍ମଚାରୀଙ୍କୁ ଉକ୍ତପ୍ରକାର କ୍ଷମତା ଦେବାରେ କିଛି ଦୋଷ ନାହିଁ ବରଂ ଲାଭ ଅଛି । ଓଡିଶାର ବର୍ତ୍ତମାନ କମିଶ୍ନର ସାହେବ ଶ୍ରୀଯୁକ୍ତ ବମସ ସାହେବ ଏ ତାଲୁକର ଅବସ୍ଥା ଓ ତହସିଲଦାରଙ୍କ ଯୋଗ୍ୟତାରୁ ବିଶେଷରୂପେ ଅବଗତ ଅଛନ୍ତି ଅତଏବ ତାହାଙ୍କୁ ପ୍ରାର୍ଥନା ଯେ ଏଥିପକ୍ଷରେ ମନୋଯୋଗୀ ହେଉନ୍ତୁ ।

ଇରବିନ ସାହେବଙ୍କ ମୃତ୍ୟୁ ହେବାରୁ ଜଏଣ୍ଟ ମାଜିଷ୍ଟ୍ରେଟ ଷ୍ଟିବନ୍ସ ସାହେବ ଏକଟିଂ କଲେକ୍ଟର ମାଜିଷ୍ଟ୍ରେଟ ନିଯୁକ୍ତ ହୋଇଅଛନ୍ତି ମାତ୍ର ଇରବିନ ସାହେବଙ୍କ କବ୍ୟା କର୍ମ ଶ୍ରୀଯୁକ୍ତ କମିଶ୍ନର ସାହେବ ନିଜେ କରୁଅଛନ୍ତି । ଶୁଣାଯାଏ ଯେ କାଉଲି ସାହେବ କି ଯେ ଷ୍ଟାଏନସ ସାହେବଙ୍କ କାର୍ଯ୍ୟଭାର ନେବାକୁ ଆସୁଅଛନ୍ତି ସେହି ଏଠାର ଜିଲାର ହାକିମ ହେବେ ମାତ୍ର ଏଥିରେ ସମ୍ପୂର୍ଣ୍ଣବିଶ୍ୱାସ ହେଉ ନାହିଁ ।

କଟକର ପୋର୍ଟଇନଷ୍ପେକ୍ଟର ବାବୁ ରଘୁନାଥ ଘୋଷଙ୍କର ବାଲେଶ୍ୱରକୁ ବଦଳି ହେବାର ନିଶ୍ଚୟ ହୋଇଥିଲା ମାତ୍ର ନୂତନ କମିଶ୍ନର ତାହା ସ୍ଥଗିତ କରିଅଛନ୍ତି ।

କଟକ କଲେକ୍ଟରୀ ପେସ୍କାରୀ କର୍ମରେ ଫଉଜଦାରୀର ମୋହରର ବାବୁ ଗଜଗୋର ଘୋଷ ନିଯୁକ୍ତ ହୋଇଅଛନ୍ତି । ବନ୍ଦୋବସ୍ତଟି ଉତ୍ତମ ହୋଇଅଛି ।

ଭୂତପୂର୍ବ ଶ୍ରେଣୀର ସବ୍ଅସିଷ୍ଟାଣ୍ଟ ସରଜନ ବାବୁ ଯାଜନାଥ ମିଶ୍ର ଡାକ୍ତରଖାନାରେ ନିଯୁକ୍ତ ହୋଇ ପ୍ରେସିଡେନ୍ସି ବିଭାଗରୁ ଆସୁଅଛନ୍ତି ।

ବାଲେଶ୍ୱରଠାରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ସେଠା ମୁନସଫି ମହକୁମାର ପେସ୍କାର ମରଫିକାରୁ ତାହା କର୍ମରେ ଆସାମଦେଶରୁ ରତ୍ନେଶ୍ୱର ଦାସ ନିଯୁକ୍ତ ହୋଇ ଆସୁଅଛନ୍ତି । ରତ୍ନେଶ୍ୱର ଦାସ ବାଲେଶ୍ୱରର ଭୂତପୂର୍ବ ହେଡମାଷ୍ଟର ଗୋପୀନାଥସେନଙ୍କର ଜାମାତା ଅଟନ୍ତି । ସେ ଏଠାରେ ହେଡକନେଷ୍ଟବଲ ଥିଲେ । ଶ୍ୱଶୁରଙ୍କର ଆସାମକୁ ବଦଳି ହେବାରୁ ତାହାଙ୍କ ସଙ୍ଗରେ ଯାଇଅଛନ୍ତି । ଯେବେ ଏକଥା ସତ୍ୟ ହୁଅଇ ତେବେ ବଡ ଦୁଃଖର ବିଷୟ ସନ୍ଦେହ ନାହିଁ । ମୁନସଫି ପେସ୍କାର ହେବା ଯୋଗ୍ୟ ଲୋକ ବାଲେଶ୍ୱରରେ ନାହାନ୍ତି ଏହା କିଏ ବିଶ୍ୱାସ କରିବ ?

ଏମନ୍ତ ଜନରବ ହୋଇଅଛି ଯେ ସରକାର କାମ୍ବେଲସାହେବ ଛମାସର ଛୁଟି ନେଇ ବିଲାତକୁ ଯିବେ ଓ ତାହାଙ୍କ କର୍ମରେ ଶ୍ରୀଯୁକ୍ତ ସନ୍ସାହେବ

Digitized by srujanika@gmail.com

Split by PDF Splitter



ଏକତିଂ ରହିବେ । ସକଳେ ହି ଏ ସମ୍ବାଦ ସତ୍ୟ ହେବ ଓ ବଙ୍ଗଳାପ୍ରଦେଶ ବୃଦ୍ଧିବନ୍ତ ବଢ଼ାନ ସ୍ଥିର କରିବ ।

ବଙ୍ଗଳା ସିଭିଲ ଫଣ୍ଡରେ ଚେଦା ଦେଉଥିବା ବ୍ୟକ୍ତିଙ୍କର ଗତ ନଭେମ୍ବରେ ଧାର୍ଯ୍ୟ ହୋଇଅଛି ଯେ ସନ ୧୮୭୨ ମସିହା ତା ୧୫ ରଖ ମଇରେ ଯେଉଁ ଦେଶୀୟ ଲୋକମାନେ ସିଭିଲସ୍ଥାନ ଥିଲେ କେବଳ ସେହିମାନେ ସିଭିଲଫଣ୍ଡର ଉପକାର ପ୍ରାପ୍ତ ହେବେ ମାତ୍ର ତାହାଙ୍କ ଉତ୍ତାରୁ ଯେଉଁ ସିଭିଲସ୍ଥାନ ହେବେ ସେମାନେ କେହି ଏଥିର ଫଳ ପାଇବେ ନାହିଁ । କଳା ଲୋକର ଉନ୍ନତି ଏପରି ଈର୍ଷାଇବାର ପ୍ରଧାନ କାରଣ ଅଟଇ ଓ ସତ ଯେଉଁ କାରଣମାନ ଦେଇ ଅଛନ୍ତି ତାହା ସତ ମାନିବାର ନୁହଇ ।

ହାଇକୋର୍ଟରେ ନିଷ୍ପତ୍ତି ହୋଇଅଛି ଯେ ମାଲି ଅବଲୁପ୍ତ ସମ୍ପତ୍ତିର କୌଣସି ଏକ ଅଂଶୀ ଅପଣା ହିସା ମାପ କରିବାକାରଣ ସନ ୧୮୬୯ ମସିହା ୪ ୮ ଆଇନର ଧାରାନୁସାରେ ନାଲିଶ କରି ନ ପାରେ ।

## ପ୍ରେରିତ ପତ୍ର

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ସାଦର ନିବେଦନ ମିଦଂ ।

ମହାଶୟ ! ଅନ୍ୟାନ୍ୟ ଖାସମହାଲ ଜମିଦାରୀରେ ସରବରାକାର ଓ ରୟତଙ୍କ ମଧ୍ୟରେ ସାମାନ୍ୟ ମୋକଦ୍ଦମାରେ ଓ ଝଗଡ଼ା ଦେଣା ପାଉଣା ବିଷୟକ ମୋକଦ୍ଦମାରେ ତହସିଲଦାରମାନଙ୍କୁ ଡେଃ ମାଜିଷ୍ଟ୍ରେଟୀ ଓ ଡେଃ କଲେକ୍ଟରୀ କ୍ଷମତା ଥିବାରୁ ତହସିଲଦାରମାନେ ତାହା ମୀମାଂସା କରିଦେଉଥାନ୍ତି; ମାତ୍ର ଅଧିକ୍ୟ ନୂଆନଗର ତାଲୁକ ସରକାରବାହାଦୂରଙ୍କ ଜମିଦାରୀର ତହସିଲଦାରଙ୍କୁ ପୂର୍ବୋକ୍ତ ମତ କ୍ଷମତା ନ ଥିବାରୁ ରୟତ ଓ ସରବରାକାରମାନଙ୍କ ମଧ୍ୟରେ ଝଗଡ଼ା ଦେଣା ପାଉଣା ବିଷୟକ ଓ ଅନ୍ୟାନ୍ୟ ସାଧାରଣ ବିଷୟକ ମୋକଦ୍ଦମାରେ ସେମାନଙ୍କୁ ଏକେବାରେ ମହାମାନ୍ୟବର ଶ୍ରୀଯୁକ୍ତ କଲେକ୍ଟର ସାହେବଙ୍କ ହଜୁର ପର୍ଯ୍ୟନ୍ତ ଯିବାକୁ ହୁଏ; ସେଥିରେ ଅନର୍ଥକ ଖର୍ଚ୍ଚାନ୍ତ ହୋଇ ଉଭୟପକ୍ଷ କ୍ଷତିଗ୍ରସ୍ତ ହୁଅନ୍ତି ।

ଅତଏବ ଅମ୍ଭମାନଙ୍କର ମତ ମହାମାନ୍ୟବର ଶ୍ରୀଯୁକ୍ତ କମିସନର ସାହେବଙ୍କ ହଜୁରରେ ପ୍ରାର୍ଥନା ଏହି ଯେ ଅଧିକ୍ୟ ତହସିଲଦାର ମହାଶୟଙ୍କୁ ଡେଃ ମାଜିଷ୍ଟ୍ରେଟୀ ଓ ଡେଃ କଲେକ୍ଟରୀ କ୍ଷମତା ଅର୍ପଣ କରି ପୂର୍ବୋକ୍ତପ୍ରକାର ସାମାନ୍ୟ ମୋକଦ୍ଦମା ଓ ଝଗଡ଼ାବିଷୟକ ବିବାଦ ମୀମାଂସା କରିବା ନିମନ୍ତେ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରନ୍ତୁ । ଇତି ।

୧୭ ହିଁ ଅଗଷ୍ଟ } ଖାସମାହାଲ ନୂଆନଗର
ସନ ୧୮୭୩ } ତାଲୁକର କେତେକ ଜଣ ପ୍ରଜା ଓ ସରବରାକାର ।

ମହାଶୟ !

ଏହି ପ୍ରାର୍ଥନା ଯେ ଅନୁଗ୍ରହପୂର୍ବକ ଅମ୍ଭର କେତେକ ପଂକ୍ତିକୁ ଆପଣଙ୍କ ପତ୍ରିକାରେ ସ୍ଥାନ ପ୍ରଦାନ କଲେ ଚିରବାଧିତ ହେବୁଁ ।

ସମ୍ବାଦପତ୍ରର ଶ୍ରୀବାବୁ କାଳୀପଦ ବନ୍ଦ୍ୟୋପାଧ୍ୟାୟ କଲିକତା ଯାଇ ଲାଟଗବର୍ଣ୍ଣରଙ୍କ ଅସ୍ଥାୟୀ ସଭାରେ ସାକ୍ଷ୍ୟ ଦେବାପାଇଁ ଗବର୍ଣ୍ଣମେଣ୍ଟରୁ ଅବେଦନ କରିଥିବାର ଶ୍ରବଣ କରି, ଅମ୍ଭମାନଙ୍କର ଅସୀମ ଆନନ୍ଦ ଲାଭ ହୋଇଅଛି, କାରଣ ବାବୁ ମହାଶୟ ପ୍ରଥମରେ ଓଡ଼ିଶାର ଯାଉଅଛନ୍ତି ପୁଣି ଓଡ଼ିଶାର ବହୁକାଳର ଅଧିବାସୀ ଓ ଜମିଦାର, ଯଦ୍ୟପି ଅବେଦନପତ୍ର ମଞ୍ଜୁର ହୁଅଇ ଏବଂ ଯିବାର ସ୍ଥିର ହୁଅଇ, ତେବେ ବାବୁ ମହାଶୟ ଉତ୍ତମରୂପେ ପ୍ରସ୍ତୁତ ହେଉନ୍ତୁ; ପ୍ରସ୍ତୁତ ହୋଇ ଯେ ଖାଦ୍ୟସାମଗ୍ରୀ ଅୟୋଜନ କରିବେ ଏମନ୍ତ ନୁହେ ମାତ୍ର ଯେ ଶୁଭକାର୍ଯ୍ୟ ପାଇଁ ଯିବେ ସେହି କାର୍ଯ୍ୟର ସୁଫଳ ଦେଖାଇବା ପାଇଁ ପ୍ରସ୍ତୁତ ହେଉନ୍ତୁ, ଏହା କହିବାର ତାତ୍ପର୍ଯ୍ୟ କିମ୍ବା ନୁହଇ ଯେ ଯାହାତାହା କରି କହି ପକାଇଲେ ହେଲା ମାତ୍ର ଏହା ଏକ ସ୍ମରଣର ସାକ୍ଷ୍ୟ; ଏଥିରେ ଦେଶର ଶୁଭ ଓ ଅଶୁଭ ନିର୍ଭର କରଇ ଅତଏବ ବାବୁଙ୍କର ଉଚିତ ଯେ ସମ୍ୟକ୍‌ପ୍ରକାରେ ଦେଶର ଗତ ବର୍ଷ ଉତ୍ତମରୂପେ ଅବଗତ ହେଉନ୍ତୁ, ପ୍ରଜାଙ୍କର ଦୁଃଖ ଅବସ୍ଥା ତାହା ଦେଖନ୍ତୁ ବିଶେଷତଃ ଓଡ଼ିଶାର ଯଦ୍ୟପି ଯିବେ ଓଡ଼ିଆ ବୋଲି ପରିଚୟ ଦେଇ ଉଦ୍ଦେଶର ଉନ୍ନତି ପାଇଁ ଯେଉଁ କ୍ଷତିର ଅନୁମାନ ତାହା ଉତ୍ତମରୂପେ ଜାଣି ଯାଆନ୍ତୁ ଏବଂ ନାନା ପ୍ରକାର ଉତ୍କୃଷ୍ଟ ପ୍ରମାଣ ଦେଖାଇବାପାଇଁ ପ୍ରସ୍ତୁତ ହୋଇ ସମ୍ମୁଖ ଯାଇ ହେଉନ୍ତୁ ନୋହିଲେ ବାବୁ ମହାଶୟଙ୍କର ଯେମନ୍ତ ପ୍ରକୃତି ଅଛି ଯେ, ଜାଣନ୍ତୁ ଅଥବା ନ ଜାଣନ୍ତୁ, ପାରନ୍ତୁ ଅବା ନ ପାରନ୍ତୁ, ସକଳ କର୍ମରେ ଅଗ୍ରଗାମୀ ହୁଅନ୍ତି ଏବଂ ଓଡ଼ିଶାର କୌଣସି ସାମାନ୍ୟ ସଭାରେ ନଗା ବଜାଉଥିବାରେ ଯେଗା ଏ ଲଇ ତେନ ପଡ଼ାଇ ଶତ ଫୁଲାଇ ବକ୍ତୃତା ଆରମ୍ଭ କରିଥାନ୍ତି ତାହା ଆଉ କଲିକତାରେ ଚଳିବ ନାହିଁ, ଇଂଲିଶ ଶ୍ରୀଯୁକ୍ତଙ୍କର ମହାମୂର୍ତ୍ତି ଦେଖିଲେ ପ୍ରଥମରେ ସଙ୍କୁଚିତ ହେବେ ଏବଂ ଉପରେ ଚହାର କଲେ ନିର୍ବଲ ହେବେ । ବହୁ ଆଡ଼ମ୍ବର କରି ଯାହା କହିବେ ଲୋକେ ଜାଣିବେ ଯେ ବଗଲ ଗଲେ ମାତ୍ର ଉଦ୍ଧାର ଫଳ ଯାହା ହେବ ତାହା ଶେଷରେ ଅମ୍ଭମାନଙ୍କର କର୍ଣ୍ଣଗୋଚର ହେବ ଗଲ ମଧ୍ୟରେ ବାବୁଙ୍କର ଇଂଲଣ୍ଡ ଗମନ । ଇତି ।

କଟକ } ଏକାନ୍ତ ବଶମ୍ବଦ
୨୭।୮।୭୩ } କତେକ ଉତ୍କଳୀୟ ।


ବିଜ୍ଞାପନ ।

ଖୁଦବାଇସ୍ତ୍ରିଜ ଜ୍ଞାର୍ଜସାହେବଙ୍କ ମାର୍ଫତେ ଥିବାର ମିଲରସାହେବଙ୍କ ପାଲକି ମାର୍ଚମାସରେ କଲିକତାର ଜଣେ ବାବୁ ଉପଷ୍ଟେଷ୍ଟ ସାହେବଙ୍କୁ ମାଗିବାରୁ ସାହେବ କହିଲେ ଏପାଲକିଙ୍କରେ ଭୁମ୍ନେ ବସିଯାଅ ମାତ୍ର ଏହା କଟକରେ ମିଲରସାହେବଙ୍କୁ ଦେବ ଏଥିରୁ ସେ ବାବୁ ଏହି କଟକରେ ପହଞ୍ଚିବେ ବହୁ ଅତପର୍ଯ୍ୟନ୍ତ ପାଲିସ ପଠାଇ ନାହାନ୍ତି ଉକ୍ତ ପାଲକି କେଉଁଠାରେ ଅଛି ଏହା ଯେବେ କେହି ସନ୍ଧାନ କରି ସାହେବଙ୍କୁ ଗୋଚର କରାଇବ ତେବେ ସେ ବ୍ୟକ୍ତି ପୁରସ୍କାର ପ୍ରାପ୍ତ ହେବ ।

W. MILLER.

WANTED

A clerk to officiate for the Jajipur Sub-Divisional Head Clerk for six months with a prospect of being confirmed in the post. Salary Rs. 25. Apply with copies of testimonials to,

U. C. Roy,
Dy. Collector.

Jajipur, 12th Augt. 1873.


☞ ଏହି ଉତ୍କଳଦୀପିକା ସହର କଟକ ଦର୍ଘାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



## ଘୋଷଣାପତ୍ର

### ଛଲ

ବଙ୍ଗଦେଶର ମହାମାନ୍ୟ ଶ୍ରୀଯୁକ୍ତ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସାହେବ ବାହାଦୁରଙ୍କ ଆଜ୍ଞାମତେ ଜଣାଇ ଦିଆଯାଉଅଛି ଯେ —

୧ । ଇଂରାଜୀ ୧୮୭୧ ସାଲର ବଙ୍ଗଳାପ୍ରଦେଶର ପଥକର ଟେକ୍ସ ଆଦାୟ ସକାଶେ ଯେଉଁ ୧୦ ଆଇନ ହୋଇଅଛି ସେହି ଆଇନମତେ କଟକ ଓ ପୁରୀ ଓ ବାଲେଶ୍ୱର ଜିଲାର ପଥକର କମିଟୀର ଇଂରାଜୀ ସନ ୧୮୭୩ ସାଲର ଅକ୍ଟୁବର ମାସଠାରୁ ସନ ୧୮୭୪ ସାଲ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ଏକବରଷ ନିମନ୍ତେ ସମସ୍ତ ଭୂମିର ବାର୍ଷିକ ନିରୂପିତ ମୂଲ୍ୟ କିମ୍ବା ଖଜଣା ଯାହା ଆଦାୟ ହେଉଥାଏ ସେହି ମୂଲ୍ୟ କିମ୍ବା ଖଜଣା ଉପରେ ପ୍ରତି ଟଙ୍କାରେ ଏକପଇସା ହିସାବରେ ପଥକରଟେକ୍ସ ଧାର୍ଯ୍ୟ କରି ଅଛନ୍ତି । ଏବ ଯେଉଁମାନଙ୍କୁ ଅନ୍ୟ ପ୍ରକାରର ପଥକର ଟେକ୍ସ ଦେବାକୁ ହେବ ନାହିଁ ତାହାଙ୍କର ଘର ଉପରେ ଏବ ଦୋକାନ ଓ କାରବାର ଘର ଉପରେ ସେହି କମିଟୀ ଲିଖିତ ଦରରେ ପଥକର ଟେକ୍ସ ଧାର୍ଯ୍ୟ କରି ଅଛନ୍ତି ।

ବାସଗୃହ ଦ ଯାହାର ବର୍ତ୍ତମାନର

| ନିରୂପିତ ମୂଲ୍ୟ | ବାର୍ଷିକ |
|---|---|
| ଟ ୧୦୦ ଟଙ୍କାରୁ ଅଧିକ କିନ୍ତୁ ଟ ୫୦୦ ଟଙ୍କାରୁ କମ ତାହାର | ଟ ୦୫ |
| ଟ ୫୦୦ ଟଙ୍କାରୁ ଅଧିକ ଓ ଟ ୧୦୦୦ ଟଙ୍କାରୁ କମ ତାହାର | ଟ ୧୫ |
| ଟ ୧୦୦୦ ଟଙ୍କାରୁ ଅଧିକ ଓ ଟ ୨୦୦୦ ଟଙ୍କାରୁ କମ ତାହାର | ଟ ୨। |
| ଟ ୨୦୦୦ ଟଙ୍କାରୁ ଅଧିକ କିନ୍ତୁ ତଦୂର୍ଦ୍ଧ୍ୱ ହେଲେ ଇହାଁର ନିରୂପିତ ମୂଲ୍ୟର ଏକ୨ ହଜାର ଟଙ୍କା କିମ୍ବା ଇହାଁର କୌଣସି ଅଂଶ ଉପରେ | ଟ ୧୫ |

ଦୋକାନ ଏବ କାରବାରସ୍ଥାନ ଯହିଁର ବର୍ତ୍ତମାନର ମୂଲ୍ୟ ଅନୁମାନିକ ଟ ୨୫ ଟଙ୍କାରୁ ଅଧିକ ଏବ ଟ ୧୦୦ ଟଙ୍କାରୁ କମ ଇହାଁ ନିମିତ୍ତ ବାର୍ଷିକ କର ଟ ୦୫ ଲାଗିବ ।

୨ । କଲୁ ଯେ୨ ସ୍ଥାନରେ ମ୍ୟୁନିସିପଲ ଟେକ୍ସ ଓ ଟାଉନ ଟେକ୍ସ ଜାରି ଅଛି ସେସ୍ଥାନର ଜମି, ଘର ଓ ଦୋକାନ ଇତ୍ୟାଦି ନିମିତ୍ତ ଏହି ପଥକର ଟେକ୍ସ ଦେବାକୁ ହେବ ନାହିଁ । ଜମିଦାର ଅଧୀନସ୍ଥ ଭୂମ୍ୟଧିକାରୀ ଏବ ରୟତମାନଙ୍କଠାରୁ ଆସନ୍ତା ଅକ୍ଟୁବର ମାସର ପ୍ରଥମ ତାରିଖ ପରେ ତାହାଙ୍କର ଦେୟ ଗୃହସ୍ଥ ଅଥବା ଖଜଣାର ଭିତ୍ତି ଅନୁସାରେ ଏହି ପଥକର ଟେକ୍ସ ଆଦାୟ ହେବ ।

୩ । ଏହି ଟେକ୍ସ ଯେଉଁ ଦରରେ ଧାର୍ଯ୍ୟ ହୋଇଅଛି କଲେକ୍ଟର ସାହେବ ଜିଲା ମଧ୍ୟରେ ଇହାଁର ନୋଟିସ ଦେଇ ଅଛନ୍ତି ଏବ ପ୍ରଥମର ଆଇନର ୭ ଧାରାମତେ ଗେଜେଟରେ ମଧ୍ୟ ତାହା ପ୍ରକାଶ କରାଯାଇ ଅଛି । କଲେକ୍ଟରୀର କଣ୍ଣା ଲେଖାଭି ମାଲ ଓ ଲାଖରାଜ ମହାଲର ମାଲିକମାନଙ୍କର ଯାହାକୁ ଯେତେ ଟେକ୍ସ ଦେବାକୁ ହେବ ଇହାଁର ନୋଟିସ ତାହାକୁ ଦିଆଯିବ ଏବ କଲେକ୍ଟରୀ କଣ୍ଣା ଲେଖାଭି ମାଲ ଓ ଲାଖରାଜ ମହାଲର ମାଲିକ ବ୍ୟତିରେକେ ସିକିମିଦାର ଲାଖରାଜଦାର ଓ ରୟତ ପ୍ରଭୃତିଙ୍କୁ ଯେରୂପେ ଯେ ଦରରେ ଓ ଯେ ନିୟମରେ ଏହି ଟେକ୍ସ ଦେବା କିମ୍ବା ଆଦାୟ କରିବାକୁ ହେବ ତାହା ସାଧାରଣଙ୍କୁ ବୁଝାଇ ଦେବା ନିମନ୍ତେ ରେଭିନ୍ୟୁ ବୋର୍ଡର ମେମ୍ବର ସାହେବମାନେ ଏକ ନୋଟିସ ପ୍ରଚାର କରିବେ ।

୪ । ରୟତମାନଙ୍କୁ ପଥକର ଟେକ୍ସ କେତେ ଦେବାକୁ ହେବ ତାହା ସେମାନଙ୍କୁ ବୁଝାଇ ଦେବା ଏବ ତାହାଙ୍କୁ ନ୍ୟାଯ୍ୟରୂପେ ଯେତେ ଟେକ୍ସ ଦେବାକୁ ହେବ ତଦପେକ୍ଷା ଅଧିକ ଦେବା ଦାୟରୁ ରକ୍ଷା କରାଇବାର ଏହି ଘୋଷଣାପତ୍ରର ପ୍ରଧାନ ତାତ୍ପର୍ଯ୍ୟ ।

୫ । କଟକ, ପୁରୀ, ବାଲେଶ୍ୱର ଜିଲାର କମିଟୀ ଯେ ଦରରେ ପଥକର ଟେକ୍ସ ଧାର୍ଯ୍ୟ କରି ଅଛନ୍ତି ସନ ୧୮୭୩ ସାଲର ପହିଲା ଅକ୍ଟୁବରଠାରୁ ସେହି ଜିଲାର ରୟତମାନଙ୍କୁ ଇହାଁର ଅର୍ଦ୍ଧେ ଦରରେ ଟେକ୍ସ ଆପଣା ଖଜଣା ସଙ୍ଗେ ଆଦାୟ କରିବାକୁ ହେବ । ଅର୍ଥାତ୍ ପ୍ରତ୍ୟେକ ରୟତଙ୍କୁ ଆପଣା ଦେୟ ଖଜଣାର ପ୍ରତି ଟଙ୍କାରେ ଅଧ ପଇସା ଦେବାକୁ ହେବ ଓ ରୟତ ଯେଉଁ ବ୍ୟକ୍ତିକୁ ଖଜଣା ଦିଅନ୍ତି ସେହି ଟେକ୍ସ ତାହାକୁ ଦେବେ । ଫଳିତାର୍ଥ ଏହି ଟେକ୍ସ ଏକପ୍ରକାର ଅବୱାବ ଅଟେ ଯହିଁ ନିମିତ୍ତ ରୟତମାନଙ୍କୁ ଆପଣା ଜମା ଉପରେ ପ୍ରତି ଟଙ୍କାରେ ଅଧପଇସା ମାତ୍ର ଦେବାକୁ ହେବ ଏହିଠାରେ ଅନ୍ୟ କୌଣସି ଅବୱାବ ଆଇନସଙ୍ଗତ ନୁହେ ଅଥବା ଆଇନଦ୍ୱାରା ଆଦାୟ ହୋଇ ନ ପାରେ ଅତଏବ ଯେ ଅବସ୍ଥାରେ ଏହି ପଥକର ଟେକ୍ସ ଆଇନାନୁସାରେ ଧାର୍ଯ୍ୟ ହୋଇ ଅଛି ସେ ଅବସ୍ଥାରେ ଜମିଦାର ସିକିମିଦାର ପ୍ରଭୃତିଙ୍କ ପ୍ରତି ଏହି ଟେକ୍ସ ଉପର ଉକ୍ତ ଦରରେ ଆଦାୟ କରିବାର କ୍ଷମତା ଦିଆଯାଇଅଛି ।

୬ । ବାସଗୃହ ବା ଗୃହର ଟେକ୍ସ ସମ୍ବନ୍ଧରେ ଘରର ଦଖଲକାର କାରବାର ଓ ଦୋକାନଦାରମାନଙ୍କୁ ଖବର ଦିଆଯାଉଅଛି ଯେ ପଥକର ଆଇନର ୪ ଧାରା ଅନୁସାରେ ଯେ ସବୁ ଘରର କାରବାର ସ୍ଥାନର ଓ ଦୋକାନର ମୂଲ୍ୟ ଧାର୍ଯ୍ୟ କରି ଟେକ୍ସର ଉପଯୁକ୍ତ ବିବେଚନାରେ ଇହାଁର ଫର୍ଦ୍ଦ ଗ୍ରାମର ପ୍ରକାଶ୍ୟ ସ୍ଥାନରେ ଲଟକାଇ ଦିଆଯାଇ ଅଛି ସେହି ସବୁ ଘର କାରବାର ସ୍ଥାନ ଓ ଦୋକାନ ଉପରେ ମଧ୍ୟ କେବଳ ଘରର ଟେକ୍ସ ଦେବାକୁ ହେବ । ତଦ୍ଭିନ୍ନ ଅନ୍ୟ କୌଣସି ଘରର ଓ କାରବାର ସ୍ଥାନର ବା ଦୋକାନ ନିମନ୍ତେ ଟେକ୍ସ ଦେବାକୁ ହେବ ନାହିଁ ଓ ଜମିଦାର ଓ ଲାଖରାଜଦାର ପ୍ରଭୃତି ସମସ୍ତ ପ୍ରକାର ଭୂମ୍ୟଧିକାରୀ ଓ କୃଷିକାରୀପ୍ରଜା ଓ ଯେଉଁମାନଙ୍କୁ କୌଣସି ପ୍ରକାର ଭୂମି ସମ୍ବନ୍ଧରେ ପଥକର ଟେକ୍ସ ଦେବାକୁ ହେବ ସେମାନେ ଯଦି କାରବାର ବା ଅନ୍ୟ ପ୍ରକାର ବ୍ୟବସାୟ ଆପଣା ଘରେ ନ କରନ୍ତି ତାହାହେଲେ ସେମାନଙ୍କୁ ଘରର ଟେକ୍ସ ଦେବାକୁ ହେବ ନାହିଁ ଯେ ଘରର ମୂଲ୍ୟ ଟ ୧୦୦ ଟଙ୍କାରୁ କମ ହେବ ଏବ ଯେଉଁ ଦୋକାନର ମୂଲ୍ୟ ଟ ୨୫ ଟଙ୍କାରୁ କମ ହେବ ଇହାଁ ଉପରେ ଏହି ଟେକ୍ସ ଲାଗିବ ନାହିଁ ଓ ଯେଉଁ ଘର କେବଳ ଧର୍ମକାର୍ଯ୍ୟରେ ବ୍ୟବହାର କରାଯାଏ ଇହାଁ ଉପରେ ମଧ୍ୟ ଏହି ଟେକ୍ସ ଲାଗିବ ନାହିଁ ।

୭ । ପଥକର ଯେଉଁମାନଙ୍କୁ ଦେବାକୁ ହେବ ସେମାନଙ୍କୁ ଗବର୍ଣ୍ଣମେଣ୍ଟ ନିଶ୍ଚୟରୂପେ ଜଣାଉ ଅଛନ୍ତି ଯେ ପଥକର ଆଇନାନୁସାରେ ଯେଉଁ ଜିଲାରେ ଯେତେ ଟଙ୍କା ଆଦାୟ ହେବ ସେ ସମୁଦାୟ ସେହି ଜିଲାର ଲୋକମାନଙ୍କ ଉପକାରାର୍ଥେ ସେହି ଜିଲାର ସ୍ଥାନୀୟ ରାସ୍ତା ଓ ଖାଲ ପ୍ରଭୃତି ପ୍ରସ୍ତୁତ ଓ ମରାମତି ଏବ ଜଳପଥରେ ଗମନାଗମନର ସୁବିଧା ସକାଶେ କେବଳ ବ୍ୟୟ କରାଯିବ । ପଥକର ଆଇନର ମର୍ମ୍ମ ନିୟମିତ ଅନ୍ୟ କୌଣସି କାର୍ଯ୍ୟରେ ସେହି ଟଙ୍କାରୁ କିଛିମାତ୍ର ଖର୍ଚ୍ଚ କରାଯିବ ନାହିଁ ।

୮ । ପ୍ରତ୍ୟେକ ଜିଲାକୁ ଅବଶ୍ୟକ ମତେ ଭିନ୍ନ୨ ଭାଗରେ ବିଭକ୍ତକରି ପଥକର ଟେକ୍ସ ନିରୂପଣ ହେବ ଉକ୍ତ ଟଙ୍କାମଧ୍ୟରେ ଯେତେ ଟଙ୍କା କ୍ଷୁଦ୍ର୨ ରାସ୍ତା ପ୍ରସ୍ତୁତ ଓ ମରାମତି ସକାଶେ

Digitized by srujanika@gmail.com

Split by PDF Splitter



ଦେବାର ଉଚିତ ବିବେଚନା କରାଯିବ ସେହି-ଟଙ୍କା କେଉଁର ପ୍ରତ୍ୟେକ ଘରର କ୍ଷୁଦ୍ର ରାସ୍ତା ପ୍ରସ୍ତୁତ ଓ ମରାମତି କରିବା ସକାଶେ ସଙ୍ଗତି-ରୂପେ ଅଂଶ କରି ଦିଆଯିବ । ଉକ୍ତ ପ୍ରଦେଶବା-ସିମାନେ ସ୍ଥାନୀୟ ଯେ ସମସ୍ତ ଲୋକଙ୍କୁ ବିଶ୍ୱାସ କରନ୍ତି ତନ୍ମଧ୍ୟରୁ ଯେଉଁମାନଙ୍କୁ ସେମାନେ ମନୋନୀତ କରିବେ ବା ଯେଉଁମାନଙ୍କୁ ନିଯୁକ୍ତ କରାଯିବ ତାହାଙ୍କ ହସ୍ତରେ ସେହି ଟଙ୍କା ସେହି କାର୍ଯ୍ୟରେ ବ୍ୟୟ କରିବାର ଭାରାର୍ପଣ କରାଯିବ ।

ଯେଉଁମାନେ ଟେକ୍ସ ଦେବେ ତାହାଙ୍କର ପ୍ରତ୍ୟେକ ବ୍ୟକ୍ତିଙ୍କୁ ମଧ୍ୟ ଅନୁମତି ଦିଆଯାଇ-ଅଛି ଓ ଅନୁରୋଧ କରାଯାଉଅଛି ଯେ ଯେ-ସମସ୍ତ ଗ୍ରାମ୍ୟରାସ୍ତା ସ୍ଥାନୀୟପଥ ଓ ଖାଲ ପ୍ରସ୍ତୁତ-ଦ୍ୱାରା ତାହାଙ୍କର ଉପକାର ହୋଇପାରେ ପଥ-କରର ଟଙ୍କା ସେମାନେ ସେହିସବୁ ରାସ୍ତା ଖାଲ ପ୍ରଭୃତି ପ୍ରସ୍ତୁତ ଓ ମରାମତି କାରଣ ବ୍ୟୟ କରିବା ସକାଶେ ପ୍ରସ୍ତାବ କରନ୍ତୁ । ଭବିଷ୍ୟତରେ ସେହି ଟେକ୍ସର ଟଙ୍କା ଯହିଁରେ ସଙ୍ଗତରୂପେ ଲୋକଙ୍କର ଦିଆଯାଏ ତଦ୍ବିଷୟରେ ଯେତେ ଦୂର ହୋଇପାରେ ତହିଁର ଚେଷ୍ଟା କରିବେ ଏବଂ ଏହା ମଧ୍ୟ ବିଶେଷରୂପେ ଜଣାଉଅଛନ୍ତି ଯେ ଯେଉଁମାନେ ଟେକ୍ସ ଦେବେ ସେମାନେ ପ୍ରତ୍ୟେକରେ ଯହିଁରେ ବାସ୍ତବିକ ସେହି ଟେକ୍ସ ଦାନର ଅନୁରୂପ ଉପକାର ଲାଭ କରନ୍ତି ତଦ୍-ବିଷୟରେ ସର୍ବଦା ଯତ୍ନବାନ୍ ଥିବେ ।

The 15th August, 1873. (Sd.) J. Beames
Offg. Commissioner
Orissa Division.

## ପଥକର ବିଜ୍ଞାପନ ।

ଏହାଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ପଥକର ସନ ୧୮୭୩ ସାଲ ଅକ୍ଟୁବରମାସ ତା ୧ ରଖଠାରୁ ସଂସ୍ଥାପିତ ହେବ ଓ ତାହା ଜମିଦାରମାନେ ଦୁଇକିସ୍ତିରେ ଅର୍ଥାତ୍ ପ୍ରଥମକିସ୍ତି ଜାନୁଆରି ମାସ ତା ୮ ରଖରେ ଓ ଦ୍ୱିତୀୟ କିସ୍ତି ଅପ୍ରେଲ ମାସ ତା ୨୮ ରଖରେ ସରକାରରେ ଦାଖଲ କରିବେ ଓ ସିକିମିଦାରମାନେ ସେମାନଙ୍କର ଦେୟ ପଥକର ଦୁଇକିସ୍ତିରେ ଅର୍ଥାତ୍ ପ୍ରଥମକିସ୍ତି ଅକ୍ଟୁବର ମାସ ତା ୧ ରଖରେ ଓ ଦ୍ୱିତୀୟ କିସ୍ତି ଅପ୍ରେଲମାସ ତା ୧ ରଖରେ ଜମିଦାରମାନଙ୍କୁ ଅଦାୟ କରିବେ । ପଥକର ସନ ଅକ୍ଟୁବର ମାସ ତା ୧ ରଖରୁ ସେପ୍ଟେମ୍ବର ମାସ ତା ୩୦ ରଖ ପର୍ଯ୍ୟନ୍ତ ଅଟଇ ଓ ପ୍ରଥମକିସ୍ତି । ଉ । ଅକ୍ଟୁବର ମାସ ଲଗାଏତ୍ ମାର୍ଚ୍ଚ ଓ ଦ୍ୱିତୀୟ କିସ୍ତି । ଉ । ଅପ୍ରେଲ ଲଗାଏତ୍ ସେପ୍ଟେମ୍ବର ଅଟେ

ପଥକର ଆଇନର ଧା ୨୭ ର ମତେ ପ୍ରକାଶ କରାଯାଉଅଛି ଯେ କଟକଜିଲ୍ଲାର ପଥକର କମିଟୀ ଆଇନଲିଖିତ ଅଧିକ ଉଚିତରର ଅର୍ଦ୍ଧେକ ଦର ଆଗାମୀ ପଥକର କର୍ତ୍ତବ୍ୟକାଶେ ଧାର୍ଯ୍ୟ କରିଅଛନ୍ତି ଅର୍ଥାତ୍

୧ ଭୂମିର ବାର୍ଷିକ ମୂଲ୍ୟ ଅର୍ଥାତ୍ ଉତ୍ପନ୍ନ ଜମା ଉପରେ ଓ ଆଉ ଖାଇ ଇତ୍ୟାଦିର ଲାଭ ଉପରେ ପ୍ରତିଟଙ୍କାରେ ଏକପଇସା

୨ କୃଷିକାରମାନଙ୍କର ଘର ଓ ଦୋକାନ ପ୍ରଭୃତି ଅନ୍ୟ ଲୋକଙ୍କ ଘର ଓ ଦୋକାନ ଉପରେ ପଥକରର ଦର କମିଶନରଙ୍କ ବିଜ୍ଞାପନପ୍ରାପ୍ୟ ।

ପ୍ରକାଶ ଥାଉ ଯେ ପଥକର ପ୍ରତିଟଙ୍କାରେ ଏକପଇସା ଲେଖାଏ ଯେ ସ୍ଥିର ହୋଇଅଛି ତହିଁମଧ୍ୟରୁ ରଇଯତ ତାହାର ଦେୟ ଖଜଣା ଉପରେ ପ୍ରତିଟଙ୍କାରେ ଅଧଲାଏ ଲେଖାଏ ଜମିଦାରଙ୍କୁ ଦେବ ଓ ବାକି ଅଧଲାଏ ଜମିଦାର ଆପଣା ହାତର ମୁନାଫା ଉପରେ ଦେବ କେବଳ ତାଗିରଦାର ଓ ଲାଖରାଜ ସିକିମିଦାରମାନେ ପୂର୍ଣ୍ଣ ଏକପଇସା ଲେଖାଏ ଦେବେ ଯେଉଁ ସିକିମିଦାରଙ୍କର ଉତ୍ପନ୍ନ ଜମା ହକୁଲ୍ଲ ସ୍ଥିର ହୋଇ ନୋଟିସ ଜାରି ହୋଇ-ଅଛି ସେମାନେ ଏହିପ୍ରକାରରେ କର ହିସାବ କରି ଦେବେ ଯେ ଉତ୍ପନ୍ନ ଜମା ଉପରେ ପ୍ରତିଟଙ୍କାରେ ପଇସାଏ ଲେଖାଏ ଯେତେ ହେବ ତହିଁମଧ୍ୟରୁ ଜମିଦାରଙ୍କୁ ଦେବା ଖଜଣା ଉପରେ ପ୍ରତିଟଙ୍କାରେ ଅଧଲା ଲେଖାଏ ବାଦ ଦେଇ ବାକି ଯାହା ହେବ ତାହା ଜମିଦାରଙ୍କୁ ଦେବେ ଯଥା—

ଏକ ସିକିମିର ଧାର୍ଯ୍ୟ ହୋଇଥିବା ଉତ୍ପନ୍ନ ଜମା ୫ ୮୦ ୧
ତହିଁର ଖଜଣା ୫ ୪୦ ୧

ଏସ୍ଥଳେ ୮୦ ପଇସାରୁ ୪୦ ଅଧଲା ଅର୍ଥାତ୍ ୨୦ ପଇସା ବାଦ ଯାଇ ବାକି ୬୦ ପଇସା ( ୫୦୷୯ ) ଜମିଦାରଙ୍କୁ ଦିଆଯିବ ଏ ସିକିମି ଲାଖରାଜ ହୋଇଥିଲେ ୮୦ ପଇସା ଅର୍ଥାତ୍ ୫ ୧ । ଜମିଦାରଙ୍କୁ ଦିଆଯାନ୍ତା । ସିକିମିଦାରମାନେ ରଇଯତଠାରୁ ପ୍ରତିଟଙ୍କାରେ ଅଧଲାଏ ଲେଖାଏ ଉସୁଲ କରିବେ ଓ ବାକି ଆପଣା ମୁନାଫାରୁ ଦେବେ ଯଥା—

ଉପରଲିଖିତ ସିକିମିସ୍ଥଳେ ରଇଯତଠାରୁ ଉସୁଲ ହେବ ୮୦ ଅଧଲା ୬ ପ ୪୦ ଛଣ
ସିକିମିଦାରମୁନାଫାରୁ ୬ ୪୦ ଟଙ୍କା ୬ ୪୦ ଅଧଲା ୬ ପ ୧୬ ଛଣ

ପ ୬୦ ଇତ୍ୟାଦି ୫୦୷୯

ଏହି ହିସାବ ଅନୁସାରେ ଜମୀଦାର ରଇଯତଠାରୁ କର ଆଦାୟ କରି ସରକାରଙ୍କୁ ଦେବେ ।

ଯେଉଁ ସିକିମିର ଖଜଣା ୫ ୧ ଟଙ୍କାରୁ ଉଣା ଥିବାରୁ ତହିଁର ଜମାବନ୍ଦି ହକୁଲ୍ଲ ହୋଇ ନାହିଁ ସେ ସିକିମିଦାରମାନେ ଖଜଣା ଉପରେ କେବଳ ଅଧଲାଏ ଲେଖାଏ ଦେବେ । ବନ୍ଦୋବସ୍ତରେ ବାହାଲ ହୋଇଥିବା ଲାଖରାଜ ଜମିର ମାଲିକମାନେ ଜମିଦାରଙ୍କୁ କର ନ ଦେଇ ସେହି ଏକ ପଇସା ଦରରେ କର ସରକାରରେ ଦାଖଲ କରିବେ ଓ ସେମାନେ ରଇଯତ ଲଗାଇଥିଲେ ରଇଯତଙ୍କଠାରୁ ଟଙ୍କାରେ ଅଧଲାଏ ଲେଖାଏ ଉସୁଲ କରିବେ ବାକି ଆପଣା ନିକରୁ ଦେବେ । ବାହାଲ ଲାଖରାଜଦାର ଓ ଜମିଦାରମାନେ ଯେତେ କର ସରକାରରେ ଦାଖଲ କରିବେ ତହିଁର ପୃଥକ ନୋଟିସ ସେମାନଙ୍କଠାରୁ ପଠାଯାଇଅଛି ।

ଘର ଓ ଦୋକାନ ଉପରେ ଯେ ପଥକର ଧାର୍ଯ୍ୟ ହୋଇଅଛି ତାହା ଦୁଇକିସ୍ତିରେ ଅର୍ଥାତ୍ ପ୍ରଥମକିସ୍ତି ଅପ୍ରେଲମାସ ତା ୧ ରଖରେ ଓ ଦ୍ୱିତୀୟକିସ୍ତି ଜୁଲାଇମାସ ତା ୧ ରଖରେ ଆଦାୟ କରିବାକୁ ହେବ ଯେଉଁ ଘର ଓ ଦୋକାନ ଉପରେ କର ଧାର୍ଯ୍ୟ ହୋଇଅଛି ତହିଁର ତାଲିକା କାନୁନଗୋଇମାନଙ୍କ ଠାରୁ ପଠାଯାଉଅଛି ଯେ ସେମାନେ ସେ ନୋଟିସ ପ୍ରକାଶ୍ୟ ସ୍ଥାନରେ ସର୍ବସାଧାରଣଙ୍କ ଗୋଚରାର୍ଥେ ଟାଙ୍ଗି ଦେବେ ।

ତା ୨୦ ଖଣ୍ଡ ମାହେ ଅଗସ୍ତ ସନ ୧୮୭୩ ଲିଖିତ ।

J. F. Stevens.
ଏକ୍‌ଟିଂ କଲେକ୍ଟର ଜିଲ୍ଲା କଟକ ।

☞ ମୂଲ୍ୟପତ୍ର ଦେଖ

Digitized by srujanika@gmail.com

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

୮ ଭାଗ
୩୫ ସଂଖ୍ୟା
ତା ୩୦ ରିଖ ଅଗଷ୍ଟ ସନ ୧୮୭୩ ମସିହା । ମୂ । ଶ୍ରାବଣ ୨୯ ଦିନ ସନ ୧୨୮୦ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ୪॥
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୫୦
ମଫସଲ ଥାଇ ଡାକମାସୁଲ ୪॥୵

ଦେଶୀୟ ସିବିଲ ସରବିସରେ ଭରତି ହେ-
ାର୍ଥାଇ ଯେଉଁମାନେ ମାନସ କରନ୍ତି ତାହାଙ୍କୁ
ଯସମସ୍ତ ନିୟମ ପ୍ରତିପାଳନ କରିବାକୁ ହେବ
ର୍ଷୟର ଶ୍ରୀ୍ୟ ଗବର୍ଣ୍ଣମେଣ୍ଟ ସରକ୍ୟୁଲାର
ୟୁକ୍ତ କମିଶ୍ନରଙ୍କ ଠାରୁ ପ୍ରାପ୍ତ ହୋଇଥିବାରୁ
ହିଁର ଅନୁବାଦ ଅନ୍ତରରୁ ପତ୍ରିକାରେ ପ୍ରକାଶ
ଲୁଁ ଯେଉଁମାନେ ଉକ୍ତ କର୍ମର ପ୍ରାର୍ଥୀ ଅଛନ୍ତି
ମାନେ ଉକ୍ତ ନିୟମମାନ ପ୍ରତିପାଳନ କରି-
ବ ଓ ଯାହାଙ୍କର ଇଙ୍ଗରାଜୀ ସର୍କ୍ୟୁଲାର
ଖିବାହେବ ସେମାନେ କମିଶ୍ନରସାହେବଙ୍କ
ାରେ ପ୍ରାର୍ଥନା କଲେ ପ୍ରାପ୍ତ ହୋଇପାରିବେ ।

---

ବଙ୍ଗଦେଶର ସର୍ବସ୍ଥଳରେ ଗତସପ୍ତାହରେ ବୃଷ୍ଟି
ାଇଥିବାର ସମ୍ବାଦପତ୍ରମାନଙ୍କରୁ ଜଣାଯାଏ
ଙ୍ଗାରେ ମଧ୍ୟ ବୃଷ୍ଟି ହୋଇଅଛି । ରଷିପୂର୍ତ୍ତି-
ଉତାରୁ ପ୍ରାୟ ୨ ୮ । ୯ ଇ ବୃଷ୍ଟି ହୋଇ
ାଇଥିଲା । ଏଥିମଧ୍ୟରେ ମୋଫସଲରେ
ଦା ୬ ଇଞ୍ଚରୁ ବୃଷ୍ଟି ହୋଇଥିଲା ବସ୍ତୁ ଗତ
ହବାରଠାରୁ ପ୍ରାୟ ପ୍ରତିଦିନ ବୃଷ୍ଟି ହେଉ-
ଛି । ଏହାଦ୍ୱାରା ବଅଳୀର ଉପକାର ହେଲା
ଲୁ ସାରଧ ସମ୍ପରେ ଅବଶ୍ୟ ପ୍ରଚୁର ବୃଷ୍ଟି
ାଇନାହିଁ । ଯେରୂପ ଉଠାଣ ନେଉଅଛି
ହିଁରେ ବଳି ବୃଦ୍ଧି ହେବାର ଲକ୍ଷଣ ସମ୍ଭା-
ନା ବରୁ ଯେବେ ବିଶେଷ ବଡ଼ି ନ ହୁଅଇ
ତେବେ ବଅଳୀଫସଲ ସୁନ୍ଦରରୂପେ ହସ୍ତଗତ
ବ ସମସ୍ତେ ଏହିରୂପ ଅନୁମାନ କରୁଅଛନ୍ତି ।

---

ଶ୍ରୀଯୁକ୍ତ ବମ୍ସ୍ ସାହେବ ଏମନ୍ତ ଶୁଭଯୋଗରେ କଟକକୁ ଅସିଅଛନ୍ତି ଯେ ଏଥିଠାରେ ତାହାଙ୍କର ଇଚ୍ଛା ହେବ ଅର ବାଲେଶ୍ୱରକୁ ଫେରିବେ ନାହିଁ । ଅମ୍ଭେମାନେ ଅବଗତ ହେଲୁଁ ଯେ ଗବର୍ଣ୍ଣମେଣ୍ଟ ଏହାଙ୍କୁ କଟକର କଲେକ୍ଟର ନିଯୁକ୍ତ କରିଅଛନ୍ତି କେବଳ ଗ୍ରବନସା ସାହେବଙ୍କ ପ୍ରତ୍ୟାଗମନ ପର୍ଯ୍ୟନ୍ତ ଏକଟିଂ କମିଶ୍ନର ହୋଇଥିବେ ଓ ଏତେତେବାଳ ଶ୍ରୀଯୁକ୍ତ ହ୍ଲିବନ୍ସ୍ ସାହେବ ବର୍ତ୍ତମାନପ୍ରାୟ ଏକଟିଂ କଲେକ୍ଟର ରହିବେ । ବର୍ତ୍ତମାନ ମଧ୍ୟ କଲେକ୍ଟରର ପ୍ରଧାନ କର୍ମମାନ ପ୍ରାୟ ଶ୍ରୀଯୁକ୍ତ ବମ୍ସ୍ ସାହେବ କରୁଅଛନ୍ତି ଅତଏବ କାର୍ଯ୍ୟତଃ ସେ କଲେକ୍ଟର ହେଲେଣି । ଦୂର ମହକୁମାର କର୍ମ ଅତି ସହଜ ଓ ଉତ୍ତମରୂପେ ନିର୍ବାହ କରିବାର ଦେଖି ଲୋକେ ଏହାଙ୍କର ବୁଦ୍ଧି ଓ କାର୍ଯ୍ୟଦକ୍ଷତାର ପ୍ରଶଂସା କରୁଅଛନ୍ତି । ବାସ୍ତବରେ ଏ ମହାଶୟ କର୍ମ ନିର୍ବାହ କରିବାକୁ ସକ୍ଷମ ଅଟନ୍ତି ।

---

ବାଲେଶ୍ୱର ସମ୍ବାଦବାହିକା ଶୁଣିଅଛନ୍ତି ଯେ ଉକ୍ତ ସ୍ଥାନର ଇଂଗ୍ଲିସ୍ ସ୍କୁଲର ହେଡମାଷ୍ଟର ପଦ ନିମନ୍ତେ ଜଣେ ପାତ୍ରୀ ମନୋନୀତ ହୋଇଅଛନ୍ତି ଓ ଲେଖକ ତାହାଁର ପ୍ରତିବାଦ କରି କର୍ତ୍ତୃପକ୍ଷକୁ ବାବୁ ଉମାପ୍ରସାଦ ଦେଙ୍କୁ ଉକ୍ତ ପଦରେ ନିଯୁକ୍ତ କରିବାକୁ ଅନୁରୋଧ କରିଅଛନ୍ତି । ଅମ୍ଭେମାନେ ଏଥିରେ ସମ୍ପୂର୍ଣ୍ଣରୂପେ ଐକ୍ୟ ଅଛୁଁ ପାତ୍ରୀଙ୍କୁ ଏପରି କର୍ମରେ ନିଯୁକ୍ତ କରିବା ଯୁକ୍ତିଯୁକ୍ତ ନୁହଇ ଏକଥା ଗବର୍ଣ୍ଣମେଣ୍ଟ ପୁନଃପୁନଃ ସ୍ୱୀକାର କରିଥିବା ପ୍ରତ୍ୟକ୍ଷେ ଗବର୍ଣ୍ଣମେଣ୍ଟ କର୍ମଚାରୀମାନେ ତାହାଁର ବିପରୀତାଚରଣ କରିବାକୁ କେମନ୍ତ କରି ସାହସ କରନ୍ତି ଅମ୍ଭେମାନେ କିଛି ବୁଝି ପାରୁ ନାହୁଁ । ସେମାନେ କି ଗବର୍ଣ୍ଣମେଣ୍ଟଙ୍କ ନିୟମକର୍ତ୍ତାଙ୍କଠାରୁ ଆପଣାକୁ ଅଧିକ ବୁଦ୍ଧିମାନ୍ ଜ୍ଞାନ କରନ୍ତି ନା ଆପଣାଲୋକକୁ ପାଳିବାପାଇଁ ନିଷେଧ କଥା ଜାଣି ଅଜଣା ହୁଅନ୍ତି? ଉମାପ୍ରସାଦ ବାବୁଙ୍କୁ ଯେବେ କୌଣସି କାରଣରୁ ଉକ୍ତ ପଦ ଦେବାର ଅବିହିତ ହୁଅଇ ତେବେ ଅନ୍ୟ ଉପଯୁକ୍ତ ଲୋକ ଖୋଜି ଅଣନ୍ତୁ ନିୟମ ବିରୁଦ୍ଧ କାର୍ଯ୍ୟ କରିବାର ପ୍ରୟୋଜନ କିଛି ଦେଖାଯାଉ ନାହିଁ । ଫଲତଃ ଉମାପ୍ରସାଦ ବାବୁ ଯେସ୍ଥଳେ ବାଲେଶ୍ୱରବାସିଙ୍କର ମନୋନୀତ ହୋଇଅଛନ୍ତି ଏବଂ ତାହାଙ୍କଦ୍ୱାରା ଶିକ୍ଷାକାର୍ଯ୍ୟ ଉତ୍ତମରୂପେ ନିର୍ବାହ ହେବାର ବୋଲାଯାଏ ତେବେ ତାହାଙ୍କୁ ନ ଦେବାର ହେତୁ କିଛିମାତ୍ର ଦେଖାଯାଉ ନାହିଁ ବିଶେଷରେ ସେଠାର ଶିକ୍ଷାକମିଟୀ ଏହାଙ୍କୁ ନିଯୁକ୍ତ କରିବାର ପ୍ରସ୍ତାବ କରିଥିଲେ ଓ ସେ କମିଟୀର ସଭାପତି ଶ୍ରୀଯୁକ୍ତ ବମ୍ସ୍ ସାହେବ ଥିଲେ । ଏପ୍ରକାର ସଭା ଯାହାକୁ କର୍ମକ୍ଷମ ଜ୍ଞାନ କଲେ ସେ ଯେ କାହିଁକି କର୍ମ ନ ପାଇବ ଏଥିର ଯୁକ୍ତି ଅମ୍ଭମାନଙ୍କର ବୁଦ୍ଧିର ଅତୀତ ଅଟଇ ।

---

ଗଞ୍ଜାମପ୍ରଦେଶରୁ ' କୌଣସି ଉତ୍କଳ ଦେଶହିତୈଷୀ ' ଇତି ସ୍ୱାକ୍ଷରରେ ଜଣେ ପତ୍ରପ୍ରେରକ

Split by PDF Splitter
Digitized by srujanika@gmail.com

Split by PDF Splitter



ଲେଖିଅଛନ୍ତି କି ସେ ଅଞ୍ଚଳର ଓଡ଼ିଆ ଜମିଦାରମାନେ ଜମା ବ୍ରାହ୍ମଣମାନଙ୍କୁ ଅପଣା କର୍ମଚାରୀ ସ୍ୱରୂପ ନିଯୁକ୍ତ କରିବାରୁ ତାହାଙ୍କଦ୍ୱାରା ରଜା ଓ ପ୍ରଜା ଉଭୟଙ୍କର କଷ୍ଟ ଓ କ୍ଷତି ହେଉଅଛି । ସେ ପ୍ରଶ୍ନ କରନ୍ତି କି ଜମିଦାରମାନେ କାହିଁକି ତେଲଙ୍ଗାମାନଙ୍କୁ ସେହିପରି ବିଷୟରେ କ୍ଷମତାର୍ପଣ କରୁଅଛନ୍ତି ଓଡ଼ିଆମାନଙ୍କ ମଧ୍ୟରେ କିମ୍ବା ଉତ୍କଳର ସମୁଦାୟ ପ୍ରଦେଶରେ କେହି ନାହାନ୍ତି କି? ଦକ୍ଷିଣର ରଜାମାନଙ୍କୁ ଆମ୍ଭେମାନେ ଅନୁରୋଧ କରୁଁ ଯେ ପତ୍ରପ୍ରେରକଙ୍କ ଯୁକ୍ତିକି ମନୋଯୋଗ ପୂର୍ବକ ଅଲୋଚନା କରିବେ । ଗଞ୍ଜାମଠାରେ ହିଂସା କରି ଓଡ଼ିଶାର ଏତାଦୃଶ ଅମଙ୍ଗଳ ହୋଇଅଛି ଓ ଏଣିକି ମଧ୍ୟ ଇହାର ପରିବର୍ତ୍ତନ ହୋଇ ନାହିଁ । ଯେବେ ଉତ୍କଳୀୟମାନେ ସ୍ୱଦେଶୀୟ ଲୋକଙ୍କୁ ଛାଡ଼ି ବିଦେଶୀୟ ଲୋକଙ୍କୁ ଲୋଡ଼ିବେ ତେବେ ତାହାଙ୍କଦ୍ୱାରା ସ୍ୱଦେଶର ଉନ୍ନତି ହେବାର ତେଣିକି ଥାଉ ବରଂ ଓଡ଼ିଆଙ୍କର ଦୁର୍ଗତିର ସୀମା ରହିବ ନାହିଁ । ତେବେ ଜମିଦାରମାନେ ଏମନ୍ତ କହିପାରନ୍ତି ଯେ ଓଡ଼ିଆମାନେ ତେତେ ଉପଯୁକ୍ତ ହେଉ ନାହାନ୍ତି ବୋଲି ସେମାନେ ବିଦେଶୀୟଙ୍କର ସାହାଯ୍ୟ ନେଉଅଛନ୍ତି । ମାତ୍ର ତାହାଙ୍କୁ ବିବେଚନା କରିବାର ଉଚିତ ଯେ ଏଥିରେ ସୁଦ୍ଧା ସେମାନେ ଦୋଷୀ ଅଟନ୍ତି । ଅପଣା ପୁତ୍ର କି ଭାଇଙ୍କି ତ୍ୟାଗ କରି କିଏ ପରକୁ ଅଧିକାରୀ କରିବାକୁ ଖୋଜି ଯାଏ ? ସେମାନେ ଯେମନ୍ତ ଧନଶାଳୀ ଅଛନ୍ତି ଯେବେ ଚେଷ୍ଟା କରିବେ "ଓଡ଼ିଆମାନେ ଅବଶ୍ୟ ଶିକ୍ଷାପାଇ କାର୍ଯ୍ୟକ୍ଷମ ହେବେ । ଯେବେ ତାହା ନ କରିବେ ତେବେ ତାହାଙ୍କଠାରୁ ଯେଉଁମାନେ ଅଧିକ କାର୍ଯ୍ୟକ୍ଷମ ତାହାଙ୍କୁ ରାଜ୍ୟ ଛାଡ଼ି ଦେଇ ଅଲଗା ହୋଇ ବସନ୍ତୁ ତେବେ ତାହାଙ୍କର ଅପକ୍ଷପାତିତାର ଯଥାର୍ଥ ପରିଚୟ ପ୍ରାପ୍ତ ହେବ ।

---

## ନର୍ମ୍ମାଲସ୍କୁଲ ।

ଗତ ମାସ ତା ୩୧ ରଖରେ ମାନ୍ୟବର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସାହେବ ପାଠଶାଳାର ଶିକ୍ଷକ ପ୍ରସ୍ତୁତି ନିମନ୍ତେ ନର୍ମ୍ମାଲସ୍କୁଲ ସ୍ଥାପନ ବିଷୟରେ ଏକ ରିଜୋଲ୍ୟୁସନ କଲିକତା ଗେଜେଟରେ ପ୍ରକାଶ କରିଅଛନ୍ତି । ଇହିଁରୁ ଜଣାଯାଏ ଯେ ବର୍ତ୍ତମାନ ଯେ ସମସ୍ତ ନର୍ମ୍ମାଲସ୍କୁଲ ଅଛି ଓ ଯେ ନିୟମରେ ସେ ସବୁର କାର୍ଯ୍ୟ ନିର୍ବାହ ହେଉଅଛି ଇହିଁର ଅନେକ ପରିବର୍ତ୍ତନ ହେବ ବର୍ତ୍ତମାନ ବଙ୍ଗପ୍ରଦେଶରେ ବଡ଼ଗୋଟା ଅଧିକ ବ୍ୟୟର ଏବଂ ଗୋ ୨୩ ଟା ଅଳ୍ପ ବ୍ୟୟର ମୋଟ ଗୋ ୨୬ ଟା ନର୍ମ୍ମାଲସ୍କୁଲ ଅଛି । ସଂପ୍ରତି ଇହିଁ ପରିବର୍ତ୍ତରେ ଗୋ ୧୦ ଟା ପ୍ରଥମ ଶ୍ରେଣୀ, ଗୋ ୨୧ ଟା ଦ୍ୱିତୀୟ ଶ୍ରେଣୀ ଏବଂ ଗୋ ୧୪ ଟା ତୃତୀୟ ଶ୍ରେଣୀ ମୋଟ ଗୋ ୪୫ ଟା ସ୍କୁଲ ସ୍ଥାପିତ ହେବ ଓ ଅଳ୍ପ କେତୋଟି ସ୍କୁଲକୁ ସାହାଯ୍ୟ ଦିଆଯିବ । ଓଡ଼ିଶା ପ୍ରଦେଶରେ କଟକରେ ଗୋଟିଏ ପ୍ରଥମ ଶ୍ରେଣୀ ଏବଂ ପୁରୀ ଓ ବାଲେଶ୍ୱରରେ ଗୋଟିଏ ଲେଖାଏ ତୃତୀୟ ଶ୍ରେଣୀର ସ୍କୁଲ ବସିବ । ପ୍ରଥମ ଶ୍ରେଣୀର ସ୍କୁଲର ପ୍ରଧାନ ଶିକ୍ଷକଙ୍କ ବେତନ ଟ ୧୦୦ ଠାରୁ ଟ ୩୦୦ ଙ୍କା ପର୍ଯ୍ୟନ୍ତ ହେବ ଏଥିରୁ ବୋଧ ହୁଅଇ ଯେ କଟକ ନର୍ମ୍ମାଲସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ବାବୁ ବର୍ତ୍ତମାନ ଯେ ବେତନ ପାଉଅଛନ୍ତି ତାହାହିଁ ପାଇବେ । ତୃତୀୟ ଶ୍ରେଣୀର ସ୍କୁଲ ପାଇଁ ନିମ୍ନଲିଖିତ ବ୍ୟୟ ମଞ୍ଜୁର ହୋଇଅଛି ଯଥା—

| | |
|---|---|
| ପ୍ରଧାନଶିକ୍ଷକ | ଟ ୩୦ |
| ଦ୍ୱିତୀୟଶିକ୍ଷକ | ଟ ୨୦ |
| ଛାତ୍ରବୃତ୍ତି | ଟ ୮୦ |
| ଅନ୍ୟବ୍ୟୟ | ଟ ୧୫ |
| ମୋଟ | ଟ ୧୪୫ |

ବଙ୍ଗ ପ୍ରଦେଶର ସମସ୍ତ ସ୍କୁଲ ନିମନ୍ତେ ନିମ୍ନଲିଖିତରୂପେ ବାର୍ଷିକ ବ୍ୟୟ ପଡ଼ିବ ଯଥା—

| | | | |
|---|---|---|---|
| ୧ମ ଶ୍ରେଣୀର | ୧୦ଟା | ସ୍କୁଲ | ଟ ୩୯,୪୦୦ |
| ୨ୟ ,, | ୨୧ଟା | ,, | ଟ ୬୦,୪୮୦ |
| ୩ୟ ,, | ୧୪ଟା | ,, | ଟ ୨୭,୨୨୦ |
| ମୋଟ | | | ଟ ୧୨୭,୬୦୦ |

ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ଆଜ୍ଞା କରିଅଛନ୍ତି ଯେ କେବଳ ଦେଶୀୟ ଭାଷାରେ ଏ ବିଦ୍ୟାଳୟମାନଙ୍କରେ ଶିକ୍ଷା ଦିଆଯିବ ଯଥା, ବଙ୍ଗଳାରେ ବଙ୍ଗଳା, ଓଡ଼ିଶାରେ ଓଡ଼ିଆ, ବେହାରରେ ହିନ୍ଦୀ ଏବଂ ଅସାମରେ ଆସାମୀ ଭାଷା ।

ବୃତ୍ତି ବିଷୟରେ ଡାଇରେକ୍ଟର ସାହେବ ପ୍ରସ୍ତାବ କରିଥିଲେ କି ଯେଉଁମାନେ ଶିକ୍ଷକତା କାର୍ଯ୍ୟରେ ନିଯୁକ୍ତ ହୋଇ ନର୍ମ୍ମାଲ ବିଦ୍ୟାଳୟରେ ପାଠ କରିବେ ସେମାନଙ୍କୁ ମାସିକ ଟ ୨ ଙ୍କାର ଅନଧିକ ବୃତ୍ତି ପ୍ରତ୍ୟେକ ସ୍କୁଲର ମ୍ୟାନେଜରଙ୍କ ନିୟମାନୁସାରେ ଦିଆଯିବ ଓ ପ୍ରଥମ ଛଅମାସ ଉତ୍ତାରୁ ଭଲ ପରୀକ୍ଷା ଦେଲେ ଆଉ ଏକଟଙ୍କା ଅଧିକା ପ୍ରତିମାସରେ ଦିଆଯିବ । ଅନନ୍ତ ଛାତ୍ରଙ୍କ ବୃତ୍ତି ଟ ୪ ଙ୍କାରୁ ଅଧିକ ହେବ ନାହିଁ ମାତ୍ର ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସାହେବ ଶିକ୍ଷକଙ୍କ ନିମନ୍ତେ ପ୍ରଥମ ଛଅମାସ ପାଇଁ ଟ ୩ ଙ୍କା ବୃତ୍ତି ନିର୍ଦ୍ଦିଷ୍ଟ କରି ଅନ୍ୟ ସବୁ ପ୍ରସ୍ତାବ ବାହାଲ ରଖିଅଛନ୍ତି । ଡାଇରେକ୍ଟର ସାହେବ ପରୀକ୍ଷାର ପୁସ୍ତକମାନ ଧାର୍ଯ୍ୟ କରିବେ ଓ ଛମାସ ଅନ୍ତରରେ ପରୀକ୍ଷା ହୋଇ ଇହିଁରେ ଉତ୍ତୀର୍ଣ୍ଣ ହେଉଥିବା ଛାତ୍ରମାନେ ଯୋଗ୍ୟତାପତ୍ର ପାଇବେ ।

ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କର ଏମନ୍ତ ମାନସ କି ଯେଉଁମାନେ ଉଚ୍ଚଶ୍ରେଣୀର ଯୋଗ୍ୟତାପତ୍ର ପାଇବେ ସେମାନେ ଯେଉଁ ପାଠଶାଳାର ଶିକ୍ଷକ ହେବେ ଇହିଁ ନିମନ୍ତେ ଗବର୍ଣ୍ଣମେଣ୍ଟ ଦାନର ପରିମାଣ କିଛି ବୃଦ୍ଧି କରିବା ପାଇଁ କିମ୍ବକଳ୍ପୀ ବନ୍ଦୋବସ୍ତ କରିବେ ।

---

## ଅବୈତନିକ ମାଜିଷ୍ଟ୍ରେଟ ।

ପାଠକମାନେ ଜାଣନ୍ତି ଯେ କେତେକ ବର୍ଷ ହେବ ଗବର୍ଣ୍ଣମେଣ୍ଟ ପ୍ରତ୍ୟେକ ଜିଲାରେ କେତେଗୁଡ଼ିଏ ଉପଯୁକ୍ତ ଭଦ୍ରଲୋକ ବାଛି ତାହାଙ୍କୁ ଅବୈତନିକ ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ କରିଥିଲେ । ଏରୂପ କରିବାରେ ପ୍ରଜାମାନଙ୍କର ସୁବିଧା ଥିଲା ଏବଂ ଯେଉଁମାନେ ନିଯୁକ୍ତ ହୋଇଥିଲେ ସେମାନେ କେବଳ ଶାସନ କାର୍ଯ୍ୟରେ ସାହାଯ୍ୟ କରିଥିଲେ ଏମନ୍ତ ନୁହଇ ଗବର୍ଣ୍ଣମେଣ୍ଟ ତାହାଙ୍କ ମର୍ଯ୍ୟାଦା ବଢ଼ାଇବାରେ ସେମାନେ ଇହିଁର ଉପଯୁକ୍ତ ହେବାପାଇଁ ସମ୍ୟକ୍‌ରୂପେ ଚେଷ୍ଟା କରିବାଦ୍ୱାରା ଅପଣାର ଉନ୍ନତି ସାଧନ କରିଥିଲେ ଏବଂ ଅପରଲୋକ ତାହାଙ୍କ ମର୍ଯ୍ୟାଦା ଦେଖି ଅପେ ତାହା ଲାଭ କରିବା ଆଶାରେ ଉନ୍ନତି ମାର୍ଗକୁ ଅବଲମ୍ବନ କରୁଥିଲେ । ଏ ନିୟମଟି ଆମ୍ଭମାନଙ୍କର ବର୍ତ୍ତମାନ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କୁ ସନ୍ତୋଷଜନକ ବୋଧ ହେଲା ନାହିଁ । ସେ ଦେଖିଲେ ଯେ ଏଥିରେ ଅଳ୍ପକେ ଲୋକଙ୍କର ମର୍ଯ୍ୟାଦା ବଢ଼ାଇବା ହେଲା ଏବଂ କେବଳ ଉଚ୍ଚଶ୍ରେଣୀରେ ଏହା ଅବଦ୍ଧ ରହିବାରୁ ସର୍ବସାଧାରଣଙ୍କର ମଙ୍ଗଳକର ହେଉ ନାହିଁ । ବିଶେଷରେ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କ ମନରେ ଏହା ମଧ୍ୟ ଉଦୟ ହୋଇଥିବ ଯେ ଉଚ୍ଚଶ୍ରେଣୀର ଲୋକ ମୋଫସଲରେ ପ୍ରାୟ ସମସ୍ତେ ଜମିଦାର ଓ ଏମାନଙ୍କ ମଧ୍ୟରେ ଅଧିକାଂଶ ପ୍ରଜାପୀଡ଼କ ଏହାଙ୍କୁ କ୍ଷମତା ଦେବାରେ ପ୍ରଜାଙ୍କର ଅନୁଗ

Digitized by srujanika@gmail.com

Split by PDF Splitter



ମଙ୍ଗଳ ହେବାର ସମ୍ଭାବନା ନାହିଁ । ମାନ୍ୟବର କାମ୍ପବେଲସାହେବଙ୍କ ଶାସନର ଦୋଷ ବିସ୍ତର ସନ୍ଦେହ ନାହିଁ କିନ୍ତୁ ସେ ଯେ ପ୍ରଜାଙ୍କ ହିତ କରିବାକୁ ଐକାନ୍ତ ବ୍ୟଗ୍ର ଏହା ଅବଶ୍ୟ ସ୍ୱୀକାର କରିବାକୁ ହେବ । ତାହାଙ୍କର କଳ୍ପନା ସୁନ୍ଦର ଅନୁତ୍ତମ ସନ୍ଦେହ ନାହିଁ କିନ୍ତୁ ଦେଶ କାଳ ପାତ୍ର ବିବେଚନା ନ କରି ଅତି ଉଚ୍ଛୃଙ୍ଖଳରୂପେ ଲୋକଙ୍କର ଭଲ କରିବାକୁ ପ୍ରବୃତ୍ତ ହେବାରୁ ତାହାଙ୍କର ବିଚକ୍ଷଣ ସଦୋଦ୍ଦେଶମାନ କାର୍ଯ୍ୟରେ ମନ୍ଦ ହୋଇଯାଏ । ଅବୈତନିକ ମାଜିଷ୍ଟ୍ରେଟ ନିଯୁକ୍ତ କରିବାର କଳ୍ପନାଟି ଏହିରୂପେ ନଷ୍ଟ ହୋଇ ଯାଇଅଛି । ଆପଣାର ଉକ୍ତ କଳ୍ପନାନୁସାରେ କାର୍ଯ୍ୟ କରିବାକୁ ପ୍ରବୃତ୍ତ ହୋଇ ସେ ଟିକି ହାକିମମାନଙ୍କୁ ଆଦେଶ ଦେଲେ ଯେ କେବଳ ଉଚ୍ଚଶ୍ରେଣୀର ଲୋକଙ୍କୁ ଏ ପ୍ରକାର କର୍ମରେ ନିଯୁକ୍ତ ନ କରି ମାନ୍ୟବାନ ଫକୀର ଓ ପ୍ରତିନିଧି ପ୍ରଜାଙ୍କୁ ଏ ପଦରେ ନିଯୁକ୍ତ କରିବେ ମାତ୍ର ଏପ୍ରକାର ଲୋକ ସୁପ୍ରାପ୍ୟ କି ନୁହଇ ତାହା ଥରେ ସୁଦ୍ଧା ଚିନ୍ତାକଲେ ନାହିଁ । ଯେ ବ୍ୟକ୍ତି ସଂସାରକୁ ତୁଚ୍ଛ ଜ୍ଞାନକରି ସର୍ବଦା ଭଗବତ୍ ଚିନ୍ତାରେ ମଗ୍ନ ଥାଏ ସେହି ଲୋକ ସିନା ମାନ୍ୟବାନ ଫକୀର ବୋଲାଇବ ମାତ୍ର ସେପରି ଲୋକ କି ତପସ୍ୟା ଛାଡି ଅବୈତନିକରୂପେ ମାଜିଷ୍ଟ୍ରେଟର କର୍ମ କରିବ ? ସେମନ୍ତ ଲୋକ ଜନସମାଜରେ ମିଳିବେ ଅବା କେମନ୍ତେ କାରଣ ସେମାନେ କେବଳ ବନରେ ବସି ତପସ୍ୟା କରନ୍ତି । ଯେବେ ମଠଧାରୀ ମହନ୍ତ ସ୍ୱାମୀ ବୈଷ୍ଣବଙ୍କୁ ମାନ୍ୟବାନ ଫକୀର ବୁଝାଯାଏ ତେବେ ତାହାଙ୍କଦ୍ୱାରା ଗବର୍ଣ୍ଣମେଣ୍ଟଙ୍କର ଆଶା ପୂର୍ଣ୍ଣ ହେବାର ନୁହଇ କାରଣ ଏହାଙ୍କ ମଧ୍ୟରେ ପ୍ରକୃତ ସାଧୁ ଅତି ବିରଳ । ପ୍ରତିନିଧି ପ୍ରଜା ଯେ କାହାକୁ ବୋଲିବ ଏହା ମଧ୍ୟ ବୁଝାଯାଉ ନାହିଁ । ଯାହାର କିଛି ରସ ଅଛି ସେହି ଜଣେ ପ୍ରଜା କିନ୍ତୁ ଗ୍ରାମର ଅନ୍ୟସବୁ ପ୍ରଜାଙ୍କର ପ୍ରତିନିଧି ସ୍ୱରୂପ କୌଣସି ପ୍ରଜା ଥିବାର ଆମ୍ଭମାନଙ୍କୁ ଜଣା ନାହିଁ । ଯେବେ କୌଣସି ଗ୍ରାମରେ କେହି ଏମନ୍ତ ପ୍ରଜା ଥାଏ କି ଯାହାକୁ ଅନ୍ୟ ସମସ୍ତ ପ୍ରଜା ମାନନ୍ତି ଓ ସେ ଯାହା କହଇ ତାହା ମାନନ୍ତି ତେବେ ସେ ଲୋକକୁ ପ୍ରଜା ପ୍ରତିନିଧି ବୋଲାଯାଇ ପାରେ । କିନ୍ତୁ ସେପରି ଲୋକ କାହିଁ ? ସୁତରାଂ ମାନ୍ୟବାନ ଫକୀର ଓ ପ୍ରତିନିଧି ପ୍ରଜା ଅବୈତନିକ ମାଜିଷ୍ଟ୍ରେଟ ପଦର ଉପଯୁକ୍ତ ପାତ୍ର ହେଲେହେଁ ସେପରି ଲୋକ ସଂସାରରେ ଦୁର୍ଲ୍ଲଭ ।

ଏହିପ୍ରକାର ଅସଂଯୋଗ ହେତୁ ଅନେକ ଟିକି ହାକିମମାନେ ଅବୈତନିକ ମାଜିଷ୍ଟ୍ରେଟ ପଦ ପାଇଁ ଲୋକ ସନ୍ଧାନ କରି ନ ପାରିବାରୁ ଗବର୍ଣ୍ଣମେଣ୍ଟଙ୍କୁ ଲେଖିଲେ ଯେ ଏ ଦେଶରେ ଦଳାଦଳି ବିସ୍ତର ଥିବାରୁ ସେମାନେ ସହଜରେ ଲୋକ ନିଯୁକ୍ତ କରି ପାରୁ ନାହାନ୍ତି । ଲେଫ୍ଟେନେଣ୍ଟ ଗବର୍ଣ୍ଣର ଏଥିରୁ ମାନିଲେହେଁ ପୁନର୍ବାର ଏକ ନିର୍ଦ୍ଧାରଣ ପତ୍ରଦ୍ୱାରା କି ଯାହା ଗତମାସ ତା ୨୭ ରିଖର କଲିକତା ଗେଜେଟରେ ପ୍ରକାଶିତ ହୋଇ ଅଛି ଟିକି ହାକିମଙ୍କୁ ପ୍ରତିନିଧି ପ୍ରଜା ଅନୁସନ୍ଧାନ କରି ବାହାର କରିବା କାରଣ ଅନୁରୋଧ କରିଅଛନ୍ତି । ସେ ସ୍ୱୀକାର କରିଅଛନ୍ତି ଯେ ବଙ୍ଗଳାରେ ସୁଦ୍ଧା ସାମ୍ପ୍ରଦାୟିକ ଭାବ ହେତୁରୁ ଅବୈତନିକ ମାଜିଷ୍ଟ୍ରେଟର ନିୟମ ସଫଳ ହୋଇ ନାହିଁ । କିନ୍ତୁ ସେ ବଳବତ୍ତୀ ନିୟମରେ ଏଠାରେ ମାଜିଷ୍ଟ୍ରେଟ ନିଯୁକ୍ତ କରିବାକୁ ମାନସ କରନ୍ତି ଏଠାକାର ମାଜିଷ୍ଟ୍ରେଟ ଏକ ପ୍ରକାର ଉତ୍କୃଷ୍ଟ ପଞ୍ଚାୟତ ହେବେ କି ଯେଉଁମାନେ ସକଳ ଶ୍ରେଣୀର ଲୋକର ପ୍ରତିନିଧିସ୍ୱରୂପ ଜ୍ଞାନ ହେବେ ତାହାଙ୍କର ଏହି ଇଚ୍ଛା । ମାତ୍ର ଆମ୍ଭେମାନେ କହୁ ଯେ ଏ ଆଶା ଦେଶର ବର୍ତ୍ତମାନାବସ୍ଥାରେ ସଫଳ ହେବାର ନାହିଁ ଏକଜାତି ନିୟମ ହେତୁରୁ ସ୍ଥାନ ବିଶେଷର ଲୋକ ମଧ୍ୟରେ ମେଳ ରହଇ ନାହିଁ । ଦ୍ୱିତୀୟତଃ ଜମିଦାର ଜମିଦାର ଓ ପ୍ରଜା ପ୍ରଜା ମଧ୍ୟରେ ନାନା ବିଷୟରେ ମନାନ୍ତର ଦେଖାଯାଏ । ତୃତୀୟତଃ ମର୍ଯ୍ୟାଦା ବିବେଚନାରେ ଏକଶ୍ରେଣୀର ଲୋକ ଅପର ଶ୍ରେଣୀର ଲୋକ ସହିତ ବସିବାକୁ ସମ୍ମତ ହୁଅଇ ନାହିଁ ଏ ସବୁ ଏବଂ ଏହି ପ୍ରକାର ଅନ୍ୟାନ୍ୟ ଆପତ୍ତିମାନ ଯେ ସହଜରେ ଖଣ୍ଡନ ହେବ ଏମନ୍ତ ଅନୁମାନକୁ ଆସୁ ନାହିଁ । ବାସ୍ତବରେ ଦେଖାଯାଉଅଛି ଯେ ଭିନ୍ନ ଶ୍ରେଣୀର ଲୋକଙ୍କୁ ଏକତ୍ରରେ ବସିବାକୁ ହୁଅଇ ବୋଲି କେତେ ଭଦ୍ରଲୋକ ଫୌଜଦାରୀ ଅଦାଲତରେ ଆସେସର ହେବାକୁ ନାନାଦି ଆପତ୍ତିମାନ କରି ଅଛନ୍ତି । କଣ୍ଡୁସାହୁ ଯେତେ ବିଦ୍ୱାନ୍ କି ଧନବାନ ହେଉ ରଙ୍ଗାଧର ମହାପାତ୍ର ତାହାସଙ୍ଗେ ବସିବାକୁ ଅପମାନ ଜ୍ଞାନ କରିବ ଏହିପରି ଲମ୍ବୋଦର ପଟ୍ଟନାୟକ ଧନପତି ଭଗତକୁ ଇତର ଜ୍ଞାନ କରଇ । ଏପ୍ରକାର ଭାବ ଯେତେକାଳ ଲୋକଙ୍କର ରହିଅଛି ତେତେକାଳ ଅବୈତନିକ ମାଜିଷ୍ଟ୍ରେଟଙ୍କ ବେଞ୍ଚ ସ୍ଥାପନ ହେବା ଅସମ୍ଭବ ଅଟଇ । ଏପ୍ରକାର ଭାବ ଧରିବା ଉଚିତ ନୁହଇ ସତ୍ୟ କିନ୍ତୁ ଯେତେକାଳ ବିଦ୍ୟା ଓ ସଭ୍ୟତାର ବିସ୍ତାର ହୋଇ ନାହିଁ ତେତେକାଳ ଏହିପରି କ୍ଷୁଦ୍ରଭାବମାନ ଲୋକଙ୍କ ମନରେ ବଳବତ୍ତର ରହିବ ସୁତରାଂ ଆମ୍ଭମାନଙ୍କ ଲେଫ୍ଟେନେଣ୍ଟ ଗବର୍ଣ୍ଣରଙ୍କ କଳ୍ପନା କାର୍ଯ୍ୟରେ ପରିଣତ ହୋଇ ପାରିବ ନାହିଁ ।

---

## ସାପ୍ତାହିକସମ୍ବାଦ ।

ବାଲେଶ୍ୱର ସମ୍ବାଦବାହିକାରୁ ଅବଗତ ହେଲୁଁ ଯେ ବାଲେଶ୍ୱରର ଏକ୍‌ଟିଂ କଲେକ୍‌ଟର ହର୍ମିନ ସାହେବ ସେଠାରେ ସମସ୍ତଙ୍କର ମନୋନୀତ ହୋଇ ଅଛନ୍ତି । 'ସେ ଅତିଶୟ ଶାନ୍ତ ଓ ଅତ୍ୟନ୍ତ ଭଦ୍ର, ବିରକ୍ତଭାବ କେମନ୍ତ ତାହା ଜାଣନ୍ତି ନାହିଁ ଓ ତାହାଙ୍କର କଷ୍ଟର କାର୍ଯ୍ୟ ଉତ୍ତମ ଅଟଇ' । ସେ ଯେ ପ୍ରକାର ପୁରୀରେ କର୍ମ କରିଥିଲେ ତହିଁର ସମ୍ବାଦ ପାଇ ଆମ୍ଭେମାନେ ଆଗହୁଁ କହିଥିଲୁଁ ଯେ ହର୍ମିନ ସାହେବ ଜଣେ ଉତ୍ତମ କର୍ମଚାରୀ ଅଟନ୍ତି ।

ଉକ୍ତ ପତ୍ରିକାରେ ଦେଖିଲୁଁ ଯେ ଜଣେ ବ୍ରାହ୍ମଣକୁ ବାଘୁଆ ମହୁମାଛି ବଡ ମାରିପକାଇ ଅଛନ୍ତି । ବ୍ରାହ୍ମଣ ଘରନିକଟ ଗୋଟିଏ ଅଶ୍ୱସ୍ଥ ଗଛ ଅଛି ବ୍ରାହ୍ମଣ ସେଠାକୁ ଯିବାରେ ସେମାନେ ଗୋଡାଇ କାମୁଡିଲେ ଓ ସେ ପଳାଇ ଘରେ ପହଞ୍ଚିବା ପର୍ଯ୍ୟନ୍ତ ତାହା ସଙ୍ଗ ଛାଡିଲେ ନାହିଁ ବ୍ରାହ୍ମଣ ଘରେ ପହଞ୍ଚି କେତେକଘଣ୍ଟା ପରେ ମରିଗଲା । ବ୍ରାହ୍ମଣ ମହୁ ଭାଙ୍ଗିବାକୁ ଚେଷ୍ଟା କରିଥିଲା କି ନାହିଁ ପ୍ରକାଶ ନାହିଁ ଯେବେ ଲୋକଙ୍କୁ ମହୁମାଛି ଏପରି ବ୍ୟବହାର କରନ୍ତି ତେବେ ବ୍ୟାଘ୍ର ଭଲ୍ଲୁକଠାରୁ ତାହାଙ୍କୁ ମଧ୍ୟ ଭୟ କରିବାର ଆବଶ୍ୟକ ଓ ଗ୍ରାମ ନିକଟରେ ତାହାଙ୍କୁ ବସା କରିବାକୁ ଦେବାର ନୁହଇ ।

ଅଘୋରବାବୁ ସଦ୍‌ବକ୍ତୃତାଦ୍ୱାରା ଏଠାରେ ଯେମନ୍ତ ଲୋକଙ୍କୁ ମୋହିତ କରିଥିଲେ ବାଲେଶ୍ୱରରେ ମଧ୍ୟ ସେହିପରି କରି ଅଛନ୍ତି ଓ ସମ୍ବାଦବାହିକା ତାହାଙ୍କର ଯେ ପ୍ରଶଂସା କରିଅଛନ୍ତି ତହିଁରେ ସେ ଉଚିତ ସନ୍ଦେହ ନାହିଁ । ଏଥର ବାଲେଶ୍ୱରରେ କେହି ବ୍ରହ୍ମପ୍ରସନ୍ନ ମୂର୍ଚ୍ଛିଯା ଅଛନ୍ତି କି ନାହିଁ ଦେଖାଯିବ ।

ଜମିଦାର ଓ ଇଜାରଦାର ମଧ୍ୟରେ ଯେ ସର୍ତ୍ତ ଅଛି ତହିଁର ଯେଉଁ ଅଂଶ ମେଆଦର ମଧ୍ୟ ମଧ୍ୟରେ ପଡିଅଛି ସେହି ଅଂଶକୁ ରେଭନ୍ୟୁପତ୍ର

Digitized by srujanika@gmail.com

ଯୋଗ୍ୟ କରିବା ପାଇଁ ଉକ୍ତ ରାଜ୍ୟର ମହାରାଣୀ ଟ ୨୫୦୦୦୦୲ ଙ୍କା ଦେବାକୁ ସ୍ୱୀକାର କରିଅଛନ୍ତି ଏଥିରେ ଟ ୩୨୦୦୦୲ ଖର୍ଚ୍ଚ ହେବାର ଷ୍ଟିମେଟ ହୋଇଅଛି ଓ ଅବଶିଷ୍ଟ ଟଙ୍କା ଗବର୍ଣ୍ଣମେଣ୍ଟ ଦେବେ । ଏ ରାଜାମାନେ ଆପଣା ରାଜ୍ୟର ସୌଷ୍ଠବ ସକାଶେ ଏତେଟଙ୍କା ବ୍ୟୟ କରୁଅଛନ୍ତି । ଏଠାର ରାଜାମାନେ ଆପଣାର ଏଲକାକୁ ଯିବା ଆସିବା ପାଇଁ ଗୋଟିଏ ଲେଖାଏ ସାମାନ୍ୟ ସଡକ ସୁଦ୍ଧା କରିବାକୁ ଉଦ୍‌ଯୋଗୀ ହେଉ ନାହାନ୍ତି ।

ରଙ୍ଗପୁର ତଲ୍ଲ କାଲକଞ୍ଜ ମୁକାମରେ ବାହୁଡ଼ା ରଥଯାତ୍ରା ସମୟରେ ଯେଉଁମାନେ ରଥ ତଳେ ମରିପଡ଼ିଲେ ତାହାଙ୍କର ଅଧୀନ ଓ ପ୍ରତିପାଳିତ ବ୍ୟକ୍ତିଙ୍କୁ ଜଗତ ପ୍ରସନ୍ନକୁମାର ଠାକୁରଙ୍କ ଟ୍ରଷ୍ଟିମାନେ ଲେଫ୍‌ଟନେଣ୍ଟ ଗବର୍ଣ୍ଣରଙ୍କ ଅନୁମୋଦନକ୍ରମେ ଛଅଶହଟଙ୍କା ଦାନ କରି ଅଛନ୍ତି ।

ମାନ୍ଦ୍ରାଜ ନଗରର ବାଜା ତଲରେ ଇଂରେଜୀ ମତରେ ଯେ ବ୍ୟକ୍ତି ଟୀକା ଦିଅଇ ତାହାକୁ ଗବର୍ଣ୍ଣମେଣ୍ଟ ଦୁଇଅଣା ଲେଖାଏ ପାରିତୋଷିକ ଦିଅନ୍ତି । ଏ ନିୟମର ଫଳାଫଳ ଜାଣିବା ପାଇଁ ଗବର୍ଣ୍ଣମେଣ୍ଟ ଉକ୍ତ ତଲର କଲେକ୍ଟରଙ୍କଠାରୁ ରିପୋର୍ଟ ପ୍ରାର୍ଥନା କରିଅଛନ୍ତି । ଟୀକା ଦେଲ-ବାରେ କ ଲାଭ ଅଛି ?

ଇଂଲଣ୍ଡର ବ୍ରିଟିସମ୍ୟୁଜିୟମରେ କେବଳ ଏଗାର ଲକ୍ଷ ତିରିଶ ହଜାରଟଙ୍କା ମୂଲ୍ୟର ମୁଦ୍ରା ଓ ବହୁମୂଲ୍ୟର ପ୍ରସ୍ତର ଅଛି ତହିଁ ମଧ୍ୟରେ ସର୍ବାପେକ୍ଷା ମୂଲ୍ୟ ଗ ୨ ଖ୍ରୀ ହୀରାର ଦାମ ଷୋଳହଜାର ଟଙ୍କା ଏବଂ ଅନ୍ୟ ଗ ୨୦ ଖ୍ରୀ ହୀରାର ଦାମ ତିନିଲକ୍ଷଟଙ୍କା ଅଟଇ । ଅନ୍ୟାନ୍ୟ ପଥର ସବୁର ମୂଲ୍ୟ ଏଥିରୁ ଊଣା ଅଟଇ ।

ଇଂଲଣ୍ଡର ପାର୍ଲିମେଣ୍ଟରେ ଭାରତବର୍ଷର ଧନ ବ୍ୟବସ୍ଥା ସମ୍ପର୍କରେ ଯେ ସମସ୍ତ ଦେଶୀୟ ଲୋକଙ୍କୁ ପଠାଇବା ପାଇଁ ଗବର୍ଣ୍ଣମେଣ୍ଟ ମନୋନୀତ କରିଅଛନ୍ତି ତହିଁରେ ଭାରତବର୍ଷର ସମସ୍ତ ସମ୍ବାଦପତ୍ର ପ୍ରାୟ ଅସନ୍ତୋଷ ପ୍ରକାଶ କରିଅଛନ୍ତି । ଗବର୍ଣ୍ଣମେଣ୍ଟ କ ବୁଝି ଏ ଲୋକମାନଙ୍କୁ ମନୋନୀତ କଲେ ବୁଝିବାର କଠିନ ଅଟଇ ।

ଯାଜପୁରର ଜଣେ ସମ୍ବାଦଦାତା ହିନ୍ଦୁପେଟ୍ରିଅଟରୁ ଶ୍ୟାମସୁନ୍ଦର ଦତ୍ତ ବିଷୟରେ ଲେଖି ଅଛନ୍ତି କ ଏ ପୁରୁଷ କର୍ମଚ୍ୟୁତ ଦୁଇବର୍ଷ ତଳେ ଦୁଇଜଣ ସ୍ତ୍ରୀକୁ ଅପମାନ କରିବା ଅପରାଧରେ ଦୋଷୀ ହୋଇଥିଲେ । ଆମ୍ଭେମାନେ ଜାଣୁ ଯେ ଶ୍ୟାମସୁନ୍ଦର ଦତ୍ତ ନିରପରାଧୀ ବୋଲି ଅପିଲରେ ଖଲାସ ପାଇଥିଲେ । ତେବେ ଏପରି କ୍ରମାଗତ ସମ୍ବାଦ କାହିଁକି ପ୍ରେରିତ ହେଲା ଆମ୍ଭେମାନେ ଜାଣୁ ନାହିଁ ।

ବାବୁ କ୍ଷୋଣୀଶ ଚନ୍ଦ୍ର ମିତ୍ରଙ୍କ ମୃତ୍ୟୁ ହେବାରୁ ଭାରତବର୍ଷୀୟ ସଭା ଅତିଶୟ ଶୋକାକୁଳ ହୋଇ ସାଧାରଣରୂପେ ଖେଦ ପ୍ରକାଶ କରିଅଛନ୍ତି । କ୍ଷୋଣୀଶଚନ୍ଦ୍ର ବାବୁ ବାସ୍ତବରେ ଜଣେ ଅତି ଗୁଣବାନ୍ ବ୍ୟକ୍ତିଥିଲେ ।

ପାବନାର ପ୍ରଜାବିଦ୍ରୋହ କ୍ରମେ ଢାକା ଓ ତ୍ରିପୁର ଜିଲ୍ଲାମାନଙ୍କରେ ପ୍ରକାଶ ହେଉଅଛି । ହିନ୍ଦୁପେଟ୍ରିଅଟ ବୋଲନ୍ତି ଯେ ଏହା ସବୁ ଜର୍ଜ କାମ୍ବେଲସାହେବଙ୍କ କାର୍ଯ୍ୟର ଫଳ ଅଟଇ କାରଣ ସେ ଯେଉଁ ପ୍ରଣାଳୀରେ କାର୍ଯ୍ୟ ଚଳାଇ ଅଛନ୍ତି ତହିଁରେ ଶ୍ରେଣୀବିଶେଷ ମଧ୍ୟରେ ପରସ୍ପର ବିବାଦ ଜାତ ହେଉଅଛି ।

କାହାଲଗାଁର ନେଟିବ ଡାକ୍ତର କୈଳାସନାଥ ବସୁ ଚିକିତ୍ସାଳୟର ରୋଗିମାନଙ୍କ ଟଙ୍କା ମାରିବାର ଏବଂ ଠକି ଅଦାୟ କରିବା ପାଇଁ ପୀଡ଼ା ଦେବାରୁ କର୍ମଚ୍ୟୁତ ହୋଇ ଅଛନ୍ତି । ଗବର୍ଣ୍ଣମେଣ୍ଟଙ୍କ ଅଧୀନରେ ସେ ଆଉ କିଛି କର୍ମ ପାଇବେ ନାହିଁ ।

## ପ୍ରେରିତପତ୍ର ।

ମହାଶୟ ! ମନୁଷ୍ୟମାନଙ୍କୁ କୌଣସି ସମୟରେ ଓଲାଉଠା ରୋଗ ହେଲେ ସେମାନେ ଥାନା ଇତ୍ୟାଦିରୁ ଇଂରେଜୀ ଔଷଧର ବୋଲି ଆଣି ପ୍ରାଣରକ୍ଷା ଉପରେ ଶାନ୍ତ ହେଲୁ ତେଣୁରେ କେହି ଅସ୍ଥିର ହୁଅନ୍ତି ନାହିଁ ଏ ସକାଶେ ଆପଣଙ୍କ ନିକଟରେ ପ୍ରକାଶ କରୁଅଛୁଁ କି ଆମ୍ଭେ ଯେଉଁ ସମୟରେ ଯଶୋହର ଜଲରେ ଥିଲୁଁ ସେ ସମୟରେ ଉଲ୍ଲିଖିତ ଔଷଧଦ୍ୱାରା ଅନେକ ଓଲାଉଠା ରୋଗିଙ୍କୁ ଆରୋଗ୍ୟ କରିଅଛୁଁ ଓ ଏ ଔଷଧ ଅନେକ ଉପକାରକ ଅଟେ ଅତଏବ ଆପଣ ସ୍ୱପତ୍ରିକାଦ୍ୱାରା ସର୍ବସାଧାରଣରେ ପ୍ରକାଶ କରିଲେ ଅନେକ ଲୋକ ଭଲ ହେବେ ଏବଂ ମଙ୍ଗଳ ହେବ । ଏ ଔଷଧ ସବୁର [illegible] ବଳିଅ ଓ ଖାଇ କାମନାର ପରୀକ୍ଷିତ ଔଷଧ ଆପଣଙ୍କୁ ଜଣାଉଛୁଁ ।

### ପିଆଇବା ଔଷଧ ।

| | |
|---|---|
| ସ୍ପିରିଟ ଇଲାଇଚି | ତୋ ୧ ଲା |
| ପୋଦିନା ଶୁଖିଲା ପତ୍ର | ତୋ ୧ |
| ଗୋଲମରିଚ | ତୋ ୧ ଲା |
| ଖାଇବା ଲୁଣ | ତୋ ୧ |
| ଲେମ୍ବୁରସ | ସେ ୦ ⁄ |
| ସଫା ଚୂନପାଣି | ସେ ୦ । |
| ଗୁଡ | ସେ ୦ ୳ |

ଏ ସବୁକୁ ଏକତ୍ର କରି ବାନ୍ତି ହେବା ବେଳେ ଘଡ଼ିଘୋଲା ଅନ୍ତରରେ ଦେବାକୁ ହେବ ।

### ଔଷଧ ଗୋଲି ।

| | |
|---|---|
| ଅଫିମ | ମ ୨ ୳ |
| ଫିଟିକିରି | ମ ୫ |
| କର୍ପୂର | ମ ୫ |
| ସୋଆ | ମ ୭ ୳ |

ଏ ସବୁକୁ ଉତ୍ତମରୂପେ ମିଶାଇ ବୋ ୩୨ ଟା ଗୋଲି ତିଆରି କରି ଯେବେ ଯୋଗର ହେବ ତେବେ ବୋ ୨ ଟା ଖାଇବାକୁ ଦେବ ।

### ମାଲିସ କରିବା ଔଷଧ ।

| | |
|---|---|
| ଅଫିମ | ତୋ ୧ ଲା |
| ହିଙ୍ଗୁ | ତୋ ୧ |
| ଶୁଣ୍ଠି | ତୋ ୨ |
| ପିଅଜ ରସ | ସେ ୦ ⁄ |
| ସୋରିଷ ତେଲ | ସେ ୦ ୳ |

ଏସବୁ ଗୋଡ ହାତ ଗୋଳି ହେବା ସମୟରେ ତହିଁରେ ମାଲିସ କରିବ ।

୧୯।୮।୭୫ ଶେଖ ରଜବଅଲି ।
[illegible]
ହେଡ଼ ଡାକ୍ତର ।

## ବିଜ୍ଞାପନ ।

ଶ୍ରୀ ବାବୁ ଜମାଇଁଚରଣବସୁ ପ୍ରଣୀତ ଜମିଦାରିସିରସ୍ତା ପୁସ୍ତକ ସଂଶୋଧିତ ହୋଇ ଦ୍ୱିତୀୟବାର ମୁଦ୍ରିତ ହୋଇଅଛି । ମୂଲ୍ୟ ଟ ୧।୧୦ ଙ୍କା ଏଥିରୁ ମୋଫସଲପାଇଁ ଡାକମାସୁଲ ଲାଗିବ । ପ୍ରାର୍ଥିମାନେ ଆମ୍ଭ ନିକଟରେ ଖରିଦ କରି ପାରିବେ ।

୨୭।୮।୭୫ ଶ୍ରୀ ଗୌରିଶଙ୍କରଗୁପ୍ତ
ସେକ୍ରେଟାରୀ କଟକପ୍ରିଣ୍ଟିଂ କମ୍ପାନୀ ।

## ମୂଲ୍ୟପ୍ରାପ୍ତି ।

ବାବୁ ଗୁରୁପ୍ରସାଦ ନାୟକ ଜୋରଥ ବକେୟା ଟ ୧୦୵
ବାବୁ ଜଗନ୍ନାଥ ସରକାର କଟକ ବକେୟା ଟ ୭୵

☞ ଏହି ଉତ୍କଳଦୀପିକା ସହର କଟକ ଦର୍ଗାବଜାର କଟକପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକଟିତ ହେଲା ।

Digitized by srujanika@gmail.com

# ଅତିରିକ୍ତ

ଉତ୍କଳଦୀପିକା ତା ୩୦ ରଖ ମାହେ ଅଗଷ୍ଟ ସନ ୧୮୭୩ ମସିହା ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ ! ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ପତ୍ରିକାରେ ସ୍ଥାନଦାନ କରି ବାଧିତ କରିବା ହେବେ ।

ଅବଗତ ହେଲୁଁ ଯେ ଯାଜପୁର ଟାଉନକମିଟୀ ଯାଜପୁର ଟାଉନ ବାହାରେ ଥିବା କେତେକ ଗ୍ରାମମାନଙ୍କୁ ଟାଉନ ମଧ୍ୟକୁ ଆଣିବାକୁ ଇଚ୍ଛା କରନ୍ତି । ଏ ଗ୍ରାମମାନଙ୍କ ମଧ୍ୟରୁ ଅନେକ ଗ୍ରାମ ନଦୀ ଓ ବଡ଼ ୨ ନାଳ ପାରରେ ଅଛି । ସେ ଗ୍ରାମମାନଙ୍କୁ ଟାଉନଭୁକ୍ତ କରିବାକୁ ମାନସ କରି ଅନ୍ୟାୟ ବିଚାର କରୁଅଛନ୍ତି କାରଣ କି ସେ ଗ୍ରାମମାନଙ୍କୁ ଯିବା ବାଟରେ ଯେଉଁ ନଦୀ ଓ ନାଳମାନ ପଡ଼େ ତାହା ଉପରେ ଯେ କମିଟୀ ପୋଲ ଇତ୍ୟାଦି ପ୍ରସ୍ତୁତ କରାଇ ଦେଇ ପାରିବେ ଏହା ସମ୍ଭବ ହେଉ ନାହିଁ । ଏସବୁ ପୋଲ ଓ ସଡ଼କ ନିର୍ମ୍ମାଣ କଲେ ଅନେକ ବ୍ୟୟ ହେବ । ଏସମସ୍ତ ଗ୍ରାମବାସିମାନେ ଅଧିକାଂଶ ଅତ୍ୟନ୍ତ ଗରିବ ସେମାନଙ୍କଠାରୁ ଯେ ଟାକ୍ସ ଆଦାୟ କରି କମିଟୀ ଏପରି ବୃହତ୍ ୨ କର୍ମ ସମ୍ପନ୍ନ କରିବେ ଏହା ବୋଧ ହେଉ ନାହିଁ । ଅମ୍ଭେ ସେ ଗ୍ରାମବାସିମାନଙ୍କର ଅବସ୍ଥା ସମ୍ୟକ୍‌ରୂପେ ଜାଣୁ ଓ ସେସମସ୍ତ ସ୍ୱୟଂ ଯାଇ ଦେଖିଅଛୁଁ । ସହରକୁ ଯେବେ ବଡ଼ କରିବାର କମିଟୀଙ୍କର ଅଭିପ୍ରାୟ ଥାଏ ତେବେ ବର୍ତ୍ତମାନ ଯେଉଁ ଗ୍ରାମମାନଙ୍କୁ ସହର ମଧ୍ୟକୁ ଆଣିବାକୁ ମନସ୍ଥ କରନ୍ତି ସେସମସ୍ତ ଗ୍ରାମମାନଙ୍କୁ ଓ ସେ ଗ୍ରାମମାନଙ୍କ ପରେ ନିକଟବର୍ତ୍ତୀ ଅନ୍ୟାନ୍ୟ ଗ୍ରାମମାନଙ୍କୁ ନ ଯେଉଁ ୨ ଗ୍ରାମରେ ବଡ଼ ୨ ଲୋକଙ୍କର ବସତି ଅଛି ସେ ଗ୍ରାମମାନଙ୍କୁ ସହରଭୁକ୍ତ କଲେ ଉତ୍ତମ ହେବ । ଯେଉଁ ଗ୍ରାମମାନଙ୍କୁ ଟାଉନଭୁକ୍ତ କରିବେ ବୋଲି ଅଭିଲାଷ କରନ୍ତି ସେଗ୍ରାମମାନଙ୍କରେ ଏକପଣରୁ ଅଧିକ ଟାକ୍ସ ଦେଇପାରିବେ ଏପରି ଅତି ଅଳ୍ପଲୋକ, ସେମାନଙ୍କ ମଧ୍ୟରେ ଏପରି ଲୋକ ମଧ୍ୟ ଅନେକ ଅଛନ୍ତି କି ଯେଉଁମାନେ ଟାକ୍ସ ଦେବାର ସମ୍ପୂର୍ଣ୍ଣ ଅକ୍ଷମ ଅତଏବ ଅମ୍ଭେ କହୁଅଛୁଁ ଯେ କମିଟୀ ଆୟ ଓ ବ୍ୟୟ ଉପରେ ଦୃଷ୍ଟି ରଖି କାର୍ଯ୍ୟ କରନ୍ତୁ ସଡ଼କ ଓ ପୋଲ ପ୍ରସ୍ତୁତ କରିବାର ବ୍ୟୟ ଯେବେ କମିଟୀର ମେମ୍ବରମାନେ ସ୍ୱହସ୍ତରୁ ଦିଅନ୍ତି ତେବେ ବଡ଼ ସୁଖର ବିଷୟ, ନାହିଁ ଯେବେ ଗରିବ ପ୍ରଜାମାନଙ୍କର ଉଚ୍ଛନ୍ନ କରନ୍ତି ତେବେ ସେମାନଙ୍କର ଦୁଃଖର ସୀମା ରହିବ ନାହିଁ ଟାକ୍ସପାଇଁ ଚୂଅଗର ଭାଟି ନିଲାମ ହେବ । ଅମ୍ଭେ ଶୁଣିଅଛୁଁ ଯେ ଏ ଗ୍ରାମମାନଙ୍କୁ ଟାଉନଭୁକ୍ତ କରିବାର ପ୍ରସ୍ତାବ ଜଣେ ମେମ୍ବର କରିଅଛନ୍ତି ଶୁଣାଯାଏ ସେ ସଭାପତିଙ୍କ ନିକଟରେ ଆପଣାର ସ୍ୱଦେଶ ହିତୈଷିତାର ପରିଚୟ ଦେବାପାଇଁ ଏପରି ପ୍ରସ୍ତାବ କରିଅଛନ୍ତି । ଅତଏବ ଅମ୍ଭେ ଅନୁରୋଧ କରୁଅଛୁଁ ଯେ ସଭାପତିମହାଶୟ ଏପରି ସ୍ୱଦେଶହିତୈଷୀ ସଭ୍ୟଙ୍କ କଥା ନ ଶୁଣି ସ୍ୱୟଂ ସେ ସମସ୍ତ ଗ୍ରାମମାନଙ୍କୁ ଯାଇ ସମସ୍ତ ଅବସ୍ଥା ଦୃଷ୍ଟି କରି କାର୍ଯ୍ୟ କରିଲେ ଉଚିତ ।

କତିପୟ ଯାଜପୁରନିବାସୀ

## ସ୍ୱକୀୟସମ୍ବାଦ ।

ସରକ୍ୟୁଲିଅର ନ ୧୦ ସି, ଏସ ।

ବଙ୍ଗାଲ ଗବର୍ଣ୍ଣମେଣ୍ଟ ଅଫିସର ସେକ୍ରେଟେରିଙ୍କଠାରୁ ... ପ୍ରତି ।

ଦେଶୀୟ ସିଭିଲସର୍ଭିସରେ ଭରତି ହେବା ପାଇଁ ଯେଉଁ ନିୟମ ହୋଇଅଛି ତହିଁରେ କେତେକ ସନ୍ଦେହ ଜାତ ହେବାର ବୋଧହେବାରୁ ଦେଶୀୟ ସିଭିଲସର୍ଭିସ ପ୍ରାର୍ଥିଙ୍କର ଶିକ୍ଷା ଓ ପରୀକ୍ଷା ସମ୍ପର୍କରେ ପ୍ରଚଳିତ ହୋଇଥିବା ନିୟମାବଳିରୁ ନିମ୍ନଲିଖିତ ବିଷୟମାନ ଖୋଲସା କରି ଲେଖିବାକୁ ଆମ୍ଭଙ୍କୁ ଆଦେଶ ହୋଇଅଛି ତଦନୁସାରେ ଲେଖୁଅଛୁଁ ଯେ—

୬ । ଭରତି ହେବାର ଆବେଦନପତ୍ର ପ୍ରାର୍ଥିମାନେ ପାର୍ଶ୍ୱଲିଖିତ ଜିଲାମାନଙ୍କର ମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଇବେ ଅନ୍ୟ କାହାର ପାଖକୁ ନାହିଁ । (ଓଡ଼ିଶାରେ କେବଲ କଟକ ।) ମାଜିଷ୍ଟ୍ରେଟ ସାହେବ ପ୍ରତ୍ୟେକ ପ୍ରାର୍ଥିଠାରୁ ଆବେଦନ ପତ୍ର ସହିତ ନିମ୍ନଲିଖିତ ସମ୍ବାଦ ଲୋଡ଼ିବେ । ଯଥା—

୧—ପ୍ରାର୍ଥିର ଉମର, ମର୍ଯ୍ୟାଦା ଏବଂ ସାଧାରଣ ସୁନୀତିର ଯୋଗ୍ୟତାପତ୍ର କି ତାହା ପ୍ରାର୍ଥୀ ଯେଉଁ ଜିଲାରେ ଜନ୍ମ ହୋଇଅଛି ଅଥବା ଯେଉଁ ଜିଲାରେ ସର୍ବଦା ରହୁଥାଏ ସେହି ଜିଲାର ବାସିନ୍ଦା ଓ ତାହାର ସ୍ୱଜାତୀୟ ଦୁଇଜଣ ଭଦ୍ରଲୋକଙ୍କ ସ୍ୱାକ୍ଷରିତ ଥିବ ଓ ଉକ୍ତ ଜିଲାର ଜଜ କିମ୍ବା ମାଜିଷ୍ଟ୍ରେଟଙ୍କ ସ୍ୱାକ୍ଷର ମଧ୍ୟ ତହିଁରେ ଥିବ ପ୍ରଥମଲିଖିତ ଦୁଇବ୍ୟକ୍ତିଙ୍କର ଯୋଗ୍ୟତାପତ୍ର ତାହାଙ୍କ ନିଜ ଜ୍ଞାନ ଉପରେ ନିର୍ଭର କରିବାର ଆଶା କରାଯାଏ ଓ ଜଜ କିମ୍ବା ମାଜିଷ୍ଟ୍ରେଟଙ୍କ ଯୋଗ୍ୟତାପତ୍ରରୁ ଏହି କଥା ପ୍ରକାଶ ପାଇବ କି ଯେଉଁ ଦୁଇବ୍ୟକ୍ତି ସ୍ୱାକ୍ଷର କରିଅଛନ୍ତି ସେମାନେ ତାହାଙ୍କ ମର୍ଯ୍ୟାଦା ଓ ଉପଯୁକ୍ତତା ଏପରି ପତ୍ର ଦେବାକୁ ସକ୍ଷମ ଅଟନ୍ତି ଓ ଜଜ କିମ୍ବା ମାଜିଷ୍ଟ୍ରେଟ ସାହେବ ସ୍ୱୟଂ ପ୍ରାର୍ଥିର ବିପକ୍ଷରେ କୌଣସି କଥା ଜାଣନ୍ତି ନାହିଁ । କଲିକତା ସହରରେ ଜଜ କିମ୍ବା ମାଜିଷ୍ଟ୍ରେଟଙ୍କ ସ୍ୱାକ୍ଷର ପରିବର୍ତ୍ତରେ ହାଇକୋର୍ଟର କୌଣସି

Digitized by srujanika@gmail.com

Split by PDF Splitter



ଡକ୍ଟ ଅଥବା ପୁଲିସ କମିସନର କିମ୍ବା ପ୍ରେସିଡେନ୍ସି ବିଭାଗର କମିସନରଙ୍କ ଦସ୍ତଖତ ଆବଶ୍ୟକ ।

୨—ପ୍ରାର୍ଥୀ ଯେ ସମସ୍ତ ବିଷୟରେ ପରୀକ୍ଷା ଦେବାକୁ ବାଞ୍ଛା କରଇ ତହିଁର ଗୋଟିଏ ବିବରଣପତ୍ର ଏବଂ ଅନ୍ୟ ଯେ ଯେ ବିଷୟରେ ନିୟମାନୁସାରେ ଯୋଗ୍ୟତାପତ୍ର ଦେଖାଇବାର ଅନୁମତି ଅଛି ସେ ସବୁରେ ବିଧିମତ ଯୋଗ୍ୟ ହୋଇଥିବାର ନିଦର୍ଶନପତ୍ର ।

୩—ପ୍ରାର୍ଥୀ ଯେବେ ଉଚ୍ଚଶ୍ରେଣୀର କର୍ମପାଇଁ ପ୍ରାର୍ଥନା କରିଥାଏ ତେବେ ତାହାକୁ ଯେ ଯେ ବିଷୟରେ ପରୀକ୍ଷା ଦେବାକୁ ହେବ ପ୍ରତ୍ୟେକ ବିଷୟପାଇଁ ତଳଲିଖିତ ହାରରେ ଫିସ ଦେବାକୁ ପଡ଼ିବ ।

| | |
|---|---|
| ଉଚ୍ଚପଦସ୍ଥାନ ପ୍ରାର୍ଥୀପାଇଁ ଇଂରାଜୀ ଭାଷାରେ ପରୀକ୍ଷା | ୫ ୮ ୯ |
| ଆଇନ | ୫ ୮ ୯ |
| ଜରିପ ଓ ଇମାରତି ବିଦ୍ୟା | ୫ ୮ ୯ |
| ପ୍ରତ୍ୟେକ ଦେଶୀୟ ଭାଷା | ୫ ୪ ୯ |
| ଚିକିତ୍ସକର ଯୋଗ୍ୟତାପତ୍ର | ୫ ୪ ୯ |
| ଘୋଡ଼ା ଚଢ଼ିବା କିମ୍ବା ଚାଲିବାର ପରୀକ୍ଷା | ୫ ୪ ୯ |

ମାସିକ ଏକଶତ ଟଙ୍କାର ନ୍ୟୁନ ବେତନ କର୍ମର ପ୍ରାର୍ଥୀମାନେ ଉପରଲିଖିତ ଫିସର ଅର୍ଦ୍ଧେ ଦେବେ ।

ଯେ ବିଷୟରେ ଯୋଗ୍ୟତାପତ୍ର ପ୍ରଭୃତି ଓ ତାହା ପ୍ରଦର୍ଶିତ ହୋଇଥାଇ ତହିଁ ପାଇଁ ଫିସ ଦେବାର ନାହିଁ ।

୩ । ପ୍ରାର୍ଥୀ ସନ୍ତୋଷଜନକରୂପେ ଏହି ସମସ୍ତ ନିୟମ ପ୍ରତିପାଳନ କଲେ ମାଜିଷ୍ଟ୍ରେଟ ତାହାଠାରୁ ଫିସ ନେଇ ଜମା କରିବେ ଏବଂ ପ୍ରାର୍ଥୀକୁ ଚିକିତ୍ସା ସମ୍ବନ୍ଧୀୟ ଏବଂ ଘୋଡ଼ା ଚଢ଼ିବା ଓ ଚାଲିବାର ପରୀକ୍ଷା ଦେବାକୁ ଅନୁମତି ଦେବେ । ଏ ବିଷୟର ନିୟମମାନ ସୁବିଧା ନିମିତ୍ତ ଏଠାରେ ପ୍ରକାଶିତ ହେଲା ।

(୧) ପ୍ରତ୍ୟେକ ପ୍ରାର୍ଥୀକୁ ଅବଶ୍ୟକ ଯେ କୌଣସି ଗବର୍ଣ୍ଣମେଣ୍ଟ ଚିକିତ୍ସକଙ୍କ ନିକଟରୁ ପ୍ରାପ୍ତ ହୋଇଥିବା ଏକ ଯୋଗ୍ୟତାପତ୍ର ଉପସ୍ଥିତ କରିବ ତହିଁରେ ଲେଖାଥିବ ଯେ ପ୍ରାର୍ଥୀ ସାଧାରଣରୂପେ ସୁସ୍ଥଶରୀରର ଲୋକ ଅଟଇ ଏବଂ ନିମ୍ନ ପ୍ରଦେଶର କୌଣସି ସ୍ଥଳରେ କର୍ମ କରିବାକୁ ସକ୍ଷମ ହୋଇଅଛି ଓ ଦୃଷ୍ଟିର ଯେତେ ଦୂର ବସ୍ତୁ ଦେଖ ଯାଇପାରେ ତଦନୁସାରେ ପ୍ରାର୍ଥୀ ସେରୂପ କରିବାକୁ ସକ୍ଷମ ଥିବାର ଚିକିତ୍ସକ ବିଶ୍ୱାସ କରନ୍ତି ।

(୨)—ଏ-ଜାତିକର୍ମର ଅଭିଲାଷୀ ପ୍ରତ୍ୟେକ ବ୍ୟକ୍ତିକୁ ଉଚିତ କି ସେ ଘୋଡ଼ା ଚଢ଼ି ପାରୁଥିବାର ପ୍ରମାଣ ଦର୍ଶାଇବ ଏଥିପାଇଁ ସେ ଜିଲାର ମାଜିଷ୍ଟ୍ରେଟଙ୍କୁ ପ୍ରାର୍ଥନା କଲେ ସେ ସ୍ୱୟଂ କିମ୍ବା ଅନ୍ୟ ଯାହାକୁ ଉପଯୁକ୍ତ ଜ୍ଞାନ କରନ୍ତି ତାହାଦ୍ୱାରା ଏ ବିଷୟରେ ଆପଣା ତୃପ୍ତିବୋଧ କରାଇବେ । ପରୀକ୍ଷକ ସ୍ୱୟଂ ଦର୍ଶନପୂର୍ବକ ଲେଖି ଦେବେ ଯେ ପ୍ରାର୍ଥୀ ଦ୍ରୁତବେଗରେ ୨ ମାଇଲର ଅନ୍ୟୂନ ଘୋଡ଼ା ଚଢ଼ି ଯାଇପାରେ ଓ ଏ ପକ୍ଷରେ ସେ ଜିଲାର ପ୍ରୟୋଜନୀୟ ସ୍ଥଳେ କର୍ମ ସକାଶେ ଉପଯୁକ୍ତ ଅଛି ଏବଂ ପରୀକ୍ଷକ ସ୍ୱୟଂ ମାଜିଷ୍ଟ୍ରେଟ ନ ହେଲେ ଉକ୍ତ ଯୋଗ୍ୟତାପତ୍ରରେ ସେ ଦସ୍ତଖତ କରିବେ । ଯେଉଁମାନେ ଏ ପ୍ରକାର ଯୋଗ୍ୟତାପତ୍ର ବିନା ଉପସ୍ଥିତ ହେବେ ସେମାନଙ୍କୁ ଏହି ବିଷୟ ସକାଶେ ମନୋନୀତ ହୋଇଥିବା କଲିକତାବାସୀ କୌଣସି ଲୋକଙ୍କ ନିକଟରେ ଉପସ୍ଥିତ ହେବାକୁ ହେବ ।

(୩)—ଏକଶତ ଟଙ୍କାର ଅନଧିକ କର୍ମର ପ୍ରାର୍ଥୀମାନଙ୍କ ଆବଶ୍ୟକ ଯେ ଉପର ଲେଖାରୂପେ ଘୋଡ଼ା ଚଢ଼ିବାର ନୋହିଲେ ପ ୩ ଘଣ୍ଟାରେ ଅନ୍ତରରେ ୧୨ ମାଇଲ ବାଟ ଚାଲି ପାରିବାର ପ୍ରମାଣ କରିବେ ଓ ତହିଁର ଯୋଗ୍ୟତା ଉପର ଲିଖିତ ନିୟମାନୁସାରେ ପ୍ରାପ୍ତ ହେବ ।

୪ । ସବୁ ଯୋଗ୍ୟତାପତ୍ର ସମ୍ପୂର୍ଣ୍ଣରୂପେ ପ୍ରାପ୍ତ ହେଲେ ମାଜିଷ୍ଟ୍ରେଟ ସେହି ସବୁ ଅସଲ ପ୍ରସ୍ତମାନ ଫିସ ପାଇବାର ଟଙ୍କଶାଳାର ରସିଦ ଏବଂ ଜରଚ ହେବାର ଦରଖାସ୍ତ ସହିତ ବଙ୍ଗଳା ଗବର୍ଣ୍ଣମେଣ୍ଟର ଅଣ୍ଡର ସେକ୍ରେଟାରୀଙ୍କ ନିକଟକୁ ପଠାଇବେ ।

୫ । ଜଜ ହାକିମମାନଙ୍କ ପ୍ରାର୍ଥନା ଯେ ଉପସ୍ଥିତ ଅଥବା ସମ୍ଭାବିତ ସମସ୍ତ ପ୍ରାର୍ଥୀମାନଙ୍କୁ ପରୀକ୍ଷା ନିୟମର ମର୍ମ ଜଣାଇବେ ଏବଂ ଏହା ମଧ୍ୟ ଜଣାଇବେ ଏହି ନିୟମ ସବୁକୁ ପ୍ରତିପାଳନ କଲେ ସମସ୍ତ ଲୋକ ପ୍ରାର୍ଥୀ ସ୍ୱରୂପ ପରୀକ୍ଷା ଦେବାକୁ ଉପଯୁକ୍ତ ଅଟନ୍ତି ।

କଲିକତା
୩୧।୭।୭୯

ଆପଣଙ୍କର ବାଧ୍ୟ
H. J. S. COTTON.
ଏକ୍‌ଟିଂ ଅଣ୍ଡର ସେକ୍ରେଟାରୀ,
ଗବର୍ଣ୍ଣମେଣ୍ଟ ବଙ୍ଗାଳ ।

## ବିଜ୍ଞାପନ ।

ଗତ ସପ୍ତାହର ପତ୍ରିକାରେ ପ୍ରକାଶ ହୋଇଥିବା ଖାସମାହାଲ କସ୍ତାନଦ ତାଲୁକର କେତେକଜଣ ପ୍ରଜା ଓ ସରବରାହକାରଙ୍କ ନାମଧେୟ ପ୍ରେରିତପତ୍ରରେ ଯେ ସେମାନଙ୍କ ମଧ୍ୟରେ ହେଉଥିବା ଗଣନା ଦେଣା ପାଉଣା ବିଷୟକ ଓ ଅନ୍ୟାନ୍ୟ ସାଧାରଣ ବିଷୟକ ମକଦମାରେ ସେମାନଙ୍କୁ ଏବେକାରେ କଲେକ୍ଟରସାହେବଙ୍କ ହଜୁରକୁ ଯିବାକୁ ପଡ଼ୁଥିବା ଓ ସେଥିରେ ଅନର୍ଥକ ଖର୍ଚ୍ଚାନ୍ତରେ ଉଭୟପକ୍ଷ କ୍ଷତିଗ୍ରସ୍ତ ହେଉଥିବାରୁ ଅନ୍ୟାନ୍ୟ ଯାଗାର ଖାସମାହାଲର ତହସିଲଦାରମାନଙ୍କୁ ଯେପରି ଡେଃ ମାଜିଷ୍ଟ୍ରେଟୀ ଓ ଡେଃ କଲେକ୍ଟରୀ କ୍ଷମତା ପ୍ରଦାନ ହୋଇଅଛି ସେହିପରି କସ୍ତାନଦର ତହସିଲଦାରଙ୍କୁ ଦଅଯିବାର ପ୍ରାର୍ଥନା କରିଅଛନ୍ତି ଏଥିରୁ ସେମାନଙ୍କ ବୁଝିବାର ଭ୍ରମ ବୋଧ ହୁଏ କାରଣ ଯେପରି ମାମଲାରେ ତାଙ୍କୁ କଲେକ୍ଟରସାହେବଙ୍କ ହଜୁରକୁ ଯିବାକୁ ପଡ଼ୁଥିବାର ଲେଖନ୍ତି ସେପରି ମାମଲାମାନ ସବୁ ସଦରର ସବ୍‌ଡିଭିଜନ ହାକିମଙ୍କ ଦରବାରରେ ନିଷ୍ପତ୍ତି ହୁଏ ସେମାନେ ଯେବେ ଅନର୍ଥକ କାଲେକ୍ଟରୀରେ ଥିବା କଲେକ୍ଟରସାହେବଙ୍କ ହଜୁରକୁ ଏରୂପ ସାମାନ୍ୟ ମାମଲାରେ ଯାଉଥିବେ ତେବେ ସଦରର ସବ୍‌ଡିଭିଜନରେ ଯେତେ ହାକିମ ଅଧିକ ରଖାଗଲେ ମଧ୍ୟ ତାଙ୍କର କିଛି ଲାଭ ହେବାର ନୁହେ । ମାତ୍ର ଏରୂପ ମାମଲା ତଦାରଖ କରିବା କାରଣ ସଦରର ସବ୍‌ଡିଭିଜନରେ ସର୍ବଦା ଥିବା ହାକିମଙ୍କ ସେବାଏ ଆଉ ଏକ ସବ୍‌ଡେପୋଟୀ ମଧ୍ୟ ଅଛନ୍ତି ଓ ତହସିଲଦାରଙ୍କ କଚେରୀ ଓ ସବ୍‌ଡିଭିଜନ କଚେରୀ ଏକସ୍ଥାନରେ ଅଛି ଏ ଅବସ୍ଥାରେ ତହସିଲଦାରଙ୍କୁ ଡେପୁଟୀ ମାଜିଷ୍ଟ୍ରେଟୀ ଓ ଡେଃ କଲେକ୍ଟରୀ କ୍ଷମତା ଦେଲାରେ ସେମାନଙ୍କର ଅଧିକ କି ଲାଭ ହେବ ବିଶେଷତଃ କସ୍ତାନଦର ବର୍ତ୍ତମାନ ତହସିଲଦାର ମଧ୍ୟ ଉପଯୁକ୍ତ ନୁହନ୍ତି ଅତଏବ ତାଙ୍କୁ ଉକ୍ତ କ୍ଷମତା ଦେବାର ଅନାବଶ୍ୟକ ।

ଶ୍ରୀ ଜାନ ବିମ୍ସସାହେବ ।
ଏକ୍‌ଟିଂ କମିଶନର ।

ମୂଲ୍ୟପତ୍ର ଦେଖ

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୮ | ସଂଖ୍ୟା ୩୭

ତା ୭ ଋଖ ସିପ୍ଟମ୍ବର ସନ ୧୮୭୩ ମସିହା । ମୂ । ଭାଦ୍ରବ ୨୨ ଅଙ୍କ ସନ ୧୨୮୧ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୪୲
ବର୍ଷାନ୍ତେ ମୂଲ୍ୟ ଦେଲେ ବର୍ଷକୁ ୪୨
ମଫସଲ ପାଇଁ ଡାକମାସୁଲ ୪।୰

କେନ୍ଦୁପାଟନାର ନେଟିବ ଡାକ୍ତର ସେଖ ମହମ୍ମଦ ହୁସେନ ଲେଖିଅଛନ୍ତି କି ଯେଉଁ ଦୁଇ ପାଲଙ୍କୀ ଅପ୍ରାପ୍ତି ବିଷୟରେ ମିଲର ସାହେବ ବିଜ୍ଞାପନ ଦେଇଥିଲେ ସେ ଦୁଇଖଣ୍ଡ ପାଲଙ୍କୀ ଖଣ୍ଡେ ନୌକାରେ କେନ୍ଦ୍ରାପଡା ନାଲ ଘାଟେ ଚନ୍ଦବାଲିକୁ ଯାଉଥିଲା । ମାରସାଘାଇ ଠାରେ ଜଣେ ନାଉରିଆ ପଳାଇଯିବାରୁ ଅନ୍ୟ ନାଉରିଆ ଏକାକୀ ନୌକା ନେଇ ନ ପାରି ମାରସାଘାଇ ନ ୮ ମ୍ବର ଲକକିପର ବାବୁ ସତ୍ୟାନନ୍ଦ ଘୋଷଙ୍କ ନିକଟରେ ସେ ପାଲଙ୍କୀମାନ ରଖିଥିଲା । ନେଟିବଡାକ୍ତର ଗତ ଅଗଷ୍ଟମାସରେ ସେଠାକୁ ଗସ୍ତ କରିବାକୁ ଯାଇ ସେ ପାଲଙ୍କୀ ଦୁଇ ଦେଖି ଆସିଥିଲେ । ଏ ସମ୍ବାଦ କ୍ଲାର୍କ ସାହେବଙ୍କୁ ଦେବା ନିମିତ୍ତ ପତ୍ରପ୍ରେରକ ଆମ୍ଭମାନଙ୍କୁ ପ୍ରାର୍ଥନା କରିଅଛନ୍ତି ।

---

ପତ୍ରପ୍ରେରକଙ୍କୁ ବିଶେଷରୂପେ ଜଣାଉଅଛୁଁ ଯେ ଅଚିହ୍ନିତ ପ୍ରକାରରେ ପତ୍ରମାନ ପଠାଇଲେ ଆମ୍ଭେମାନେ ତାହା ପ୍ରକାଶ କରିପାରୁଁ ନାହିଁ ଗତ ଦୁଇ ତିନ ସପ୍ତାହରେ ଏପରି ଅନେକ ଗୁଡ଼ିଏ ପତ୍ର ପାଇଅଛୁଁ ମାତ୍ର ତାହିଁରେ ଲେଖକଙ୍କର ସ୍ୱାକ୍ଷର ଏବଂ କୌଣସି ଚିହ୍ନ ନାହିଁ । ପତ୍ରପ୍ରେରକମାନେ ମନେ କରନ୍ତି ଯେ ଆମ୍ଭମାନଙ୍କ ନିକଟରେ ପରିଚୟ ଦେଲେ ସର୍ବସାଧାରଣରେ ତାହାଙ୍କର ନାମ ପ୍ରକାଶିତ ହେବ, ମାତ୍ର ସେରୂପ ଯେଉଁମାନେ ଅନୁମାନ କରନ୍ତି ସେମାନେ ଭ୍ରମରେ ପଡ଼ି ଅଛନ୍ତି । ସେମାନେ ପତ୍ରରେ ଯେରୂପ ଲେଖିବେ ସେହିରୂପ ଛପା ହେବ, କେବଳ ଆମ୍ଭମାନଙ୍କର ଜାଣିବା ସକାଶେ ନାମ ଓ ଚିହ୍ନିତର ପ୍ରୟୋଜନ ହୁଅଇ । ଏଣିକି ଯେଉଁମାନେ ଏ ନିୟମ ପ୍ରତିପାଳନ ନ କରିବେ ତାହାଙ୍କ ପତ୍ର ଅକର୍ମଣ୍ୟ କାଗଜ ମଧ୍ୟରେ ସ୍ଥାନ ପାଇବ ।

---

ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ଯାଜପୁର ଓ କେନ୍ଦ୍ରାପଡ଼ା ଏ ଦୁଇ ସବଡିଭିଜନ ଅନ୍ତର୍ଗତ ମଣିଗ୍ରାମପୁର, ଅଲ୍ଟୁଆ, ପାଲମ, ଭରତପାଲ, ଦାଣ୍ଡିସାହି ଓ ଅଣ୍ଡରା ପ୍ରଭୃତି ଗ୍ରାମମାନ ବ୍ରାହ୍ମଣୀ ନଦୀ ତଟସ୍ଥ ଥିବାରୁ ପ୍ରତିବର୍ଷ ଧୋଇ ହୁଅଇ ଓ ତହିଁରେ ଲୋକଙ୍କର ଅଶେଷ କ୍ଳେଶ ହୁଅଇ । ଏ ଦୁର୍ଦ୍ଦଶାରୁ ଲୋକଙ୍କୁ ଉଦ୍ଧାର କରିବା କାରଣ ଗବର୍ଣ୍ଣମେଣ୍ଟଙ୍କୁ ପତ୍ରପ୍ରେରକ ଅନୁରୋଧ କରିଅଛନ୍ତି ଯେ ଗୋଟିଏ ବନ୍ଧ ନିର୍ମାଣ କରିବାର ଆଜ୍ଞା ପ୍ରଦାନ ହେଉ । ତାହା ହେଲେ ଏ କଷ୍ଟ ନିବାରଣ ହେବ । ବ୍ରାହ୍ମଣୀ ନଦୀ ଦୁଇ ପାଖରେ ବନ୍ଧ ନିର୍ମାଣ ସକାଶେ ଗବର୍ଣ୍ଣମେଣ୍ଟରୁ ଆଜ୍ଞା ହୋଇଥିବାର ଜଣାଯାଏ କିନ୍ତୁ ସେ ବନ୍ଧଦ୍ୱାରା ଏ ଗ୍ରାମମାନ ରକ୍ଷା ପାଇବ କି ନାହିଁ ଆମ୍ଭେମାନେ କହି ନ ପାରୁଁ । ସବଡିଭିଜନ ହାକିମମାନେ ଏଥିର ଅନୁସନ୍ଧାନ କଲେ ଭଲ ହେବ ।

---

ନୟନାନନ୍ଦର ତହସିଲଦାରଙ୍କୁ ଡେପୁଟୀ ମାଜିଷ୍ଟ୍ରେଟର କ୍ଷମତା ଦେବା ବିଷୟରେ ଆମ୍ଭମାନଙ୍କ ଏକଟିଂ କମିସ୍ନର ବିମ୍ସ ସାହେବ ଗତ ସପ୍ତାହରେ ଯେଉଁ ବିଜ୍ଞାପନ ଦେଇଥିଲେ ତାହା ପାଠ କରି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇ ଅଛୁଁ । ବିଜ୍ଞାପନରେ ସଦ୍ୟୁକ୍ତିମାନ ଦେଖି ଯେ କେବଳ ଆନନ୍ଦିତ ହେଲୁଁ ଏହା ନୁହଇ କିନ୍ତୁ ସମ୍ବାଦପତ୍ର ପ୍ରତି ତାହାଙ୍କର ବିଶେଷ ଅନୁରାଗ ଏହାଦ୍ୱାରା ପ୍ରକାଶିତ ହେଲା । ଏହା ଆମ୍ଭମାନଙ୍କ ଆନନ୍ଦର ବିଶେଷ କାରଣ ଅଟଇ ଓ ଏଥିପାଇଁ ଆମ୍ଭେମାନେ ତାହାଙ୍କୁ ଧନ୍ୟବାଦ ଦେଉଅଛୁଁ । ଲୋକମାନେ ନ୍ୟାଯ୍ୟ ଅନ୍ୟାଯ୍ୟ ନାନାରୂପ ପ୍ରାର୍ଥନା ରାଜ କର୍ମଚାରୀମାନଙ୍କୁ କରନ୍ତି ଓ ସମ୍ବାଦପତ୍ରଦ୍ୱାରା ସେସବୁ ଦୁଃଖ ଜଣାଇଲେ କର୍ମଚାରୀମାନେ ତହିଁ ପ୍ରତି ଆସ୍ଥା କଲେ କି ନାହିଁ ଏହା ଜଣା ନ ଯିବାରୁ ଅବଶ୍ୟ ମନରେ ଖେଦ ଜାତ ହୁଅଇ ଓ ଅନେକସ୍ଥଳେ ରାଜକର୍ମଚାରୀଙ୍କର ଆଚରଣ ଦେଖି ଲୋକେ ବୋଧ କରନ୍ତି ଯେ ଏମାନେ ସମ୍ବାଦପତ୍ରରେ ପ୍ରକାଶିତ ହେବା କଥାକୁ ଘେନା କରନ୍ତି ନାହିଁ । ମାତ୍ର ଶ୍ରୀଯୁକ୍ତ ବିମ୍ସ ସାହେବଙ୍କ ବ୍ୟବହାର ଦେଖି ସେମାନଙ୍କର ଏ ଭ୍ରମ ନିଦୂରିତ ହେବ ଓ ଲୋକମାନେ ସମ୍ବାଦପତ୍ରଦ୍ୱାରା ସାଧାରଣ ଦୁଃଖ ଜଣାଇବାକୁ ବିଶେଷ ଉତ୍ସାହୀ ହେବେ ସନ୍ଦେହ ନାହିଁ ।

---

Digitized by srujanika@gmail.com

Split by PDF Splitter



ଗତମାସ ତା ୧୯ ରଗ ସନ୍ଧ୍ୟା ସମୟରେ କଲିକତା ନର୍ମାଲସ୍କୁଲ ଗୃହରେ ଗୋଟିଏ ସଭା ହୋଇଥିଲା । ପ୍ରାୟ ୪୦୦ ଲୋକ ଉପସ୍ଥିତ ଥିଲେ ଓ ଶ୍ରୀଯୁକ୍ତ ଉଡ୍ରୋ ସାହେବ ସଭାପତି ହୋଇଥିଲେ । ମାନ୍ଦ୍ରାଜରୁ ଆସିଥିବା ପଣ୍ଡିତ ରଘୁନାଥ ଶାସ୍ତ୍ରୀ ନାମରେ ଜଣେ ବିଖ୍ୟାତ ଦକ୍ଷିଣୀ ଗାୟକଙ୍କର ଗୀତ ଶୁଣିବା ଓ ତାହାଙ୍କୁ ସମ୍ମାନ କରିବା ସଭାର ଉଦ୍ଦେଶ୍ୟ ଥିଲା । ସଭାର କାର୍ଯ୍ୟାରମ୍ଭ ହେଲାରୁ ପଣ୍ଡିତ ରଘୁନାଥ ଶାସ୍ତ୍ରୀ ଗାନ କଲେ ତାହା ଶୁଣି ଉପସ୍ଥିତ ଲୋକମାନେ ମୋହିତ ହେଲେ ଏକ ନିଶ୍ୱାସରେ ଭିନ୍ନ ପ୍ରକାରର ସ୍ୱର ବାହାର କରିବାର ଅସାଧାରଣ ଶକ୍ତି ଦେଖାଇଲେ ଓ ପୂର୍ବେ ଯେଉଁ ରୀତିରେ ଋଷିମାନେ ସଂସ୍କୃତ ଗୀତ ଗାନ କରୁଥିଲେ ଅବିକଳ ସେହି ରୀତିରେ ପଣ୍ଡିତ ଗାନ କଲେ ଏବ ନାନାସଙ୍ଗୀତ ଶାସ୍ତ୍ରରୁ ପ୍ରମାଣ ଦର୍ଶାଇ ଆପଣାର ମତ ସମର୍ଥନ କଲେ । ଗୀତ ଶେଷ ହେଲାରୁ ଜଣେ ସଭ୍ୟ ପଣ୍ଡିତଙ୍କୁ ଧନ୍ୟବାଦ ଦେଇ କହିଲେ ଯେ ମୁସଲମାନଙ୍କ ରାଜତ୍ୱ ସମୟରୁ ପ୍ରାଚୀନହିନ୍ଦୁ ନିୟମର ସଙ୍ଗୀତ ଲୋପ ହୋଇ ନୂତନ ବିଧିମାନ ପ୍ରଚଳିତ ହୋଇଅଛି କିନ୍ତୁ ମାନ୍ଦ୍ରାଜବାସିମାନେ ଯେ ଅଦ୍ୟାପି ସେହି ପୁରାତନ ନିୟମକୁ ରକ୍ଷା କରିଅଛନ୍ତି ବଡ ପ୍ରଶଂସାର ବିଷୟ । ଆଉ ଜଣେ ସଭ୍ୟ କହିଲେ ଯେ ଉତ୍କଳଗୀତର ରୀତି ମଧ୍ୟ ଏହିରୂପ ଅଟଇ । ଅନେକ ସଭ୍ୟ ପଣ୍ଡିତଙ୍କୁ ଏହିରୂପ ସମାଦର କଲାଉତ୍ତାରୁ ସଭାରୁ ତାହାଙ୍କୁ ଗୋଟିଏ ରୂପାର ପଦକ ଓ ଶାଲ୍ଡିଏ ପ୍ରଶଂସାପତ୍ର ପ୍ରଦତ୍ତ ହୋଇ ସଭା ଭଙ୍ଗ ହେଲା । ବିଦେଶୀୟ ଗାୟକଙ୍କୁ ଏରୂପେ ସମ୍ମାନ କରିବାରୁ ବଙ୍ଗବାସିମାନେ କେପର୍ଯ୍ୟନ୍ତ ସଙ୍ଗୀତବିଦ୍ୟାର ଆଦର କରନ୍ତି ତାହା ପ୍ରକାଶ ପାଉଅଛି ଓ ସେଠାରେ ବାବୁ ସୌରେନ୍ଦ୍ର ମୋହନ ଠାକୁର ଏବ ବାବୁ କ୍ଷେତ୍ରମୋହନ ଗୋସ୍ୱାମୀଙ୍କ ଯତ୍ନରେ ସଙ୍ଗୀତ ବିଦ୍ୟାଳୟ ହେବାରୁ ଦେଶୀୟ ସଙ୍ଗୀତବିଦ୍ୟାର ବହୁତ ଉନ୍ନତି ହେଉଅଛି । ମାତ୍ର ଓଡିଶାରେ ସଙ୍ଗୀତର ଜ୍ଞାନ ଅତି ବିରଳ । ବିଦେଶୀୟ ଲୋକେ କହୁଅଛନ୍ତି ଯେ ଓଡ୍ରୀୟଗୀତ ସଂଗୀତ ନିୟମାନୁସାରେ ହୁଅଇ କିନ୍ତୁ ସଂସ୍କୃତ ନିୟମ ବ ଓ ତାହା କିରୂପେ ଓଡିଆ ଗୀତରେ ଲକ୍ଷିତ ହୁଅଇ ଏହା ଏଠାରେ କିଏ ଜାଣେ ।

---

ଗତ ସୋମବାର ଏଠାରେ ଗୋଟିଏ ଲୁଣ ଗେରିଲୁଣ ମକଦମା ନିଷ୍ପତ୍ତି ହୋଇଅଛି । କଲିକତାର ନିବାସୀ ମହାଜନ ଗଙ୍ଗାଧର ସାହୁ ପୁରୀରୁ ସାତନୌକା ଲୁଣ ଆଣାଇଥିଲେ ସେ ନୌକାମାନ ଘାଟଯୋଡରେ ପ୍ରବେଶ ହେଲା ମାତ୍ରକେ ସବ୍ ଇନ୍ସପେକ୍ଟର ବାବୁ ପ୍ରିୟନାଥ ଚଟ୍ଟୋପାଧ୍ୟା ତହିଁରେ ଗେରିଲୁଣ ଥିବାର ସନ୍ଧାନ ପାଇ ତଦାରଖ କରି ଦେଖିଲେ ଯେ ଗଙ୍ଗାଧର ଓ ତାହା ପୁତୁରା ନାମରେ ୧୭୬୦ ମହଣ ଲୁଣର ରଓ୍ୱାନା ଅଛି ମାତ୍ର ଲୁଣ ଓଜନ କରିବାରେ ମ ୧୯୯୯ ଣ ହେଲା ଏ ଅଧିକା ଗେରିଲୁଣ ଯୋଗୁଁ ପୁଲିସ ଦୁଇ ମହାଜନ ଓ ତାଙ୍କର ଗୁମାସ୍ତା ଦଧିସାହୁ କ ସେ ପୁରୀରୁ ଲୁଣ ଆଣିଥିଲା ଏ ତିନିଜଣଙ୍କୁ ଚାଲାଣ କଲେ । ପ୍ରତିବାଦମାନେ ଷ୍ଟିଭନ୍‌ସ୍ ସାହେବ ଏବଂ ମାଜିଷ୍ଟ୍ରେଟଙ୍କ ନିକଟରେ ଯେତେ ବିଷୟର ଆପତ୍ତି ଓ ପ୍ରତ୍ୟୁତ୍ତର କଲେ ତହିଁମଧ୍ୟରେ ଏକ ଅସମ୍ଭବ, ଚମତ୍କାର ଓ ଭୟଙ୍କର ଉତ୍ତର ଏହି ଯେ ଆଉ ଜଣେ ମହାଜନ ଅଧିକା ଲୁଣ ଆଣିଥିଲା ପୁଲିସ ତାହା ନୌକାରୁ ଅଧିକା ଲୁଣ ବାହାର କରି ଆଣି ସେମାନଙ୍କ ନୌକାରେ ଭରତି କରି ଦେଲେ । ସେମାନେ ଏଥିର କିଛି ପ୍ରମାଣ ଦେଇ ନ ପାରି କହିଲେ ଯେ ସାତଦିନ ପର୍ଯ୍ୟନ୍ତ ଲୁଣ ଓଜନ ହେଲା ଏଥି ମଧ୍ୟରେ କୌଣସି ସମୟରେ ପୁଲିସ ଅଧିକା ଲୁଣ ମିଶାଇ ଦେଇଥିବ । ମେଜିଷ୍ଟର ସାହେବ ସେମାନଙ୍କର ସବୁ ଆପତ୍ତି ଖଣ୍ଡନ କରି ଖୁଡୁତା ପୁତୁରା ଉପରେ ଟ ୧୧୯୭୫ ଓ ସେମାନଙ୍କର ଗୁମାସ୍ତା ଉପରେ ଟ ୧୧୯୭୫ ଏକୁନ ଟ ୨୩୯୫ ୦ ଙ୍କା ଅର୍ଥଦଣ୍ଡ କଲେ ଓ ୧୯୯୯ ମହଣ ଲୁଣ ସରକାରରେ ଜବତ କଲେ । ମହାଜନ କେତେକ ଟଙ୍କାର ଲୋଭ କରି ଏବେ ଛତିଶେକ ଏଗାରହଜାର ଟଙ୍କାର କ୍ଷତିଗ୍ରସ୍ତ ହେଲା । ଲୋଭରୁ କେତେ ଅନିଷ୍ଟ ନ ଘଟେ ! ତଥାପି ଲୋକେ ଲୋଭର ବଶୀଭୂତ ହୁଅନ୍ତି ! ଆମ୍ଭମାନଙ୍କ ବିବେଚନାରେ ଗୁମାସ୍ତା ଉପରେ ଏତେ ଦୋହରି ଅର୍ଥଦଣ୍ଡ ଯୁକ୍ତିଯୁକ୍ତ ନୁହେ । ଏ ଦଣ୍ଡାଜ୍ଞା ବିରୁଦ୍ଧେ ଆପିଲ ହେବାର ସମ୍ଭାବନା ଓ ଆପିଲରେ ଅବଶ୍ୟ ଏଥିର ବିଚାର ହେବ । ପରିଶେଷରେ ବୋଲିବାର ଏହି ଯେ ଏ ମକଦମା ସମ୍ପର୍କେ ପ୍ରିୟନାଥବାବୁ ପ୍ରଶଂସନୀୟ ମତେ କାର୍ଯ୍ୟ କରିଅଛନ୍ତି ଏହେତୁ ତାଙ୍କୁ ଓ ଲୁଣନୌକା ଜଗିଥିବା କନଷ୍ଟବଲ ଇତ୍ୟାଦିଙ୍କୁ ନିୟମ ବହିର୍ଭୂତ ପୂର୍ଣ୍ଣ ପୁରସ୍କାର ଦେବାର ଉଚିତ । ଏ ସମୁଦାୟ ଅର୍ଥଦଣ୍ଡ ଆଦାୟ ହୋଇଅଛି ।

---

## ଓଡିଶାର କରଣ ।

ଗତ ପ୍ରକାଶିତ ବଙ୍ଗଦର୍ଶନରେ ଜାତିଭେଦ ଶିରୋନାମାରେ ଗୋଟିଏ ପ୍ରବନ୍ଧ ଲେଖାଅଛି । ତହିଁରେ ଓଡିଶାର କରଣଙ୍କ ବିଷୟରେ ଉଲ୍ଲିଖିତ ବୃତ୍ତାନ୍ତ ପାଠକଙ୍କ ଜାଣିବା କାରଣ ଉଦ୍ଧୃତ କଲୁଁ ।

"ଲେଖକଙ୍କ ମତରେ କାୟସ୍ଥ ଜାତି ବର୍ଣ୍ଣସଙ୍କର । ବଙ୍ଗଦେଶର ବୈଦ୍ୟ ଜାତି ବ୍ରାହ୍ମଣ ପିତା ଓ ବୈଶ୍ୟ ମାତାରୁ ଉତ୍ପନ୍ନ ଏହା ସମସ୍ତେ ମାନନ୍ତି । ମନୁସଂହିତା ମତରେ "ଏହି ଜାତିର ଆଉ ଏକ ନାମ ଅମ୍ବଷ୍ଠ । କିନ୍ତୁ ଓଡିଶା ଓ ପଶ୍ଚିମ ପ୍ରଦେଶରେ ଅମ୍ବଷ୍ଠ ଜାତି କାୟସ୍ଥ ବୋଲି ଗଣ୍ୟ ।

ମନୁ ଲିଖିତ କରଣ ନାମକ ଜାତି ଦୁଇ ପ୍ରକାର, ଏକ କ୍ଷତ୍ରିୟ ଜାତିର ବ୍ରାତ୍ୟ ଅର୍ଥାତ୍ ସାବିତ୍ରୀବର୍ଜିତ । ଦ୍ୱିତୀୟ ବୈଶ୍ୟ ପିତା ଓ ଶୂଦ୍ର ମାତାଠାରୁ ଉତ୍ପନ୍ନ ସଙ୍କର ଜାତି; ଶେଷୋକ୍ତ କରଣ ଜାତି ଲିପିବ୍ୟବସାୟୀ ବୋଲି ପ୍ରସିଦ୍ଧ । ଉପରୋକ୍ତ ଦେଶ ଦ୍ୱୟରେ କାୟସ୍ଥବର୍ଣ୍ଣ ମଧ୍ୟରେ ଅମ୍ବଷ୍ଠ ସଦୃଶ କରଣ ନାମରେ ଏକ ଜାତି ମଧ୍ୟ ଦେଖାଯାନ୍ତି ।

* * * * * *

କାୟସ୍ଥ ଜାତି ମଧ୍ୟରେ 'ଦଶକର୍ମ' ପ୍ରଚଳିତ ଅଛି ଏବ ସ୍ୱଗୋତ୍ରରେ ବିବାହ ନିଷେଧ ଏ ଗୁଡିକ ଶୂଦ୍ର ଜାତିର ଲକ୍ଷଣର ବିପରୀତ ଅଟଇ ।"

ଓଡିଶା କରଣମାନେ ମନୁ ଲିଖିତ ଦୁଇ ପ୍ରକାର କରଣଙ୍କ ମଧ୍ୟରୁ କେଉଁ ପ୍ରକାର ତାହା ସ୍ଥିର କରିବାର ଆବଶ୍ୟକ । ଆମ୍ଭମାନଙ୍କୁ ବୋଧ ହୁଅଇ ଦୁଇ ପ୍ରକାର କରଣ ଏଠାରେ ଅଛନ୍ତି ! ଆଠଗଡ଼ର ରାଜା କରଣଙ୍କ ଶ୍ରେଷ୍ଠ ଅଟନ୍ତି ଏଣୁ ତାହାଙ୍କଠାରେ କ୍ଷତ୍ରିୟଧର୍ମ ଦେଖାଯାଏ ଓ କରଣ ଓ ଖଣ୍ଡାୟତଙ୍କ ମଧ୍ୟରେ ପ୍ରାୟ ଅନେକ ସ୍ଥଳରେ ମିଶାମିଶି ହୋଇଥିବାର ଶୁଣାଯାଏ । କ୍ଷତ୍ରିୟର ଅଂଶ ସ୍ୱୀକାର ନ କଲେ ଏରୂପ ହେବାର ଅନ୍ୟ କାରଣ କିଛି ଅନୁମାନ ହେଉ ନାହିଁ । ପକ୍ଷାନ୍ତରେ କରଣମାନେ ପ୍ରାୟ ସମସ୍ତେ ଲିପିବ୍ୟବସାୟୀ ବୋଲି ପରିଚୟ ଦିଅନ୍ତି ଓ କାର୍ଯ୍ୟତଃ ତାହାହିଁ ଦେଖାଯାଏ । ଏ ଅଂଶରେ ତାହାଙ୍କୁ ଶୂଦ୍ର ବୋଲିବାକୁ ହେବ ପଥର ଅନ୍ୟ କେତେଗୁଡିଏ କାରଣରୁ କ୍ଷତ୍ରି

Digitized by srujanika@gmail.com